# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୧୬/୨୦୨୧ (୧୬ ପୃଷ୍ଠା) | Sambalpur, Thursday, September 16/2021 | ★★

୧୭ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ହାଇଦ୍ରାବାଦରୁ ଖେଳିବେ ହନୁମା**

ଆସନ୍ତା ଘରୋଇ କ୍ରିକେଟ ସିଜନରେ ଆନ୍ଧ୍ର ପ୍ରଦେଶ ପରିବର୍ତ୍ତେ ହାଇଦ୍ରାବାଦରୁ ଖେଳିବେ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ।

୧୬

୧୪

**ବଡ଼ ପରଦାକୁ ଫେରିବେ ଫର୍ଦ୍ଦିନ ଖାନ୍**

'ରକ, ପେପର୍, ସିଜର୍ସ'ର ହିନ୍ଦୀ ରିମେକ୍ ମାଧ୍ୟମରେ ବଡ଼ ପରଦାକୁ ଫେରୁଛନ୍ତି ବଲିଉଡ୍‌ର ଡ୍ୟାସିଂ ହିରୋ ଫର୍ଦ୍ଦିନ ଖାନ୍



# ଟେଲିକମ୍‌ରେ ୧୦୦% ଏଫ୍‌ଡିଆଇକୁ ଅନୁମତି

ନୂଆଦିଲ୍ଲୀ,୧୫।୯

ସଙ୍କଟରେ ରହିଥିବା ଦେଶର ଟେଲିକମ୍ କ୍ଷେତ୍ରକୁ ସହାୟତା କରିବା ଲାଗି କେନ୍ଦ୍ର ସରକାର ଆଗେଇ ଆସିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ ବୈଠକରେ ଏହି ଶିଳ୍ପ ଲାଗି ଆଶ୍ୱସ୍ତି ପ୍ୟାକେଜକୁ ମଞ୍ଜୁରୀ ଦିଆଯାଇଛି। ଟେଲିକମ୍ କ୍ଷେତ୍ରରେ ୯ ବଡ଼ ଢାଞ୍ଚାଗତ ପରିବର୍ତ୍ତନ କରାଯାଇଥିବା ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବୈଷ୍ଣବ କହିଛନ୍ତି, ଟେଲିକମ୍ କ୍ଷେତ୍ରରେ ବିଦେଶୀ ନିବେଶକୁ ଉତ୍ସାହିତ କରିବା ଲାଗି ପ୍ରତ୍ୟକ୍ଷ(ଅଟୋମେଟିକ) ରୁଟ୍‌ରେ ୧୦୦% ଏଫ୍‌ଡିଆଇକୁ ମଞ୍ଜୁରୀ ଦିଆଯାଇଛି। ଏହି ଶିଳ୍ପ କ୍ଷେତ୍ରର ସବୁ ପ୍ରକାର ବକେୟା ଲାଗି ୪ ବର୍ଷର ମୋରାଟୋରିୟମ ପ୍ରଦାନ କରାଯାଇଛି। ସରଳ ଭାବେ କହିବାକୁ ଗଲେ କମ୍ପାନୀଗୁଡ଼ିକ ୪ ବର୍ଷ ଯାଏ ସେମାନଙ୍କ ଦେୟ ଟାଳିପାରିବେ। ମାତ୍ର ବକେୟା ଉପରେ ସେମାନଙ୍କୁ ସୁଧ ଦେବାକୁ ପଡ଼ିବ। ନୂଆ ନିୟମ ବର୍ତ୍ତମାନଠାରୁ ଲାଗୁ ହେବ। ଏହାବାଦ ଗ୍ରାହକଙ୍କ ଲାଗି ସବୁ ଫର୍ମକୁ ବର୍ତ୍ତମାନ ଡିଜିଟାଲୀକରଣ କରାଯିବ। ନୂଆ ସିମ୍ ନେବା ସମୟରେ ବାରମ୍ବାର କେୱାଇସି ଫର୍ମ ଭରିବାକୁ ପଡ଼ିବ ନାହିଁ। ପ୍ରିପେଡ୍‌ରୁ ପୋଷ୍ଟ ପେଡ୍ କିମ୍ବା ପୋଷ୍ଟ ପେଡ୍‌ରୁ ପ୍ରିପେଡ୍ କରିବା ଲାଗି କେବଳ ଡିଜିଟାଲ କେୱାଇସି ଦେବାକୁ ପଡ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ(ଏଜିଆର୍) ଏବଂ ଅନ୍ୟ ବୈଧାନିକ ଦେୟ ପଇଠ କମ୍ପାନୀଙ୍କ ଲାଗି ମୁଣ୍ଡବିନ୍ଧା ହୋଇ ରହିଥିଲା। ଦେୟ ପ୍ରଦାନର ସମୟ ସୀମା କୋହଳ ହୋଇଥିବାରୁ ☞ପୃଷ୍ଠା-୪



- ୯ ଢାଞ୍ଚାଗତ ପରିବର୍ତ୍ତନକୁ କ୍ୟାବିନେଟ ମଞ୍ଜୁରୀ
- ବକେୟା କ୍ଷେତ୍ରରେ ୪ ବର୍ଷର ମୋରାଟୋରିୟମ
- ସ୍ପେକ୍ଟ୍ରମ ଅବଧି ୩୦ ବର୍ଷକୁ ବୃଦ୍ଧି



ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବଢ଼ିଛି। ବୁଧବାର ରାତି ୯ଟା ସୁଦ୍ଧା ଡ୍ୟାମ୍‌ର ୨୪ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି।

# ମହିଳା ବିରୋଧୀ ହିଂସା: ଓଡ଼ିଶା ୨ୟ

*ମହାମାରୀ କରୋନା ଯୋଗୁ ୨୦୨୦ରେ ରାଜ୍ୟରେ ଏକ ପ୍ରକାର ଅଚଳାବସ୍ଥା ଥିଲା। ମାସ ମାସ ଧରି ଲକ୍‌ଡାଉନ ଓ ଶଟ୍‌ଡାଉନ ଫଳରେ ଲୋକେ ଘରୁ ବାହାରି ପାରି ନ ଥିଲେ। ସାମାଜିକ, ଅର୍ଥନୈତିକ କାର୍ଯ୍ୟକଳାପ ପ୍ରାୟତଃ ବନ୍ଦ ହୋଇଯାଇଥିଲା। ହେଲେ ଥମି ନ ଥିଲା ଅପରାଧ। ବିଶେଷକରି ଅପରାଧର ଅଧିକ ଶିକାର ହୋଇଥିଲେ ମହିଳାମାନେ। ୨୦୧୯ ତୁଳନାରେ ସାରା ଦେଶରେ ମହିଳା ବିରୋଧୀ ଅପରାଧ କମିଥିବା ବେଳେ ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ବୃଦ୍ଧି ପାଇଥିଲା। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)ର ରିପୋର୍ଟ ଅନୁଯାୟୀ ମହିଳାଙ୍କ ପ୍ରତି ହିଂସା କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ପଶ୍ଚିମବଙ୍ଗ ସର୍ବାଗ୍ରେ ରହିଛି। ଅନ୍ୟପକ୍ଷରେ ସମଗ୍ର ଅପରାଧକୁ ଦେଖିଲେ ଦେଶରେ ୨୮% ଅପରାଧ ବୃଦ୍ଧି ପାଇଛି। ଏ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପଛରେ ରହିନାହିଁ।*

**ଏନ୍‌ସିଆର୍‌ବି ରିପୋର୍ଟ**
- ମହାମାରୀ ବେଳେ ଦେଶରେ ୨୮% ଅପରାଧ ବଢ଼ିଛି
- ୨୦୨୦ରେ ଦୈନିକ ୮୦ ହତ୍ୟାକାଣ୍ଡ

ଭୁବନେଶ୍ୱର (ବ୍ୟୁରୋ) /ନୂଆଦିଲ୍ଲୀ,୧୫।୯

ବଳାତ୍କାର, ଏସିଡ୍ ଆକ୍ରମଣ, ହତ୍ୟା, ଯୌତୁକ ନିର୍ଯାତନା, ଚାଲାଣ, ଯୌନ ନିର୍ଯାତନା, ଅସଦାଚରଣ ଆଦି ମହିଳା ବିରୋଧୀ ହିଂସା ଓଡ଼ିଶାରେ ପ୍ରତିବର୍ଷ ବଢ଼ିଚାଲିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୦ରେ ସାରା ଦେଶରେ ପୂର୍ବ ବର୍ଷ ତୁଳନାରେ ୮.୩% ମହିଳା ବିରୋଧୀ ଅପରାଧ ହ୍ରାସ ପାଇଛି। ଏ କ୍ଷେତ୍ରରେ ୨୦୧୯ରେ ମୋଟ ୪ ଲକ୍ଷ ୫ ହଜାର ୩୨୬ଟି ମାମଲା ରୁଜୁ ହୋଇଥିଲା। ତାହା ୨୦୨୦ରେ ୩ ଲକ୍ଷ ୭୧ ହଜାର ୫୦୩କୁ ହ୍ରାସ ପାଇଛି। କିନ୍ତୁ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଯଥାକ୍ରମେ ୧୮% ଓ ୯% ବୃଦ୍ଧି ପାଇଛି। ଅର୍ଥାତ୍ ଓଡ଼ିଶାରେ ୨୦୧୯ରେ ୨୩,୧୮୩ଟି ମହିଳା ବିରୋଧୀ ହିଂସା ମାମଲା ରୁଜୁ ହୋଇଥିବାବେଳେ ୨୦୨୦ରେ ୨୫,୪୮୯ଟି ମାମଲା ରୁଜୁ ହୋଇଛି। ସେହିପରି ପଶ୍ଚିମବଙ୍ଗରେ ଯଥାକ୍ରମେ ୨୯,୮୫୯ ଏବଂ ୩୬,୪୩୯ଟି ମାମଲା ରୁଜୁ କରାଯାଇଛି। ସ୍ୱାମୀ କିମ୍ବା ସମ୍ପର୍କୀୟ ଦ୍ୱାରା କ୍ରୁରତା (୩୦%) ଅଭିଯୋଗରେ ଅଧିକାଂଶ ମାମଲା ରୁଜୁ ହୋଇଛି। ସେହିପରି ମହିଳାଙ୍କୁ ଦବାଇ ରଖିବା ଉଦ୍ଦେଶ୍ୟରେ ଆକ୍ରମଣ (୨୩%), ଅପହରଣ (୧୬.୮%) ଏବଂ ବଳାତ୍କାର (୭.୫%) ଆଦି ପ୍ରମୁଖ ମାମଲା ରହିଛି।

ଓଡ଼ିଶାରେ ମହିଳା ହିଂସା ବୃଦ୍ଧି ପାଇଥିବା ନେଇ ଖୋଦ୍ ରାଜ୍ୟ ସରକାର ବିଧାନସଭାରେ ସ୍ୱୀକାର ☞ପୃଷ୍ଠା-୪




# ଗୁପ୍ତ ତଥ୍ୟ ପ୍ରଘଟରେ ହନିଟ୍ରାପ୍ ଲିଙ୍କ୍

ବାଲେଶ୍ୱର ଅଫିସ,୧୫।୯

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଗୁପ୍ତ ତଥ୍ୟ ପ୍ରଘଟ ପଛରେ ହନିଟ୍ରାପ୍ (ମଧୁର ଜାଲ)ର ଲିଙ୍କ୍ ଥିବା ସୂଚନା ମିଳିଛି। ପୋଲିସ ଦ୍ୱାରା ଗିରଫ ହୋଇଥିବା ୪ ଠିକା କର୍ମଚାରୀ ପାକିସ୍ତାନର ଜଣେ ଯୁବତୀଙ୍କ ସହ ଯୋଗାଯୋଗରେ ଥିଲେ। ଅଭିଯୁକ୍ତଙ୍କ କଲ୍ ରେକର୍ଡ ଯାଞ୍ଚ ପରେ ଏଥିରେ ଯୁବତୀଙ୍କ ସ୍ୱର ଥିବା ଜଣାପଡ଼ିଛି। ଉକ୍ତ ଯୁବତୀଙ୍କ ସହ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତ ଅଭିଯୁକ୍ତଙ୍କ ସମ୍ପର୍କ ହୋଇଥିଲା। ଜଣକ ପରେ ଜଣେ ତାଙ୍କ ସମ୍ପର୍କରେ ଆସିଥିଲେ। ଏପରି କି ଯୁବତୀଙ୍କ ସହ ଅଭିଯୁକ୍ତଙ୍କ ଟଙ୍କା ଦେଣନେଣ ମଧ୍ୟ ହୋଇଥିବା ଜାଣିବାକୁ ମିଳିଛି। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ପ୍ରତ୍ୟେକ ଦିନ କାର୍ଯ୍ୟର ତଥ୍ୟ ପାଇବା ଲାଗି ପାକିସ୍ତାନୀ ଯୁବତୀ ଜଣକ ବିଭିନ୍ନ ବାହାନାରେ ଟଙ୍କା ☞ପୃଷ୍ଠା-୪

**ତଦନ୍ତ କରିବ କ୍ରାଇମବ୍ରାଞ୍ଚ**
- ଜେଲଗଲେ ଡିଆର୍‌ଡିଓର ୪ ଠିକା କର୍ମଚାରୀ
- ହ୍ୱାଟ୍ସଆପ୍‌ରେ ଚାଲିଥିଲା ଗୋପନ ତଥ୍ୟ ପ୍ରେରଣ
- ଅର୍ଥ ଲୋଭ, ପାକିସ୍ତାନୀ ଯୁବତୀଙ୍କ ପ୍ରେମରେ ପଡ଼ିଥିଲେ ଅଭିଯୁକ୍ତ

# ମହାନଦୀରେ ବନ୍ୟା ଆଶଙ୍କା

- ୨୪ ଜିଲ୍ଲାର ୨୩.୮୨ ଲକ୍ଷ ଲୋକ ପ୍ରଭାବିତ

ଭୁବନେଶ୍ୱର/ ସମ୍ବଲପୁର, ୧୫।୯(ବ୍ୟୁରୋ)

ଲଘୁଚାପ ଓଡ଼ିଶା ଉପରୁ ହଟିଥିଲେ ମଧ୍ୟ ରାଜ୍ୟରେ ବନ୍ୟା ଆଶଙ୍କା ଦେଖାଦେଇଛି। ହୀରାକୁଦ ଉପର ମୁଣ୍ଡରେ ଅର୍ଥାତ୍ ଛତିଶଗଡ଼ ଏବଂ ମଧ୍ୟପ୍ରଦେଶରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ ହୀରାକୁଦ ଡ୍ୟାମ୍‌ର ୧୨ଟି ଗେଟ୍ ଖୋଲାଯାଇଥିବା ବେଳେ ବୁଧବାର ଆଉ ୧୨ଟି ଗେଟ୍ ଖୋଲାଯାଇଛି। ଏଥିଯୋଗୁ ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆସିପାରେ। ତେବେ ତଳିଆ ଅଞ୍ଚଳରେ ☞ପୃଷ୍ଠା-୪






**ଧରା ହେଲେ କୋଟିପତି ଅଙ୍ଗନୱାଡ଼ି ଦିଦି**




# ଗୌତମ ଦାସ ଓଡ଼ିଶା ଟପ୍ପର

**ଜେଇଇ ମେନ୍ ରେଜଲ୍ଟ**

- ପ୍ରଥମ ର୍‍ୟାଙ୍କରେ ୧୮ ପରୀକ୍ଷାର୍ଥୀ

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ(ମେନ୍)-୨୦୨୧ ଫଳ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରକାଶ ପାଇଛି। ୪୪ଜଣ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲ ମାର୍କ ହାସଲ କରିଛନ୍ତି। ତେବେ ପ୍ରଥମ ର୍‍ୟାଙ୍କରେ ମିଳିତ ଭାବେ ୧୮ ପରୀକ୍ଷାର୍ଥୀ ସ୍ଥାନ ପାଇଛନ୍ତି। ଓଡ଼ିଶାର ଗୌତମ ଦାସ ୯୯.୯୯ ପର୍ସେଣ୍ଟାଇଲ ମାର୍କ ରଖି ରାଜ୍ୟ ଟପ୍ପର ହେବା ସହ ସର୍ବଭାରତୀୟ ସ୍ତରରେ ୨୮ତମ ସ୍ଥାନରେ ରହିଛନ୍ତି। ସେହିପରି ତନୟା ଦୀକ୍ଷିତ ୯୯.୮୬ ପର୍ସେଣ୍ଟାଇଲ ରଖି ଝିଅଙ୍କ ବର୍ଗରେ ରାଜ୍ୟ ଟପ୍ପର ହୋଇଛନ୍ତି। ଜେଇଇ(ମେନ୍) ଫଳାଫଳ ସଂକ୍ରାନ୍ତ ସମସ୍ତ ତଥ୍ୟ ଅଫିସିଆଲ ୱେବ୍‌ସାଇଟ୍ jeemain.nta.nic.in କିମ୍ବା ntaresults.nic.inରେ ଉପଲବ୍ଧ ହୋଇଛି। ୪ଟି ପର୍ଯ୍ୟାୟରେ ହୋଇଥିବା ☞ପୃଷ୍ଠା-୪



**ଆଜିର ସମ୍ପାଦକୀୟ**

ଖାଦ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ


**ଅତିରିକ୍ତ ଜିଲ୍ଲାପାଳ ଓ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, କଟକ**

**ବିଜ୍ଞାପନ**

ସଂଖ୍ୟା: ୯୧୩/ଓ.ପି.ଆଇ.ଡି. ତା୧୫।୦୯।୨୦୨୧ରିଖ

No. DSPL-147: ଅନଲାଇନ୍ ମାଧ୍ୟମରେ ଦାବି ଦରଖାସ୍ତ ଆବେଦନ ପାଇଁ ଧାର୍ଯ୍ୟ ତାରିଖ: ୧୮।୦୮।୨୦୨୧ ସୁଦ୍ଧା ଦାବି ଦରଖାସ୍ତ ଦାଖଲ କରିପାରି ନ ଥିବା ଜମାକାରୀମାନଙ୍କର ଅନୁରୋଧକୁ ବିଚାରକୁ ନେଇ, ହାଇଟେକ୍ ଇଷ୍ଟେଟସ୍ ଓ ପ୍ରମୋଟରସ୍ ପ୍ରାଇଭେଟ୍ ଲିମିଟେଡ ଏବଂ ମେସର୍ସ ରାଜଧାନୀ ସିଷ୍ଟମ୍ ଓ ଇଷ୍ଟେସଟସ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ଜମାକାରୀମାନଙ୍କଠାରୁ ଅନଲାଇନ୍ ଦାବି ଦରଖାସ୍ତ ଦାଖଲ ପାଇଁ ଅତିରିକ୍ତ ଦୁଇମାସ ସମୟ ତା୧୬।୦୯।୨୦୨୧ରିଖ ପୂର୍ବାହ୍ନ ୧୧.୦୦ଠାରୁ ତା୧୫।୧୧।୨୦୨୧ରିଖ ମଧ୍ୟରାତ୍ର ୧୨.୦୦ ଘଟିକା ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଉକ୍ତ କମ୍ପାନୀଗୁଡ଼ିକର ଯେଉଁ ଜମାକାରୀମାନେ ଏପର୍ଯ୍ୟନ୍ତ ସେମାନଙ୍କର ଦାବି ଦରଖାସ୍ତ ଦାଖଲ କରିନାହାନ୍ତି ସେମାନେ ନିଜ ନିଜର ଦାବି ଦରଖାସ୍ତ ଅନଲାଇନ୍‌ରେ ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍ **www.opid.odisha.gov.in** ମାଧ୍ୟମରେ ତା୧୬।୦୯।୨୦୨୧ରିଖ ପୂର୍ବାହ୍ନ ୧୧.୦୦ଠାରୁ ତା୧୫।୧୧।୨୦୨୧ରିଖ ମଧ୍ୟରାତ୍ରି ୧୨.୦୦ ଘଟିକା ମଧ୍ୟରେ ଦାଖଲ କରିବାକୁ ଅନୁରୋଧ।

**ସ୍ୱା./- ଅତିରିକ୍ତ ଜିଲ୍ଲାପାଳ ଓ କ୍ଷମତାପନ୍ନ ପ୍ରାଧିକାରୀ, କଟକ**

OIPR-24178/13/0002/2122


# ତାଲିବାନ୍ ସରକାରରେ ଫାଟ | ବରାଦର-ହକ୍କାନି ମୁହାଁମୁହିଁ

*ଆଫଗାନିସ୍ତାନକୁ କବ୍‌ଜା କରି ତାଲିବାନ୍ ସରକାର ସିନା ଗଢ଼ିଦେଲା କିନ୍ତୁ ବ୍ୟବସ୍ଥିତ ଢଙ୍ଗରେ ତାହାର ପରିଚାଳନା ଏହି ଆତଙ୍କବାଦୀ ଗୋଷ୍ଠୀ ପାଇଁ କାଠିକର ପାଠ ହୋଇଛି। କ୍ଷମତା କନ୍ଦଳ ପରେ ବିଜୟର ଶ୍ରେୟ ନେବାକୁ ମୁହାଁମୁହିଁ ହୋଇଛନ୍ତି ତାଲିବାନ୍ ସହ-ପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଏବଂ ତାଲିବାନ୍ ୨.୦ରେ ସାମିଲ ହୋଇଥିବା ପାକିସ୍ତାନ ସମର୍ଥିତ ହକ୍କାନୀ ଗୋଷ୍ଠୀ। ଦୀର୍ଘବର୍ଷ ଧରି ସରକାରକୁ ଫେରିବାକୁ ସୁଚିନ୍ତିତ ରଣନୀତି କାମ ଦେଇଥିବା ବରାଦର କହୁଥିବାବେଳେ ଆମେରିକା ସୈନ୍ୟ ଓ ଆଫଗାନିସ୍ତାନ ସରକାରକୁ ହଟାଇବାରେ ଲଢ଼ୁଆଙ୍କ ସାହସକୁ ଶ୍ରେୟ ଦେଉଛି ହକ୍କାନି। ଏହାକୁ ନେଇ ରାଷ୍ଟ୍ରପତି ଭବନରେ ବରାଦର ଓ କ୍ୟାବିନେଟ୍ ସଦସ୍ୟ ଖଲିଲ୍ ଉର୍-ରେହମାନ୍ ହକ୍କାନୀଙ୍କ ମଧ୍ୟରେ ବିବାଦ ଉପୁଜିବା ପରେ କାବୁଲ ଛାଡ଼ି କାନ୍ଦାହାର ପଳାଇଛନ୍ତି ତାଲିବାନର ଏହି ଶୀର୍ଷ ନେତା।*

କାବୁଲ, ୧୫।୯

ଆଫଗାନିସ୍ତାନ ବିଜୟକୁ ନେଇ ତାଲିବାନ୍ ୨.୦ରେ ଫାଟ ସୃଷ୍ଟି ହୋଇଛି। କ୍ଷମତା କନ୍ଦଳ ଯୋଗୁ ନିକଟରେ ହକ୍କାନି ନେଟୱର୍କ ଦ୍ୱାରା ଗୁଳିର ଶିକାର ହୋଇଥିବା ଉପ-ପ୍ରଧାନମନ୍ତ୍ରୀ ମୁଲ୍ଲା ଅବଦୁଲ ଗନି ବରାଦର ଆଫଗାନିସ୍ତାନ ବିଜୟର ଶ୍ରେୟ ନିଜକୁ ଦେଇଥିବାବେଳେ ହକ୍କାନି ଗୋଷ୍ଠୀ ତାହାକୁ ସ୍ୱୀକାର କରିପାରୁନି। ଏହାକୁ ନେଇ ତାଲିବାନ୍ ଅନ୍ତରୀଣ ସରକାରରେ ପୁଣି ମତଭେଦ ଓ କନ୍ଦଳ ମୁଣ୍ଡ ଟେକିଛି। କାବୁଲସ୍ଥିତ ରାଷ୍ଟ୍ରପତି ଭବନରେ ଗତ ସପ୍ତାହରେ ବରାଦର ଓ କ୍ୟାବିନେଟ୍ ସଦସ୍ୟ ଖଲିଲ୍ ଉର୍-ରେହମାନ୍ ହକ୍କାନିଙ୍କ ମଧ୍ୟରେ ବଡ଼ ଧରଣର ଝଗଡ଼ା ହୋଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହା ପରେ ବରାଦର କାବୁଲ ଛାଡ଼ି କାନ୍ଦାହାର ପଳାଇଥିବା ଏଥିରେ କୁହାଯାଇଛି।

ରାଷ୍ଟ୍ରପତି ଭବନରେ ବରାଦର ଓ ଶରଣାର୍ଥୀ ମନ୍ତ୍ରୀ ଖଲିଲ ହକ୍କାନିଙ୍କ ମଧ୍ୟରେ ବିବାଦ ହେବା ପରେ ଉଭୟଙ୍କ ସମର୍ଥକ ☞ପୃଷ୍ଠା-୪



ମୁଲ୍ଲା ଅବଦୁଲ ଗନି ବରାଦର

- ବିଜୟର ଶ୍ରେୟ ପାଇଁ ବିବାଦ
- କାବୁଲ ଛାଡ଼ିଲେ ଉପପ୍ରଧାନମନ୍ତ୍ରୀ

## ୬ ଆତଙ୍କବାଦୀଙ୍କୁ ଜେରା

ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଆତଙ୍କବାଦୀଙ୍କ ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଛି। ମଙ୍ଗଳବାର ସ୍ପେଶାଲ ସେଲ୍ ପାକିସ୍ତାନୀ ଆଇଏସ୍ଆଇ ତାଲିମପ୍ରାପ୍ତ ୨ ଆତଙ୍କବାଦୀଙ୍କ ସମେତ ୬ ଜଣଙ୍କୁ ଗିରଫ କରିବା ପରେ ବୁଧବାର ପୋଲିସ ଓ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ଅଧିକାରୀମାନେ ସେମାନଙ୍କୁ ଜେରା କରିଛନ୍ତି। ଆଗାମୀ ପାର୍ବଣ ସମୟରେ ସେମାନେ ଦିଲ୍ଲୀ ସମେତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଆଦି ବିଭିନ୍ନ ରାଜ୍ୟରେ ବିସ୍ଫୋରଣ ଯୋଜନା କରିଥିଲେ।

## ସଂକ୍ଷେପରେ

### କ୍ଷେପଣାସ୍ତ୍ର ପରୀକ୍ଷା କଲେ ଦୁଇ କୋରିଆ



**ସିଓଲ, ୧୫।୯(ପି.ଟି.):** ପରସ୍ପର ବିରୋଧୀ ଭାବେ ଜଣାଶୁଣା ଉତ୍ତର ଏବଂ ଦକ୍ଷିଣ କୋରିଆ ସାମରିକ ଶକ୍ତି ପ୍ରଦର୍ଶନ ଲାଗି ବୁଧବାର କିଛି ଘଣ୍ଟା ବ୍ୟବଧାନରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଉତ୍ତର କୋରିଆର ଆଣବିକ କାର୍ଯ୍ୟକ୍ରମ ରୋକିବା ଲାଗି କୂଟନୈତିକ ଚାପ ପକାଇବାକୁ ଉଦ୍ୟମ ଚାଲିଥିବାବେଳେ ଦୁଇ ପଡୋଶୀ ଶକ୍ତି ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ କୋରିଆର ଏହା ପ୍ରଥମ ଅଣ୍ଡରୱାଟର କ୍ଷେପଣାସ୍ତ୍ର ପରୀକ୍ଷା ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୩୦୦୦ ଟନ୍ ବୁଡ଼ାଜାହାଜରୁ ଉତ୍କ୍ଷେପଣ କରାଯାଇଥିବା କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିଥିଲା। ବାହ୍ୟ ବିପଦର ମୁକାବିଲା, ଆତ୍ମସୁରକ୍ଷା ବଢ଼ାଇବା ଏବଂ କୋରିଆ ଉପଦ୍ୱୀପରେ ଶାନ୍ତି ସ୍ଥାପନରେ ଉକ୍ତ ଅସ୍ତ୍ର ସହାୟକ ହେବ ବୋଲି ଦକ୍ଷିଣ କୋରିଆ କହିଛି। ଏହାର କିଛି ଘଣ୍ଟା ପୂର୍ବରୁ ଉତ୍ତର କୋରିଆ ଦୁଇଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। ଉତ୍ତର କୋରିଆ ଅଟକି ରହିଥିବା ଆଣବିକ ଆଲୋଚନାକୁ ପୁଣିଥରେ ଆରମ୍ଭ କରିବା ପାଇଁ ଆମେରିକା ଉପରେ ଚାପ ପକାଇବାକୁ ଚାହୁଁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ଚର୍ଚ୍ଚ ଆଗରେ କଟାମୁଣ୍ଡ ରଖିଲେ ହତ୍ୟାକାରୀ

**ଚେନ୍ନାଇ, ୧୫।୯:** ତାମିଲନାଡୁର କାଞ୍ଚିପୁରମ୍ ଜିଲାରେ ଜଣେ ୨୧ ବର୍ଷୀୟ କଲେଜ ଛାତ୍ରଙ୍କ ମୁଣ୍ଡକାଟ୍ କରାଯାଇ କଟାମୁଣ୍ଡକୁ ଏରୁମାଇୟୁର ଚର୍ଚ୍ଚ ସମ୍ମୁଖରେ ରଖାଯିବା ଘଟଣା ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତ ଛାତ୍ର ଜି. ଭେଟ୍ରିଭେଲ୍‌ଙ୍କ ଗଣ୍ଡିକୁ ଅନ୍ୟତ୍ର ଫିଙ୍ଗିଦିଆଯାଇଛି। ଗତବର୍ଷ ଅକ୍ଟୋବର ୩୦ରେ ଅଭିଷେକ ନାମକ କଲେଜ୍ ଛାତ୍ରଙ୍କୁ ହତ୍ୟା କରାଯାଇଥିଲା। ଉକ୍ତ ହତ୍ୟାକାଣ୍ଡ ଗ୍ୟାଙ୍ଗ୍‌ରେ ଭେଟ୍ରିଭେଲ୍ ସମ୍ପୃକ୍ତ ଥିଲେ। ଅଭିଷେକ ଏରୁମାଇୟୁର ଚର୍ଚ୍ଚରୁ ଫେରୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ମଙ୍ଗଳବାର ରାତିରେ ସେହି ଚର୍ଚ୍ଚ ଆଗରେ ଭେଟ୍ରିଭେଲ୍‌ଙ୍କ କଟାମୁଣ୍ଡ ରଖାଯାଇଥିଲା।

### ଟିକେଟ ଆଶାୟୀଙ୍କୁ ୧୧ ହଜାର ଜମା କରିବାକୁ କହିଲା କଂଗ୍ରେସ

**ନୂଆଦିଲ୍ଲୀ, ୧୫।୯:** ଆସନ୍ତାବର୍ଷ ଉତ୍ତରପ୍ରଦେଶରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଯେଉଁମାନେ କଂଗ୍ରେସ ଟିକେଟ ଆଶାୟୀ ଅଛନ୍ତି, ସେମାନେ ଆବେଦନପତ୍ର ସହ ୧୧,୦୦୦ ଟଙ୍କା ଜମା କରିବାକୁ ଦଳ ପକ୍ଷରୁ କୁହାଯାଇଛି। ନିର୍ବାଚନକୁ ଗୁରୁତ୍ୱର ସହ ନ ନେଇ କେତେଜଣ ଟିକେଟ ପାଇଁ ଆବେଦନ କରୁଥିବାରୁ ସେମାନଙ୍କୁ ଦୂରେଇ ରଖିବା ଲାଗି କଂଗ୍ରେସ ଏଭଳି ନିଷ୍ପତ୍ତି ନେଇଛି। ୟୁପି କଂଗ୍ରେସ କମିଟି ସଭାପତି ଅଜୟ୍ କୁମାର ଲାଲୁ ମଙ୍ଗଳବାର ଜାରି କରିଥିବା ନିର୍ଦ୍ଦେଶ ଅନୁଯାୟୀ ଟିକେଟ ଆଶାୟୀ ଜିଲା ତଥା ରାଜ୍ୟ ସ୍ତରର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସେପ୍ଟେମ୍ବର ୨୫ ସୁଦ୍ଧା ଆବେଦନ କରିବା ସହ ୧୧,୦୦୦ ଟଙ୍କାର ସହଯୋଗୀ ରାଶି ଜମା କରିବେ। ଦଳ ସାଧାରଣ ସମ୍ପାଦିକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଦ୍ୱାରା ଦୁଇଦିନିଆ ମାନସ ମନ୍ଥନ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି।

# ଟାର୍ଗେଟରେ ଆମେରିକା

## ଆଫଗାନିସ୍ତାନରେ ମୁଣ୍ଡ ଟେକୁଛି ଅଲ୍-କାଏଦା

- ଗୋଇନ୍ଦା ସଂସ୍ଥାର ଚେତାବନୀ
- ୨ ବର୍ଷ ଭିତରେ ହୋଇପାରେ ଆକ୍ରମଣ

ୱାଶିଂଟନ୍, ୧୫।୯

ଆମେରିକା ସୈନ୍ୟ ପ୍ରତ୍ୟାହାର ପରେ ଆତଙ୍କାବାଦୀଙ୍କ ଭୂସ୍ୱର୍ଗ ପାଲଟିବାକୁ ଯାଉଛି ଆଫଗାନ୍ ମାଟି। ଅଲ୍-କାଏଦା ଭଳି ଆତଙ୍କବାଦୀ ସଙ୍ଗଠନ ସେଠାରେ ପୁଣି ସକ୍ରିୟ ହେବା ଆଶଙ୍କା ଘନେଇଛି। ଆମେରିକାରେ ୨୦୦୧ରେ ୯/୧୧ ଭଳି ଭୟଙ୍କର ନରସଂହାର ବିଶ୍ୱମାନସରୁ ଲିଭି ନ ଥିବାବେଳେ ଏବେ ପୁଣି ସେଭଳି ଆକ୍ରମଣର ନକ୍ସା ତିଆରିରେ ଲାଗିଛି ଏହି ଦୁର୍ଦ୍ଧର୍ଷ ସଙ୍ଗଠନ। ବର୍ଷେରୁ ଦୁଇ ବର୍ଷ ମଧ୍ୟରେ ଅଲ୍-କାଏଦା ଆମେରିକାକୁ ପୁଣି ଟାର୍ଗେଟ କରିପାରେ ବୋଲି ଆମେରିକା ଗୋଇନ୍ଦା ସଂସ୍ଥା ଚେତାଇ ଦେଇଛି।

୩ ହଜାର ଆମେରିକୀୟଙ୍କ ଜୀବନ ନେଇଥିବା ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍‌ଙ୍କୁ ୨୦୧୧ରେ ପାକିସ୍ତାନରେ ପଶି ହତ୍ୟା କରିଥିଲେ ଆମେରିକୀୟ କମାଣ୍ଡର। ଏହା ପୂର୍ବରୁ ଲାଡେନ୍‌ଙ୍କୁ ଶରଣ ଦେଇଥିବା ତାଲିବାନ୍ ସରକାରକୁ ଆଫଗାନିସ୍ତାନରୁ କ୍ଷମତାଚ୍ୟୁତ କରି ଦୀର୍ଘ ୨୦ ବର୍ଷର ଲଢ଼େଇକୁ ଆମେରିକା ଓହ୍ଲାଇଥିଲା। ଅଲ୍-କାଏଦାକୁ ନିଷ୍କ୍ରିୟ କରିବା ଉଦ୍ଦେଶ୍ୟ ପୂରଣ ହୋଇଥିବା କହି ଆଫଗାନ୍ ମାଟିରୁ ୱାଶିଂଟନ୍ ଗତ ଅଗଷ୍ଟ ୩୧ରେ ନିଜ ସମସ୍ତ ସୈନ୍ୟଙ୍କୁ ପ୍ରତ୍ୟାହାର କରିନେଇଛି। ହେଲେ ଯେଉଁ ମିଶନ ନେଇ ଆମେରିକା ନିଜର ହଜାର ହଜାର ସୈନ୍ୟଙ୍କ ବଳିଦାନ ଓ ଟ୍ରିଲିୟନ ଡଲାର ଖର୍ଚ୍ଚ କରିଥିଲା



ସେଥିରେ ଏକ ପ୍ରକାର ବିଫଳ ହୋଇଛି। ତାଲିବାନ୍ ହାତକୁ ଆଫଗାନିସ୍ତାନ ଯିବା ପରେ ସେଠାରେ ପୁଣି ମୁଣ୍ଡ ଟେକିବା ଆରମ୍ଭ କରିଛି ଅଲ୍-କାଏଦା। ଏ ନେଇ ଆମେରିକା ପ୍ରତିରକ୍ଷା ଗୋଇନ୍ଦା ସଂସ୍ଥା ନିର୍ଦ୍ଦେଶକ ଲ୍ୟୁଟଟାଣ୍ଟ ଜେନେରାଲ ସ୍କଟ୍ ବେରିଅର ସୂଚନା ଦେବା ସହ ସମ୍ଭାବ୍ୟ ଆକ୍ରମଣ ସମ୍ପର୍କରେ ସେ ଚେତାବନୀ ଦେଇଛନ୍ତି। ପୁଣି ଆଫଗାନିସ୍ତାନରେ ଆମେରିକା ଉପସ୍ଥିତି ବଜାୟ ରଖିବାକୁ ସମସ୍ତ ପ୍ରକାର ଉତ୍ସକୁ ବ୍ୟବହାର କରିବାକୁ ୱାଶିଂଟନ୍ ଚାହୁଁଥିବା ମଙ୍ଗଳବାର ଅନୁଷ୍ଠିତ ଏକ ଇଣ୍ଟେଲିଜେନ୍ସ କନଫରେନ୍ସରେ ସ୍କଟ୍ କହିଛନ୍ତି। ୨ ବର୍ଷ ଭିତରେ ଅଲ୍-କାଏଦା ନିଜର ପୁନର୍ଗଠନ କରି ଆତଙ୍କବାଦୀ କାର୍ଯ୍ୟକଳାପ ଆରମ୍ଭ କରିପାରେ ବୋଲି ସିଆଇଏ ଡେପୁଟି ନିର୍ଦ୍ଦେଶକ ଡେଭିଡ୍ କୋହେନ ମଧ୍ୟ ଏକମତ ହୋଇଛନ୍ତି।



ଜେନେରାଲ ସ୍କଟ୍ ବେରିଅର

ଗୋଇନ୍ଦା ସଂସ୍ଥା ଏହି ଗୋଷ୍ଠୀର କାର୍ଯ୍ୟ ଉପରେ ନଜର ରଖିଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଆଫଗାନିସ୍ତାନ ଅପେକ୍ଷା ୟେମେନ, ସୋମାଲିଆ, ସିରିଆ ଏବଂ ଇରାକ୍ ପକ୍ଷରୁ ଅଧିକ ବିପଦ ଆଶଙ୍କା ଥିବାରୁ ଏବେ ଏହି ଦେଶଗୁଡ଼ିକ ଉପରେ ଅଧିକ ନଜର ରଖାଯାଇଥିବା ଆମେରିକା ନ୍ୟାଶନାଲ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ଆଭ୍ରିଲ ହାଇନେସ୍ ପ୍ରକାଶ କରିଛନ୍ତି। ଆଫଗାନିସ୍ତାନରୁ ଆମେରିକା ଆକ୍ରମଣର ଯୋଜନା ପାଇଁ ଅଲ୍-କାଏଦାକୁ ପ୍ରାୟ ୨ ବର୍ଷ ସମୟ ଲାଗିପାରେ ବୋଲି ଗତ ଜୁନ୍‌ରେ ଆମେରିକା ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନ୍ ସିନେଟ୍ କମିଟିକୁ କହିଥିଲେ।

## ସୋନୁ ସୁଦ୍‌ଙ୍କ ଘରେ ଆୟକର ଚଢ଼ାଉ



ମୁମ୍ବାଇ, ୧୫।୯

ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କ ମୁମ୍ବାଇସ୍ଥିତ ଘର ଏବଂ ସେ ସମ୍ପୃକ୍ତ ଥିବା ଲକ୍ଷ୍ନୌର ଏକ କମ୍ପାନୀ କାର୍ଯ୍ୟାଳୟରେ ଆୟକର ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ସୋନୁଙ୍କ କମ୍ପାନୀ ଏବଂ ଲକ୍ଷ୍ନୌର ରିୟଲ ଇଷ୍ଟେଟ୍ କମ୍ପାନୀ ମଧ୍ୟରେ ନିକଟରେ ହୋଇଥିବା ଚୁକ୍ତିନାମାକୁ ନେଇ ଚଢ଼ାଉ ହୋଇଥିବା କୁହାଯାଉଛି। ଉକ୍ତ ଡିଲ୍‌ରେ ଟିକସ ଫାଙ୍କି ଅଭିଯୋଗ ହୋଇଥିଲା ବୋଲି ଆୟକର ବିଭାଗ ସୂତ୍ରରୁ ଜଣାପଡ଼ିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ସୋନୁଙ୍କ ବୈଠକ ଏବଂ ସ୍କୁଲ ପିଲାମାନଙ୍କ ପାଇଁ ଦିଲ୍ଲୀ ସରକାରଙ୍କ ପରାମର୍ଶ କାର୍ଯ୍ୟକ୍ରମରେ ତାଙ୍କୁ ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରାଯିବା ପରେ ଏଭଳି ଚଢ଼ାଉ ହୋଇଛି। କେଜ୍‌ରିୱାଲଙ୍କୁ ଭେଟିବା ପରେ ରାଜନୀତିରେ ପ୍ରବେଶ କରିବା ଯୋଜନାକୁ ସୋନୁ ଖଣ୍ଡନ କରିଥିଲେ। ସୂଚନାଯୋଗ୍ୟ କୋଭିଡ୍ ମହାମାରୀ ସମୟରେ ସୋନୁ ଅନେକଙ୍କୁ ସହାୟତା କରି ଉଚ୍ଚ ପ୍ରଶଂସିତ ହେବା ସହ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇଛି। ଆଗାମୀ ପଞ୍ଜାବ ବିଧାନସଭା ନିର୍ବାଚନରେ ତାଙ୍କୁ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।

## ଗଣମାଧ୍ୟମ ଉପରେ ତାଲିବାନୀ କଟକଣା

କାବୁଲ, ୧୫।୯

ଆଫଗାନିସ୍ତାନ ତାଲିବାନ ଶାସନ ଅଧୀନକୁ ଯିବା ପରେ ସେଠାରେ ମାସକରୁ କମ୍ ସମୟ ମଧ୍ୟରେ ଅନ୍ୟୁନ ୧୫୩ଟି ଗଣମାଧ୍ୟମ ସଂସ୍ଥା ବନ୍ଦ ହୋଇଗଲାଣି। ସେଠାର ଟୋଲୋ ନ୍ୟୁଜ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି। ଆଫଗାନିସ୍ତାନର ୨୦ଟି ପ୍ରଦେଶରେ ବିଭିନ୍ନ ରେଡିଓ ଷ୍ଟେଶନ, ଛାପା ଗଣମାଧ୍ୟମ ଏବଂ ଟେଲିଭିଜନ ଚ୍ୟାନେଲ୍ ବନ୍ଦ ହୋଇଯାଇଛି। ମୁଖ୍ୟତଃ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସମ୍ମୁଖୀନ ହେଉଥିବା ଆର୍ଥିକ ସମସ୍ୟା ଏବଂ ତାଲିବାନୀ କଟକଣା ଯୋଗୁ ଖବର ପରିବେଷଣ ବନ୍ଦ କରିଦେଉଛନ୍ତି। ଯଦି ଏହିସବୁ ସମସ୍ୟାର ସମାଧାନ ନ ହୁଏ, ତେବେ ଆହୁରି ଅନେକ ଗଣମଧ୍ୟମ ବନ୍ଦ ହୋଇଯିବେ ବୋଲି ଆଫଗାନିସ୍ତାନ ଫେଡେରେଶନ ଅଫ୍ ଜର୍ନାଲିଷ୍ଟସ୍‌ର ଉପମୁଖ୍ୟ ହୁଜାତୁଲ୍ଲା ମୁଜାଦାଦି କହିଛନ୍ତି। ୩ଟି ପ୍ରଦେଶରେ ଖବର ପରିବେଷଣ କରୁଥିବା ଏନିକାସ୍ ରେଡିଓ ଏବଂ ଟିଭି ବ୍ରଡ୍‌କାଷ୍ଟରକୁ କମ୍ପାନୀଗୁଡ଼ିକ ବିଜ୍ଞାପନ ନ ଦେବାରୁ ଏହା ବନ୍ଦ ହୋଇଯାଇଛି। ଏଥିସହିତ କେତେ ଜଣ ଖବରଦାତାଙ୍କ ଉପରେ ଆକ୍ରମଣ ହେବା ପରେ ଏବେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତାବ୍ୟକ୍ତ କରାଯାଇଛି।

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### ନାମ ସୁପାରିସ ସତ୍ତ୍ୱେ ଟ୍ରିବ୍ୟୁନାଲରେ ଦିଆଯାଉନି ନିଯୁକ୍ତି

ନୂଆଦିଲ୍ଲୀ, ୧୫।୯

ଦେଶର ଟ୍ରିବ୍ୟୁନାଲଗୁଡ଼ିକରେ ଖାଲି ପଡ଼ିଥିବା ସ୍ଥାନରେ ନିଯୁକ୍ତି ଦେବାରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ନିଯୁକ୍ତି ଶେଷ କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ସୁପାରିସ ତାଲିକାରୁ ମାତ୍ର ଅଳ୍ପ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ନିଯୁକ୍ତି ଦିଆ ନଯିବାର କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନର ନିୟମାବଳୀକୁ ପାଳନ କରିବାକୁ ହେବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଶୁଣାଣି ବେଳେ କହିଥିଲେ। ଏନ୍‌ସିଏଲ୍‌ଟି ( ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ) ପାଇଁ ଅଧିକ ନାମ



ସୁପାରିସ କରାଯାଇଥିଲାବେଳେ ମାତ୍ର ଅଳ୍ପ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏହା କି ପ୍ରକାର ଚୟନ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଆଇଟିଏଟି (ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ) ସଦସ୍ୟ ନିଯୁକ୍ତିରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଯାଇଛି। ଏନ୍‌ସିଏଲ୍‌ଟି ଚୟନ କମିଟିରେ ନିଜେ ସିଜେଆଇ ରହିଥିଲେ। ୫୪୪ ଜଣଙ୍କ ସାକ୍ଷାତ୍‌କାର ନିଆଯାଇ ୧୧ ବିଚାର ବିଭାଗୀୟ ସଦସ୍ୟ ଏବଂ ୧୦ ଟେକ୍ନିକାଲ ସଦସ୍ୟଙ୍କ ନାମ ସୁପାରିସ କରାଯାଇଥିଲା। ସରକାର ସେଥିରୁ ଅଳ୍ପ କେତେଜଣଙ୍କୁ ନିଯୁକ୍ତି ଦେଇ ଅନ୍ୟ ନାଁଗୁଡ଼ିକୁ ପ୍ରତୀକ୍ଷା ତାଲିକାରେ ରଖିଥିବାରୁ ସିଜେଆଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ସରକାର ନିର୍ଦ୍ଦିଷ୍ଟ ସୁପାରିସ୍‌କୁ ଅନୁସରଣ କରିବାକୁ ବାଧ୍ୟ ନୁହନ୍ତି ବୋଲି ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଥିଲେ। ସାକ୍ଷାତ୍‌କାର ପାଇଁ ସରକାରଙ୍କ ଅନୁରୋଧ ରକ୍ଷା କରି ଆମେ କୋଭିଡ୍ ମହାମାରୀ ସମୟରେ ବିଭିନ୍ନ ସ୍ଥାନକୁ ଯାଇ ଆମ ସମୟ ବରବାଦ କଲୁ। ସୁପାରିସ୍‌କୁ କାର୍ଯ୍ୟକାରୀ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ସିଜେଆଇ କହିଥିଲେ।



ଆସାମର ଗୁଆହାଟୀସ୍ଥିତ ଚିଡ଼ିଆଖାନାରେ ଜଣେ କର୍ମଚାରୀ ଗଣ୍ଡାମାନଙ୍କୁ ଖାଦ୍ୟ ଦେଉଛନ୍ତି।

## ଚାଇନା ରାଷ୍ଟ୍ରଦୂତଙ୍କ ଉପରେ ବ୍ରିଟେନର କଟକଣା

ଲଣ୍ଡନ, ୧୫।୯

ଚାଇନାର ଶିନ୍‌ଜିଆଙ୍ଗ ଅଞ୍ଚଳରେ ଉଇଗୁରୁ ମୁସଲମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଉପରେ କୌଣସି ଅଧିକାରୀ କିମ୍ବା ଏମ୍‌ପି ବ୍ରିଟେନ ପାର୍ଲାମେଣ୍ଟରେ ଆଲୋଚନା କରିପାରିବେନି ବୋଲି ବେଜିଂ କଟକଣା ଲଗାଇଛି। ଏହା ପରେ ବ୍ରିଟେନରେ ଅବସ୍ଥାପିତ ଚାଇନା ରାଷ୍ଟ୍ରଦୂତ ଜେଙ୍ଗ୍ ଜେଗୁଆଙ୍ଗ୍ ବ୍ରିଟିଶ ପାର୍ଲାମେଣ୍ଟରେ କୌଣସି ମତ ରଖିବା ଉପରେ ପ୍ରତିବନ୍ଧକ ଜାରି ହୋଇଛି। ବ୍ରିଟେନ୍ ହାଉସ୍ ଅଫ୍ କମନ୍ସ ବାଚସ୍ପତି ଲିଣ୍ଡସେ ହୋୟଲେ ଏବଂ ହାଉସ୍ ଅଫ୍ ଲର୍ଡସ୍ ସ୍ପିକର ଜନ୍ ମ୍ୟାକ୍‌ଫଲ୍ ଜେଙ୍ଗ୍‌କୁ କୌଣସି ଆଲୋଚନାରେ ଭାଗ ନେବାକୁ ବୁଧବାର ମନା କରିଛନ୍ତି। ହୋୟଲେ କହିଛନ୍ତି, ରାଷ୍ଟ୍ରଦୂତଙ୍କ ସହ ବୈଠକ ଓ ଆଲୋଚନା ମାଧ୍ୟମରେ ବିଶ୍ୱର ବିଭିନ୍ନ ଦେଶ ଏବଂ ପାର୍ଲାମେଣ୍ଟ ସଦସ୍ୟଙ୍କ ମଧ୍ୟରେ ସମ୍ପର୍କ ମଜଭୁତ କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି। କିନ୍ତୁ ଚାଇନା ବ୍ରିଟେନ ସଦସ୍ୟଙ୍କ ଉପରେ କଟକଣା ଲଗାଇଥିବା ଯୋଗୁ ବେଜିଂ ରାଷ୍ଟ୍ରଦୂତ କମନ୍ସ ଇଷ୍ଟେଟରେ କୌଣସି ଆଲୋଚନରେ ଭାଗ ନେବା ଉଚିତ ନୁହେଁ। ଏହା ଉପରେ ଚାଇନା କଡ଼ା ପ୍ରତିକ୍ରିୟା ରଖିଛି। ବ୍ରିଟେନରେ ଥିବା ଚାଇନା ଦୂତାବାସ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ପାର୍ଲାମେଣ୍ଟରେ ଚାଇନା ରାଷ୍ଟ୍ରଦୂତଙ୍କୁ କଥା କହିବାକୁ ଦିଆ ନ ଯିବା ଅପମାନଜନକ ଏବଂ ଭୀରୁତା ପୂର୍ଣ୍ଣ ନିଷ୍ପତ୍ତି, ଯାହା କି ଉଭୟ ଦେଶର ହିତ ପାଇଁ କ୍ଷତିକାରକ। ସୂଚନାଯୋଗ୍ୟ, ମାର୍ଚ୍ଚରେ ଚାଇନା ୭ ବ୍ରିଟିଶ୍ ଏମ୍‌ପିଙ୍କ ଉପରେ ଯାତ୍ରା କଟକଣା ଲଗାଇ ସେମାନଙ୍କ ସମ୍ପତ୍ତି ଜବତ କରିଥିଲା।



ଜେଙ୍ଗ୍ ଜେଗୁଆଙ୍ଗ

## ମାନବାଧିକାର କଥା ନ କହୁ ପାକିସ୍ତାନ

- ୟୁଏନ୍‌ଏଚ୍‌ଆର୍‌ସିରେ ବର୍ଷିଲା ଭାରତ
- ନିଜକୁ ବନ୍ଧା ପକେଇଛି ଓଆଇସି

ନୂଆଦିଲ୍ଲୀ, ୧୫।୯

ଜାତିସଂଘ ମାନବାଧିକାର କମିଶନ (ୟୁଏନ୍‌ଏଚ୍‌ଆର୍‌ସି)ରେ ପାକିସ୍ତାନ ବୁଧବାର କଶ୍ମୀରରେ ମାନବାଧିକାର ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ ଆଣିବା ପରେ ଏହି ପଡୋଶୀ ଦେଶ ଉପରେ ପ୍ରବଳ ବର୍ଷିଛି ଭାରତ। ଜେନେଭାରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପୱନ ବାଧେ ଜାତିସଂଘର ୪୮ ତମ ଅଧିବେଶନରେ ନୂଆଦିଲ୍ଲୀ ପକ୍ଷରୁ ପ୍ରତିନିଧିତ୍ୱ କରି କହିଥିଲେ, ଆତଙ୍କବାଦୀଙ୍କୁ ଖୋଲାଖୋଲି ଭାବେ ତାଲିମ, ଅର୍ଥ ଏବଂ ଅସ୍ତ୍ର ଯୋଗାଉଥିବା ଦେଶ ଭାବରେ ପାକିସ୍ତାନ ବିଶ୍ୱରେ ଜଣାଶୁଣା। ପାକିସ୍ତାନର ଅନେକ ଆତଙ୍କବାଦୀଙ୍କୁ ଜାତିସଂଘ ନିଷିଦ୍ଧ ଘୋଷଣା କରିଛି। ପାକିସ୍ତାନ ଏହାର ସରକାରୀ ନୀତି ଭାବେ ଆତଙ୍କବାଦୀଙ୍କ ଲାଳନପାଳନ କରେ।

କଶ୍ମୀର ପ୍ରସଙ୍ଗରେ ପାକିସ୍ତାନର ମନ୍ତବ୍ୟ ଏବଂ ଅର୍ଗାନାଇଜେଶନ ଅଫ୍ ଇସ୍‌ଲାମିକ୍ କୋଅପେରେଶନ (ଓଆଇସି)ର ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେବାର ଅଧିକାର ବ୍ୟବହାର କରି ପୱନ ବାଧେ କହିଥିଲେ, ଭାରତ କେବଳ ବିଶ୍ୱର ବୃହତ୍ତମ ଗଣତନ୍ତ୍ର ନୁହେଁ ବରଂ ଦୃଢ଼ ଭାବେ ଗଣତାନ୍ତ୍ରିକ ନୀତିକୁ କାର୍ଯ୍ୟକାରୀ କରୁଛି। କିନ୍ତୁ ଆତଙ୍କବାଦର କେନ୍ଦ୍ରସ୍ଥଳୀ ପାଲଟିଥିବା ଏବଂ ମାନବାଧିକାର ଉଲ୍ଲଂଘନ କରୁଥିବା ପାକିସ୍ତାନ ଭଳି ବିଫଳ ଦେଶଠାରୁ କୌଣସି ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ନାହିଁ। ସେହିପରି ଓଆଇସି ମଧ୍ୟ ଏତେ ଅସହାୟ ହୋଇପଡ଼ିଛି ଯେ ଏହି ସଙ୍ଗଠନ ନିଜକୁ ପାକିସ୍ତାନ ନିକଟରେ ବନ୍ଧା ପକାଇଦେଇଛି ବୋଲି କହି ପୱନ ଦୃଢ଼ ସମାଲୋଚନା କରିଥିଲେ।



ପୱନ ବାଧେ

## ୪ ଦିନରେ ୩ ଏନ୍‌ଇଇଟି ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

ଚେନ୍ନାଇ, ୧୫।୯

ଏନ୍‌ଇଇଟି ଦେଇଥିବା ଆଉ ଜଣେ ଡାକ୍ତରୀ ଶିକ୍ଷା ଆଶାୟୀ ୧୭ ବର୍ଷୀୟା ଛାତ୍ରୀ ବୁଧବାର ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ମିଶାଇ ୪ ଦିନରେ ୩ ଡାକ୍ତରୀ ଶିକ୍ଷା ଆଶାୟୀ ଆତ୍ମହତ୍ୟା କଲେଣି। ଉକ୍ତ ଛାତ୍ରୀ ଜଣକ ଜଣେ ଦିନ ମଜୁରିଆଙ୍କ ଝିଅ। ସେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୮୪.୯ ପ୍ରତିଶତ ନମ୍ବର ରଖିଥିଲେ। ଏନ୍‌ଇଇଟିରେ କୃତକାର୍ଯ୍ୟ ହୋଇ ନ ପାରିବା ଆଶଙ୍କାରେ ସେ ଜୀବନ ଦେଇଛନ୍ତି। ମଙ୍ଗଳବାର ଜଣେ ୧୭ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଥିଲେ। ପରୀକ୍ଷା ଦେବା ପୂର୍ବରୁ ରବିବାର ଜଣେ ୧୯ ବର୍ଷୀୟ ଛାତ୍ର ଜୀବନ ହାରିଥିଲେ। ବିନା ପ୍ରବେଶିକା ପରୀକ୍ଷାରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନମ୍ବର ଆଧାରରେ ଡାକ୍ତରୀ ଶିକ୍ଷାରେ ନାମଲେଖା ପାଇଁ ତାମିଲନାଡୁ ସରକାର ସୋମବାର ବିଧାନସଭାରେ ବିଲ୍ ଗୃହୀତ କରାଇଥିଲେ।

## ଝାଡ଼ଖଣ୍ଡ: ଦୁର୍ଘଟଣାରେ ୮ ମୃତ

ରାମଗଡ଼, ୧୫।୯(ପି.ଟି.)

ଝାଡ଼ଖଣ୍ଡର ରାମଗଡ଼ ଜିଲାରେ ବୁଧବାର ଦୁଇଟି ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ସକାଳ ୮ଟା ସମୟରେ ରାମଗଡ଼-କୋଲା ମୁଖ୍ୟ ରାସ୍ତାରେ ଏକ ବସ୍‌କୁ ମୁହାଁମୁହିଁ ଧକ୍କା ଦେବା ପରେ କାର୍‌ଟି ଜଳିଯାଇଥିଲା। ଏଥିରେ ଥିବା ୫ ଜଣ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ବସ୍ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ପୁରୁଷ, ୨ ମହିଳା ଓ ଜଣେ ନାବାଳକ ଅଛନ୍ତି। ଏହାର କିଛି ସମୟ ପରେ ଉକ୍ତ ଜିଲାର ବୋଙ୍ଗାବାର ଗ୍ରାମ ନିକଟ ଜାତୀୟ ରାଜପଥରେ ଏକ ଗାଡ଼ି ଡିଭାଇଡରକୁ ଧକ୍କା ଦେଇ ଓଲଟି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



## ନିର୍ବାଚନୀ ଇସ୍ତାହାରରେ କ୍ୟାଶ୍ ଟ୍ରାନ୍ସଫର

# ଦୁର୍ନୀତି ଘୋଷଣା ନେଇ ଇସିଙ୍କୁ ନୋଟିସ

ନୂଆଦିଲ୍ଲୀ, ୧୫।୯(ପି.ଟି.)

ନିର୍ବାଚନୀ ଗାଇଡ୍‌ଲାଇନର ଉଲ୍ଲଂଘନ କରୁଥିବା ରାଜନୈତିକ ଦଳଗୁଡ଼ିକ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ବୁଧବାର ଦିଲ୍ଲୀ ହାଇକୋର୍ଟ ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛନ୍ତି। ଏଥିସହିତ ବିଭିନ୍ନ ଦଳ ନିର୍ବାଚନୀ ଇସ୍ତାହାରରେ କ୍ୟାଶ୍ ଟ୍ରାନ୍ସଫର କଥା କହୁଥିବାରୁ ଏହାକୁ ଦୁର୍ନୀତି ଭାବେ ଘୋଷଣା କରିବା ପାଇଁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ନିର୍ବାଚନ କମିଶନଙ୍କୁ ଜବାବ ମାଗିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣରେ କୁଣ୍ଠା କାହିଁକି? କେବଳ ନୋଟିସ୍ ଏବଂ ପତ୍ର ନ ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ଜ୍ୟୋତି ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକୁ ନେଇ ନିର୍ବାଚନ କମିଶନ ଗାଇଡ୍‌ଲାଇନ ଜାରି କରିବା ସହ ରାଜନୈତିକ ଦଳଗୁଡ଼ିକ ନିକଟକୁ ତାହା ପଠାଯାଇଥିବା ଇସିଙ୍କ ଓକିଲ କହିଥିଲେ। ତେବେ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେଉନି କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। 'ଭୋଟ ପାଇଁ ନୋଟ୍' ପ୍ରତିଶ୍ରୁତି ଜନପ୍ରତିନିଧି ଆଇନର



ଧାରା ୧୨୩ର ଉଲ୍ଲଂଘନ ହୋଇଥିବାରୁ ହାଇକୋର୍ଟ ଏହା ଉପରେ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି।

୨୦୧୯ ସାଧାରଣ ନିର୍ବାଚନ ବେଳେ ସମାଜର ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ଭାରତୀୟ ଜାତୀୟ କଂଗ୍ରେସ (ଆଇଏନ୍‌ସି) ଏବଂ ତେଲୁଗୁ ଦେଶମ ପାର୍ଟି (ଟିଡିପି) ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିଲେ। ନ୍ୟୂନତମ ଆୟ ଯୋଜନା (ନ୍ୟାୟ)ରେ ଆର୍ଥିକ ଦୁର୍ବଳ ଶ୍ରେଣୀ ପରିବାରକୁ ବର୍ଷକୁ ୭୨,୦୦୦ ଟଙ୍କା ଯୋଗାଇ ଦିଆଯିବ ବୋଲି କଂଗ୍ରେସ କହିଥିଲା। ଏନେଇ ଖଣ୍ଡପୀଠ କଂଗ୍ରେସ ଏବଂ ଟିଡିପିକୁ ଜବାବ ମାଗିଛନ୍ତି। ଆଇନଜୀବୀ ପରାଶର ନାରାୟଣ ଶର୍ମା ଏବଂ କ୍ୟାପ୍‌ଟେନ୍ ଗୁର୍‌ବିନ୍ଦର ସିଂଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ବିନା କାମରେ ନିର୍ବାଚନୀ ଇସ୍ତାହାରରେ ଟଙ୍କା ଯଚାଯିବାକୁ ବେଆଇନ ଘୋଷଣା କରାଯିବା ନିମନ୍ତେ ସେମାନଙ୍କ ଓକିଲ ଦାବି କରିଥିଲେ। ବିନା କାର୍ଯ୍ୟରେ ଲୋକଙ୍କୁ ଟଙ୍କା ଦେଲେ ଦେଶର ଶିଳ୍ପ, କୃଷି ସବୁ ବରବାଦ ହୋଇଯିବ। ଦୁର୍ନୀତି ଉପାୟରେ ନୁହେଁ, ସ୍ୱଚ୍ଛ ଓ ନିରପେକ୍ଷତାର ସହ ନିର୍ବାଚିତ ସରକାର ଉପରେ ଗଣତନ୍ତ୍ରର ସଫଳତା ନିର୍ଭର କରେ ବୋଲି ଆଇନଜୀବୀ ଅମରଦୀପ ମାଇନି କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୪କୁ ଧାର୍ଯ୍ୟ ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୬୯,୨୮,୭୩୯ | ୪୬,୬୭,୩୯୯ | ୨୦,୩୬,୮୯,୪୭୪ |
| ଭାରତ | ୩,୩୩,୩୯,୩୭୫ | ୪,୪୩,୮୬୫ | ୩,୨୫,୪୪,୯୧୮ |
| ଓଡ଼ିଶା | ୧୦,୧୭,୭୧୮ | ୮୧୧୪(+୫୩) | ୧୦,୦୩,୬୦୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବେଦାନ୍ତ ସିକ୍ୟୁରିଟି ଅଧିକାରୀଙ୍କ ନାମରେ ଅପହରଣ ଅଭିଯୋଗ

**ଝାରସୁଗୁଡ଼ା ଅଫିସ,୧୫।୯**

କେହି ଦୋଷ କଲେ ତାଙ୍କୁ ଦଣ୍ଡିତ କରିବା ପାଇଁ ଆମ ଦେଶରେ ଆଇନ ଅନୁଯାୟୀ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ କେତେକ ସଂସ୍ଥା ଓ ବ୍ୟକ୍ତିବିଶେଷ ପ୍ରଜାକୋର୍ଟ ମାଧ୍ୟମରେ ଲୋକଙ୍କୁ ଦଣ୍ଡ ଦେବା ପାଇଁ ପଛାଇ ନ ଥାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଝାରସୁଗୁଡ଼ା ଭୂର୍କାମୁଣ୍ଡାସ୍ଥିତ ବେଦାନ୍ତ କମ୍ପାନୀରେ। କମ୍ପାନୀର ସିକ୍ୟୁରିଟି ଅଧିକାରୀମାନେ ଆଇନ ହାତକୁ ନେଇ ଜଣେ ସ୍ଥାନୀୟ ଲୋକଙ୍କୁ ୧୫ଦିନ ଧରି ଅପହରଣ ପରେ ପ୍ରକଳ୍ପ ପରିସରରେ ଅଟକରଖି ମାନସିକ ଓ ଶାରୀରିକ ନିର୍ଯାତନ ଦେଇଥିଲେ। ଏହି ଅଭିଯୋଗ ଆଣିଛନ୍ତି ବଡମାଲ ଥାନା ବଞ୍ଜାରୀ ଗ୍ରାମର ବିହାରୀ ଓରାମଙ୍କ ପୁଅ ଦିଲୀପ। ଏ ନେଇ ସେ ବେଦାନ୍ତ କମ୍ପାନୀର ସିକ୍ୟୁରିଟି ଅଧିକାରୀ ରାଜେଶ ଯାଦବ, ମୁକେଶ ଦିବାକର ଓ ପାଣ୍ଡେଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୪୧, ୩୪୨, ୩୨୩, ୨୯୪, ୫୦୬, ୩୪ ଏବଂ ଏସ୍‌ସିଏସ୍‌ଟି ଆକ୍ଟରେ ଗତ ୧୦ତାରିଖରେ ଏକ ମାମଲା (ନଂ୧୭୧/୨୧) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ କମ୍ପାନୀର କେତେଜଣ ସିକ୍ୟୁରିଟି ଅଧିକାରୀଙ୍କୁ ଥାନାରେ ଅଟକରଖି ପଚରାଉଚରା କରୁଛି। ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି, ଅଭିଯୋଗକୁ ନେଇ ତଦନ୍ତ ଚାଲିଛି। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନା ଅନୁସାରେ ଗତ ୨୫ତାରିଖରୁ ବିହାରୀ ଓରାମ (୫୫) ନିଖୋଜ ଥିଲେ। ନିଖୋଜର ୨ଦିନ ପରେ ତାଙ୍କ ପୁଅ ଦିଲୀପ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନା କେସ୍ (ନଂ୧୫/୨୧)ରେ ଏକ ନିଖୋଜ ମାମଲା ରୁଜୁ କରି ଖୋଜାଖୋଜି କରିଥିଲା। ହେଲେ ବିହାରୀଙ୍କ କୌଣସି ପତ୍ତା ମିଳି ନ ଥିଲା। ଏ ସମ୍ପର୍କରେ ପ୍ରଚାର ହେବା ପରେ ବେଦାନ୍ତ ପ୍ରକଳ୍ପକୁ କାମ କରିବାକୁ ଯାଉଥିବା ଗ୍ରାମର କେତେଜଣ ମହିଳା କମ୍ପାନୀ ସିକ୍ୟୁରିଟିମାନେ ବିହାରୀଙ୍କୁ ଧରିନେଇଥିବା କହିଥିଲେ। ଏହା ଜଣାପଡିବା ପରେ ଗ୍ରାମବାସୀ କମ୍ପାନୀ ବିରୋଧରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିଲେ। ଏ ଖବର ପାଇ କମ୍ପାନୀ ସିକ୍ୟୁରିଟିମାନେ ଅଟକର ୧୫ଦିନ ପରେ ଅର୍ଥାତ୍ ଗତ ୯ତାରିଖରେ ବିହାରୀଙ୍କୁ ନେଇ ଗାଁମୁଣ୍ଡରେ ଛାଡିଦେଇଥିଲେ। ବିହାରୀ ଘରକୁ ଯାଇ ଘଟଣା ସମ୍ପର୍କରେ କହିବା ପରେ ପୁଅ ଦିଲୀପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ବାପାଙ୍କୁ ବେଦାନ୍ତ କମ୍ପାନୀର ସିକ୍ୟୁରିଟିମାନେ ବଳପୂର୍ବକ ଉଠାଇନେଇ ପ୍ରକଳ୍ପ ପରିସରରେ ରଖି ନିର୍ଯାତନା ଦେଇଥିଲେ। ଏହାସହିତ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଫଳରେ ତାଙ୍କ ବାପା ମାନସିକ ଓ ଶାରୀରିକ ଭାବେ ଅସୁସ୍ଥ ହୋଇପଡିଛନ୍ତି। ଯଦି ବାପା କିଛି ଭୁଲ କରିଥିଲେ ତା'ହେଲେ କମ୍ପାନୀ ତାଙ୍କୁ ପୋଲିସରେ ଦେଇପାରିଥାନ୍ତେ। ପୋଲିସ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା। ୧୫ଦିନ ଧରି ଅଟକରଖି ନିର୍ଯାତନା ଦେବା ଅଧିକାର ବେଦାନ୍ତ କମ୍ପାନୀକୁ କିଏ ଦେଲା। ଆଦିବାସୀ ଶ୍ରେଣୀର ହୋଇଥିବାରୁ କମ୍ପାନୀ ତାଙ୍କୁ ଏଭଳି ନିର୍ଯାତନା ଦେଇଛି। ଏ ଦିଗରେ ତଦନ୍ତ କରାଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ଏ ନେଇ କମ୍ପାନୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତ୍ୟୁଷ ଜେନା କହିଛନ୍ତି, ଅଭିଯୋଗ ପରେ କମ୍ପାନୀର ମୁଖ୍ୟ ସିକ୍ୟୁରିଟି ଅଧିକାରୀଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ପଚରାଉଚରା ପରେ ଛାଡିଦେଇଛି। ଏଥିରେ କମ୍ପାନୀର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି।


ବିହାରୀ ଓରାମ

# ଓଡ଼ିଶାକୁ ମିଳିବ 'ପୋଷକ ଅନାଜ ଆୱାର୍ଡ'

## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୧୫।୯(ବ୍ୟୁରୋ):** ମିଲେଟ୍(ମାଣ୍ଡିଆ, ମକା, ବାଜରା, ଯଅ ଭଳି ଶସ୍ୟ) ଚାଷକୁ ପ୍ରୋତ୍ସାହନ ଦେଉଥିବା ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଶ୍ରେଷ୍ଠ ବିବେଚିତ ହୋଇଛି। ଓଡ଼ିଶା ମିଲେଟ୍ ମିଶନକୁ ପୂର୍ବରୁ ନୀତି ଆୟୋଗ ପ୍ରଶଂସା କରିଛି। ଏଥିପାଇଁ ଆଇସିଏଆର୍-ଆଇଆଇଏମ୍‌ଆର ଓ ଏଫ୍‌ଏଓ ପକ୍ଷରୁ ଓଡ଼ିଶାକୁ ପୋଷକ ଅନାଜ ଆୱାର୍ଡ ମିଳିବ। ହାଇଦ୍ରାବାଦର ଜାତୀୟ କନ୍‌ଭେନଶନରେ ଆସନ୍ତା ୧୭ ତାରିଖରେ ଓଡ଼ିଶାକୁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ପୁରସ୍କୃତ କରାଯିବ। ଓଡ଼ିଶା ମିଲେଟ୍ ମିଶନର ସଫଳତା ପାଇଁ ଆଦିବାସୀ ଚାଷୀ, ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏଫ୍‌ପିଓ, ବିଦ୍ୟୁତ୍ ବିଭାଗ, ଏନ୍‌ସିଡିଏସ୍, ସ୍ୱେଚ୍ଛାସେବୀ ସଂଗଠନ ପ୍ରମୁଖଙ୍କ ସହଭାଗିତାକୁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପ୍ରଶଂସା କରିଛି। ମିଲେଟ୍ ମିଶନର ସଫଳତା ପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାରେ ମାଣ୍ଡିଆ ଉତ୍ପାଦନ ବୃଦ୍ଧି ମାଧ୍ୟମରେ କୃଷକମାନଙ୍କୁ ବିବିଧ କୃଷି ପାଇଁ ପ୍ରୋତ୍ସାହିତ କରିବା ଏବଂ ଖାଦ୍ୟରେ ମାଣ୍ଡିଆର ବହୁଳ ବ୍ୟବହାର ମାଧ୍ୟମରେ ପୁଷ୍ଟିସାଧନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ୨୦୧୭ ମସିହାରେ ଓଡ଼ିଶା ମିଲେଟ୍ ମିଶନ ଆରମ୍ଭ କରାଯାଇଥିଲା। ମାଣ୍ଡିଆ ଉତ୍ପାଦନ ବୃଦ୍ଧି ସହ ବଜାର ସୃଷ୍ଟି ନିମନ୍ତେ ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଣ୍ଡିଆକୁ ସାମିଲ କରିବା ନେଇ ବହୁମୁଖୀ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଛି।





ଅନୁଗୋଳ ଜିଲା ଡେରଜାଙ୍ଗ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ବନ୍ଦ ହେବା ପରେ ବୁଧବାର ଛେଳିଆପଡାସ୍ଥିତ ଲିଙ୍ଗରା ନାଳ ପୋଲ ତଳେ ଶତାଧିକ ଲୋକ ମାଛ ଧରୁଛନ୍ତି।

# ନିର୍ଦ୍ଦେଶିକାଙ୍କୁ ମିଳିଲା ଜାମିନ

## ନକଲି ଔଷଧ କାରବାର ମାମଲା
### ୨ କର୍ମଚାରୀଙ୍କ ଆବେଦନ ଖାରଜ

**କଟକ ଅଫିସ,୧୫।୯:** କଟକ ନକଲି ଔଷଧ କାରବାରର ଅଭିଯୁକ୍ତ ତଥା ଔଷଧ ବିତରଣ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ମଞ୍ଜୁର କରିଛନ୍ତି। ତେବେ ଜାମିନରେ ଯାଇଥିବାବେଳେ ସେ ତଦନ୍ତରେ କ୍ରାଇମବ୍ରାଞ୍ଚକୁ ସହଯୋଗ କରିବେ। ଏହି ସମୟରେ କାହାକୁ ପ୍ରଭାବିତ କରିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ଅନ୍ୟପଟେ ଗିରଫ ହୋଇଥିବା କମ୍ପାନୀର ମ୍ୟାନେଜର ପ୍ରୀତିରଞ୍ଜନ ପରିଡ଼ା ଓ ଗୋଦାମ ଇନଚାର୍ଜ ସତ୍ୟପ୍ରକାଶ ମହାନ୍ତିଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଦେବବ୍ରତ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଏହି ଶୁଣାଣି କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ ୧୧ରେ ସ୍ଥାନୀୟ କନିକା ଛକ ନିକଟ ଔଷଧ ବିତରଣ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ୍ ଲିମିଟେଡରେ ଡ୍ରଗ୍ସ କଣ୍ଟ୍ରୋଲର ଚଢାଉ କରି ୬୯ ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଫାବିପିରାଭିର ଓ ଅନ୍ୟ କିଛି ଔଷଧ ଜବତ କରିଥିଲେ। ଏହି କମ୍ପାନୀ ମୁମ୍ବାଇର ମାକ୍ସ ରିଲିଫ ହେଲଥ କେୟାର କମ୍ପାନୀରୁ ବହୁ କମ୍ ଦାମରେ ଔଷଧ ଆମଦାନୀ କରୁଥିଲା। ଏପରିକି ଷ୍ଟ୍ରିପ୍ ପିଛା ୬୫ ଟଙ୍କାରେ କିଣି ୧୨୯୦ ଟଙ୍କା ଲେଖାଏ ବିକ୍ରି କରିବାକୁ ଯୋଜନା କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପରେ ଜୁନ ୨୪ରେ ନକଲି ଔଷଧ କାରବାର ଘଟଣାରେ ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀ, ପରିଚାଳନା ନିର୍ଦ୍ଦେଶକ ଶିବ ପ୍ରସନ୍ନ ଜେନା ଏବଂ ଉପରୋକ୍ତ କର୍ମଚାରୀ ଦ୍ୱୟଙ୍କୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଗିରଫ କରିଥିଲା।




# ନଦୀରେ ଭାସିଗଲେ ବାପ, ପୁଅ

**ବରୀ,୧୫।୯(ଡି.ଏନ.ଏ.):** ଯାଜପୁର ଜିଲା ବରୀ ବ୍ଲକ ବାଲିଆ ପଞ୍ଚାୟତ ଅଧୀନ ଗଙ୍ଗାଧରପୁର ଗ୍ରାମର କୁଶ ସିଂ(୫୭) ଓ ତାଙ୍କ ପୁଅ କୈଳାସ ସିଂ(୨୭) ବୁଧବାର ଅପରାହ୍ନ ପ୍ରାୟ ୩ଟା ସମୟରେ ବ୍ରାହ୍ମଣୀର ବନ୍ୟା ସ୍ରୋତରେ ଭାସି ଯାଇଛନ୍ତି। ବରୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ପାଇ ନ ଥିଲେ। ମିଳିଥିବା ସୂଚନା ଅନୁସାରେ, ବାପ,ପୁଅ ଘରଠାରୁ କିଛି ଦୂରରେ ଥିବା ଗୁହାଳରୁ ତାଙ୍କର ଏକ ବାଛୁରିକୁ ଆଣିବା ପାଇଁ ଗଙ୍ଗାଧରପୁର ରୋଡ୍‌ରେ ଯାଉଥିଲେ। ତେବେ ଏହି ରୋଡ୍‌ଦେଇ ବନ୍ୟାଜଳର ପ୍ରବଳ ସ୍ରୋତ ଥିବାରୁ ଉଭୟ ଆଗକୁ ଯାଇ ନ ପାରି ଭାସି ଯାଇଥିଲେ। ସୁଅ ଏତେ ପ୍ରଖର ଥିଲା ଯେ, କେଇଟା ମିନିଟରେ ସେମାନେ ନିରୁଦ୍ଦିଷ୍ଟ ହୋଇ ଯାଇଥିଲେ। ସ୍ୱାଇଁଖଣ୍ଡ ପାଟ ଆଡକୁ ଭାସି ଯାଇଥିବାରୁ ଅଗ୍ନିଶମ ବାହିନୀ ସେଠାରେ ଖୋଜାଖୋଜି କରିଥିଲେ। ତେବେ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ଅଧାରେ ବନ୍ଦ ରହିଛି। ଅନ୍ୟପକ୍ଷରେ ବନ୍ୟାରେ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ସାହୁପଡ଼ା ପଞ୍ଚାୟତର ମାଟିଆପଡ଼ା ନିକଟରେ ଏକ ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁ ସାହୁପଡ଼ା, ଧାରପୁର, ସ୍ୱାଇଁଖଣ୍ଡ ଓ ବାଲିଆ ଅଞ୍ଚଳର ବହୁ ଗ୍ରାମ ଜଳମଗ୍ନ ହୋଇଛି। ଲୋକେ ବହୁ ଅସୁବିଧାରେ ରହିଛନ୍ତି।


ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରୁଛନ୍ତି।

# ୨.୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ଭୁବନେଶ୍ୱର,୧୫।୯(ବ୍ୟୁରୋ):** ଭୁବନେଶ୍ୱରରେ ଗଞ୍ଜେଇ ଚୋରାଚାଲାଣ ସହ ବେପାର କରୁଥିବାବେଳେ ମଞ୍ଚେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଧୂରୁକୁଟି ବସ୍ତିରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ପଙ୍କପାଳ ଗ୍ରମର ଗୌତମ ଦିଙ୍ଗଲ(୨୮)। ତାଙ୍କଠାରୁ ଦୁଇଟି ବ୍ୟାଗରେ ଭର୍ତ୍ତି ଥିବା ୨୩ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ହେବ। ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ-୨୭୪/୨୧) ରୁଜୁ କରି ବୁଧବାର ତାଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗୌତମ ଦୁଇଟି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ଧୂରୁକୁଟି ବସ୍ତି ରାସ୍ତାରେ ଆସୁଥିଲେ। ଏନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଧରି ଯାଞ୍ଚ କରିବାରୁ ବ୍ୟାଗରୁ ଗଞ୍ଜେଇ ମିଳିଥିଲା। ତେବେ ସେ କେତେଦିନ ହେଲା ଗଞ୍ଜେଇ କାରବାର କରୁଛନ୍ତି, କେଉଁଠୁ ଆଣି କାହାକୁ ବିକ୍ରି କରୁଥିଲେ ଓ ଏଥିରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ତାହାର ତଦନ୍ତ କରୁଛି ପୋଲିସ।


ଗିରଫ ଗୌତମ ଦିଙ୍ଗଲ

# ସଙ୍କଟରେ ୟେଲୋ ମନିଟର ଲିଜାର୍ଡ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ମାଂସ ଓ ଚମଡ଼ା ପାଇଁ ଅବାଧ ଗୋଧି ଶିକାର ଚାଲିଛି। ଫଳରେ ଆଜି ଏହି ନିରୀହ ଭାରତୀୟ ବିଷହୀନ ସରୀସୃପ ଲୁପ୍ତ ପ୍ରାୟ ହେବାକୁ ବସିଲାଣି। ନିକଟରେ ପ୍ରକାଶିତ ଇଣ୍ଟରନ୍ୟାଶନାଲ ୟୁନିଅନ ଫର୍ କଞ୍ଜରଭେଶନ ଅଫ୍ ନେଚର(ଆଇୟୁସିଏନ୍) ରେଡ୍ ଲିଷ୍ଟର ସଂକଟଗ୍ରସ୍ତ ପ୍ରଜାତି ତାଲିକାରେ ୟେଲୋ ମନିଟର ଲିଜାର୍ଡ (Varanus flavesens) ବା ସୋରିଷିଆ ଗୋଧିକୁ ଏନ୍‌ଡେଞ୍ଜରଡ ବା 'ବିଲୁପ୍ତ ପ୍ରାୟ' ପ୍ରାଣୀ ତାଲିକାରେ ସ୍ଥାନ ପାଇଛି। ଏହି ଗୋଧି ପ୍ରଜାତି ମୁଖ୍ୟତଃ ପାକିସ୍ତାନ, ନେପାଳ, ଭୁଟାନ, ବାଂଲାଦେଶ ଓ ଭାରତରେ ଦେଖିବାକୁ ମିଳନ୍ତି। ବାସସ୍ଥାନ ଅଭାବ ଓ ବେପାର (ଶିକାର) ଯୋଗୁ ଏହି ଗୋଧିଙ୍କ ସଂଖ୍ୟା ପ୍ରାୟ ୫୦-୬୦ ପ୍ରତିଶତ ହ୍ରାସ ପାଇଛି। ସେଥିପାଇଁ ଏହାକୁ ବିଲୁପ୍ତ ହେବାକୁ ଥିବା ପ୍ରଜାତି ତାଲିକାଭୁକ୍ତ କରାଯାଇଛି। ଆବଶ୍ୟକ ସୁରକ୍ଷା ନ ମିଳିଲେ ସୋରିଷିଆ ଗୋଧି ଧରା ପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ ବୋଲି ପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ସୋରିଷିଆ ଗୋଧି ନଦୀବନ୍ଧ, କେନାଲ ଏବଂ ଧାନ ବିଲ ସମେତ ଆର୍ଦ୍ର ଭୂମି ଅଞ୍ଚଳରେ ବାସ କରିଥାନ୍ତି। ଉଭୟ ମାଈ ଓ ଅଣ୍ଡିରା ଗୋଧି ଜନ୍ମର ତୃତୀୟ ଓ ଚତୁର୍ଥ ବର୍ଷ ମଧ୍ୟରେ ପ୍ରାପ୍ତ ବୟସ୍କ ହୁଅନ୍ତି। ଗୋଟିଏ ଗୋଧି ୯ରୁ ୧୦ ବର୍ଷ ଯାଏ ବଞ୍ଚିପାରନ୍ତି। ଗୋଟିଏ ମାଈ ଗୋଧି ଥରକେ ୪ ରୁ ୩୦ ଯାଏ ଅଣ୍ଡା ଦେଇଥାଏ। ୧୫୫ ରୁ ୨୫୦ ଦିନ ମଧ୍ୟରେ ଅଣ୍ଡାଗୁଡ଼ିକ ଛୁଆ ଫୁଟିଥାନ୍ତି। ଭାରତରେ ଏହି ଗୋଧିର ଚାହିଦା ଢେର ଅଧିକ। ଯଦିଓ ଏହା ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ତଫସିଲ ୧ ତାଲିକା ଭୁକ୍ତ ସରୀସୃପ, କିନ୍ତୁ ଅନେକ ସମୟରେ ଗୋଧି ଶିକାର ରୋକିବା ବା ଶିକାରୀଙ୍କୁ ଧରିବା ପାଇଁ ନା ବନ ବିଭାଗ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉଛି ଅବା ଲୋକଙ୍କୁ ସଚେତନ କରାଯାଉଛି। ଧର୍ମ ଆଡୁଆଳ ଓ ଖାଦ୍ୟ ପାଇଁ ନିରୀହ ଗୋଧି କାହିଁ କେଉଁ କାଳରୁ ଶିକାର ହୋଇ ଆସୁଛନ୍ତି। ଓଡ଼ିଶାର ଢେଙ୍କାନାଳ ଜିଲାର ଜୋରନ୍ଦାଠାରେ ମାଘ ମେଳା ସମୟରେ ଶହ ଶହ ଗୋଧି ଚମଡ଼ା ଓ ଖଞ୍ଜଣି ବିକ୍ରି ହୁଏ। ଏହି ପ୍ରଜାତି ଗୋଧିଙ୍କ ଚମଡ଼ାର ରଙ୍ଗ ହଳଦିଆ ହୋଇଥିବାରୁ ଅଧିକ ମୂଲ୍ୟ ବା ଚାହିଦା ରହିଛି। ଯେଉଁଥିପାଇଁ ଆଜି ଏହି ଗୋଧି ପ୍ରଜାତି ବିପଦରେ। ଖାଲି ସେତିକି ନୁହେଁ, ଗୋଧି ଅଣ୍ଡାକୁ କିଛି ଲୋକ ଖାଇବାକୁ ମଧ ଭଲ ପାଆନ୍ତି। ଏ ନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଆଇନ ଆଖିରେ ସମସ୍ତେ ସମାନ ହେବା କଥା। ହେଲେ ବନ କର୍ମଚାରୀମାନେ ହାତୀ, ବାଘ ଆଦି ସିଡ୍ୟୁଲ-୧ ପଶୁଙ୍କ ପ୍ରତି ଯେତିକି ତତ୍ପରତା ଦେଖାନ୍ତି, ଗୋଧି ଭଳି ଛୋଟ ସିଡ୍ୟୁଲ-୧ ପଶୁଙ୍କ କ୍ଷେତ୍ରରେ ଆଦୌ ସେଭଳି ପଦକ୍ଷେପ ନିଅନ୍ତି ନାହିଁ। ଏବେ ସମୟ ଆସିଛି ବନ ବିଭାଗ ଗୋଧି, କଇଁଚ, ଶାରୀ ଭଳି ସିଡ୍ୟୁଲ-୧ ପଶୁପକ୍ଷୀଙ୍କ ପାଇଁ ନିଜର ଦୃଷ୍ଟିଭଙ୍ଗୀ ବଦଳାଇବା ଉଚିତ, ନ ହେଲେ ଗୋଧି ବଂଶ ପୃଥିବୀରୁ ସମ୍ପୂର୍ଣ୍ଣ ଲୁପ୍ତ ହେବାକୁ ଅଧିକ ସମୟ ଲାଗିବ ନାହିଁ।





**ଆଜିର ମନ୍ତବ୍ୟ**

ଜନ ପ୍ରତିନିଧିମାନଙ୍କ ଅସଂସଦୀୟ ଆଚରଣ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଛବି ଖରାପ କରିଛି।
**-ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ତପସ୍ୱିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଗୁପ୍ତ ତଥ୍ୟ ପ୍ରଘଟରେ ...

ପଠାଉଥିଲେ। ଅନ୍ତର୍ଜାତୀୟ କଲ୍ ମାଧ୍ୟମରେ ତଥ୍ୟ ଆଦାନ ପ୍ରଦାନ ହେଉଥିଲା। ଅର୍ଥ ଲୋଭ ଓ ଯୁବତୀଙ୍କ ପ୍ରେମରେ ୪ଠିକା କର୍ମଚାରୀ ଫସିଯାଇଥିଲେ। ସେମାନେ ହେଲେ ଆଇଟିଆର୍ ୩ନଂ ଲଞ୍ଚ ପ୍ୟାଡ୍‌ରେ ଏସି ଅପରେଟର ଭାବେ କାର୍ଯ୍ୟ କରୁଥିବା ଚାନ୍ଦିପୁର ଥାନା ଖାମ୍ଭୁରା ଗ୍ରାମର ବସନ୍ତ ବେହେରା (୫୨) ଓ ଶ୍ରୀକୋଣା ଗ୍ରାମର ଏସ୍‌କେ ମୁଶାଫିର (୩୨), ଡିଜି ଅପରେଟର ଭାବେ କାମ କରୁଥିବା ସଦର ଥାନା ଅନ୍ତର୍ଗତ ବୁଆଁଳ ଗ୍ରାମର ହେମନ୍ତ କୁମାର ମିଶ୍ର (୫୨), ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ଅଧୀନ ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ (୪୧)। ମଙ୍ଗଳବାର ସମସ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ସେଠାରୁ ସେମାନଙ୍କୁ ବାଲେଶ୍ୱର ଜିଲା କାରାଗାରକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଚାନ୍ଦିପୁର ଥାନାରେ ଆଇପିସି ଦଫା ୧୨୦(ବି), ୧୨୧(ଏ), ୩୪ ଏବଂ ଅଫିସିଆଲ ସିକ୍ରେଟ ଆକ୍ଟର ଦଫା ୩, ୪ ଓ ୫ରେ ଏକ ମାମଲା (ନଂ.୭୬/୨୧) ରୁଜୁ କରାଯାଇଛି। ଏନେଇ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ଗୁପ୍ତତଥ୍ୟ ଲିକ୍ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ। କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ବିଶୋୟୀଙ୍କ ନେତୃତ୍ୱରେ ୪ଜଣିଆ ତଦନ୍ତକାରୀ ଦଳ ବୁଧବାର ବାଲେଶ୍ୱର ଗସ୍ତ କରିଥିବା କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଉକ୍ତ ତଦନ୍ତକାରୀ ଟିମ୍‌କୁ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ପାକିସ୍ତାନର ଜନୈକା ଯୁବତୀ ସୋସିଆଲ ମିଡିଆ(ଫେସବୁକ୍) ମାଧ୍ୟମରେ ଡିଆର୍‌ଡିଓରେ କାର୍ଯ୍ୟରତ ଜଣେ ୪ର୍ଥ ଶ୍ରେଣୀ ଠିକା କର୍ମଚାରୀଙ୍କ ସମ୍ପର୍କରେ ପ୍ରଥମେ ଆସିଥିଲେ। ତାଙ୍କ ସହିତ ବନ୍ଧୁତା ହେବା ପରେ ଅଭିଯୁକ୍ତ ବସନ୍ତଙ୍କ ସହ ଫେସବୁକ୍ ମାଧ୍ୟମରେ ଯୋଡ଼ି ହୋଇଥିଲେ। ସମୟକ୍ରମେ ଜଣକ ପରେ ଜଣେ ୪ଜଣ କର୍ମଚାରୀ ଉକ୍ତ ଯୁବତୀଙ୍କ ସହିତ ସମ୍ପର୍କ ବଢ଼ାଇଥିଲେ। ଯୁବତୀ ଜଣକ ଚାନ୍ଦିପୁର ଆସି ଡିଆର୍‌ଡିଓ ଭିତରେ ବୁଲିବାକୁ ଆଗ୍ରହ ପ୍ରକାଶ କରିଥିଲେ। ହେଲେ ଧରାପଡ଼ିଯିବାର ସମ୍ଭାବନା ଥିବାରୁ ତାଙ୍କ ମୋବାଇଲ ସିମ୍ କାମ କରିବ ନାହିଁ ବୋଲି କହି ଓଡ଼ିଶାରୁ ଏକ ସିମ୍ କାର୍ଡ ପଠାଇବାକୁ କହିଥିଲେ। ଏପରି କି ଏଥିପାଇଁ ସେ ବସନ୍ତଙ୍କ ବ୍ୟାଙ୍କ ଜମାଖାତାକୁ ୨୦ହଜାର ଟଙ୍କା ପଠାଇଥିଲେ। ଟଙ୍କା ପାଇବା ପରେ ବସନ୍ତ ତୁରନ୍ତ ଏକ ସିମ୍‌କାର୍ଡ଼ ନିଜ ନାମରେ ଆଣି ତାହାର ସଂଖ୍ୟା (ନମ୍ବର) ଯୁବତୀଙ୍କ ପାଖକୁ ପଠାଇଥିଲେ। ଉକ୍ତ ନମ୍ବରରେ ପାକିସ୍ତାନୀ ଯୁବତୀଜଣକ ହ୍ୱାଟ୍‌ସଆପ୍ ଖୋଲିଥିଲେ। ଏଥିରେ ସେ ଅଭିଯୁକ୍ତଙ୍କ ସହିତ ବାର୍ତ୍ତା ପ୍ରେରଣ ଓ କଥାବାର୍ତ୍ତା କରି ଦୈନନ୍ଦିନ କାର୍ଯ୍ୟ ସମ୍ପର୍କରେ ପଚରାଉଚରା କରୁଥିଲେ। ଡିଆର୍‌ଡିଓର ପ୍ରତିଟି ଖବର ଓ ଫଟୋ ଅଭିଯୁକ୍ତମାନେ ହ୍ୱାଟ୍ସଆପ୍‌ରେ ଗୁପ୍ତରେ ପଠାଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ବସନ୍ତଙ୍କ ଜମାଖାତାକୁ ଯୁବତୀ ଜଣକ ବିଭିନ୍ନ ବାହାନାରେ ଲକ୍ଷାଧିକ ଟଙ୍କା ପଠାଇଥିବା ଜଣାପଡ଼ିଛି। ସେହିପରି ଅନ୍ୟମାନଙ୍କ ବ୍ୟାଙ୍କ ଜମାଖାତାକୁ କେତେ ଟଙ୍କା ଆସିଛି ତାହାର ଖୋଳତାଡ଼ କରାଯାଉଛି।

## ମହିଳା ବିରୋଧୀ ହିଂସା...

କରିଛନ୍ତି। ଗତ ୬ ତାରିଖରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟରେ ଯୌତୁକଜନିତ ହତ୍ୟା, ବଳାତ୍କାର ଓ ଅନ୍ୟାନ୍ୟ ମହିଳା ହିଂସା ବଢ଼ିଥିବା ଦର୍ଶାଇଥିଲେ। ଅନ୍ୟପକ୍ଷରେ ରାଜ୍ୟରେ ଆବଶ୍ୟକ ଅନୁଯାୟୀ ଥାନା, ଫାଣ୍ଡି ସ୍ଥାପନ ଏବଂ ପୋଲିସ ପଦବୀ ପୂରଣ ହୋଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଦର୍ଶାଇ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି।

କେବଳ ମହିଳା ବିରୋଧୀ ହିଂସା ନୁହେଁ, ଓଡ଼ିଶାରେ ଅନ୍ୟାନ୍ୟ ଅପରାଧ ୨୦୧୯ ତୁଳନାରେ ୯ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୯ରେ ୧ ଲକ୍ଷ ୨୧ ହଜାର ୫୨୫ ଏବଂ ୨୦୨୦ରେ ୧ ଲକ୍ଷ ୩୪ ହଜାର ୨୩୦ଟି ଅପରାଧ ମାମଲା ରୁଜୁ ହୋଇଛି। ଏ କ୍ଷେତ୍ରରେ ଦେଶରେ ୨୮% ମାମଲା ବଢ଼ିଛି। ୨୦୨୦ରେ ମୋଟ ୨୯,୧୯୩ ଜଣଙ୍କୁ ହତ୍ୟା କରାଯାଇଛି, ଅର୍ଥାତ୍ ଦୈନିକ ହାରାହାରି ୮୦ଟି ହତ୍ୟାକାଣ୍ଡ ଘଟିଛି। ଏଥିରେ ଉତ୍ତରପ୍ରଦେଶ ସର୍ବାଗ୍ରେ ରହିଥିବା ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଛି। ୟୁପିରେ ୩୭୭୯ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ବିହାରରେ ୩,୧୫୦, ମହାରାଷ୍ଟ୍ରରେ ୨,୧୬୩, ମଧ୍ୟପ୍ରଦେଶରେ ୨,୧୦୧, ପଶ୍ଚିମବଙ୍ଗରେ ୧,୯୪୮ ଓ ଦିଲ୍ଲୀରେ ୪୭୨ ହତ୍ୟା ମାମଲା ରୁଜୁ ହୋଇଛି। ପୂର୍ବବର୍ଷ ତୁଳନାରେ ଏହା ୧ ପ୍ରତିଶତ ଅଧିକ। ୨୦୧୯ରେ ମୋଟ ୨୮,୯୧୫ ଜଣଙ୍କୁ ହତ୍ୟା କରାଯାଇଥିଲା। ଅନ୍ୟପକ୍ଷରେ ୨୦୨୦ରେ ଅପହରଣ ସଂଖ୍ୟା ପୂର୍ବବର୍ଷ ତୁଳନାରେ ହ୍ରାସ ପାଇଛି। ୨୦୧୯ରେ ୧,୦୫,୦୩୬ ଅପହରଣ ଘଟିଥିବାବେଳେ ୨୦୨୦ରେ ୮୪,୮୦୫ ଅପହରଣ ମାମଲା ରୁଜୁ ହୋଇଛି।

କୋଭିଡ୍-୧୯ ନିୟମ ଉଲ୍ଲଂଘନକୁ ନେଇ ବହୁସଂଖ୍ୟାରେ ଅପରାଧ ମାମଲା ରୁଜୁ ହୋଇଛି। ଅନ୍ୟାନ୍ୟ ଅପରାଧ ମାମଲା ସଂଖ୍ୟା ୨୦୧୯ ତୁଳନାରେ ହ୍ରାସ ପାଇଛି। ଗତବର୍ଷ ଦେଶରେ ମୋଟ ୬୬,୦୧,୨୮୫ ଅପରାଧ ମାମଲା ରୁଜୁ ହୋଇଛି ଯେଉଁଥିରୁ ୪୨,୫୪,୩୫୬ଟି ଆଇପିସି ଉଲ୍ଲଂଘନ ଏବଂ ୨୩,୪୬,୯୨୯ଟି ସ୍ୱତନ୍ତ୍ର ତଥା ସ୍ଥାନୀୟ ଆଇନ ଅନୁଯାୟୀ ଅପରାଧ। ୨୦୧୯ରେ ମୋଟ ୫୧,୫୬,୧୫୮ ମାମଲା ରୁଜୁ ହୋଇଥିବାବେଳେ ୨୦୨୦ରେ ଅଧିକ ୧୪,୪୫,୧୨୭ ମାମଲା (୨୮%) ରୁଜୁ ହୋଇଛି। ପ୍ରତି ଲକ୍ଷେ ଲୋକରେ ଅପରାଧ ମାମଲା ସଂଖ୍ୟା ୨୦୧୯ରେ ୩୮୫.୫ ଥିବାବେଳେ ୨୦୨୦ରେ ୪୮୭.୮କୁ ବୃଦ୍ଧି ପାଇଛି। ଆଇପିସିର ଧାରା ୧୮୮(ପ୍ରଶାସନିକ ନିର୍ଦ୍ଦେଶର ଅବମାନନା)ରେ ସର୍ବାଧିକ ୬,୧୨,୧୭୯ ମାମଲା ରୁଜୁ ହୋଇଛି, ଯାହା କି ପୂର୍ବବର୍ଷ ୨୯,୪୬୯ ଥିଲା। ଅନ୍ୟାନ୍ୟ ଆଇପିସି ଧାରାରେ ୧୦,୬୨,୩୯୯ ମାମଲା ରୁଜୁ ହୋଇଛି, ଯାହା ୨୦୧୯ରେ ୨,୫୨,୨୬୮ ଥିଲା। ମହାମାରୀ ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଓ କୋଭିଡ୍ ଗାଇଡ୍‌ଲାଇନର ଉଲ୍ଲଂଘନ ଯୋଗୁ ଅଧିକାଂଶ ମାମଲା ଆଇପିସିର ଧାରା ୧୮୮ ଏବଂ ବିପର୍ଯ୍ୟୟ ପରିଚାଳନା ଆଇନରେ ରୁଜୁ ହୋଇଥିବା ଏନ୍‌ସିଆର୍‌ବି ରିପୋର୍ଟରୁ ଜଣାପଡ଼ିଛି।

### ପ୍ରଥମ ପୃଷ୍ଠାରୁ...

## ଗୌତମ ଦାସ ଓଡ଼ିଶା ...

ପରୀକ୍ଷା ଆଧାରରେ ଏହି ରେଜଲ୍ଟ ପ୍ରକାଶିତ ହୋଇଛି। ପ୍ରଥମଥର ପାଇଁ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୪ଥର ଅର୍ଥାତ୍ ଗତ ଫେବୃୟାରୀ, ମାର୍ଚ୍ଚ, ଜୁଲାଇ ଓ ସେପ୍ଟେମ୍ବରରେ ପରୀକ୍ଷା ହୋଇଥିଲା। ୧୨ଟି ଭାଷାରେ କମ୍ପ୍ୟୁଟର ବେସ୍‌ଡ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୯.୩୪ ଲକ୍ଷ ପରୀକ୍ଷାର୍ଥୀ ଜେଇଇ(ମେନ୍) ପାଇଁ ନାମ ପଞ୍ଜୀକରଣ କରିଥିଲେ। ଜେଇଇ(ମେନ୍)ରୁ ୨.୪୫ ଲକ୍ଷ ପରୀକ୍ଷାର୍ଥୀ ଜେଇଇ(ଆଡ୍‌ଭାନ୍ସଡ୍) ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଇଆଇଟିରେ ନାମଲେଖା ପାଇଁ ଅକ୍ଟୋବର ୩ରେ ଜେଇଇ (ଆଡ୍‌ଭାନ୍ସଡ୍) ପରୀକ୍ଷା ହେବ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଜେଇଇ ମେନ୍ ରାଜ୍ୟ ଟପ୍ପର ଗୌତମ ମଧ୍ୟ ନ୍ୟାଶନାଲ ଏଣ୍ଟ୍ରାନ୍ସ ସ୍କ୍ରିନିଂ ଟେଷ୍ଟ (ଏନ୍‌ଇଏସ୍‌ଟି) ପରୀକ୍ଷାରେ ଓଡ଼ିଶାରେ ୧ ନମ୍ବର ଏବଂ ସର୍ବଭାରତୀୟ ସ୍ତରରେ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଘର ବାଲେଶ୍ୱର ଜିଲାରେ ହୋଇଥିବାବେଳେ ସେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ପାଠ ପଢ଼ୁଛନ୍ତି। ଏହାପୂର୍ବରୁ ସେ ବାଲେଶ୍ୱର ମଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଢ଼ୁଥିଲେ। ଭଲ ମାର୍କ ରଖିଥିବାରୁ ତାଙ୍କୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ନାମ ଲେଖାଇବାର ସୁଯୋଗ ମିଳିଥିଲା। ନିଜ ସଫଳତାକୁ ନେଇ ଗୌତମ କହିଛନ୍ତି, ମାତାପିତା, ସମସ୍ତ ଶିକ୍ଷକଙ୍କ ସହଯୋଗ ଯୋଗୁ ଏହି ସଫଳତା ପାଇଛି। ଜେଇଇ ମେନ୍ ପାଇଁ ଦିନକୁ ୬ଘଣ୍ଟା ସମୟ ଦେଉଥିଲି। ସ୍କୁଲ ଓ କୋଚିଂ ଯିବା ସହିତ ମୁଁ ଏନ୍‌ସିଇଆର୍‌ଟି ବହି ପଢ଼ୁଥିଲି। ଗତବର୍ଷର ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ମଡେଲ ପ୍ରଶ୍ନପତ୍ର ବି ଅଭ୍ୟାସ କରୁଥିଲି। ଯଦିଓ କରୋନା ପାଇଁ ସାରା ଦେଶରେ ଭୟଙ୍କର ସ୍ଥିତି ଲାଗି ରହିଥିଲା, ତେବେ ମୋ ପାଠପଢ଼ାରେ ଏହା କିଛି ବ୍ୟାଘାତ ଦେଇ ନ ଥିଲା। କୋଚିଂ ଓ ସ୍କୁଲ ବନ୍ଦ ଥିବାରୁ ଘରେ ରହି ପାଠ ପଢ଼ିବା ପାଇଁ ବହୁତ ସମୟ ପାଇଲି। ପ୍ରଥମେ ପ୍ରଥମେ ଫିଜିକ୍ସ ମୋ ପାଇଁ କଷ୍ଟ ବିଷୟ ଥିଲା। କିନ୍ତୁ ଶିକ୍ଷକଙ୍କ ସହଯୋଗ ପରେ ଏହା ସହଜ ଲାଗିଥିଲା। ଜେଇଇ(ମେନ୍) ସରିଯାଇଛି। ଏବେ ଜେଇଇ(ଆଡ୍‌ଭାନ୍ସଡ୍) ପାଇଁ ପ୍ରସ୍ତୁତ ହେଉଛି। ସର୍ବଭାରତୀୟ ସ୍ତରରେ ଯଦି ୫୦ରୁ ୬୦ ଭିତରେ ର୍‍ୟାଙ୍କ ରଖିଦେବି ତେବେ ଆଇଆଇଟି ବମ୍ବେରେ ସିଟ୍ ମିଳିପାରିବ। ବମ୍ବେ ଆଇଆଇଟିରେ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରିବାକୁ ଲକ୍ଷ୍ୟ ରଖିଛି। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହୋଇ ଦେଶ ସେବା କରିବାକୁ ଚାହେଁ ବୋଲି ଗୌତମ କହିଛନ୍ତି। ସେପଟେ ଗୌତମଙ୍କ ଏହି ସଫଳତାକୁ ନେଇ ସ୍କୁଲ ଚେୟାରପର୍ସନ ଶିଳ୍ପୀ ସାହୁ ଶୁଭେଚ୍ଛା ଜଣାଇଛନ୍ତି। କଠିନ ପରିଶ୍ରମ ଓ ଅଧ୍ୟବସାୟ ଏହି ସଫଳତା ଦେଇଛି। ଗୌତମଙ୍କ ସଫଳତା ପାଇଁ କେବଳ ଆମ ସ୍କୁଲ ନୁହେଁ, ସାରା ରାଜ୍ୟ ଗର୍ବ ଅନୁଭବ କରୁଛି ବୋଲି ସାହୁ କହିଛନ୍ତି।


# classifieds

**Everyday**
**0674-2580101, 2549302**




**SALE**

Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢ଼ଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: 9861814701, Dist.- Khordha. D-21646

**Double storied fully furnished house at off Vivekanand Marg, Nageswar Tangi, with all Modern Amenities. 4BHK / 4 Toilets, Jacuzzi, Dressing, Drawing & Dining, Puja Room, Utility Room, Lounge, Audio-Video Room, with Bar, Balcony, Servants Room & 2nos Garages. Vastu Compliant. Fitted with CCTV. Land Area : 74 Decimals, Sthitiban. Price : 4.75. Call 9437928245 (11am - 7pm) (Broker Excuse).** D-71158

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

**30'road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422.** D-70879

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି commercial ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ- 8917413036. D-71160

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ। **9437005434.** D-70898

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

**Bhubaneswar infocity-2** ପାଖରୁ **200mtrs distance** ଘରବାରି ପଟ୍ଟା **(4plots) 30ft. road, electricity available. Rate-21,00,000/-, 7978444805.** D-70900

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891




RCC Godown at 8Km. from Cuttack. Rent Rs.10/- per sqft. at Bhanpur between Cuttack-Bhubaneswar. Contact: 9437033691. D-70241

**2x2000sqft. Hall near Airport on 100ft. wide Bhimatangi Main road for Office or commercial. 9958003695.** D-71415




Refreshing your mind, your body with tha best therapy at Lotus Spa. 8018891951. D-70484

Swarna SPA newly open positively health benefits with expert therapist. 9556978408. D-71156

Newly Open Saikrupa Panchakarma Spa positively health benefits with Expert. 8984068077. D-21568

Life is great, massage makes it better. Book appointment. 7852986810. D-71416

**LOST**

My original B.Tech. BPUT Certificates bearing Regd. No. 1501105320 has been lost. If found contact OM Shreebastav Mishra - 7609993537. D-21652


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଟେଲିକମ୍‌ରେ ୧୦୦% ...

ଶିଳ୍ପ ଲାଭବାନ ହୋଇପାରିବ ବୋଲି କୁହାଯାଇଛି। ନୂଆ ପଦକ୍ଷେପ ଅନ୍ତର୍ଗତ ଏଜିଆର୍ ପରିଭାଷାକୁ ବର୍ତ୍ତମାନ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଅଣ ଟେଲିକମ୍ ରାଜସ୍ୱକୁ ଏହା ପରିସରରୁ ବାହାରେ ରଖାଯାଇଛି। ପୂର୍ବରୁ ରହିଥିବା ଅଧିକ ସୁଧ ହାରକୁ କମ୍ କରାଯିବା ସହ ବାର୍ଷିକ ୨% ରଖାଯାଇଛି। ଏହା ଉପରେ ଲାଗୁଥିବା ଜରିମାନାକୁ ମଧ୍ୟ ହଟାଇ ଦିଆଯାଇଛି। ଫଳରେ ଏୟାରଟେଲ ଏବଂ ଭୋଡାଫୋନ ଆଇଡିଆ ଭଳି କମ୍ପାନୀଗୁଡ଼ିକ ସିଧାସଳଖ ବଡ଼ ଆଶ୍ୱସ୍ତି ପାଇବେ ବୋଲି ଶିଳ୍ପ ପକ୍ଷରୁ ସୂଚନା ମିଳିଛି। ସେହିଭଳି ସ୍ପେକ୍ଟ୍ରମ ଅବଧିକୁ ୨୦ ବର୍ଷ ପରିବର୍ତ୍ତେ ୩୦ ବର୍ଷ କରାଯାଇଛି। ପୂର୍ବରୁ ଟେଲିକମ୍ ଟାୱାର ବସାଇବା ଲାଗି ବିଭିନ୍ନ ବିଭାଗର ମଞ୍ଜୁରୀ ନେବାକୁ ପଡୁଥିଲା। ବର୍ତ୍ତମାନ ନିଜସ୍ୱ ମଞ୍ଜୁରୀ (ସେଲ୍ଫ ଆପ୍ରୁଭାଲ)ରେ ଏହି କାମ ହେବ। କେବଳ ଟେଲିକମ୍ ବିଭାଗ(ଡିଓଟି) ପୋର୍ଟାଲରେ ହିଁ ସବୁ କାମ ସମ୍ପନ୍ନ ହେବ। ଏକ୍ଷେତ୍ରରେ ଚାଲିଥିବା ଲାଇସେନ୍ସ ରାଜ୍‌କୁ ବର୍ତ୍ତମାନ ଶେଷ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଭୋଡାଫୋନ ଆଇଡିଆ, ଏୟାରଟେଲ ଭଳି କମ୍ପାନୀଙ୍କ ଉପରେ ଏଜିଆର୍ ବାବଦ ବୃହତ୍ ପରିମାଣର ବକେୟା ରହିଥିଲା। ଏହି ଅର୍ଥ ସରକାରଙ୍କୁ ପଇଠ କରିବାକୁ କମ୍ପାନୀ ସମସ୍ୟା ସାମ୍ନା କରୁଥିଲେ। ବିଶେଷକରି ଭୋଡାଫୋନ ଆଇଡିଆ ଭଳି କମ୍ପାନୀ ବର୍ତ୍ତମାନ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ବୈଧାନିକ ଦେୟ ବାବଦ ଅର୍ଥ କିଭଳି ପ୍ରଦାନ କରିବ ବୋଲି ଚିନ୍ତାରେ ରହିଥିଲା। କମ୍ପାନୀର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାକୁ ନେଇ କମ୍ପାନୀର ପ୍ରମୋଟର କୁମାରମଙ୍ଗଳମ ବିର୍ଲା ସରକାରଙ୍କୁ ଚିଠି ଲେଖିଥିଲେ। ଟେଲିକମ୍ କ୍ଷେତ୍ରକୁ ସରକାର ଆର୍ଥିକ ପ୍ୟାକେଜ ପ୍ରଦାନ କରନ୍ତୁ ବୋଲି ସେ ଚିଠିରେ ନିବେଦନ କରିଥିଲେ। ଉକ୍ତ କମ୍ପାନୀ ଉପରେ ୬୦,୧୮୦ କୋଟି ଟଙ୍କାର ଏଜିଆର୍ ଦେୟ ଏବଂ ସ୍ପେକ୍ଟ୍ରମ ଦେୟ ବାବଦ ୧.୦୬ ଲକ୍ଷ ଟଙ୍କା ବକେୟା ରହିଛି। କମ୍ପାନୀର ଏଭଳି ସମସ୍ୟାକୁ ଦେଖି ଅଧ୍ୟକ୍ଷ ପଦବୀରୁ ବିର୍ଲା ଅଗଷ୍ଟ ୪ରେ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫାର ୬ ସପ୍ତାହ ପରେ ସରକାର ଶିଳ୍ପ ଲାଗି ଆଶ୍ୱସ୍ତି ପ୍ୟାକେଜ ଘୋଷଣା କରିଛନ୍ତି। ବର୍ତ୍ତମାନର ପଦକ୍ଷେପକୁ ଦେଶର ଶିଳ୍ପଜଗତ ପକ୍ଷରୁ ସ୍ୱାଗତ କରାଯାଇଛି।

## ମହାନଦୀରେ ବନ୍ୟା...

ସ୍ଥିତି ବେଶି ଖରାପ ହେବା ଆଶଙ୍କା ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା କହିଛନ୍ତି।

ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଏହା ୬୨୮.୩୩ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ବୁଧବାର ରାତି ୯ଟାରେ ମିଳିଥିବା ସୂଚନା ଅନୁଯାୟୀ ବାମପାର୍ଶ୍ୱରେ ୧୬ ଓ ଡାହାଣ ପାର୍ଶ୍ୱରେ ୮ ମୋଟ ୨୪ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ପ୍ରତି ସେକେଣ୍ଡରେ ୪ଲକ୍ଷ ୨୧ ହଜାର ୨୮୫ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ସମପରିମାଣ ଜଳ ନିଷ୍କାସନ ହେଉଛି। ଗେଟ୍ ଦେଇ ୩ ଲକ୍ଷ ୯୧ ହଜାର ୫୧୨ କ୍ୟୁସେକ, ପାୱାର ଚାନେଲରେ ୨୬ ହଜାର ୭୦, ଶିଳ୍ପକୁ ୨୮୨କ୍ୟୁସେକ ଓ ଚାଷ ପାଇଁ ବିଭିନ୍ନ କେନାଲରେ ୩ ହଜାର ୪୨୧ ଏପରି ମୋଟ ୪ ଲକ୍ଷ ୨୧ ହଜାର ୨୮୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୬୧ହଜାର ୯ଶହ, ପର୍ଥଲାରେ ୧ ଲକ୍ଷ ୯୩ ହଜାର ୩୪୪, ଖଇରମାଳରେ ୪ ଲକ୍ଷ ୪୮ ହଜାର, ବରମୁଲାରେ ୫ ଲକ୍ଷ ୨୦ ହଜାର, ମୁଣ୍ଡଳୀରେ ୬ ଲକ୍ଷ ୪୩ ହଜାର ୩୯୦କ୍ୟୁସେକ ଜଳ ପ୍ରବାହିତ ହେଉଛି। ହୀରାକୁଦରୁ ନିଷ୍କାସିତ ଜଳ ତଳ ମୁଣ୍ଡରେ ପହଞ୍ଚିଲେ ବିପଦ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଜଳସମ୍ପଦ ବିଭାଗ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଏସ୍‌ଆରସି କହିଛନ୍ତି।

ଲଗାଣ ବର୍ଷା ପରେ ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ଉପରେ ଥିଲେ ବି ଜଳ ସ୍ତର ଖସୁଛି। ବ୍ରାହ୍ମଣୀ ବିପଦ ସଙ୍କେତ ତଳେ ଥିଲେ ମଧ୍ୟ ସେହି ନଦୀରେ ୩ଟି ଛୋଟ ଘାଇ ହୋଇଛି। ଜଳକା ବିପଦ ସଙ୍କେତ ଉପରେ ରହିଛି। ସେଠାରେ ବନ୍ୟା ପରିସ୍ଥିତି ନାହିଁ। ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ବୋଲି ଏସ୍‌ଆରସି କହିଛନ୍ତି।

ଲଗାଣ ବର୍ଷା ଯୋଗୁ ରାଜ୍ୟର ୨୪ ଜିଲାର ୧୩୯ ବ୍ଲକ ଏବଂ ୩୩ଟି ପୌରାଞ୍ଚଳର ୪,୯୬୪ଟି ଗାଁର ୨୩ ଲକ୍ଷ ୮୨ ହଜାର ୭୯୫ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ଷାରେ ୭୫୪୦ ଘର କ୍ଷତିଗ୍ରସ୍ତ ହୋଇଛି। ୬ ଜଣଙ୍କ ମୃତ୍ୟୁ ଘଟିଛି। ୧ ଲକ୍ଷ ୩୦ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି ବୋଲି ଏସ୍‌ଆରସି କହିଛନ୍ତି।

## ବରାଦର-ହକ୍କାନି ...

ପରସ୍ପର ସହ ମାରପିଟ୍‌ରେ ମାତିଯାଇଥିଲେ। କାତାରସ୍ଥିତ ତାଲିବାନ ପଲିଟିକାଲ ଅଫିସ୍‌ର ଜଣେ ବରିଷ୍ଠ ସଦସ୍ୟ ମଧ୍ୟ ସେହି ସମୟରେ ଉପସ୍ଥିତ ଥିଲେ। ରିପୋର୍ଟ ଅନୁସାରେ, ତାଲିବାନ୍ ୨.୦ ସରକାରରେ ସାମିଲ ହୋଇଥିବା ବ୍ୟକ୍ତିଙ୍କୁ ନେଇ ବରାଦର ଅସନ୍ତୁଷ୍ଟ ଅଛନ୍ତି। ବରାଦରଙ୍କ ଅନୁସାରେ ଆଫଗାନିସ୍ତାନ ବିଜୟରେ ତାଙ୍କ ପରି ବରିଷ୍ଠ ନେତାଙ୍କ ରଣନୀତି କାମ ଦେଇଛି। ତେଣୁ ବିଜୟର ମୂଳ ହକ୍‌ଦାର ହେଉଛନ୍ତି ସେମାନେ। ବରାଦର ହେଉଛନ୍ତି ପ୍ରଥମ ତାଲିବାନ୍ ନେତା ଯେ କି, ୨୦୨୦ରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ୍‌ରେ ସିଧାସଳଖ କଥା ହୋଇଥିଲେ। ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ନିମନ୍ତେ ହୋଇଥିବା ଦୋହା ଚୁକ୍ତିରେ ମଧ୍ୟ ବରାଦର ସ୍ୱାକ୍ଷର କରିଥିଲେ। କିନ୍ତୁ ବରାଦରଙ୍କୁ ଶ୍ରେୟ ଦେବାକୁ ଚାହୁଁନାହିଁ ହକ୍କାନି ନେଟୱର୍କ। ଏହି ଗୋଷ୍ଠୀ ଅନୁସାରେ ବରାଦର ନୁହେଁ ଯୁଦ୍ଧ ଭୂମିରେ ସେମାନଙ୍କ ସାହସ ଯୋଗୁ ଏହି ବିଜୟ ମିଳିଛି। ଆଫଗାନ୍ ମାଟିରେ ପାଶ୍ଚାତ୍ୟ ବଳ ସହ ହୋଇଥିବା ଭୟଙ୍କର ହିଂସାକାଣ୍ଡରେ ହକ୍କାନି ନେଟ୍‌ୱର୍କ ସାମିଲ ହୋଇଥିଲା। ଆମେରିକା ହକ୍କାନିକୁ ଆତଙ୍କବାଦୀ ସଙ୍ଗଠନ ତାଲିକାରେ ରଖିଛି। ଏହା ସତ୍ତ୍ୱେ ତାଲିବାନ୍ ହକ୍କାନି ନେତା ସିରାଜୁଦ୍ଦିନ ହକ୍କାନିଙ୍କୁ ଆଭ୍ୟନ୍ତରୀଣ ମନ୍ତ୍ରୀ କରିଛି। ଅନ୍ୟପକ୍ଷରେ କିଛିଦିନ ହେଲା ସର୍ବସାଧାରଣରେ ବରାଦରଙ୍କୁ ଦେଖିବାକୁ ମିଳିନାହିଁ। ହକ୍କାନି ଗୋଷ୍ଠୀ ପକ୍ଷରୁ ଗୁଳି ଖାଇବା ପରେ ସେ ମୃତ ବୋଲି ଚର୍ଚ୍ଚା ଲାଗିରହିଥିଲା। କିନ୍ତୁ ନିକଟରେ ତାଲିବାନ୍ ପକ୍ଷରୁ ଏକ ଅଡିଓ କ୍ଲିପ୍ ଟୁଇଟ୍ କରାଯାଇଥିଲା ଯେଉଁଥିରେ ବରାଦର ଜୀବିତ ଥିବା ନେଇ ସେ କହୁଥିବା ଏଥିରେ ଶୁଣିବାକୁ ମିଳିଥିଲା। ଏବେ ପୁଣି ବରାଦର ଓ ହକ୍କାନି ଗୋଷ୍ଠୀ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି। ତେବେ ଅନ୍ତରୀଣ ସରକାରରେ କୌଣସି ପ୍ରକାର ମତଭେଦ ନ ଥିବା ତାଲିବାନ୍ ସଫେଇ ଦେଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ଅଗ୍ରାଧିକାରଭିତ୍ତିରେ କରିବାକୁ ମନସ୍ଥ କରିବେ। ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ କେତେକ ଦୁଶ୍ଚିନ୍ତା ମାନସିକ ସ୍ଥିତିକୁ ଗମ୍ଭୀର କରିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ। ଘରମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ବୃଷ** - ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ ଲବି କରିବାକୁ ପଡ଼ିପାରେ। କଷ୍ଟ ସ୍ୱୀକାର ଅପ୍ରିୟ ସତ୍ୟ ଭାଷଣ ଆଜିର କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହେବ। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ସାହିତ୍ୟ, ଚର୍ଚ୍ଚା ଓ ସାମ୍ବାଦିକତା କ୍ଷେତ୍ରରୁ ସୁନାମ ଅର୍ଜନ କରିପାରିବେ।

**ମିଥୁନ** - ଆପଣ ମନେ ମନେ ଚିନ୍ତା କରିଥିବା କାମଗୁଡ଼ିକ ଆଜି ବାସ୍ତବରେ ଓଲଟା ହୋଇପାରେ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ସମୂହ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** - କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଟଙ୍କା ଆଣିପାରନ୍ତି। ବାଣିଜ୍ୟ,ବ୍ୟବସାୟରେ ଉନ୍ନତି ଘଟିବା ସହ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପୁଷ୍ୟା ନକ୍ଷତ୍ର ଜିଦ୍‌ଖୋର ଯୋଗୁ ହଇରାଣ ହୋଇପାରନ୍ତି।

**ସିଂହ** - ବିଭିନ୍ନ ସମସ୍ୟା ମଧ୍ୟରେ କୌଣସି ନିଶ୍ଚିତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**କନ୍ୟା** - କାମ ହାସଲ ସକାଶେ ଅନ୍ୟମାନଙ୍କର ସହମତିକୁ ଗୁରୁତ୍ୱ ଦେବେ। କିନ୍ତୁ ଚିତ୍ରା ନକ୍ଷତ୍ରର କାର୍ଯ୍ୟଗୁଡ଼ିକ ମଧ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ୍ୟ ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ। ଅର୍ଥ ସଂକଟ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ଅଟକି ରହିଯିବ।

**ତୁଳା** - ଲୋକସମ୍ପର୍କ ନ ଥିବାରୁ ଆବଶ୍ୟକ ସମୟରେ ପରିସରସ୍ଥ ଲୋକଙ୍କ ସହଯୋଗ ପାଇବେ ନାହିଁ। ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଦେଖାଯିବ, ଫଳରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆନୁଷ୍ଠାନିକ କାମରେ ଯୋଗଦେବା ସକାଶେ ନିମନ୍ତ୍ରିତ ହୋଇପାରନ୍ତି।

**ବିଛା** - କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ।

**ଧନୁ** - ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଆଶା ମଧ୍ୟ ପୂରଣ ହେବାର ସୂଚନା ରହିଛି। ଅଭାବ ନଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଅସ୍ଥିରତାହିଁ ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମକର** - ଅଟକି ରହିଥିବା କାମଗୁଡ଼ିକ ହାସଲ ହେବା କାରଣରୁ ମାନସିକ ସ୍ଥିତି ଏକ ପ୍ରକାର ଭଲ ରହିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଦଳ ବଦଳ ହୋଇଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** - ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭାବପ୍ରବଣତା ଯୋଗୁଁ ମନୋବଳ କ୍ରମଶଃ ହ୍ରାସ ପାଇବାର ଆଶଙ୍କା ଦେଖାଦେଇପାରେ। ଆର୍ଥିକ ଦୁଃସ୍ଥିତି ଚିନ୍ତା ଜନକ ପରିଣାମ ସୃଷ୍ଟି କରିବାର ଶଙ୍କା ଉପୁଜିବ। ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ମୀନ** - କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

## ଧାମରା ବନ୍ଦରରେ ଅପ୍ରବାସ କେନ୍ଦ୍ର: ୧୪ ପୋଲିସ ପଦବୀ ସୃଷ୍ଟି

ଭୁବନେଶ୍ୱର,(ବ୍ୟୁରୋ)-ଭଦ୍ରକ ଜିଲାର ଧାମରା ବନ୍ଦର ଠାରେ ଏକ ନୂତନ ଅପ୍ରବାସ କେନ୍ଦ୍ର(ଇମିଗ୍ରେସନ ଚେକ ପୋଷ୍ଟ) ନିମନ୍ତେ ୧୪ ପୋଲିସ ପଦବୀ ସୃଷ୍ଟି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନୂତନ ପଦବୀ ଗୁଡ଼ିକୁ ଅନୁମୋଦନ କରିଛନ୍ତି ।ଏଥିରେ ୨ଟି ଇନ୍ସପେକ୍ଟର, ୮ଟି ସବ୍-ଇନ୍ସପେକ୍ଟର ଓ ୪ଟି କନଷ୍ଟେବଲ ପଦବୀ ସୃଷ୍ଟି କରାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଧାମରା ବନ୍ଦରକୁ ଏକ ଅପ୍ରବାସ କେନ୍ଦ୍ର ରୂପେ ଘୋଷଣା କରାଯିବା ପରେ ଏହାର କାର୍ଯ୍ୟଭାର ରାଜ୍ୟ ସରକାର ଗ୍ରହଣ କରିଛନ୍ତି।



**ସଂକ୍ଷେପରେ**

## ଉର୍ମିଳା ମିଶ୍ର ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶିକା

**ଭୁବନେଶ୍ୱର, ୧୫।୯:** ଡକ୍ଟର ଉର୍ମିଳା ମିଶ୍ରଙ୍କୁ ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପ୍ରକଳ୍ପ ନିର୍ଦ୍ଦେଶିକା ଭାବେ ନିଯୁକ୍ତି ଦିଆଯାଇଛି। ସେ ବର୍ତ୍ତମାନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ତଥା ନିର୍ଦ୍ଦେଶକ ଥିବାବେଳେ ଏହି ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ। ଏହା ପୂର୍ବରୁ ମଧ୍ୟ ସେ ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦର ନିର୍ଦ୍ଦେଶିକା ଥିଲେ। ବୁଧବାର ସେ ନୂଆ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଓସାକ୍ସର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଡକ୍ଟର ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ଏଚ.ଆଇ.ଭି./ଏଡସ୍ ଦୂରୀକରଣ ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶିକା ମିଶ୍ର ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ୨୦୩୦ ସୁଦ୍ଧା ଏଡସ୍‌ର ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲ କ୍ଷେତ୍ରରେ ଓଡ଼ିଶାର ବଡ଼ ଯୋଗଦାନ ପାଇଁ ସେ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶଥାଉ କି, ତାଙ୍କ ପୂର୍ବରୁ ଡକ୍ଟର ସଂଯୁକ୍ତା ସାହୁ ଓସାକ୍ସ ପ୍ରକଳ୍ପ ନିର୍ଦ୍ଦେଶିକା ଭାବେ କାର୍ଯ୍ୟଭାର ତୁଲାଉଥିଲେ।



## ତପସ୍ୱିନୀ ଏକ୍ସପ୍ରେସ୍ ଧକ୍କାରେ ଯୁବତୀ ମୃତ

**ବିଷମକଟକ,୧୫।୯(ଡି.ଏନ୍.ଏ.):** ରାୟଗଡ଼ା ଜିଲା ବିଷମକଟକ ରେଳ ଷ୍ଟେଶନ ନିକଟସ୍ଥ ବଡ଼ ମଟକବାଡ଼ି ଗ୍ରାମଠାରେ ବୁଧବାର ତପସ୍ୱିନୀ ଏକ୍ସପ୍ରେସ୍ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ଭାରତୀ କୁଶଲିଆ। ସୂଚନା ଅନୁଯାୟୀ, ଭାରତୀ ସକାଳେ ଶୌଚ ପାଇଁ ଗାଁ ପାର୍ଶ୍ୱ ନାଳକୁ ଯାଉଥିଲେ। ରେଲଧାରଣା ପାରହେବା ସମୟରେ ସମ୍ବଲପୁରରୁ ରାୟଗଡ଼ା ଅଭିମୁଖେ ଆସୁଥିବା ତପସ୍ୱିନୀ ଏକ୍ସପ୍ରେସ୍ ତାଙ୍କୁ ପଛରୁ ଧକ୍କା ଦେଇଥିବା ଜଣାପଡ଼ିଛି। ମୁନିଗୁଡ଼ା ଆର୍‌ପିଏଫ୍ ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ଦେଢ଼ଶୁରଙ୍କୁ ଆଜୀବନ ଜେଲ

**ଆଠମଲ୍ଲିକ,୧୫।୯(ଡି.ଏନ୍.ଏ.):** ମହୁଲ ତୋଳାକୁ କେନ୍ଦ୍ରକରି ପାଟିତୁଣ୍ଡ ବେଳେ ବିରୋଧ କରିବାରୁ ଭାଇବୋହୂ ଗୁରୁବାରୀ ଭୋଇଙ୍କୁ ହାଣି ହତ୍ୟା କରିଥିବା ଦେଢ଼ଶୁର ବିଜୟ କୁମାର ଭୋଇଙ୍କୁ ବୁଧବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅନୁଗୋଳ ଜିଲା ଆଠମଲ୍ଲିକ ଅତିରିକ୍ତ ସେସନ ଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ଏହି ହତ୍ୟା ମାମଲାର ଶୁଣାଣି କରି ଦଣ୍ଡାଦେଶ ପ୍ରଦାନ କରିବା ସହ ୫୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ଅଧିକ ୨ ବର୍ଷ କାରାଦଣ୍ଡ ଦେବାକୁ କୋର୍ଟ ରାୟରେ ପ୍ରକାଶ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୧୫ ମାର୍ଚ୍ଚ ୨୮ରେ ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅରଖକୁଦ ଗ୍ରାମର ଆମ୍ଭୁବତୀ ଭୋଇ ଘର ନିକଟ ଏକ ମହୁଲ ଗଛରୁ ମହୁଲ ସଂଗ୍ରହ କରୁଥିଲେ। ଏହି ସମୟରେ ଆମ୍ଭୁବତୀଙ୍କ ବଡ଼ ପୁଅ ବିଜୟ କୁମାର ଭୋଇ ଓ ବୋହୂ ତିଳୋତ୍ତମା ସେଠାକୁ ଆସି ମହୁଲ ସଂଗ୍ରହ ନ କରିବାକୁ କହିଥିଲେ। ଏହାକୁ ନେଇ ଆମ୍ଭୁବତୀ ଓ ପୁଅ ବୋହୂଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ସାନବୋହୂ ଗୁରୁବାରୀ ବିରୋଧ କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେଢ଼ଶୁର ବିଜୟ ଏକ କାଙ୍କ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଗୁରୁବାରୀଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଠାକୁରଗଡ଼ ଥାନା ନମ୍ବର ୧୯/୧୫ରେ ଏକ ମାମଲା ରୁଜୁ କରାଯାଇଥିଲା। ଅତିରିକ୍ତ ପି.ପି. ଅସିତ ରଞ୍ଜନ ଦେଓ ମକଦ୍ଦମା ପରିଚାଳନା କରିଥିଲେ।

# ପୋଲିସ ଗାଡ଼ି ଧରି ଯୁବକ ଛୁ

- ଘଣ୍ଟାଏରେ ଢେଙ୍କାନାଳରୁ ଖୁଣ୍ଟୁଣୀ
- ନାକାବନ୍ଦୀ କରି ଧରିଲା ପୋଲିସ

**ଢେଙ୍କାନାଳ ଅଫିସ, ୧୫।୯**

ସନ୍ଦେହଜନକ ଅବସ୍ଥାରେ ରାତିରେ ରାସ୍ତାରେ ବୁଲୁଥିବାବେଳେ ଉଠାଇ ଆଣିଥିଲା ପୋଲିସ। ଅସ୍ୱାଭାବିକ ଆଚରଣରୁ ମାନସିକ ଭିନ୍ନକ୍ଷମ ହୋଇଥିବା ଅନୁମାନ କରି ପୋଲିସ ଗାଡ଼ିରେ ଯୁବକଙ୍କୁ ଘରକୁ ଛାଡ଼ିବାକୁ ଯାଉଥିଲେ ବିଭାଗୀୟ ଡ୍ରାଇଭର। ହେଲେ ଚାଳକ ଥାନାକୁ ପାଣି ବୋତଲ ଆଣିବାକୁ ଯାଇଥିବା ସୁଯୋଗରେ ନାଲିବତି ଲାଗିଥିବା ପୋଲିସ ବୋଲେରୋ ଧରି ଚମ୍ପଟ ମାରିଲେ ଅଭିଯୁକ୍ତ। ପାଖାପାଖି ଘଣ୍ଟାଏ ମଧ୍ୟରେ ପହଞ୍ଚିଗଲେ ଢେଙ୍କାନାଳ ଟାଉନ ଥାନାରୁ କଟକ ଜିଲା ଖୁଣ୍ଟୁଣୀରେ। ଅଭିଯୁକ୍ତଙ୍କୁ ପୋଲିସ ଗୋଡ଼ାଇ ଗୋଡ଼ାଇ ଧରିଛି। ଗାଡ଼ି ମଧ୍ୟ ଜବତ କରାଯାଇଛି। ତେବେ ଥାନାର ସୁରକ୍ଷା ବଳୟ ଭେଦ କରି ଜଣେ ଯୁବକ ପୋଲିସ ବିଭାଗର ନାଲିବତି ଗାଡ଼ି ଧରି ଚମ୍ପଟ ମାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ପୋଲିସ ସୂଚନା ଅନୁଯାୟୀ, ଗଁଦିଆ ବ୍ଲକ ଯୋରନ୍ଦା ଫାଣ୍ଡି ଅଧୀନ ହାଟବାଇସିଙ୍ଗା ଗ୍ରାମର ଧର୍ମେନ୍ଦ୍ର ସ୍ୱାଇଁ (୩୦) ମଙ୍ଗଳବାର ରାତିରେ ଢେଙ୍କାନାଳ ସହରରେ ସନ୍ଦେହଜନକ ଭାବେ ବୁଲୁଥିବାବେଳେ ଟାଉନ ଥାନା ପିସିଆର ଗାଡ଼ି ତାଙ୍କୁ ଥାନାକୁ ଆଣିଥିଲା। ଯୁବକଙ୍କ କଥାବାର୍ତ୍ତା ଏବଂ ଆଚରଣରୁ ସେ ମାନସିକ ରୋଗୀ ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା। ବୁଧବାର ପୂର୍ବାହ୍ନ ୧୧ଟାରେ ଘରେ ଛାଡ଼ିଦେବାକୁ ଧର୍ମେନ୍ଦ୍ର ଥାନାର ଡ୍ରାଇଭର ଶିବୁ ପ୍ରସାଦ ବାରିକଙ୍କୁ କହିଥିଲେ। ପୋଲିସ କର୍ମଚାରୀମାନେ ତାଙ୍କୁ ଗାଡ଼ି (ନଂ. ଓଡ଼ି ୦୫ ଏପି ୨୭୧୬)ରେ ବସାଇଦେଇ ଆସିଥିଲେ। ଡ୍ରାଇଭର ଶିବୁ ପାଣି ବୋତଲ ନେବା ପାଇଁ ଥାନାକୁ ଆସିଥିବା ବେଳେ ତରବରରେ ଗାଡ଼ିର ଚାବି ବାହାର କରିବାକୁ ଭୁଲିଯାଇଥିଲେ। ଏହାର ସୁଯୋଗରେ ପୋଲିସର ନାଲିବତି ଲାଗିଥିବା ଗାଡ଼ି ଧରି ଚମ୍ପଟ ମାରିଥିଲେ ଧର୍ମେନ୍ଦ୍ର। ସେ ଖୁଣ୍ଟୁଣି ଅଭିମୁଖେ ଯାଉଥିବା ଜଣାପଡ଼ିବା ପରେ ଟାଉନ ଥାନା ଓ ସଦର ଥାନାର ପିସିଆର ଭ୍ୟାନ୍ ପିଛା କରିଥିଲା। ଟାଉନ ଥାନା ପୋଲିସ ନିକଟରୁ ସୂଚନା ପାଇ ଖୁଣ୍ଟୁଣୀ ଥାନା ପୋଲିସ ନାକାବନ୍ଦୀ କରିଥିବାବେଳେ ଚମ୍ପେଶ୍ୱର ନିକଟରୁ ଧର୍ମେନ୍ଦ୍ର ଧରାପଡ଼ିଥିଲେ। ଢେଙ୍କାନାଳ ଟାଉନ ଥାନା ପୋଲିସ ଅଭିଯୁକ୍ତଙ୍କୁ ହେପାଜତକୁ ନେଇଛି। ଡାକ୍ତରୀ ପରୀକ୍ଷା ପାଇଁ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ବିକାଶ ରଞ୍ଜନ ବେଉରା କୁହନ୍ତି, ମଙ୍ଗଳବାର ରାତିରେ ସନ୍ଦିଗ୍ଧ ଭାବେ ବୁଲୁଥିବା ସମ୍ପୃକ୍ତ ଯୁବକଙ୍କୁ ପାଟ୍ରୋଲିଂରେ ନିୟୋଜିତ ପୋଲିସ କର୍ମଚାରୀ ଧରି ଟାଉନ ଥାନାକୁ ଆଣିଥିଲେ। ଯାଞ୍ଚ ବେଳେ ସେ ଅପରାଧରେ ସମ୍ପୃକ୍ତ ନ ଥିବା ଜଣାପଡ଼ିଥିଲା। ବୁଧବାର ପୂର୍ବାହ୍ନରେ ଥାନା ଗାଡ଼ିରେ ତାଙ୍କୁ ଘରେ ଛାଡ଼ିବାକୁ ଯୋଜନା କରାଯାଉଥିଲା। ହେଲେ ଡ୍ରାଇଭର ଗାଡ଼ିରେ ଚାବି ଲଗାଇ ପାଣି ବୋତଲ ନେବାକୁ ଥାନାକୁ ଆସିଥିବାବେଳେ ଯୁବକ ଜଣକ ଗାଡ଼ି ଧରି ପଳାଇଥିଲେ। ଗାଡ଼ି ସହ ଯୁବକ ଧରାପଡ଼ିଛନ୍ତି। ସେ ମାନସିକରୋଗୀ କି ନୁହନ୍ତି, ତାହାର ଯାଞ୍ଚ ଚାଲିଛି। ତଦନ୍ତ ପ୍ରକ୍ରିୟା ସରିଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।





ପୋଲିସ ଗାଡ଼ି। ଯୁବକଙ୍କୁ ପୋଲିସ ହେପାଜତକୁ ନେଉଛି।

## କୋଟିପତି ଅଙ୍ଗନୱାଡି କର୍ମୀ ଗିରଫ

- ୨ କୋଟି ୯୬ ଲକ୍ଷ ୩୯ ହଜାର ୪୭୫ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି
- ଜେଲ ଗଲେ କବିତା, ସ୍ୱାମୀଙ୍କ ନାମରେ ବି ମାମଲା

**ଭୁବନେଶ୍ୱର,୧୫।୯(ବ୍ୟୁରୋ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର କୋରଡକଣ୍ଟାର କୋଟିପତି ଅଙ୍ଗନୱାଡି କର୍ମୀ କବିତା ମାଥନଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ବାସଭବନ ସମେତ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୪କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠାବ ହୋଇଥିଲା। ସେଥିମଧ୍ୟରୁ ୨ କୋଟି ୯୬ ଲକ୍ଷ ୩୯ ହଜାର ୪୭୫ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଓ ଏହା ତାଙ୍କ ଆୟର ୪୯୪ ପ୍ରତିଶତ ବୋଲି ବୁଧବାର ଭିଜିଲାନ୍ସ କହିଛି। କବିତା ଓ ତାଙ୍କ ସ୍ୱାମୀଙ୍କ ନାମରେ ଭିଜିଲାନ୍ସ ଏକ ମାମଲା (ନଂ-୫/୨୧) ରୁଜୁ କରିଛି। କବିତାଙ୍କୁ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। କୋର୍ଟ କବିତାଙ୍କୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।ତେବେ କବିତା କିପରି ଏତେ ପରିମାଣର ସମ୍ପତ୍ତି ଉପାର୍ଜନ କଲେ ତାହା ସମସ୍ତଙ୍କୁ ଚକିତ କରିଛି। ଏନେଇ ଭିଜିଲାନ୍ସ ବିଭାଗ ଅଧିକ ଅନୁସନ୍ଧାନ ଜାରି ରଖିଛି। ସୂଚନାଯୋଗ୍ୟ, ଅଙ୍ଗନୱାଡ଼ି କର୍ମୀ କବିତାଙ୍କ ବିରୋଧରେ ଭିଜିଲାନ୍ସ ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ୧୦ ଡିଏସ୍‌ପି, ୬ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନେଇ ୬ଟି ଟିମ୍ ଗଠନ କରାଯାଇ ଭୁବନେଶ୍ୱର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁରର ୬ ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ଭୁବନେଶ୍ୱରରେ ଗୋଟିଏ ୪ ମହଲା କୋଠା, ଅନ୍ୟଏକ ୩ ମହଲା କୋଠା ଓ ୨ଟି ଦୁଇମହଲା କୋଠା ରହିଥିବା ଜଣାପଡ଼ିଥିଲା। ସେହିପରି ୧୪ଟି ପ୍ଲଟ୍ ମଧ୍ୟରୁ ୧୦ଟି ଭୁବନେଶ୍ୱରରେ ଥିବାବେଳେ ୩ଟି ଜଗତ୍‌ସିଂହପୁର ତଳକୁସୁମାରେ ଏବଂ ଗୋଟିଏ ପ୍ଲଟ୍ ଖୋର୍ଦ୍ଧା ବାଲିଅନ୍ତା ଅଞ୍ଚଳରେ ରହିଥିବା ଭିଜିଲାନ୍ସ ଯାଞ୍ଚକରି ଜାଣିବାକୁ ପାଇଥିଲା। ଏଥିସହ ୪ଚକିଆ, ୩ଟି ୨ଚକିଆ ଯାନ ସମେତ ୨ଲକ୍ଷ ୨୦ହଜାର ଟଙ୍କାର ବୀମା, ୬ ଲକ୍ଷ ୩୬ ହଜାର ଟଙ୍କାର ୨୧୨ଗ୍ରାମର ସୁନାଗହଣା ଏବଂ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା।

## ମଝିଘରିଆଣୀଙ୍କ ଦାନହୁଣ୍ଡି ଖୋଲିଲା

**୬୯, ୯୦, ୨୮୪ ଟଙ୍କା, ୫୪ ଗ୍ରାମ୍ ସୁନା, ବିଦେଶୀ ମୁଦ୍ରା ସଂଗ୍ରହ**

**ରାୟଗଡ଼ା ଅଫିସ,୧୫।୯:** ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଦାନହୁଣ୍ଡି ବୁଧବାର ଖୋଲାଯାଇଛି। କରୋନା ଯୋଗୁ ଦୀର୍ଘ ୧୧ ମାସ ପରେ ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରୁ ମୋଟ ୬୯ ଲକ୍ଷ ୯୦ ହଜାର ୨୮୪ ଟଙ୍କା, ୫୪ ଗ୍ରାମ୍ ସୁନା, ୫ କେଜି ୨୦୧ ଗ୍ରାମ୍ ରୁପା, ସାଉଦି ଆରବର ଗୋଟିଏ ମୁଦ୍ରା ଏବଂ ମାଲେସିଆର ୪ଟି ମୁଦ୍ରା ସଂଗ୍ରହ ହୋଇଥିବା ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ରାଇସିଂ ବିଡିକା କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ୧୦ରେ ଶେଷଥର ମାଁଙ୍କ ଦାନହୁଣ୍ଡି ଖୋଲିଥିଲା। ସେତେବେଳେ ୬୩ ଲକ୍ଷ ଟଙ୍କା, ୨୪ ଗ୍ରାମ୍ ସୁନା, ୩ କେଜି ୪୪୦ ଗ୍ରାମ୍ ରୁପା ସଂଗ୍ରହ ହୋଇଥିଲା। ମନ୍ଦିର ହୁଣ୍ଡିରୁ ସଂଗ୍ରହ ଦାନ ଟଙ୍କା ଓ ସୁନା, ରୁପା ଷ୍ଟେଟ୍‌ବ୍ୟାଙ୍କରେ ରହିବ। ଏହାକୁ ମନ୍ଦିର ଉନ୍ନତି କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଗଣତିବେଳେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ସୁନୀଲ ଖରା ଉପସ୍ଥିତ ଥିଲେ।



କଟକ ଯୋବ୍ରା ଆନିକଟଠାରେ ବୁଧବାର ମହାନଦୀରେ ପ୍ରବାହିତ ବନ୍ୟାଜଳ।

**CORRIGENDUM**

Ltr. No. 2064 Dt.15.09.2021

In response to this office Letter No. 1961, Dt.04.09.2021, a typical error in Tender Notice No. 02/SEP/2021-22, Dt.04.09.2021 at Page No. 5, Sl. No. 04 may be read as Dt.23.09.2021 instead of 23.03.2021 & NIC Tender Paper Sale Starting date may be read as Dt.08.09.2021 instead of 14.09.2021.

Sd./- Block Development Officer, Deogaon

## ୨ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରା ଗିରଫ

**ବରଗଡ଼ ଅଫିସ୍,୧୫।୯**

ବରଗଡ଼ ଜିଲା ପୋଲିସ ୨ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ କାନପୁର ଜିଲା ନୌବସ୍ତା ଥାନା ଶ୍ୟାମ ନଗର ନିବାସୀ ଜିତୁ ଓରଫ ବିଜୟ ଯାଦବ(୨୫) ଏବଂ ରାମଦେବୀ ଥାନା ୨୫-ବି ପଟେଲ ନଗର ରେଲୱେ କ୍ରସିଂ ନିବାସୀ ଶେଖର ଓରଫ୍ ଶ୍ୟାମଜୀ ଗୌତମ(୨୦)। ସେମାନଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ଦଫା ୩୦୭, ୩୫୩, ୩୪ରେ ଏକ ମାମଲା(ନଂ.୨୬୫/୨୧) ଏବଂ ବରପାଲି ଥାନାରେ ଦଫା ୪୫୪, ୩୮୦ରେ ଅନ୍ୟ ଏକ ମାମଲା(ନଂ.୨୭୭/୨୧) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ପାଖରୁ ନଗଦ ୧ଲକ୍ଷ ୨୦ହଜାର, ୩ଟି ମୋବାଇଲ, ଏକ କାର୍(ନଂ. ୟୁପି୩୨ ଏଫଏସ ୪୨୭୫), ଏକ ଛୁରି ଏବଂ ଅନ୍ୟ ସାମଗ୍ରୀ ଜବତ ହୋଇଛି। ତେବେ ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଯୋଗୁ ପୋଲିସ ତାଙ୍କୁ ଖୋଜାଖୋଜି କରୁଛି ।

ବୁଧବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରାହୁଲ ଜୈନ ସୂଚନା ଦେଇ କହିଥିଲେ, ଅଭିଯୁକ୍ତମାନେ ରାଜ୍ୟର ଭଦ୍ରକ, କଟକ, ଭୁବନେଶ୍ୱର, ବ୍ରହ୍ମପୁର, ଗଞ୍ଜାମ, ପୁରୀ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଆଦି ଜିଲାକୁ ପ୍ରବେଶ କରି ଏଟିଏମ୍‌ଗୁଡ଼ିକୁ ଟାର୍ଗେଟ କରି ଆସୁଥିଲେ। ବରଗଡ଼ ଜିଲାରେ ମଧ୍ୟ ଏଟିଏମ୍ ଲୁଟ୍ ଆଶଙ୍କା ଥିବା ଯୋଗୁ ଜିଲା ପୋଲିସ ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇଥିଲା। ତେବେ ମଙ୍ଗଳବାର ଅଭିଯୁକ୍ତମାନେ ବରଗଡ଼ ସଦର ଥାନା ଛତାପଥର ଏଟିଏମ୍‌ରେ ଲୁଟ୍ କରୁଥିବା ସୂଚନା ପାଇ ଏହି ଟିମ୍ ସେଠାରେ ପହଞ୍ଚିଥିଲା। ଲୁଟ୍ ଉଦ୍ୟମ ବେଳେ ପୋଲିସ ଉପରୋକ୍ତ ୨ଅଭିଯୁକ୍ତଙ୍କୁ ଧରିଥିବାବେଳେ ଅନ୍ୟ ୨ଜଣ ଫେରାର୍ ହୋଇଯାଇଥିବା ଏସ୍‌ପି କହିଛନ୍ତି। ଗିରଫ ଅଭିଯୁକ୍ତମାନେ ରାଜ୍ୟର ବିଭିନ୍ନ ଏଟିଏମ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଯୋଗୁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ଗୋଚ୍ଛାୟତ ମଧ୍ୟ ଉପସ୍ଥିତ ଥିଲେ ।



ଗିରଫ ୨ ଅଭିଯୁକ୍ତ ।



ଜବତ ସାମଗ୍ରୀ ।

## 'ଗଣତାନ୍ତ୍ରିକ ପରମ୍ପରାର ସୁଦୃଢ଼ୀକରଣ ଆବଶ୍ୟକ'

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ବିଶ୍ୱ ଗଣତାନ୍ତ୍ରିକ ଦିବସ ଅବସରରେ ବୁଧବାର ଲୋକ ସଭା ପକ୍ଷରୁ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫେରେନ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ବାଚସ୍ପତି ଓ ଉପବାଚସ୍ପତି ଯୋଗଦେଇ ଭାରତୀୟ ଗଣତନ୍ତ୍ରକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଉପାୟରେ ରାଷ୍ଟ୍ରର ବିକାଶ ନିଶ୍ଚିତ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ରର ଗରିମାମୟ ପରମ୍ପରା ଉପରେ ଆଲୋକପାତ କରିଛନ୍ତି। ବି. ଆର୍. ଆମ୍ବେଡ୍‌କରଙ୍କ ସମ୍ବିଧାନ ପରିକଳ୍ପନା ଭାରତ ପ୍ରତି ଶ୍ରଦ୍ଧା ଓ ସମ୍ମାନ ବଢ଼ାଇଛି। ସେହି ମହାନ୍ ଗଣତାନ୍ତ୍ରିକ ପରମ୍ପରାର ଯଥେଷ୍ଟ ସୁଦୃଢ଼ୀକରଣ କରିବା ଆବଶ୍ୟକ ସେ ମତବ୍ୟକ୍ତ କରିଥିଲେ। ଆଇନ ସର୍ବଦା ଗରିବ ଓ ନିଷ୍ପେଷିତଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଅଭିପ୍ରେତ ହେବା ଉଚିତ। ବିଧାୟକ ଓ ଏମ୍‌ପିମାନେ ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ସର୍ବଦା ସମ୍ବେଦନଶୀଳ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

**ଫର୍ମ ଏ**

**ସର୍ବସାଧାରଣ ଘୋଷଣା**

[ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁସନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୬ ଅଧୀନରେ]

**ୱାଇ. ପାଣି ଆଣ୍ଡ କମ୍ପାନୀ ପ୍ରା. ଲିଃର ଋଣଦାତାଙ୍କ ଧ୍ୟାନାକର୍ଷଣ ନିମନ୍ତେ**

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ୱାଇ.ପାଣି ଆଣ୍ଡ କମ୍ପାନୀ ପ୍ରା. ଲିଃ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୧୫।୦୧।୧୯୯୦ |
| ୩. | କର୍ପୋରେଟ୍ ଋଣୀ କେଉଁ କର୍ତ୍ତୃପକ୍ଷଙ୍କ ଅଧୀନରେ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ, କଟକ କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୭୪୯୯୯ଓଆର୍‌୧୯୯୦ପିଟିସି୦୦୨୪୧୨ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ଏ-୧, ବନଫୁଲ ହାଉସ୍, ବୁଦ୍ଧନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୬ |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୧୩ ସେପ୍ଟେମ୍ବର, ୨୦୨୧, ମାନ୍ୟବର ଏନ୍‌ସିଏଲ୍‌ଟି କଟକ ଖଣ୍ଡପୀଠଙ୍କ ଦ୍ୱାରା ଜାରି ଆଦେଶ ସଂଖ୍ୟା- ସିପି ୦ବି) ନଂ. ୮/ସିବିଆଇ୨୦୨୧ ଜରିଆରେ |
| ୭. | ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ସମାପ୍ତିର ଅଟକଳ ତାରିଖ | ୧୧ ମାର୍ଚ୍ଚ, ୨୦୨୨ (ଆଦେଶ ତାରିଖରୁ ୧୮୦ତମ ଦିବସ) |
| ୮. | ଅନ୍ତରୀଣ ମୀମାଂସା ବୃତ୍ତିଧାରୀ ଭାବେ କାର୍ଯ୍ୟ କରୁଥିବା ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ନାମ: ଉମେଶ ଚନ୍ଦ୍ର ସାହୁ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୬୨୧/୨୦୧୮-୧୯/୧୧୮୫୫ |
| ୯. | ବୋର୍ଡ ସହିତ ପଞ୍ଜୀକୃତ ହୋଇଥିବା ଅନୁଯାୟୀ, ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ଠିକଣା ଓ ଇମେଲ୍ | ପଞ୍ଜୀକୃତ ଠିକଣା: ପ୍ଲଟ୍ ନଂ.-୪, ସ୍ୱୋକ୍ରପ୍ ଆପାର୍ଟମେଣ୍ଟ, ୨ୟ ମହଲା, କଟକ ରୋଡ୍ (ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ପାଖ), ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା, ଭାରତ ଇମେଲ୍: info@nayadarshan.com |
| ୧୦. | ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ସହିତ ପତ୍ରଯୋଗାଯୋଗ ପାଇଁ ବ୍ୟବହାର ହେବାକୁ ଥିବା ଠିକଣା ଓ ଇ-ମେଲ୍ | ପ୍ଲଟ୍ ନଂ.-୪, ସ୍ୱୋକ୍ରପ୍ ଆପାର୍ଟମେଣ୍ଟ, ୨ୟ ମହଲା, କଟକ ରୋଡ୍ (ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ପାଖ), ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା, ଭାରତ । ଇମେଲ୍: ypani@nayadarshan.com |
| ୧୧. | ଦାବି ଦାଖଲର ଶେଷ ତାରିଖ | ୨୭ ସେପ୍ଟେମ୍ବର ୨୦୨୧ (ଆଦେଶ ତାରିଖରୁ ୧୪ତମ ଦିବସ) |
| ୧୨. | ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ଅନୁଯାୟୀ, ଋଣଦାତାଙ୍କ ଶ୍ରେଣୀ, ଯଦି ଥାଏ, ଧାରା ୨୧ର ଉପ-ଧାରା (୬ଏ)ର ଦଫା (ବି) ଅଧୀନରେ | ପ୍ରଯୁଜ୍ୟ ନୁହେଁ |
| ୧୩. | ଏକ ଶ୍ରେଣୀରେ ଋଣଦାତାମାନଙ୍କ ପ୍ରାଧିକୃତ ପ୍ରତିନିଧି ଭାବେ କାର୍ଯ୍ୟ କରିବା ପାଇଁ ଚିହ୍ନଟ ହୋଇଥିବା ମୀମାଂସା ବୃତ୍ତିଧାରୀଙ୍କ ନାମ (ପ୍ରତ୍ୟେକ ଶ୍ରେଣୀ ପାଇଁ ତିନିଟି ନାମ) | ପ୍ରଯୁଜ୍ୟ ନୁହେଁ |
| ୧୪. | (କ) ସମ୍ପର୍କିତ ଫର୍ମ ଏବଂ (ଖ) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଉପଲବ୍ଧ ହେବା ସ୍ଥାନ: | କ) ୱେବ୍ ଲିଙ୍କ୍: https://ibbi.gov.in/home/downloads ଖ) ପ୍ରଯୁଜ୍ୟ ନୁହେଁ |

ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ, ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ ୧୩ ସେପ୍ଟେମ୍ବର, ୨୦୨୧ ଦିନ ୱାଇ.ପାଣି ଆଣ୍ଡ କମ୍ପାନୀ ପ୍ରା. ଲିଃର କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆଦେଶ ଦେଇଛନ୍ତି ।

ୱାଇ.ପାଣି ଆଣ୍ଡ କମ୍ପାନୀ ପ୍ରା. ଲିଃର ଋଣଦାତାମାନଙ୍କୁ ଏତଦ୍ୱାରା ୨୭ ସେପ୍ଟେମ୍ବର, ୨୦୨୧ କିମ୍ବା ତାହା ପୂର୍ବ ସୁଦ୍ଧା ପ୍ରମାଣ ସହିତ ସେମାନଙ୍କର ଦାବିଗୁଡ଼ିକୁ ପ୍ରବେଶିକା ନଂ. ୧୦ରେ ଦର୍ଶିତ ଠିକଣାରେ ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ନିକଟରେ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି । ଆର୍ଥିକ ଋଣଦାତାମାନେ କେବଳ ବୈଦ୍ୟୁତିକ ମାଧ୍ୟମରେ ପ୍ରମାଣ ସହିତ ସେମାନଙ୍କ ଦାବି ଦାଖଲ କରିବେ । ଅନ୍ୟାନ୍ୟ ସମସ୍ତ ଋଣଦାତା ବ୍ୟକ୍ତିଗତ ଭାବେ, ଡାକ ଯୋଗେ କିମ୍ବା ବୈଦ୍ୟୁତିକ ମାଧ୍ୟମରେ ପ୍ରମାଣ ସହିତ ସେମାନଙ୍କର ଦାବି ଦାଖଲ କରିପାରିବେ ।

ପ୍ରବେଶିକା ନଂ.୧୨ରେ ତାଲିକାଭୁକ୍ତ ହୋଇଥିବା ଅନୁଯାୟୀ, ଏକ ଶ୍ରେଣୀ ସହ ସମ୍ପର୍କ ରଖୁଥିବା ଜଣେ ଆର୍ଥିକ ଋଣଦାତା, ଫର୍ମ ସିଏରେ ଶ୍ରେଣୀର [ଏନ୍ଏ] ପ୍ରାଧିକୃତ ପ୍ରତିନିଧି ଭାବେ କାର୍ଯ୍ୟ କରିବା ପାଇଁ ପ୍ରବେଶିକା ନଂ.୧୩ରେ ତାଲିକାଭୁକ୍ତ ତିନିଜଣ ମୀମାଂସା ବୃତ୍ତିଧାରୀଙ୍କ ମଧ୍ୟରେ ନିଜ ପସନ୍ଦର ପ୍ରାଧିକୃତ ପ୍ରତିନିଧିଙ୍କୁ ସୂଚାଇବେ ।

ମିଥ୍ୟା କିମ୍ବା ଭ୍ରମାତ୍ମକ ଦାବିର ପ୍ରମାଣ ଜରିମାନା ଆକର୍ଷଣ କରିବ ।

ସ୍ୱା./-
ଉମେଶ ଚନ୍ଦ୍ର ସାହୁ
ତାରିଖ: ୧୫।୦୯।୨୦୨୧ ୱାଇ.ପାଣି ଆଣ୍ଡ କମ୍ପାନୀ ପ୍ରା. ଲିଃ ପାଇଁ ଅନ୍ତରୀଣ ମୀମାଂସା ବୃତ୍ତିଧାରୀ
ସ୍ଥାନ: ଭୁବନେଶ୍ୱର ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୬୨୧/୨୦୧୮-୧୯/୧୧୮୫୫

# ସୁରକ୍ଷା ଚିନ୍ତା ବଢ଼ାଉଛନ୍ତି ଠିକା କର୍ମଚାରୀ

**ପିଏକ୍ସଇରେ ଚାଲିଛି ଠିକା କର୍ମଚାରୀ ନିଯୁକ୍ତି**

**ବାଲେଶ୍ୱର ଅଫିସ,୧୫।୯**

ବାଲେଶ୍ୱର ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ତଥ୍ୟ ଲିକ ଘଟଣାରେ ଗିରଫ ୪ ଠିକା କର୍ମଚାରୀ ବୁଧବାର କୋର୍ଟ ଚାଲାଣ ହୋଇଛନ୍ତି। ଏହି ଘଟଣାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି ହୋଇଛି। ମାତ୍ର ଡିଆର୍‌ଡିଓ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିସମେଣ୍ଟ(ପିଏକ୍ସଇ)ର ଅଗ୍ନିଶମ ବିଭାଗର ୪୧ଟି ପଦବୀରେ ଠିକା କର୍ମଚାରୀ ନିଯୁକ୍ତି ପାଇଁ ବୁଧବାର ସାକ୍ଷାତକାର ପିଏକ୍ସଇ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଛି। ସୂଚନାଯୋଗ୍ୟ ଏହି ସମ୍ବେଦନଶୀଳ ପଦବୀରେ ଠିକା କର୍ମଚାରୀ ନିଯୁକ୍ତି ଦେବା ଅନୁପଯୁକ୍ତ ବୋଲି ପିଏକ୍ସଇ ଡାଇରେକ୍ଟର ଜେନେରାଲ ପ୍ରବୀର ମେହେଟା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପିଏକ୍ସଇ କର୍ତ୍ତୃପକ୍ଷ ଠିକା ନିଯୁକ୍ତି ଜାରି ରଖିବାକୁ ନେଇ ପ୍ରୁଫ୍ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏନେଇ ବାଲେଶ୍ୱର ବାର୍ ଆସୋସିଏସନ୍ ସଭାପତି ମନୋଜ ନାୟକ କହନ୍ତି, ପ୍ରତିରକ୍ଷା ବିଭାଗ ଦେଶର ସୁରକ୍ଷା ସହିତ ଜଡ଼ିତ। ଠିକା କର୍ମଚାରୀମାନେ ଅଭାବ ଓ ଲୋଭରେ ପଡ଼ି ଦେଶର ଗୁପ୍ତ ତଥ୍ୟକୁ ପ୍ରଘଟ କରୁଛନ୍ତି। ଅନ୍ୟପଟରେ ସରକାର ପ୍ରତିରକ୍ଷା ବିଭାଗକୁ ଘରୋଇକରଣ କରିବା ପଦ୍ଧତିରେ ଏପରି କରୁଥିବାରୁ ଠିକା ନିଯୁକ୍ତି ଗ୍ରହଣୀୟ ନୁହେଁ। ପୂର୍ବତନ ଲୋକପାଳ ସୁବ୍ରତ କର କହନ୍ତି, ସମ୍ବେଦନଶୀଳ ସଂସ୍ଥାରେ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି କାହିଁକି,ଏହା କିନ୍ତୁ ଆଦୌ ଯୁକ୍ତିଯୁକ୍ତ ନୁହେଁ। ପ୍ରତିରକ୍ଷା ବିଭାଗରେ ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଆଇନଜୀବୀ ସମ୍ବିତ ନନ୍ଦୀ କହନ୍ତି, ଠିକା କର୍ମଚାରୀଙ୍କ ଉପରେ କୌଣସି ଲଗାମ ନାହିଁ। ଦେଶର ସୁରକ୍ଷା ସହିତ ଜଡ଼ିତ ଡିଆର୍‌ଡିଓ ଭଳି ସମ୍ବେଦନଶୀଳ ସଂସ୍ଥାରେ ଠିକା କର୍ମଚାରୀଙ୍କୁ ପ୍ରୋତ୍ସାହନ ଦେବା ଉଚିତ୍ ନୁହେଁ। ଗୁପ୍ତ ତଥ୍ୟ ବାରମ୍ବାର ବାହାରକୁ ଗଲେ ଦେଶର ସୁରକ୍ଷା ବିପନ୍ନ ହେବ। ଏହାଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ କେନ୍ଦ୍ରସରକାର ଗୁରୁତ୍ୱ ଦେବା ଆବଶ୍ୟକ।

**ଓଡିଶା ରାଜ୍ୟ ସଡକ ପରିବହନ ନିଗମ , ଭୁବନେଶ୍ୱର**
ପରିବହନ ଭବନ, ସଚିବାଳୟ ମାର୍ଗ , ୟୁନିଟ୍ - ୨, ଭୁବନେଶ୍ୱର -୭୫୧୦୦୧

ସଂଖ୍ୟା : ୧୬୦୨ **ବିଜ୍ଞାପନ** ତା.୧୫.୦୯.୨୦୨୧

ଓଡିଶା ରାଜ୍ୟ ସଡକ ପରିବହନ ନିଗମରେ ଥିବା ଶାଖା ଗୁଡିକ ନିମନ୍ତେ ଦରକାର ହେଉଥିବା ଚୁକ୍ତି ଭିତ୍ତିକ LMV ଡ୍ରାଇଭର, HMV. ଡ୍ରାଇଭର ଓ କଣ୍ଡକ୍ଟରଙ୍କର ପାରିଶ୍ରମିକ ଯଥା କ୍ରମେ ଟ.୧୨,୯୦୦ ଓ ଟ.୧୧,୧୦୦ ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତି ଭିତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡକ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧିନରେ ଥିବା ଶାଖା ମାନଙ୍କରେ ଅବସ୍ଥାପିତ କରାଯିବ ।

ସର୍ତ୍ତାବଳୀ ପୂରଣ କରିଥିବା ପାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା.୨୭.୦୯.୨୦୨୧ ଠାରୁ ତା.୦୫.୧୦.୨୦୨୧ ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ଘ.୧୧.୦୦ ଟିକା ଠାରୁ ଅପରାହ୍ନ ଘ.୫.୦୦ ଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ ।

ଏହାର ସବିଶେଷ ବିବରଣୀ OSRTC website - www.osrtc.in ରେ ଉପଲବ୍ଧ ।

ଅଧକ୍ଷ ତଥା ପରିଚାଳନାନିର୍ଦ୍ଦେଶକଙ୍କ ଆଦେଶକ୍ରମେ
ସାଧାରଣ ପରିଚାଳକ (ପ୍ରଶାସନ)
ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର

> ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। —ଶ୍ରୀଅରବିନ୍ଦ



# ଖାଦ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ



ସିମୋନ ଜାଡେକ୍

ସାମ୍ପ୍ରତିକ ସମୟରେ ଗ୍ଲୋବାଲ ଫୁଡ୍ ସିଷ୍ଟମ ବା ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥା ପରିବେଶ ପ୍ରତିକୂଳ ହୋଇଯାଇଛି। ଏହାର ମୂଲ୍ୟ ପ୍ରାୟ ୮ ଟ୍ରିଲିୟନ ଡଲାର ରହିଥିବାବେଳେ ଏହାର ନକାରାତ୍ମକ ପ୍ରଭାବରୁ ଘଟୁଥିବା କ୍ଷତିର ପରିମାଣ ପାଖାପାଖି ୧୨ ଟ୍ରିଲିୟନ ଡଲାର ରହିଛି। ଏହା ଖାଦ୍ୟ ବ୍ୟବସ୍ଥାର ଏକ ମାତ୍ର ବିରୋଧାଭାସକୁ ସୂଚିତ କରୁନାହିଁ ବରଂ ପୃଥିବୀର ସବୁଆଡେ ଖାଦ୍ୟ ବ୍ୟବସ୍ଥା ଜଳବାୟୁ ପରିବର୍ତ୍ତନ (ବିଧ୍ୱଂସକ ପାଗ ଏବଂ ହାରାହାରି ତାପମାତ୍ରା ବୃଦ୍ଧି) ଏବଂ ଏଥିପାଇଁ ଦାୟୀ ତତ୍ତ୍ୱ ( ସବୁଜ ବାଷ୍ପ ନିର୍ଗମନ ଏବଂ ଜୈବବିଧତା ଧ୍ୱଂସ ) ପ୍ରଭାବିତ ହେଉଛି। ବହୁ ସମୟରେ ଏହି ବ୍ୟବସ୍ଥାରେ ନିମ୍ନମାନର ଲକ୍ଷ ଲକ୍ଷ ଚାକିରିରେ କମ୍ ଦରମା ଦିଆଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଖାଦ୍ୟ ବ୍ୟବସ୍ଥାଗୁଡ଼ିକ ଶସ୍ତା ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ଦେବାର ମୁଖ୍ୟ ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହୋଇଛନ୍ତି। କାରଣ ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥା ମୁଖ୍ୟତଃ ସଫଳ ହୋଇପାରିନାହିଁ, ତା' ଉଚିତ ଲକ୍ଷ୍ୟରେ ବି କାମ କରିପାରୁନାହିଁ। ଏଥିପାଇଁ ପରିବର୍ତ୍ତନ ଅପରିହାର୍ଯ୍ୟ ଓ ଏକ ସମ୍ମିଳିତ, ନିରନ୍ତର ତଥା ପରିବେଶ ଅନୁକୂଳ କ୍ଷେତ୍ର ସୃଷ୍ଟି କରିବା ପାଇଁ ଆମୂଳଚୂଳ ସୁଧାର ଲୋଡ଼ା। ସ୍ୱଳ୍ପ ମିଆଦୀ କ୍ଷତିକାରକ ପରିଣାମ ଥିବା ଏଭଳି କ୍ଷେତ୍ର ବିଶ୍ୱର ଲୋକମାନଙ୍କ ପାଇଁ ପୌଷ୍ଟିକ ଭୋଜନ ଉତ୍ପାଦନ କରୁଥିବା ଆବଶ୍ୟକ। ଏହାବଦଳରେ ଯଦି ଆମେ ଭୁଲ୍ ଦୃଷ୍ଟିକୋଣ ଆପଣାଇବା ତେବେ ତାହା ବ୍ୟବସାୟରେ ଦେବାଳିଆ ପରିସ୍ଥିତି ସୃଷ୍ଟି କରିବ। ଏହା ଗ୍ରାମ୍ୟ ବେରୋଜଗାରକୁ ଆହୁରି କ୍ଷତି ପହଞ୍ଚାଇବ, ଦ୍ରବ୍ୟର ମୂଲ୍ୟ ବଢାଇବା ସହ ଦାରିଦ୍ର୍ୟ ବୃଦ୍ଧି କରିବ।

ଆମ ସମସ୍ତଙ୍କୁ ଶସ୍ତାରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଯୋଗାଇବା ଭଳି ଏକ ନିରନ୍ତର ତଥା ପରିବେଶ ଉପଯୋଗୀ ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥାରେ ତ୍ୱରିତ, ନିଷ୍ପକ୍ଷ ଏବଂ ସୁରକ୍ଷିତ ପରିବର୍ତ୍ତନ ଆଣିବା ଦରକାର। ଏହା ଏବେ ଏକ ବିତର୍କର ପ୍ରସଙ୍ଗ ହୋଇଛି। ଚଳିତ ମାସରେ ଜାତିସଂଘ ସାଧାରଣ ସଭାରେ ହେବାକୁ ଥିବା ଜାତିସଂଘ ଖାଦ୍ୟ ବ୍ୟବସ୍ଥା ସମ୍ମିଳନୀ ପୂର୍ବରୁ ହୋଇଥିବା ଜୋର୍‌ଦାର ଆଲୋଚନା ପରିବର୍ତ୍ତନ ଆଣିବା ପ୍ରୟାସକୁ ପ୍ରକାଶ ପାଇଛି। ଉତ୍ପାଦନ ଦୃଷ୍ଟିକୋଣରୁ ଏହା ଜେନେରେଟିଭ ଫାର୍ମିଂ (ପ୍ରାକୃତିକ ଓ ପାରମ୍ପରିକ ପଦ୍ଧତିରେ ମାଟିର ଉର୍ବରତା ବୃଦ୍ଧି ଦ୍ୱାରା କରାଯାଉଥିବା କୃଷି) ସପକ୍ଷରେ ଯୁକ୍ତି ଉପସ୍ଥାପନ କରେ । କିନ୍ତୁ ଏହା ନୂତନ ପିଢ଼ିର ସଏଲ୍‌ଲେସ ଫାର୍ମିଂ (ବିନା ମାଟିରେ କୃଷି) ଉତ୍ପାଦନ ଯଥା ବିଜ୍ଞାନାଗାରରେ ପ୍ରସ୍ତୁତ କରାଯାଉଥିବା ବିକଳ୍ପ ପ୍ରୋଟିନ ଏବଂ ଭର୍ଟିକାଲ ଫାର୍ମିଂକୁ ଜୋର୍‌ଦାର ବିରୋଧ କରେ। କିନ୍ତୁ ଜେନେରେଟିଭ୍ ଫାର୍ମିଂ ପଦ୍ଧତିରେ ଶୀଘ୍ର ଉତ୍ପାଦନ ବୃଦ୍ଧି କରିବା କଷ୍ଟକର। ବିନା ମାଟିରେ କରାଯାଉଥିବା ଚାଷରେ କମ୍ କାର୍ବନ ନିର୍ଗମନ ଓ ଜଳ ଉପଯୋଗ ହୋଇପାରିବ। ଜୈବ ବିବିଧତା ଉପରେ ସର୍ବନିମ୍ନ ପ୍ରଭାବ ଏବଂ ଶୀଘ୍ର ଅଧିକ ଶସ୍ତା, ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଯୋଗାଇ ଦେବାର କ୍ଷମତା ଏହାର ରହିଛି। ସେଥିପାଇଁ ପରିବେଶ ଉପଯୋଗୀ ଖାଦ୍ୟ ବ୍ୟବସ୍ଥାରେ ରହିଥିବା ସମସ୍ୟାର ସମାଧାନରେ ଏହି କୃଷିର ଏକ ପ୍ରମୁଖ ଭୂମିକା ଦରକାର। ପରିବର୍ତ୍ତନ ଆଣିବାକୁ ହେଲେ ଅର୍ଥର ଭୂମିକା ମଧ୍ୟ ରହିଛି। କିନ୍ତୁ ଏହା କିଛି କମ୍ ସମସ୍ୟାରେ ବା ବିବାଦରେ ନାହିଁ। ବିଶ୍ୱ ଖାଦ୍ୟ ବ୍ୟବସ୍ଥାରେ ନିଷ୍ପତ୍ତି ନେବାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଘରୋଇ ବ୍ୟବସାୟୀ ବା କମ୍ପାନୀଙ୍କ ଅବାଞ୍ଛିତ କର୍ତ୍ତୃତ୍ୱ ରହିଛି। ଏହା ସମ୍ପୂର୍ଣ୍ଣ ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥାକୁ ପ୍ରଭାବିତ କରୁଛି ଓ ଏହା ସମ୍ପର୍କରେ ଅଭିଯୋଗ ଉଠିବା ମଧ୍ୟ ଯୁକ୍ତିଯୁକ୍ତ। ଫୁଡ୍ ସିଷ୍ଟମ୍‌ର ବିତ୍ତୀୟକରଣ ଅଭିଯାନ ମଧ୍ୟ ବଢୁଛି। ସିଷ୍ଟମରେ ରହିଥିବା ବିପଦକୁ ବିଚାରକୁ ନେଇ କିପରି ଅଧିକ ଲାଭ ପାଇହେବ ସେଥିପାଇଁ ସବୁଆଡ଼େ ବିଶ୍ୱ ଖାଦ୍ୟ ବ୍ୟବସ୍ଥାରେ ବିତ୍ତୀୟକରଣ ବୃଦ୍ଧି ପାଉଛି। ଉଦାହରଣ ସ୍ୱରୂପ,ମାତ୍ର ୧୦ଟି କମ୍ପାନୀ ବିଶ୍ୱର ସିଡ୍ ମାର୍କେଟକୁ ନିୟନ୍ତ୍ରଣ କରନ୍ତି ଏବଂ ୪ଟି କୃଷିଭିତ୍ତିକ ଫାର୍ମ ବିଶ୍ୱ ଶସ୍ୟ କାରବାରର ୯୦ ପ୍ରତିଶତ କରିଥାଆନ୍ତି। କେବଳ ୧% କୃଷି ଫାର୍ମ ୬୫ % ଜମିର ମାଲିକ ହୋଇବସିଛନ୍ତି। ବିତ୍ତୀୟକରଣ ମୁଖ୍ୟତଃ ବ୍ୟବସାୟିକ ଢାଞ୍ଚାକୁ ସମର୍ଥନ କରେ। ଏହା ସ୍ୱାସ୍ଥ୍ୟପ୍ରଦ ଓ ଶସ୍ତା ଖାଦ୍ୟ ଯୋଗାଣ କମ୍ କରିଥାଏ। ଅନ୍ୟପକ୍ଷରେ ଏହା ଅଧିକ ପରିମାଣର ସଲ୍ଟ, ସୁଗାର, ଫ୍ୟାଟ ଏବଂ କାର୍ବୋହାଇଡ୍ରେଟ୍ସ ଥିବା ଖାଦ୍ୟ ଯୋଗାଣ ବୃଦ୍ଧି କରେ। ଏହା ଆର୍ଥିକ ଲାଭର ଅସମାନ ବିତରଣକୁ ବଢ଼ାଇବା ସହ କ୍ଷୁଦ୍ର ଚାଷୀମାନଙ୍କ ଆୟ କମାଇଦିଏ। ମୋଟ୍ ଉପରେ ବିତ୍ତୀୟକରଣ କର୍ପୋରେଟ ଲବିଗୁଡ଼ିକୁ ତୀବ୍ର କରେ। ଏହା ସାଧାରଣ ସ୍ୱାସ୍ଥ୍ୟକୁ ଅଣଦେଖା କରି କ୍ଷତି କରନ୍ତି। କୃଷି ସବ୍‌ସିଡ଼ିକୁ ବିପରୀତ କରିବା କାର୍ଯ୍ୟ ଜାରି ରଖନ୍ତି । ଏହି ଲବିଗୁଡ଼ିକ ଜଳବାୟୁ ଓ ପ୍ରକୃତିକୁ କ୍ଷତିକରିବ ନାହିଁ ବୋଲି ନିଶ୍ଚିତ କରି ନ ଥାନ୍ତି।

ଏପରି ସ୍ଥିତିରେ ଗ୍ଲୋବାଲ ଫୁଡ୍ ସିଷ୍ଟମର ପରିବର୍ତ୍ତନ ଲାଗି ଘରୋଇ ପୁଞ୍ଜିର ଆବଶ୍ୟକତା ଜରୁରୀ। ଆମେ ପେନ୍‌ସନ୍ ଫଣ୍ଡ୍ , ବ୍ୟାଙ୍କ୍ ଏବଂ ଘରୋଇ ଅଂଶୀଦାରଙ୍କ ଦ୍ୱାରା ସାମଗ୍ରିକ ଭାବେ ପରିଚାଳନା କରୁଥିବା ବିପୁଳ ଆର୍ଥିକ ସଂସାଧନଗୁଡ଼ିକୁ ନିୟନ୍ତ୍ରଣ କରିବା ଦରକାର। ବିତ୍ତୀୟକରଣର ବିପଦକୁ ହ୍ରାସ କରିବାକୁ ହେଲେ ଆମକୁ ଏଭଳି ପଦକ୍ଷେପ ନେବାକୁ ହେବ। ନିକଟରେ ମେକିଂ ଫାଇନାନ୍ସ ୱର୍କ ଫର୍ ଫୁଡ୍ ରିପୋର୍ଟରେ ଏକ ସ୍ଥାୟୀ ତଥା ଅନୁକୂଳ ଖାଦ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ଆର୍ଥିକ୍ ସଂସାଧନ ଯୋଗାଣରେ ପରିବର୍ତ୍ତନ, ଜୈବ ବିବିଧତା ପାଇଁ ଆର୍ଥିକ ଅଭିଯାନରେ ଆବଶ୍ୟକ ହେଉଥିବା ଗ୍ଲୋବାଲ ଫାଇନାନ୍ସ ବା ବିଶ୍ୱ ଆର୍ଥିକ ସହାୟତାର ଭୂମିକା ସମ୍ପର୍କିତ ଚିତ୍ରକୁ ସାମ୍ନାକୁ ଆଣିଛି। ଫୁଡ୍ ସିଷ୍ଟମ୍ ଇକୋନୋମିକ୍ସ କମିଶନ ସହଭାଗିତାରେ ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟରେ ଭବିଷ୍ୟତର ଖାଦ୍ୟ ବ୍ୟବସ୍ଥାକୁ ଗଢ଼ିବା ଲାଗି ୪ଟି ଉପାୟରେ ଫାଇନାନ୍ସିଆଲ ଟୁଲ୍ ବା ବିତ୍ତୀୟ ସାଧନକୁ କିଭଳି ଉପଯୋଗ କରିହେବ, ସେ ସମ୍ପର୍କରେ ବର୍ଣ୍ଣନା କରିଛି। ପ୍ରଥମତଃ,ଆର୍ଥିକ ନୀତି ଓ ନିୟମଗୁଡ଼ିକୁ ଅଂଶୀଦାର ଏବଂ ସାର୍ବଜନିକ ସକ୍ରିୟତା ଦ୍ୱାରା ମଜଭୁତ କରାଯିବା ଜରୁରୀ। ଏହା ଜଳବାୟୁ ଏବଂ ପ୍ରକୃତିର ହେଉଥିବା କ୍ଷତିକୁ ବିଚାରକୁ ନେବା ପାଇଁ ନିବେଶକମାନଙ୍କୁ ପ୍ରେରିତ କରିବ। ସେମାନେ ଅର୍ଥ ଯୋଗାଣର ନିଷ୍ପତ୍ତିରେ ଏହାକୁ ଅଧିକ ଗୁରୁତ୍ୱ ଦେବେ। ଏଭଳି ପରିବର୍ତ୍ତନ ପରିବେଶ ଅନୁକୂଳ ନିବେଶ ବଢ଼ାଇବ ଏବଂ ପୋଷକ ଖାଦ୍ୟ ଉତ୍ପାଦନ ଆଡକୁ ମୁହାଁଇବ।

ଦ୍ୱିତୀୟରେ, ଜଳବାୟୁ ଓ ପରିବେଶ ଉପଯୋଗୀ କୃଷି ଦ୍ୱାରା ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଉତ୍ପାଦନରେ ନିବେଶ ବୃଦ୍ଧି କରିବା ପାଇଁ ସରକାରୀ ଓ ଘରୋଇ ସ୍ତରରେ ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ଏଥିରେ ଥିବା ସମସ୍ୟାର ସମାଧାନ କରିବା ସହ ଅଭିନବ ଆର୍ଥିକ ପ୍ରକ୍ରିୟା ଆପଣାଇବା ଆବଶ୍ୟକ। ଏହାଦ୍ୱାରା ପରିବେଶଗତ କ୍ଷତି ହ୍ରାସ ପାଇବ। ଏଭଳି ଅଭିନବ ପ୍ରକ୍ରିୟାରେ ଅକ୍ଷୟ ଶକ୍ତି ନିବେଶ କ୍ଷେତ୍ରରେ ପ୍ରଭାବୀ ଓ ଉଚ୍ଚମାନର ଉପକରଣ ଉପଯୋଗ କରାଯାଇପାରିବ। ତୃତୀୟତଃ, ବିଶ୍ୱ ଖାଦ୍ୟ ବ୍ୟବସ୍ଥାର ପରିବର୍ତ୍ତନ ଧାରାରେ ଯେଉଁମାନଙ୍କ ଜୀବିକା ବିପନ୍ନ ହେବ ସେମାନେ ତାହା କିଭଳି ଫେରି ପାଇବେ ଓ ତାହା କିପରି ସୁରକ୍ଷିତ ରହିବ ସେଥିପାଇଁ ନୀତି ଏବଂ ସରକାରୀ ଆର୍ଥିକ ସହାୟତା ଆବଶ୍ୟକ। ଏଥିପାଇଁ ବୈଷୟିକ, କୌଶଳ ବିକାଶ ଏବଂ ପୁଞ୍ଜି ଯୋଗାଇ ଦେବା ଲକ୍ଷ୍ୟ ହେବା ଉଚିତ। ଏହାଦ୍ୱାରା ସେମାନେ ଖାଦ୍ୟ ଉତ୍ପାଦନ ପାଇଁ ରିଜେନେରେଟିଭ୍ ଏବଂ ସଏଲ୍ ଲେସ୍ ପଦ୍ଧତିରେ କୃଷି କରିବା ସହ ବ୍ୟବସାୟିକ ସଞ୍ଚାଳନ ସକ୍ଷମ କରିବାକୁ ସକ୍ଷମ ହେବେ। ଶେଷରେ ନାଗରିକ ସଶକ୍ତୀକରଣ ପାଇଁ ବିଶେଷକରି ଡିଜିଟାଇଜେଶନର କ୍ଷମତା ଉପଯୋଗ କରି ସୁଯୋଗ ସୃଷ୍ଟି କରିବାକୁ ହେବ। ଉପଭୋକ୍ତା ଭାବେ ସେମାନେ ଉଚ୍ଚମାନର ପରିବେଶ ଅନୁକୂଳ ଖାଦ୍ୟ ଗ୍ରହଣ କରି ଏକ ପ୍ରକାର ପ୍ରଭାବ ସୃଷ୍ଟି କରିପାରିବେ। ନିବେଶକ ଭାବେ ପେନ୍‌ସନ ପଲିସି ଧାରକ ଏବଂ କରଦାତାମାନେ ସେମାନଙ୍କ ଅର୍ଥ ଉଚିତ ବାଟରେ ଲାଗିଛି ବୋଲି କହିପାରିବେ।

ଏକ ସମ୍ମିଳିତ ଏବଂ ନିରନ୍ତର ତଥା ପରିବେଶ ଉପଯୋଗୀ ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ବିଳମ୍ବ ହେଲେ ତାହା ଖାଦ୍ୟ ସୁରକ୍ଷାକୁ ବିପଦ ମଧ୍ୟକୁ ଠେଲି ଦେବ, ଜୀବିକା ନଷ୍ଟ କରିଦେବ। କେବଳ ଏତିକି ନୁହେଁ , ଏହା ମଧ୍ୟ ଆମକୁ ପରିବେଶଗତ ଲକ୍ଷ୍ୟ ହାସଲ କରିବାରେ ବାଧା ସୃଷ୍ଟି କରିବ। ଯେଉଁମାନେ ଏବେକାର ଫୁଡ୍ ସିଷ୍ଟମରୁ ଲାଭ ପାଉଛନ୍ତି ଏବଂ ଏବକାର କ୍ଷତିର ଧାରାକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଛନ୍ତି, ସେମାନଙ୍କ ବାଧାକୁ ଆମେ ଅତିକ୍ରମ କରିବା ଆବଶ୍ୟକ। ଏକ ତ୍ୱରିତ, ସ୍ଥାୟୀ ଏବଂ ଲାଭଜନକ ପରିବର୍ତ୍ତନ ଆଣିବାକୁ ପାଣ୍ଠି ଯୋଗାଡ କରିବାକୁ ହେଲେ ପୁଣି ବୈଶ୍ୱିକ ଆର୍ଥିକ ସହୟତାରେ ପରିବର୍ତ୍ତନ କରିବା ସହ ତାହାର ଲାଭକୁ ନିୟନ୍ତ୍ରଣ କରିବା ଦରକାର।

**ଅଧ୍ୟକ୍ଷ, ଫାଇନାନ୍ସ ଫର୍ ବାୟୋଡାଇଭର୍ସିଟି ଇନିସିଏଟିଭ୍**

# ମାନବିକତା ରହୁ



ଛନ୍ଦା ମିଶ୍ର

କୁହାଯାଏ, ଯେଉଁ ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଯେତେ ଉନ୍ନତ, ସେ ଦେଶ ସେତେ ସମୃଦ୍ଧ। ଦୁଇଟି ଯାକ ଆମ ଜୀବନରେ ଯେ ଏକାନ୍ତ ଅପରିହାର୍ଯ୍ୟ ଏଥିରେ ଦ୍ୱିମତ ନାହିଁ। ତେଣୁ ଏଥିରେ ସମ୍ପୃକ୍ତ ଶିକ୍ଷକ ଓ ଡାକ୍ତରଙ୍କୁ ଆମେ ଈଶ୍ୱରର ମାନ୍ୟତା ପ୍ରଦାନ କରୁ। ତାଙ୍କ ପ୍ରତିଭା ଓ ସମାଜ ସଂସ୍କାରର ମନୋଭାବକୁ ସମ୍ମାନ ଦେଉ। ମାତ୍ର କିଛି ବର୍ଷ ହେଲାଣି, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ରୀତିମତ ବେପାର ଆରମ୍ଭ ହୋଇଯାଇଛି। ବିଶେଷ କରି ସରକାରୀ ବିଦ୍ୟାଳୟ ଓ ହାସ୍‌ପାତାଳର ଦୁରବସ୍ଥା ପାଇଁ ମୁଣ୍ଡ ଟେକି ଥିବା ବେସରକାରୀ ଅନୁଷ୍ଠାନମାନେ ନିଜକୁ ଗୋଟିଏ ଗୋଟିଏ ଲାଭଜନକ ସଂସ୍ଥାରେ ପରିଣତ କରିବାକୁ କରିଛନ୍ତି ପ୍ରତିଜ୍ଞା। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି ଦୁଇଟି ଉଦାହରଣ ହେବ ଯଥେଷ୍ଟ।

ଏଇ କିଛିଦିନ ତଳେ ନିଜକୁ ବିଶ୍ୱ ସ୍ତରୀୟ ତଥା ପ୍ରତିଟି ଛାତ୍ରଙ୍କୁ, ପଢ଼ା ପରେ ରୋଜଗାରର ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେବାର ବାହୁସ୍ଫୋଟ ମାରୁଥିବା ସଂସ୍ଥାରେ ପରିଚିତଙ୍କ ପୁଅଟି ପାଠପଢ଼ି ଚାକିରି ପାଇଲା। କିନ୍ତୁ ଛ ମାସ ପରେ ଚାକିରିରୁ ବିଦା ହୋଇ ପିଲାଟି ଘରକୁ ଆସିଲା ପରେ ଜଣାପଡ଼ିଲା, କଲେଜର କାରସାଦି। କଲେଜ କର୍ତ୍ତୃପକ୍ଷ ପାଠପଢ଼ା ବାବଦରେ ନେଇଥିବା ବିପୁଳ ପରିମାଣର ଅର୍ଥ ମଧ୍ୟରେ ନେଇଯାଇଥିଲେ ପିଲା ପାଇଁ ଛ ମାସର ଦରମା। ଆଶ୍ଚର୍ଯ୍ୟର କଥା, ପିଲା ପାଠ ପଢୁ ବା ନ ପଢୁ, ପିଲା ସ୍ୱାବଲମ୍ବୀ ହେଉ ବା ନ ହେଉ ସେଥିପାଇଁ ଅନୁଷ୍ଠାନର କୌଣସି କର୍ତ୍ତବ୍ୟବୋଧ ନାହିଁ! ଏବେ ଦେଖିବା ହାସ୍‌ପାତାଳର କଥା। ସମ୍ପର୍କୀୟ ଭାଇଙ୍କ ସ୍କୁଟରରେ କୁକୁରଟିଏ ପଶି ଯିବାରୁ ସେ ଦୁର୍ଘଟଣାର ସମ୍ମୁଖୀନ ହେଲେ। ସେ ଚିକିତ୍ସା ପାଇଁ ବେସରକାରୀ ହସ୍ପିଟାଲକୁ ଗଲେ। ସେଠି ଡାକ୍ତର କେତେଗୁଡ଼ିଏ ଟେଷ୍ଟ କରାଇବା ସହ, ତାଙ୍କ କ୍ଷତ ସଫା କରି ହାତ ଭାଙ୍ଗି ଥିବାରୁ ପ୍ଲାଷ୍ଟର କରିଦେଲେ। ଔଷଧ ଖାଇବା ସତ୍ତ୍ୱେ, ଅତି ପ୍ରବଳ ଯନ୍ତ୍ରଣା ହେଉ ଥିବାରୁ ଭାଇ ଅନ୍ୟ ଜଣେ ପରିଚିତ ଡାକ୍ତରଙ୍କୁ ଦେଖାଇଲା ପରେ ସେ କହିଲେ, 'ଜଣେ ଡାକ୍ତର ଏପରି ଅଜ୍ଞ କିପରି ହୋଇପାରେ, କ୍ଷତ ଉପରେ କେହି କ'ଣ ପ୍ଲାଷ୍ଟର ଚଢ଼ାଇ ପାରେ!' ସଙ୍ଗେ ସଙ୍ଗେ ପ୍ଲାଷ୍ଟର କଟା ହେଲା। କ୍ଷତଟି ପଚି ସାରିଥିଲା। ତାକୁ ପୁଣି ଥରେ ଡ୍ରେସିଂ କରି, ହାତଟିକୁ କାନ୍ଧର ସାହାରା ଦେଇ ଝୁଲାଇ ରଖାଗଲା। କିଛି ମାସ ବିତି ଗଲାଣି, କ୍ଷତ ଶୁଖି ଗଲାଣି, ମାତ୍ର ହାତଟି ଏପର୍ଯ୍ୟନ୍ତ ସିଧା ହୋଇପାରୁନି। ଅନେକ ବେସରକାରୀ ଚିକିତ୍ସାଳୟର ଅବସ୍ଥା ଏହିପରି। ରୋଗୀ ଟିଏ ପହଞ୍ଚିଲା ମାତ୍ରେ ତା'ର ଆବଶ୍ୟକ ଥାଉ ବା ନ ଥାଉ ଅନେକଗୁଡ଼ିଏ ଦାମୀ ପରୀକ୍ଷା କରାଇବା ସହ ରୋଗୀ ଓ ତା'ର ପରିବାରବର୍ଗଙ୍କୁ ଏପରି ଡରାଇ ଦିଆଯାଉଛି ଯେ, ତାଙ୍କୁ ମନେହେଉଛି, ଡାକ୍ତରଖାନାରୁ ବାହାରିଲା ମାତ୍ରେ ମୃତ୍ୟୁ ସୁନିଶ୍ଚିତ। ତେଣୁ ଦ୍ୱିତୀୟ ଈଶ୍ୱରଙ୍କ ହାତରେ ନିଜକୁ ସମର୍ପି ଦେଇ ହେଉଛି ସର୍ବସ୍ୱାନ୍ତ।

ଏହି ଦୁଇଟି ଯାକ ବିଭାଗକୁ ସମାଜରେ ବେଶ୍ ମର୍ଯ୍ୟାଦାଜନକ ସ୍ଥାନ ମିଳିଥିଲେ ବି ସେମାନେ ତାହାକୁ ବ୍ୟବସାୟରେ ପରିଣତ କରି, କେବଳ ଲାଭ ସାଉଁଟିବାର ପଣରେ ନିଜକୁ ମାନବରୁ ମେଶିନରେ ବଦଳେଇ ସାରିଲେଣି। ମାନବିକତାଠାରୁ ଏମାନେ ଏବେ ଢେର୍ ଦୂରରେ। କାରଣ ଏହିଅନୁଷ୍ଠାନଗୁଡ଼ିକର ମାଲିକମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ସହ କୌଣସି ସମ୍ପର୍କ ନାହିଁ, ବରଂ ନିଜର ଅନ୍ୟ ବ୍ୟବସାୟର ଲାଭାଂଶକୁ ସେମାନେ ଏହି କ୍ଷେତ୍ରରେ ଖଟାଇ ନିଜ ପକେଟ ପୂରାଇବାରେ ବିଶ୍ୱାସ ରଖନ୍ତି।

ପୁଣି ପୁଅ ମନରେ ସେବା ମନୋଭାବ ନ ଥିଲେ ବି, ପିତାମାତାଙ୍କ ସପ୍ନ ପୂରଣ ପାଇଁ ତାକୁ, ବେସରକାରୀ ଅନୁଷ୍ଠାନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଡାକ୍ତର ହେବାକୁ ପଡୁଚି। ଫଳ ଯାହା ହେବା କଥା! ସେ ଡାକ୍ତର ହେବା ପୂର୍ବରୁ, କେଉଁ କେଉଁ ଉପାୟରେ ପିତା ମାତାଙ୍କ ଖର୍ଚ୍ଚରେ ଭରଣା କରିବ ତା'ର ଚିନ୍ତା ତାକୁ ଘାରୁଛି। ତେଣୁ ସେବା ମନୋବୃତ୍ତି ତ ଦୂରର କଥା, ଡାକ୍ତରୀ ଜ୍ଞାନ ଥିବା ଡାକ୍ତରଟିଏ ମିଳିବା କଷ୍ଟକର ହୋଇ ପଡୁଚି । ଏବେ ସରକାର ଏସବୁ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ପାଇଁ ଚିନ୍ତା କଲେଣି। କିନ୍ତୁ ସ୍ୱାସ୍ଥ୍ୟ ପରି ସମ୍ବେଦନଶୀଳ କ୍ଷେତ୍ରରେ ମାପକାଠି, ଜାତି ନା ଯୋଗ୍ୟତା, ତାହା ମଧ୍ୟ ଗମ୍ଭୀର ଭାବେ ବିଚାର୍ଯ୍ୟର ବିଷୟ।

ଯଦି ସରକାରୀ ଅନୁଷ୍ଠାନରେ ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟର ବନ୍ଦୋବସ୍ତ ହୋଇଛି, ତା'ହେଲେ ପ୍ରତିଦିନ ନୂଆ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ମୁଣ୍ଡ ଟେକୁଛି କିପରି? ହାତୀ ଯିବା ପାଇଁ ରାସ୍ତା କରି ପିମ୍ପୁଡ଼ି ପାଇଁ ସମସ୍ତ ବାଟ ବନ୍ଦ କରି ଦିଆଯିବାର ମାନେ କ'ଣ ? ଶିକ୍ଷାଦାନ ଓ ସ୍ୱାସ୍ଥ୍ୟସେବା, ଉଭୟ ମଣିଷ ପଣିଆର ନିଦର୍ଶନ ବିନା ନିରର୍ଥକ ମନେହୁଏ ନାହିଁ କି ?ଯଦି ସରକାର ନିୟମଟିଏ କରନ୍ତେ ଯେ, ସରକାରୀ ବାବୁମାନେ ନିଜର ସମସ୍ତ ଆବଶ୍ୟକତା ପାଇଁ ସରକାରୀ ବିଦ୍ୟାଳୟ ଓ ଚିକିତ୍ସାଳୟ ଛାଡ଼ି, ବେସରକାରୀ ଅନୁଷ୍ଠାନକୁ ଯାଇପାରିବେ ନାହିଁ, ତେବେ ସମସ୍ୟାଟିର ସରଳ ସମାଧାନ ହୋଇପାରନ୍ତା। ସରକାରୀ ଅନୁଷ୍ଠାନଗୁଡ଼ିକ ନିଜ ପୂର୍ବ ସ୍ଥିତି ଫେରିପାଆନ୍ତେ ଓ ବେସରକାରୀମାନଙ୍କ ଉପରେ ଅଙ୍କୁଶ ଲାଗନ୍ତା। କିନ୍ତୁ ତା' ମନେହୁଏ ସ୍ୱପ୍ନ ପ୍ରାୟ..।

**ମୋ:୯୪୩୭୪୫୩୬୧୦**

## ଏଇ ଭାରତରେ

ଏକା ସାଙ୍ଗରେ ଜଳ ସଙ୍କଟ ଦୂର ହେଉଛି, ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ରକ୍ଷା କରାଯାଉଛି ଓ କୃଷକଙ୍କ ଆୟ ବୃଦ୍ଧି ମଧ୍ୟ ହେଉଛି । ମହାରାଷ୍ଟ୍ରର ଆଦିବାସୀ ଗାଁଗୁଡ଼ିକରେ ଏଭଳି ସୁଧାର ଆଣିବାରେ ସକ୍ଷମ ହୋଇପାରିଛନ୍ତି ନୀତିଶ ମୁକାନି । ୧୯୯୫ରେ ମହାରାଷ୍ଟ୍ରର ତଳୋଦା ଏବଂ ନନ୍ଦୁର୍‌ବର ଜିଲାରେ ଅପପୁଷ୍ଟି ଯୋଗୁ ବହୁ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ ନୀତିଶ ମୁମ୍ବାଇର ସୋସିଆଲ ୱାର୍କ କଲେଜ 'ନିର୍ମଳ ନିକେତନ'ର ଛାତ୍ର ଥିଲେ। ଦୁଇ ଜିଲାରେ ଶିଶୁଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଲାଗି କରାଯାଇଥିବା ଯୋଜନାରେ ସେ ସାମିଲ ହୋଇ ଏଭଳି ଏକ ଗୁରୁତର ସମସ୍ୟା ଦୂର କରିବା ଲାଗି ଲକ୍ଷ୍ୟ ରଖିଥିଲେ। ପରେ ନିଜସ୍ୱ ଉଦ୍ୟମରେ ୨୦୧୪ରେ 'ଆରୋହଣ' ପ୍ରତିଷ୍ଠା କରି ବିଭିନ୍ନ ଆଦିବାସୀ ଗ୍ରାମରେ ଜଳ ସଂରକ୍ଷଣ, ସ୍ୱାସ୍ଥ୍ୟ ଓ ପୋଷଣ ଏବଂ ସୌରଚାଳିତ ଜଳସେଚନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିପାରିଛନ୍ତି। ଏହାଦ୍ୱାରା ହଜାର ହଜାର ଲୋକ ଉପକୃତ ହେଉଛନ୍ତି। ପାନୀୟ ଜଳ ପାଇଁ ସେ ମଧ୍ୟ ୪୦ଟି ସୌରଚାଳିତ ଫିଲଟ୍ରେଶନ ୟୁନିଟ୍ ବସାଯାଇଛି। ଫଳରେ ବିଭିନ୍ନ ଗାଁର ୧୪,୭୩୮ ଲୋକ ଉପକୃତ ହେଉଛନ୍ତି। ୧୦୦୦ କୃଷକଙ୍କ ପାଇଁ ଜଳସେଚନର ସୁବିଧା କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ସେପ୍ଟେମ୍ବର ୧୯୯୬**

- ବିମାନ ଉଡ଼ାଣ ନିଷିଦ୍ଧ ଅଞ୍ଚଳରେ ମିତ୍ରଶକ୍ତି ଗୁଡ଼ିକର ଯୁଦ୍ଧବିମାନ ଉପରେ ଆକ୍ରମଣ ନିଷ୍ପତ୍ତିରୁ ଓହରି ଯାଇଥିବା ସତ୍ତ୍ୱେ ଇରାକୀ ବିମାନ ବାହିନୀଙ୍କୁ ଅଧିକ ସୁଦୃଢ଼ କରିବା ଲାଗି ରାଷ୍ଟ୍ରପତି ସଦ୍ଦାମ ହୁସେନ ନିର୍ଦ୍ଦେଶ ଦେଇଛନ୍ତି।
- ଲୋକପ୍ରିୟ ମରାଠୀ ମଞ୍ଚ ଏବଂ ଚଳଚ୍ଚିତ୍ର ଅଭିନେତ୍ରୀ ପଦ୍ମା ଚଭନ ୫୦ ବର୍ଷ ବୟସରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।
- ଜନତା ଦଳ ପକ୍ଷରୁ କଟକ ଲୋକସଭା ଓ ଭୁବନେଶ୍ୱର ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବା ପରେ ପ୍ରାର୍ଥୀ ମନୋନୟନରେ ଅସନ୍ତୋଷ ପ୍ରକାଶ କରି ୨ ଯୁବନେତାଙ୍କ ଇସ୍ତଫା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | | | |
| | | | 5 | 1 | | 4 | 6 | |
| | | | 6 | 7 | | 8 | | |
| | | | | | 8 | | | |
| | | 6 | 1 | | | | 8 | |
| | 5 | 1 | | | 2 | | | 9 |
| | 9 | | 7 | | | | | 6 |
| | | | 8 | 4 | | | 7 | |
| | | 3 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 1 | 2 | 8 | 4 | 7 | 6 | 3 |
| 4 | 2 | 6 | 3 | 7 | 9 | 5 | 1 | 8 |
| 3 | 7 | 8 | 6 | 1 | 5 | 2 | 4 | 9 |
| 8 | 6 | 9 | 1 | 5 | 7 | 3 | 2 | 4 |
| 2 | 3 | 5 | 4 | 6 | 8 | 1 | 9 | 7 |
| 7 | 1 | 4 | 9 | 3 | 2 | 8 | 5 | 6 |
| 6 | 8 | 2 | 5 | 9 | 3 | 4 | 7 | 1 |
| 1 | 4 | 3 | 7 | 2 | 6 | 9 | 8 | 5 |
| 5 | 9 | 7 | 8 | 4 | 1 | 6 | 3 | 2 |

ଗତକାଲିର ଉତ୍ତର

# ସୁରକ୍ଷାକବଚ



ଡ. ଅଜୟ କୁମାର ପାତ୍ର

ଓଜୋନ ($O_3$) ଗୋଟିଏ ଅଣୁରେ ତିନୋଟି ପରମାଣୁ ଥିବା ତୀବ୍ର କିନ୍ତୁ ଉଦ୍ଦୀପକ ଗନ୍ଧ ଥିବା ଘନୀଭୂତ ଅସ୍ଥାୟୀ ଅମ୍ଳଜାନ। ପକ୍ଷାନ୍ତରେ କୁହାଯାଇପାରେ, ଏହା ସମୁଦ୍ର ତଟର ଉଦ୍ଦୀପକ ପବନ ଓ ମହାକାଶର ପରମ ଉପକାରୀ ସର୍ବୋତ୍କୃଷ୍ଟ ବାୟୁ। ବାସ୍ତବିକ ଓଜୋନ ଏପରି ଏକ କୌତୂହଳପୂର୍ଣ୍ଣ ବାୟୁ ଯାହାର ପ୍ରତିକୂଳ ପ୍ରଭାବ ପୃଥିବୀପୃଷ୍ଠରେ ଅନୁଭୂତ ଓ ଅନୁକୂଳ ପ୍ରଭାବ ମହାକାଶରେ ପରିଲକ୍ଷିତ ହୁଏ। ହେଲେ ଏହାର ପ୍ରତିକୂଳ ପ୍ରଭାବଠାରୁ ଅନୁକୂଳ ପ୍ରଭାବ ସହସ୍ର ଗୁଣରେ ଅଧିକ। ଯଦି ଆମ ପୃଥିବୀର ବାୟୁମଣ୍ଡଳର ଉର୍ଦ୍ଧ୍ୱରେ ଓଜୋନ ସ୍ତର ନ ଥାନ୍ତା ତା'ହେଲେ ପୃଥିବୀ ନଥାନ୍ତା କି ଜୀବନ ନଥାନ୍ତା। ସେଇଥିପାଇଁ ଯଥାର୍ଥରେ କୁହାଯାଏ ଓଜୋନ ସ୍ତର ହେଉଛି ପୃଥିବୀର ସୁରକ୍ଷାକବଚ। ଜଳ, ସ୍ଥଳ ଓ ଆକାଶ ଚର୍ତୁଦ୍ଦିଗରେ ଓଜୋନର ଅବଦାନ ପ୍ରତିଫଳନ। ମହାପୁରୁଷମାନେ କହିଛନ୍ତି, ପୃଥିବୀ ହେଉଛି ବାୟୁମଣ୍ଡଳର ଶ୍ରେଷ୍ଠ ଗ୍ରନ୍ଥ। ଯେଉଁ ଗ୍ରନ୍ଥ ପରୋକ୍ଷରେ ପ୍ରତି ମୁହୂର୍ତ୍ତରେ ଲେଖାଚାଲିଛି। ସେହି ମହାନ୍ ଗ୍ରନ୍ଥ ମନୁଷ୍ୟକୁ ଜୀବଜଗତ ସମ୍ପର୍କରେ ଯାବତୀୟ ଜ୍ଞାନ ଦେଇଥାଏ। ଆସନ୍ତୁ ଜାଣିବା ଏହି ସୁରକ୍ଷାକବଚର ଇତି ଓ ଇତିହାସ।

ଆମର ଏହି ବାୟୁମଣ୍ଡଳ ମୁଖ୍ୟତଃ ଚାରି ଶ୍ରେଣୀରେ ବିଭକ୍ତ ଯଥା: (୧) ଟ୍ରୋପୋସ୍ଫିୟର: ପୃଥିବୀ ପୃଷ୍ଠରୁ ପ୍ରାୟ ୧୧ କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ଯାହାକୁ ନିମ୍ନତମ ପବନ ସ୍ତର କୁହାଯାଏ। (୨) ଷ୍ଟ୍ରାଟୋସ୍ଫିୟର ବା ଓଜୋନସ୍ଫିୟର: ପୃଥିବୀପୃଷ୍ଠର ୧୨ କି.ମି.ଠାରୁ ୫୦କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ସମତାପ ମଣ୍ଡଳ, (୩) ମେସୋସ୍ଫିୟର: ପୃଥିବୀପୃଷ୍ଠର ୫୧କି.ମି. ଠାରୁ ୮୫କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ସ୍ଥିରତାପ ମଣ୍ଡଳ ଓ (୪) ଥର୍ମୋସ୍ଫିୟର: ପୃଥିବୀ ପୃଷ୍ଠର ୮୬କି.ମି.ଠାରୁ ୫୦୦ କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ସ୍ୱୟଂ ତାପ ନିୟନ୍ତ୍ରଣ ମଣ୍ଡଳ। ଓଜୋନ ବାୟୁମଣ୍ଡଳର ଏକପ୍ରକାର କ୍ଷୁଦ୍ରତର ତଥା ଗୌଣ ଉପାଦାନ। ବାୟୁ ମଣ୍ଡଳରେ ଏହାର ଅବସ୍ଥିତି ପ୍ରାୟ ଏକ ନିୟୁତାଂଶର ଏକ ଭାଗରୁ କମ୍ ; ଏପରିକି ଅଙ୍ଗାରକାମ୍ଳଠାରୁ ଯଥେଷ୍ଟ କମ୍। ସୁଖର ବିଷୟ ସମୁଦାୟ ଓଜୋନର ୯୦ପ୍ରତିଶତ ଓଜୋନ୍‌ସ୍ଫିୟରରେ ଓ ମାତ୍ର ୧୦ପ୍ରତିଶତ ଟ୍ରୋପୋସ୍ଫିୟରରେ ଘନୀଭୂତ।

ଓଜୋନର ମୂଳବସ୍ତୁ ହେଉଛି ଏକକ ପରମାଣୁ ଅମ୍ଳଜାନ। ଯଥେଷ୍ଟ ସଂଖ୍ୟାର ଏକକ ପରମାଣୁ ଅମ୍ଳଜାନ ଓ ଅମ୍ଳଜାନ, ଆଲୋକ ସ୍ପେକ୍ଟ୍ରମ ବିକିରଣ ମାଧ୍ୟମରେ ରାସାୟନିକ ପ୍ରକ୍ରିୟାରେ ଓଜୋନ ସୃଷ୍ଟି ହୋଇଥାଏ। ଏହାର ପ୍ରସ୍ତୁତୀକରଣ ନିମନ୍ତେ ଦରକାର ଅଧିକ ତାପମାତ୍ରା, ଯାହାକି ଓଜୋନ୍ ସ୍ତରରେ ରହିଛି।

ସୂର୍ଯ୍ୟ ସକଳ ଶକ୍ତିର ଆଧାର। ସୂର୍ଯ୍ୟଙ୍କଠାରୁ ଅହରହ ନିର୍ଗତ ହେଉଥିବା ଆଲୋକ ସ୍ପେକ୍ଟ୍ରମ ବିକିରଣ ମୁଖ୍ୟତଃ ତିନି ଶ୍ରେଣୀରେ ବିଭକ୍ତ ଯଥା: ୟୁ.ଭି.-କ, ୟୁ.ଭି.-ଖ ଓ ୟୁ.ଭି.-ଗ। ଉପରଲିଖିତ ମଧ୍ୟରୁ ୟୁ.ଭି.-ଖ ବିକିରଣ ପୃଥିବୀ ବା ପୃଥିବୀବାସୀଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ। ଉକ୍ତ କ୍ଷତିକାରକ ରଶ୍ମି ତରଙ୍ଗ(ୟୁ.ଭି-ଖ)କୁ ନୀଳ କଣ୍ଠଧାରୀ ମହାଦେବ ବିଷପାନ କରି ଦେବଗଣଙ୍କୁ ବିଷମୁକ୍ତ କଲାଭଳି, ଓଜୋନ ମଧ୍ୟ ଗ୍ରହଣ କରି ଯୁଗ ଯୁଗ ଧରି ପୃଥିବୀବାସୀଙ୍କୁ ବିରାଟ ତଥା ଭୟାନକ ବିପଦରୁ ରକ୍ଷାକରି ଆସିଛି। ଓଜୋନର ଏକ ସର୍ବଶ୍ରେଷ୍ଠ ଗୁଣ ହେଲା ଯେ ସୂର୍ଯ୍ୟଙ୍କଠାରୁ ବିକିରଣ ସମସ୍ତ ପ୍ରକାର କ୍ଷତିକାରକ କ୍ଷୁଦ୍ର ରଶ୍ମି ତରଙ୍ଗକୁ ଅବଶୋଷଣ କରି ପୃଥିବୀର ବାୟୁମଣ୍ଡଳ(ଟ୍ରୋପୋସ୍ଫିୟର)କୁ ପ୍ରବେଶ କରିବାକୁ ଦିଏ ନାହିଁ। ଅର୍ଥାତ୍ ଓଜୋନ୍ ସ୍ତର କ୍ଷୁଦ୍ର ଦୈର୍ଘ୍ୟ ବିଶିଷ୍ଟ ୟୁ.ଭି. ବିକିରଣକୁ ଅବଶୋଷଣ କରେ ଏବଂ କ୍ଷୁଦ୍ର ବିକିରଣ ତରଙ୍ଗକୁ ପୃଥିବୀପୃଷ୍ଠରେ ସ୍ପର୍ଶ କରିବାକୁ ଦିଏ ନାହିଁ। ପୃଥିବୀପୃଷ୍ଠରେ ଯଦି ଜୀବ ଓ ଜୀବିକା ବିକଶିତ ହୋଇ ପାରୁଛି ତାହା କେବଳ ଓଜୋନ୍ ସ୍ତରର ଅକୃତ୍ରିମ ଅବଦାନ ଯୋଗୁ। କାରଣ ଉପଗ୍ରହ ଚନ୍ଦ୍ର ଓ ସୌର ପରିବାରର ଅବଶିଷ୍ଟ ଆଠଟି ଗ୍ରହର ଉର୍ଦ୍ଧ୍ୱ ମହାକାଶରେ ଓଜୋନ୍ ସ୍ତର ନ ଥିବା ଯୋଗୁ ସେଠାରେ ଜୀବସତ୍ତା ନାହିଁ। ଓଜୋନ ସ୍ତରକୁ ପୃଥିବୀର ସଦିଚ୍ଛା ଛତା ବୋଲାଯାଏ।

ଓଜୋନ୍ ସ୍ତର କ୍ଷୟର ମୂଳ କାରଣ ହେଲା ବାୟୁମଣ୍ଡଳର ପ୍ରଦୂଷଣ। ବିକାଶ ନାମରେ ମନୁଷ୍ୟ ଯେତେସବୁ ରାସାୟନିକ ପଦାର୍ଥ ଉଦ୍ଭାବନ କରି ବ୍ୟବହାର କରୁଛି ସେ ସବୁ କାଳକ୍ରମେ ଆମର ବାୟୁମଣ୍ଡଳକୁ ଭେଦକରି ଓଜୋନ୍ ସ୍ତରରେ ପ୍ରବେଶ କରୁଛି ଓ ଓଜୋନ୍‌ର ଗାଢ଼ତାକୁ ହ୍ରାସ କରୁଛି। ସେଥିମଧ୍ୟରେ ରହିଛି 'ସବୁଜ ଗୃହ ବାଷ୍ପ' ଯଥା: ଅଙ୍ଗାରକାମ୍ଳ ,ମିଥେନ, ସିଏଫ୍‌ସି (କ୍ଲୋରୋ ଫ୍ଲୁରୋ କାର୍ବନ), ସିଏଫ୍‌ଏମ୍ (କ୍ଲୋରୋ ଫ୍ଲୁରୋ ମିଥେନ) ତଥା ଅକ୍ସାଇଡ୍ ଅଫ୍ କାର୍ବନ, ଅକ୍ସାଇଡ୍ ଅଫ୍ ନାଇଟ୍ରୋଜେନ, ଅକ୍ସାଇଡ୍ ଅଫ୍ ସଲ୍‌ଫର। ଉକ୍ତ ଦୂଷିତ ଓଜୋନ୍ କ୍ଷୟକାରୀ ପଦାର୍ଥର ଉତ୍ସ ହେଲା, ଅତ୍ୟଧିକ ମାତ୍ରାରେ ଜଙ୍ଗଲ କ୍ଷୟ, ଜାଳେଣି କାଠ ବ୍ୟବହାର, ଶିଳ୍ପାୟନ, ଜଙ୍ଗଲପୋଡ଼ି ତଥା ଶୀତଳୀକରଣ ଯଥା: ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଓ ରେଫ୍ରିଜରେଟର ବ୍ୟବହୃତ ସିଏଫସି ଓ ସିଏଫ୍‌ଏମ୍ ଗ୍ୟାସ। ବିଶ୍ୱ ବର୍ଦ୍ଧିତ ତାପ ମଧ୍ୟ ଓଜୋନ ସ୍ତର କ୍ଷୟର ଅନ୍ୟ ଏକ କାରଣ।

ଚିକାଗୋ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ମତରେ ପୃଥିବୀପୃଷ୍ଠରେ ୟୁ.ଭି.-ଖ ବିକିରଣର ପ୍ରାଦୁର୍ଭାବ: ୧. ପୃଥିବୀର ଜଳଭାଗରେ ଥିବା ଖାଦ୍ୟଶୃଙ୍ଖଳ ଓ ଖାଦ୍ୟଜାଲର ଘୋର କ୍ଷତି ଘଟିବ ଓ ତା'ସହିତ ଜଡ଼ିତ ସମସ୍ତ ଜଳ ଜୀବର ଜୀବନ ପ୍ରଣାଳୀରେ ଘୋର ବିପତ୍ତି ସୃଷ୍ଟି ହେବ। ୨. ଏକ ପ୍ରତିଶତ ଓଜୋନ୍ ଗାଢ଼ତା ହ୍ରାସ ଘଟିଲେ ଏକ ବର୍ଷରେ ଦଶହଜାର ଚର୍ମକର୍କଟ ରୋଗ ସୃଷ୍ଟି ହେବ। ୩. ବହୁଳ ସଂଖ୍ୟାରେ ଅନ୍ଧତ୍ୱ, କ୍ଷୁଧା, କୋଷ ଅସ୍ୱାଭାବିକତା, ବନ୍ଧ୍ୟାତ୍ୱ କାରଣରୁ ପୃଥିବୀ ଜନମାନବ ଶୂନ୍ୟ ହୋଇପଡ଼ିବ। ସମସ୍ତ ଜୀବଜଗତ ଧ୍ୱଂସ ପାଇବ। ୪. କୃଷି କ୍ଷେତ୍ରରେ କୃଷିଜାତ ଦ୍ରବ୍ୟର ଅଭିବୃଦ୍ଧି, ଗଠନ, କାର୍ଯ୍ୟାବଳୀ ତଥା ଆଲୋକ ଭାଷ୍ଲେଷଣ ପ୍ରକ୍ରିୟାରେ ଘୋର ବାଧା ସୃଷ୍ଟି ହେବ। ୫. ଓଜୋନ ସ୍ତରର କ୍ଷୟ ଘଟିଲେ ଅଧିକରୁ ଅଧିକତର କ୍ଷୁଦ୍ର ବିକିରଣ ତରଙ୍ଗ ପୃଥିବୀପୃଷ୍ଠରେ ପ୍ରବେଶ କରିବ। ଫଳରେ ବିଶ୍ୱ ତାପମାତ୍ରା ଏତେ ପରିମାଣରେ ବୃଦ୍ଧି ପାଇବ ଯେ, ପୋଖରୀ, ନଦୀ, ଝରଣା, ହ୍ରଦର ପାଣି ୬୦ ଡିଗ୍ରୀ ସେଣ୍ଟିଗ୍ରେଡରୁ ଅଧିକ ହୋଇ ଉତ୍ତପ୍ତ ହୋଇଯିବ। ପୃଥିବୀ ଏକ ରୁଦ୍ଧ କୋଠରି ସଦୃଶ ପାଲଟିବ। ସ୍ଥଳଭାଗ ଜୀବଶୂନ୍ୟ ହୋଇଯିବ। ପୃଥିବୀର ୨୦ ପ୍ରତିଶତ ଧନୀ ପରିବାର ସିନା ସାଗର ତଳେ ଗୃହ ନିର୍ମାଣ କରି ସ୍ଥଳଭାଗର କଠୋର ଉତ୍ତାପରୁ ବଞ୍ଚି ଯାଇପାରିବେ ହେଲେ ଆଉ ୮୦ ପ୍ରତିଶତ ଗରିବ ଶ୍ରେଣୀର ମଣିଷ ତ ଅସୁମାରି ସ୍ଥଳସ୍ଥିତ ବୃକ୍ଷଲତା, ଜୀବଜନ୍ତୁ ନିଶ୍ଚେ ଡହଳ ବିକଳ ହୋଇ ଅସମୟରେ ମୃତ୍ୟୁ ଲାଭ କରିବେ। ୬. ସମସ୍ତେ ଜାଣନ୍ତି ଯେ ଓଜୋନ୍ ବାଷ୍ପର ମୁଖ୍ୟ ଉତ୍ପତ୍ତି ସୂର୍ଯ୍ୟଙ୍କଠାରୁ ହୋଇଥାଏ। ମାତ୍ର ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ସ୍ଥଳଭାଗରେ ଥିବା ଜଳପୂର୍ଣ୍ଣ ଜଳଯୁକ୍ତ ବା ଧନଯୁକ୍ତ ସନ୍ତସନ୍ତିଆ ଅଞ୍ଚଳରେ ଉତ୍ପନ୍ନ ହେଉଥିବା ମିଥେନ ଗ୍ୟାସ୍ ପ୍ରଚୁର ପରିମାଣରେ ଓଜୋନ୍ ସୃଷ୍ଟି କରେ। ଏକ ଅଣୁ ବିଶିଷ୍ଟ ମିଥେନ ପ୍ରାୟ ତିନି ଅଣୁ ବିଶିଷ୍ଟ ଓଜୋନ୍ ସୃଷ୍ଟି କରେ। ଓଜୋନ୍ ସିନା ଓଜୋନ୍ ସ୍ତରରେ ଆମର ଅତ୍ୟନ୍ତ ହିତାକାଂକ୍ଷୀ ହେଲେ ସ୍ଥଳଭାଗରେ ଆମର ପରମ ଶତ୍ରୁ ସାଜି ଜଙ୍ଗଲ ଧ୍ୱଂସ କରିବା, କୃଷି ଉତ୍ପାଦନ ଶକ୍ତି କମାଇବା ଆଦି ଅନେକ କ୍ଷତି କରାଏ। ବ୍ରିଟିଶ ଆଣ୍ଟାର୍କଟିକା ଜଳଯାତ୍ରା ଅଭିଯାନକାରୀ ବୈଜ୍ଞାନିକମାନେ ଓଜୋନ ସ୍ତରରେ ଗର୍ତ୍ତ ଉତ୍ତରମେରୁ, ଦକ୍ଷିଣମେରୁରେ ଏପରିକି ଭାରତର ବେଙ୍ଗାଲୁରୁ ଆକାଶରେ ଠାବ କରିଛନ୍ତି,

ସଂଯୁକ୍ତ ଜାତୀୟ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଓଜୋନ୍ ସ୍ତରର ସୁରକ୍ଷା ନିମନ୍ତେ ନୀତି ଓ ନିୟମ ଧାର୍ଯ୍ୟ କରିଛନ୍ତି: (୧) ଓଜୋନ୍ ସ୍ତରର କ୍ଷୟକାରୀ ରାସାୟନିକ ପଦାର୍ଥ ଯଥା: ମିଥେନ୍, ଅଙ୍ଗାରକାମ୍ଳ, ସିଏଫ୍‌ସି ଓ ସିଏଫଏମ୍ ଗ୍ୟାସର ହ୍ରାସ କରିବା, ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରିବା, ସ୍ଥଳଭାଗକୁ ସମସ୍ତ ପ୍ରକାର ପ୍ରଦୂଷଣରୁ ମୁକ୍ତ ରଖିବା। (୨) ଉପରୋକ୍ତ ଗ୍ୟାସର ବିକଳ୍ପ ସୃଷ୍ଟି କରିବା, ଯାହାକି ପ୍ରଦୂଷଣ ମୁକ୍ତ ହୋଇଥିବ। (୩) ଯୁଦ୍ଧଖୋର ମନୋଭାବରୁ ସମ୍ପୂର୍ଣ୍ଣ ଦୂରେଇଯାଇ ଏକ ଶାନ୍ତି, ମୈତ୍ରୀ ଓ ସଂହତିର ପୃଥିବୀ ସୃଷ୍ଟି କରିବା ସହିତ ଜନସଚେତନତା ଜରୁରୀ। ଏବେ ସମୟ ଆସିଛି ପୃଥିବୀମାତାର ଦୁଃଖ ବୁଝିବା ପାଇଁ। ଆମେ ଚାହିଁଲେ ପୃଥିବୀକୁ ତା'ର ମୂଳ ସ୍ୱରୂପରେ ରଖିପାରିବା।

**ମୋ: ୦୯୪୩୮୬୨୧୩୯୧**

## ଚିରନ୍ତନୀ

ଶିଶୁ କଳକଣ୍ଠେ ଭରା ମୋ ଦୀନ କୁଟୀର
ମୋ ବିଚ୍ଛେଦେ ଭଜିଥିବ ବିଷାଦ ଗଭୀର,
ଦୟା ସ୍ନେହର ଆକର
ଦୁଃଖିନୀ ଜନନୀ ମୋର
ମୋ ଲାଗି କି ହେଉଥିବ କାତର ଅଧୀର,
ତୋଷିବ ତାହାକୁ ଏହି ଶୀତର ସମୀର !

—(ବନ୍ଦୀର ବିଳାପ)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହଙ୍ଗାଭତ୍ତାର ଅସ୍ୱାଭାବିକ ସ୍ଥିତି କାହିଁକି

ମହାଶୟ,

କରୋନାକୁ ଆଳ କରି କେନ୍ଦ୍ର ଓ ରାଜ୍ୟ ସରକାର ଦୀର୍ଘଦିନ ହେଲା କର୍ମଚାରୀ ଓ ପେନ୍‌ସନଭୋଗୀଙ୍କର ମହଙ୍ଗାଭତ୍ତା ବନ୍ଦ କରିଥିଲେ। ଏବେ କେନ୍ଦ୍ର ସରକାର ଜୁଲାଇରୁ ୧୧% ମହଙ୍ଗା ଭତ୍ତା ଘୋଷଣା କରିସାରିଥିଲେ ମଧ୍ୟ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଯାଇଛନ୍ତି। ସବୁ ଦିଗରେ ଖର୍ଚ୍ଚ ବରାଦ ସ୍ୱାଭାବିକ ହୋଇ ଚାଲିଥିଲେ ମଧ୍ୟ ସରକାର ମହଙ୍ଗାଭତ୍ତା ଦେବାର ନାଁ ଧରୁନାହାନ୍ତି। ମହଙ୍ଗାଭତ୍ତା ନ ପାଇ କମ୍ ପେନ୍‌ସନ ପାଉଥିବା ପେନ୍‌ସନଭୋଗୀମାନେ ଅକଥନୀୟ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଏଣେ ବଜାର ମହଙ୍ଗା ବଢ଼ି ଚାଲିଥିବାବେଳେ (ଯାହା ବଜାର ଦରକୁ ଚାହିଁ ଦିଆଯାଏ) ମହଙ୍ଗା ଭତ୍ତା ନ ଦିଆଯିବାର କାରଣ କ'ଣ ? ସରକାର କାଳ ବିଳମ୍ବ ନ କରି ମହଙ୍ଗାଭତ୍ତା ଘୋଷଣା କରନ୍ତୁ, ନଚେତ୍ ଆନ୍ଦୋଳନ ହେବ ହିଁ ହେବ।

**—ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ୍ ଉଚ୍ଛେଦ ପ୍ରସଙ୍ଗ

# ସରକାରଙ୍କୁ ରିପୋର୍ଟ ତଲବ

## ୮ ସପ୍ତାହ ମଧ୍ୟରେ ଉତ୍ତର ଦିଅ




କୌଣସି ସରକାରୀ କର୍ମଚାରୀ ବା ଅଧିକାରୀଙ୍କ ସମସ୍ୟା ସମ୍ପର୍କିତ ମାମଲାର ତ୍ୱରିତ ଶୁଣାଣି ଏହି ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲରେ ହେଉଥିଲା। କିନ୍ତୁ ଏବେ ପ୍ରତ୍ୟେକ ମାମଲାର ଲିଷ୍ଟିଂ ହେବା ପାଇଁ ହାଇକୋର୍ଟରେ ୧୫ ଦିନ ଲାଗିଯିବ। ପରେ ଶୁଣାଣି ହେବ। ୨୦୧୫ ସେପ୍ଟେମ୍ବର ୯ରେ ଓଡ଼ିଶା କ୍ୟାବିନେଟରେ ଟ୍ରିବ୍ୟୁନାଲ ଉଚ୍ଛେଦ ନେଇ ନିଷ୍ପତ୍ତି ନିଆଯାଇଥିଲା। ପରେ ୨୦୧୯ରୁ ବିଧିବଦ୍ଧ ଭାବେ ଟ୍ରିବ୍ୟୁନାଲ ବନ୍ଦ ହୋଇଛି। କଟକ ଓ ଭୁବନେଶ୍ୱରର ଟ୍ରିବ୍ୟୁନାଲରେ ସମୁଦାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ରହିଛି। ଫଳରେ ସରକାରୀ କର୍ମଚାରୀ, ଅଧିକାରୀଙ୍କ ବଦଳି, ବକେୟା ପ୍ରାପ୍ୟ ଆଦି ସମସ୍ୟା ସମ୍ପର୍କିତ ମାମଲାଗୁଡ଼ିକ ଶୁଣାଣି ନ ହୋଇ ପଡ଼ିରହିଛି। ଟ୍ରିବ୍ୟୁନାଲ୍ ଉଚ୍ଛେଦକୁ ଭୁବନେଶ୍ୱର ଟ୍ରିବ୍ୟୁନାଲ ବାର୍ ଆସୋସିଏଶନ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବୁଧବାର ଏହାର ଶୁଣାଣି କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି।

**- ସୂର୍ଯ୍ୟନାରାୟଣ ଦାସ, ପୂର୍ବତନ ସଭାପତି, ଓଡ଼ିଶା ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ବାର୍ ଆସୋସିଏଶନ, ଭୁବନେଶ୍ୱର**

ଟ୍ରିବ୍ୟୁନାଲ୍‌ରେ ସରକାରୀ କର୍ମଚାରୀ ବା ଅଧିକାରୀମାନେ ଉପକୃତ ହେଉଥିଲେ। ଗୋଟିଏ ଦିନରେ ଆବେଦନକାରୀ ପିଟିଶନ ଦାଖଲ କରିବା ପରେ ସେହିଦିନ ହିଁ ଶୁଣାଣି ହେଉଥିଲା। କିନ୍ତୁ ଏବେ ହାଇକୋର୍ଟରେ ୨୭ ବିଚାରପତି ପଦ ଥିବାବେଳେ ମାତ୍ର ୧୩ ଜଣ ଅଛନ୍ତି। ଫଳରେ ସାରା ରାଜ୍ୟର ଲକ୍ଷ ଲକ୍ଷ ମାମଲା ସହ ଏହି ମାମଲାକୁ ବିଚାର କରିବାରେ ବହୁ ବିଳମ୍ବ ଦେଖାଦେବ। ସରକାରୀ କର୍ମଚାରୀ ତଥା ଅଧିକାରୀମାନେ ହଇରାଣ ହେବେ। ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଟ୍ରିବ୍ୟୁନାଲ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଗତ ଜୁନରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ। ବୁଧବାର ଏହାର ଶୁଣାଣି କରି ସୁପ୍ରିମକୋର୍ଟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଉଭୟ ସରକାରଙ୍କୁ ୮ ସପ୍ତାହ ମଧ୍ୟରେ ଜବାବ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି।

**- ପ୍ରକାଶ କୁମାର ରାଉତ, ଆବେଦନକାରୀ ତଥା ସମ୍ପାଦକ, କଟକ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ବାର୍ ଆସୋସିଏଶନ**

ନୂଆଦିଲ୍ଲୀ/କଟକ ଅଫିସ, ୧୫।୯

ଓଡ଼ିଶା ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ(ଓଏଟି) ଉଚ୍ଛେଦକୁ ବିରୋଧ କରି ସୁପ୍ରିମକୋର୍ଟରେ ହୋଇଥିବା ମାମଲାର ବୁଧବାର ଶୁଣାଣି ହୋଇଛି। ଓଏଟିକୁ ଉଚ୍ଛେଦ କରାଯାଇ ଏଠାରେ ଥିବା ସମସ୍ତ ମାମଲାକୁ ହାଇକୋର୍ଟକୁ ସ୍ଥାନାନ୍ତର କରାଯିବା ଘଟଣାକୁ ପ୍ରତିବାଦ କରି ଓଡ଼ିଶା ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ବାର୍ ଆସୋସିଏଶନ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଆବେଦନ କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରୁ ରିପୋର୍ଟ ତଲବ କରିଛନ୍ତି। କେଉଁ ପରିସ୍ଥିତିରେ ଟ୍ରିବ୍ୟୁନାଲ ଉଚ୍ଛେଦ କରାଗଲା, ସେନେଇ ୮ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଚାରପତି ଏଲ୍.ନାଗେଶ୍ୱର ରାଓ, ସଞ୍ଜୀବ ଖାନ୍ନା ଏବଂ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି।

ଜେନେରାଲ କ୍ଲଜେସ୍ ଆକ୍ଟ-୧୮୯୭(ଜିସିଏ)ର ଧାରା ୨୧ର କ୍ଷମତା ଅନୁସାରେ କେନ୍ଦ୍ର ସରକାର ବିଜ୍ଞପ୍ତି ମାଧ୍ୟମରେ ଓଏଟିକୁ ଉଚ୍ଛେଦ କରିଛନ୍ତି। ହେଲେ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ଆକ୍ଟ-୧୯୮୫(ଏଟି)ରେ କେନ୍ଦ୍ର ସରକାରଙ୍କ ଉକ୍ତ କ୍ଷମତାକୁ ହଟାଇ ଦିଆଯାଇଛି ବୋଲି ସର୍ବୋଚ୍ଚ ଅଦାଲତରେ ଆବେଦନକାରୀ ଦର୍ଶାଇଛନ୍ତି। ଏହି ଆବେଦନକୁ ଗୁରୁତର ସହ ଗ୍ରହଣ କରି ଓଏଟି ଉଚ୍ଛେଦ ସମ୍ପର୍କିତ ନିଷ୍ପତ୍ତି ଉପରେ ବିଚାର କରାଯିବାର ଆବଶ୍ୟକ ରହିଛି ବୋଲି ଖଣ୍ଡପୀଠ କହିଛନ୍ତି। ପୂର୍ବରୁ ଆବେଦନକାରୀ ଏହି ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ଏହାକୁ ଉପରଠାଉରିଆ ଭାବେ ଗ୍ରହଣ କରିବା ସହ ଏହାକୁ ପ୍ରଶାସନିକ କାର୍ଯ୍ୟ ବୋଲି ଦର୍ଶାଇ ଆବେଦନକୁ ଖାରଜ କରିଦେଇଥିଲେ।

ଆବେଦନକାରୀଙ୍କ କହିବା ହେଲା ଏଟି ଆକ୍ଟରେ ନିଷେଧ ହୋଇଥିବା ପ୍ରତ୍ୟକ୍ଷ କ୍ଷମତାକୁ କେନ୍ଦ୍ର ଜିସିଏର ଧାରା ୨୧ ଅନୁସାରେ ପରୋକ୍ଷ ଭାବେ ଗ୍ରହଣ କରିଛନ୍ତି। ଏପରି କି ବେଆଇନ ଏବଂ ସ୍ୱେଚ୍ଛାଚାରିତା ଭାବେ ଓଏଟିକୁ ଉଚ୍ଛେଦ କରିଛନ୍ତି। ପାର୍ଲାମେଣ୍ଟର ୪୨ତମ ସାମ୍ବିଧାନିକ ସଂଶୋଧନ ଏବଂ ସମ୍ବିଧାନର ୩୨୩(ଏ) ଧାରା ଅନୁସାରେ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ଆକ୍ଟ ପ୍ରଚଳନ ହୋଇଥିଲା। ବିଶେଷ କରି ଦୁଇଟି ଉଦ୍ଦେଶ୍ୟରେ ଏହାକୁ ଗଠନ କରାଯାଇଥିଲା। ପ୍ରଥମତଃ ଏହା ହାଇକୋର୍ଟର ମାମଲା ବୋଝକୁ ହ୍ରାସ କରିବ ଏବଂ ଦ୍ୱିତୀୟରେ ମାମଲାଗୁଡ଼ିକର ତ୍ୱରିତ ସମାଧାନ କରିବାରେ ସହାୟକ ହେବ। କେନ୍ଦ୍ର ସରକାର ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ସହ ରାଜ୍ୟର ଅନୁରୋଧ ଅନୁଯାୟୀ ଷ୍ଟେଟ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ପ୍ରତିଷ୍ଠା କରିବା ଆବଶ୍ୟକ। ହେଲେ ଏଠାରେ ବିନା କାରଣରେ ଉଚ୍ଛେଦ କରାଯାଉଛି। ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଯେପରି କେନ୍ଦ୍ର ସରକାରଙ୍କ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ପ୍ରତିଷ୍ଠା ଏବଂ ବିଜ୍ଞପ୍ତି ପ୍ରକାଶ କରିବାର କ୍ଷମତା ରହିଛି। ଏହାକୁ ଉଚ୍ଛେଦ କରିବାବେଳେ ମଧ୍ୟ ସେହିଭଳି ନିୟମ ଅନୁସରଣ କରିବା ଆବଶ୍ୟକ ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଆତ୍ମାରାମ୍ ନାଡ୍‌କର୍ନି ଏହାକୁ ଗୁରୁତର ସହ ଗ୍ରହଣ କରିବାକୁ ସର୍ବୋଚ୍ଚ ଅଦାଲତରେ ପ୍ରାର୍ଥନା କରିବା ପରେ କେନ୍ଦ୍ର ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନୋଟିସ୍ ଜାରି କରିଛନ୍ତି।

# ମହାପ୍ରଭୁଙ୍କ ଜମିରେ ମଦ ଦୋକାନ ମନା

- ଅବକାରୀ ବିଭାଗକୁ ଚିଠି ଲେଖିଲା ଶ୍ରୀମନ୍ଦିର ପ୍ରଶାସନ
- ବିରୋଧ ତେଜିବା ପରେ ଚେତା ପଶିଲା

ପୁରୀ ଅଫିସ,୧୫।୯

ସ୍ୱର୍ଗଦ୍ୱାର ନିକଟରେ ଜବରଦଖଲରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ହୋଇପାରିବ ନାହିଁ। ଦଖଲରେ ଥିବା ବ୍ୟକ୍ତିଙ୍କୁ ପ୍ରଥମେ ମହାପ୍ରଭୁଙ୍କ ମାଲିକାନାରୁ ଜମି କିଣିବାକୁ ପଡ଼ିବ। ସେହିଭଳି ଜମି ଦଖଲ ମାମଲା ଯେ ପର୍ଯ୍ୟନ୍ତ ବିଚାରାଧୀନ ରହିଛି, ସେ ପର୍ଯ୍ୟନ୍ତ କେହି ଏହାକୁ ମଦ ଦୋକାନ ଭାବେ ବ୍ୟବହାର କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଲେଖି ପୁରୀ ଅବକାରୀ ବିଭାଗକୁ ସ୍ପଷ୍ଟ କରାଯାଇଛି। ମହାପ୍ରଭୁଙ୍କ ଜମିରେ ମଦ ଦୋକାନ ଖୋଲିବାକୁ ଅନୁମତି ନ ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବକାରୀ ବିଭାଗକୁ ଚିଠି ଲେଖାଯାଇଛି।

ଚଳିତବର୍ଷ ବିଦେଶୀ ମଦ ଦୋକାନକୁ ନୂଆ ଲାଇସେନ୍ସ ମିଳିବା ପରେ ମହାପ୍ରଭୁଙ୍କ ୩ଟି ଜମିରେ ସ୍ୱର୍ଗଦ୍ୱାର ନିକଟରେ ବିଦେଶୀ ମଦ ଦୋକାନକୁ କିଭଳି ଅନୁମତି ଦିଆଗଲା, ତାହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଅବକାରୀ ବିଭାଗ ସମ୍ପୃକ୍ତ ଜମି ପ୍ରସଙ୍ଗରେ ପ୍ରଥମ ହାତ ଟେକିଦେଇଥିବା ବେଳେ ବିଭାଗର କାମ କେବଳ ଲାଇସେନ୍ସ ବାଣ୍ଟିବା ବୋଲି କହିଥିଲା। ମାତ୍ର ଏବେ ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ ଭାବେ ଜଗନ୍ନାଥଙ୍କ ଜମିରେ ମଦ ଦୋକାନ ନ କରିବା ପାଇଁ କହିବା ପରେ ପ୍ରସଙ୍ଗ ନୂଆ ମୋଡ଼ ନେଇଛି। ଅବକାରୀ ବିଭାଗକୁ ପ୍ରଦତ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ପ୍ଲଟ୍ ନମ୍ବର ୧୪୫୨, ଖାତା ନମ୍ବର-୭୫୩/୨୮୧ ଜମିର ମାର୍ଫତ୍‌ଦାର ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି। ମହାପ୍ରଭୁଙ୍କର ଏହା ଏକ ସ୍ଥିତିବାନ ପ୍ଲଟ୍। ପ୍ରକାଶିତ ବିଭିନ୍ନ ଖବର ଅନୁଯାୟୀ, ସମ୍ପୃକ୍ତ ଜମିରେ ବିଦେଶୀ ମଦ ଦୋକାନ ଖୋଲାଯିବା ଅନୁମତିକୁ ପ୍ରଶାସନ ନିନ୍ଦା କରିବା ସହ ଏଭଳି କାର୍ଯ୍ୟକଳାପ ବନ୍ଦ କରନ୍ତୁ। ସେହିଭଳି ପ୍ଲଟ୍ ନମ୍ବର ୧୪୫୨ ଅଧୀନ ସ୍ୱର୍ଗଦ୍ୱାର ନିକଟ ଶ୍ରୀମନ୍ଦିର ପ୍ରଶାସନ ମାଲିକାନାରେ ଥିବା ଅନେକ ଜମିରେ ଏବେ ମଦ ଦୋକାନ ଖୋଲିଛି। ଶ୍ରୀମନ୍ଦିର ପ୍ରଶାସନ ଏହି ସମସ୍ତ ଜମିରେ ହୋଇଥିବା ବିଦେଶୀ ମଦ ଦୋକାନକୁ ବିରୋଧ କରିଛି। ଏନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ମହାପ୍ରଭୁଙ୍କ ବିବାଦୀୟ ଜମିର ମାଲିକାନା କେହି ନେବାକୁ ଚାହୁଁଥିଲେ ଶ୍ରୀମନ୍ଦିର ପ୍ରଶାସନ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର ଆବଶ୍ୟକତା ରହିଛି। ପରିଚାଳନା କମିଟି ମାର୍ଫତଦାର ହୋଇଥିବାରୁ ଯେକେହି ଏହାକୁ ବ୍ୟବହାର କରିପାରିବେ ନାହିଁ। ସମ୍ପୃକ୍ତ ଜମିରେ ମଦ ଦୋକାନ ନ କରିବା ପାଇଁ ଅବକାରୀ ବିଭାଗକୁ ନୋଟିସ୍ ଜାରି କରାଯାଇଛି। ଅନ୍ୟପକ୍ଷରେ ବିଦେଶୀ ମଦ ଦୋକାନ ଜମିର ଯାଞ୍ଚ ପ୍ରକ୍ରିୟା ରାଜସ୍ୱ ବିଭାଗ କାର୍ଯ୍ୟକାରୀ କରୁଛି। ଯାଞ୍ଚ ପ୍ରକ୍ରିୟା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନର ଏଭଳି ନୋଟିସ୍ ସ୍ୱର୍ଗଦ୍ୱାରସ୍ଥିତ ମହାପ୍ରଭୁଙ୍କ ଜମିରେ ଥିବା ବିଦେଶୀ ମଦ ଦୋକାନକୁ ଉଠାଇବା ସପକ୍ଷରେ ଏକ ପଦକ୍ଷେପ ଭାବେ ଦେଖାଯାଉଛି। ଅନ୍ୟପକ୍ଷରେ ଉକ୍ତ ଚିଠି ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେଶ ଜେନାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଉଲ୍ଲେଖଯୋଗ୍ୟ, ସ୍ୱର୍ଗଦ୍ୱାରରେ ବିଦେଶୀ ମଦ ଦୋକାନକୁ ନେଇ ପୁରୀ ସହରରେ ବିରୋଧ ଜୋର ଧରିଛି। ଏ ନେଇ ଜିଲାପାଳଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯିବା ସହ ସ୍ୱର୍ଗଦ୍ୱାରରେ ମଦ ଦୋକାନ ଖୋଲିବା ଲାଗି ଅନୁମତି ପ୍ରଦାନକୁ ବିରୋଧ କରାଯାଇଛି।

# କାର୍ଯ୍ୟକାରୀ ହେଲା ଜରୁରିକାଳୀନ ଏକକ ସେବା ନଂ. ୧୧୨

**ଭୁବନେଶ୍ୱର, ୧୫।୯(ବ୍ୟୁରୋ):** ରାଜ୍ୟ ସରକାର '୫-ଟି' ବ୍ୟବସ୍ଥା ଅଧୀନରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏକକ ଜରୁରିକାଳୀନ ଫୋନ୍ ନମ୍ବର ଆରମ୍ଭ କରିଛନ୍ତି। ଏଣିକି ଜରୁରୀ ସେବା ପାଇଁ ଏକାଧିକ ଟେଲିଫୋନ ନମ୍ବରକୁ ଯୋଗାଯୋଗ କରିବାକୁ ପଡ଼ିବ ନାହିଁ। ନୂଆ ନମ୍ବର ୧୧୨ ସହାୟତାରେ ସମସ୍ତ ପ୍ରକାର ସେବା ମିଳିପାରିବ। ଫୋନ୍‌ରେ ସୂଚନା ମିଳିବା ପରେ ତୁରନ୍ତ ସେବା ଯୋଗାଇ ଦେବା ଲାଗି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଲୋକସେବା ଭବନରେ ବୁଧବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଭର୍ଚ୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଆଲୋଚନାରେ ଅଂଶଗ୍ରହଣ କରି ଏକକ ଫୋନ୍ ନମ୍ବରର ଉପଯୋଗିତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଜରୁରିକାଳୀନ ସେବା ନମ୍ବର ୧୧୨ରେ ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଯୋଡ଼ାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ଜରୁରୀ ସେବାକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ। ସେବାକୁ ଠିକ୍ ଭାବେ ପରିଚାଳନା କରିବା ଲାଗି ଆବଶ୍ୟକ ମାନବସମ୍ବଳ, ଗାଡ଼ି, ଆମ୍ବୁଲାନ୍ସ ଯାତାୟାତ ସମ୍ବନ୍ଧିତ ସବିଶେଷ ତଥ୍ୟ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ସେବା ଭଳି ଜରୁରୀ ଫୋନ୍ କଲ୍‌ଗୁଡ଼ିକ ଉପରେ ତତ୍କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଲାଗି କଲ୍ ସେଣ୍ଟର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା, କଲ୍ ସେଣ୍ଟର ସହିତ ସମନ୍ୱୟ ରକ୍ଷା କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଅଗ୍ନିଶମ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଳା ପ୍ରମୁଖ ଉପସ୍ଥିତ ଥିଲେ।


**ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି** ORMAS BHUBANESWAR
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
**Odisha Rural Development & Marketing Society**
*creating competence and values in rural Odisha*
**Panchayati Raj and DW Department, Government of Odisha**
SIRD & PR Campus, Unit - VIII, Bhubaneswar, Odisha - 751012
Tel # 0674-2565870/71, E-mail: ormashq@gmail.com, URL: www.ormas.org

Notice No. 2486 Date:- 15.09.2021

**REQUEST FOR PROPOSAL**

**Selection of Agency for Setting up Project Management Unit (PMU) for Livelihoods promotion and CBBO Programme under "Formation and Promotion of 10000 FPO" in ORMAS**

No. CAD-1185:- **Odisha Rural Development & Marketing Society (ORMAS),** Panchayati Raj & DW Department, Govt. of Odisha invites sealed proposals from eligible bidders to carry out "**Selection of Agency for Setting up Project Management Unit (PMU) for Livelihoods promotion and CBBO Programme under "Formation and Promotion of 10000 FPO" in ORMAS**". Bidders fulfilling the prescribed eligibility criteria of the RFP can access and download the complete RFP Document and other details from **www.ormas.org**

The bid calendars under the end to end process are:

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 15th September'2021 |
| 2 | Last Date for Submission of Bid | 22nd October'2021 |
| 3 | Date of Opening of Technical Bid | 22nd October'2021 |
| 4 | Date of Opening of Financial Bid | Will be intimated later |

The proposal complete in all respects must reach the undersigned by **Speed Post/ Registered Post/Drop in the Tender Box** only latest by **22nd October 2021 3 PM** in a sealed envelope clearly mentioning on the top of it "**REQUEST FOR PROPOSAL – Selection of Agency for Setting up Project Management Unit (PMU) for Livelihoods promotion and CBBO Programme under "Formation and Promotion of 10000 FPO" in ORMAS**". The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.

***Address for Submission of Proposal:***
Chief Executive Officer
ORMAS, SIRD & PR Campus
Unit-VIII, Bhubaneswar, PIN-751012,Odisha

OIPR-19004/11/0009/2122 **Chief Executive Officer**



GOVT. OF ODISHA
**Government of Odisha "e" procurement Notice**
**Bid Identification No. PWDK- 07/2021-22**
**No. G2/5958 Dt. 09.09.2021**
**e-mail : eepwdkeonjhar@yahoo.com**
No.B-392:-

| | | | |
|---|---|---|---|
| 1 | No. of the work | :- | 06 Nos. Road & 1 No. Building work. |
| 2 | Estimated cost | :- | From Rs.11.13 lakh to Rs.88.89 lakh |
| 3 | Period of completion | :- | From 2 (Two) to 3 (Three) calendar months |
| 4 | Date and time of availability of Bid document in the portal | :- | From 10.00 hr. 18.09.2021 to 17.00 hr. of 04.10.2021 |
| 5 | Last date / time for receipt of bids in the portal | :- | 17.00 hr. of 04.10.2021. |
| 6 | Date of opening of bid from portal | :- | 1.30 hr. of 05.10.2021. |
| 7 | Name and address of the officer inviting bid | :- | Executive Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "**http://tendersodisha.gov.in**"
**Sd/-S.K. Behera, Executive Engineer, Keonjhar (R&B) Division**
OIPR-34004/11/0005/2122



**OFFICE OF THE MUNICIPAL COUNCIL, DEOGARH**
**Letter No. 2087/DMC** **Dated: 14.09.2021**

**QUOTATION CALL NOTICE**

No. C-968: The Executive Officer, Deogarh Municipality on behalf of Municipal Council, Deogarh invites sealed quotations from the intending registered L.T./H.T. licence holders (Electrical), Registered firms/ manufacturers for **"SUPPLY AND INSTALLATION OF TRANSFORMER & OTHER MATERIALS FOR GREENFIELD LIGHT POINT" to Deogarh Municipality Electrical Store for the Financial year 2021-22**. The prescribed quotation schedule can be obtained from Office of the Municipal Council, Deogarh on payment of Rs.6,000.00 (Rupees six thousand) only (non-refundable) in shape of Cash/Bank Draft/Bankers Cheque drawn in favour of the Executive Officer, Deogarh Municipality payable at Deogarh from any Nationalized Bank from date 14.09.2021 to date 21.09.2021 upto 5.00 P.M. during office hour except holidays.
The quotation paper along with all documents should reach the undersigned by Regd. Post/Speed Post/Counter service on by person on or before date 14.09.2021 to date 22.09.2021 upto 3.00 P.M. The quotation will be opened on the same date at 5.00 P.M. in presence of the quotationer or their authorised representative if any. The quotation received beyond the schedule date and time will not be considered at all. The details can be seen online **www.deogarh.nic.in**.
All terms and conditions may be seen in the quotation schedule. The undersigned has the right to accept, cancel or reject any or all the quotations without assigning any reason thereof.
**Sd./- Executive Officer, Deogarh Municipality**
**OIPR- 13088/11/0007/2122**



**STATE HEALTH ASSURANCE SOCIETY**
**A-1 Block, 2nd Floor, Toshali Bhawan, Satya Nagar**
**Unit - 9, Bhubaneswar - 751007, Odisha**
**Phone/Fax: 0674-2620500**
**Advt. No. 07/2021** **Date: 16.09.2021**

**TENDER CALL NOTICE FOR PRINTING & SUPPLY OF VINYL STICKERS**

No. E-440: Sealed tenders are invited from registered agencies (with GST registration having GSTIN) having adequate experience in taking up the works of printing, supply of Vinyl Stickers. Details regarding the design of the Vinyl Sticker, specification, printing and terms & conditions may be downloaded from the websites: **www.nhmodisha.gov.in** (under link "Tender") or **www.bsky.odisha.gov.in**. A pre-bid meeting shall be held on **20.09.2021, 03.30 P.M. at NHM Conference Hall, Unit - 8, Bhubaneswar**. The tender should reach the office of the undersigned by **29.09.2021 (till 3 P.M.)**. The tender will be opened at **3.30 P.M. on 29.09.2021 at NHM Conference Hall, Unit - 8, Bhubaneswar**. Any changes in the tender document including extension if any shall only be notified in the website mentioned above.
The undersigned reserves the right to reject any or all the tenders/cancel the tender without assigning any reason thereof.
**Sd./- Chief Executive Officer**
**State Health Assurance Society, Odisha**
**OIPR-10001/11/0034/2122**



See Career Appointment on every Wednesday & Saturday



**SHRI JAGANNATH SANSKRIT VISVAVIDYALAYA, SHRI VIHAR, PURI**
**No. 1487** **Date: 15.09.21**

**NOTICE**

It is for the information of all concerned that the Shikshashastri - B.Ed. Entrance Test (S.S.E.T.) - 2021 of Shri Jagannath Sanskrit Vishvavidyalaya, Shri Vihar, Puri which was scheduled to be held on 19.09.2021 is re-scheduled and shall be held from 10.00 A.M. to 12.00 Noon on **26.09.2021, Sunday,** in the following Centres. The Roll Nos. of the Candidates allotted to different centres are mentioned against each.

1. Fakir Mohan Higher Secondary School, Balasore: Roll Nos. From: **SS210001 to SS210253**.
2. Emarti Devi Women's College, Nayasarak, Cuttack: Roll Nos. From - **SS210254 to SS210502.**
3. S.C.S. Autonomous College, Puri: Roll Nos. From - **SS210503 to SS210802.**
4. G.M. Law College, Puri: Roll Nos. From - **SS210803 to SS211017.**

The list of candidates is available in the Unviersity website: **www.sjsv.nic.in**. The Admit Cards will be displayed in the University website w.e.f. Dt.23.09.2021. In case any candidate fails to download his/her Admit Card, the same can be collected from their respective examination centre before 02 hour of the commencement of examination provided his/her name appears in the list of eligible candidates.
By order of the Vice-Chancellor
**Sd./- D.D. Rana**
**Controller of Examinations**



**DISTRICT RURAL DEVELOPMENT AGENCY, JAGATSINGHPUR**
**Notice No. 3494** **Date: 13.09.21**

No. CAD-1174: DRDA, Jagatsinghpur invites Expression of Interest (EOI) from Odisha based C & AG Empanelled (2020-21) Chartered Accountant firms for conducting statutory audit of DRDA, Jagatsinghpur for the FY 2020-21.
Last date for submission of EOI is 24.09.2021 through Regd. Post/Speed Post only. Bid will be opened on 27.09.2021 at 3.00 P.M.
Detailed Expression of Interest (EOI) can be downloaded from district website from 15.09.2021 to 24.09.2021. For details visit district website: **www.jagatsinghpur.nic.in**.
**Sd./- Collector-cum-CEO**
**DRDA, Jagatsinghpur**
**OIPR-19077/11/0002/2122**



**ତହସିଲ କାର୍ଯ୍ୟାଳୟ, ନୂଆଗାଁ**
ନୋଟିସ୍ ନଂ. ୪୧୮୮ ତାରିଖ: ୦୮।୦୯।୨୦୨୧
ପ୍ରାପ୍ତେଷୁ,
**ଶିବଶଙ୍କର ସାମନ୍ତରାୟ**
ପିତା: ରମେନ୍ଦ୍ରନାଥ ସାମନ୍ତରାୟ
ଗ୍ରାମ: ଯାଜର୍ସିଙ୍ଗ, ପୋଷ୍ଟ/ଥାନା/ଜିଲ୍ଲା: ଖୋର୍ଦ୍ଧା।

No. F-136: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଯେ ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଟକଙ୍କଠାରେ ଆପଣ ଦାଏର କରିଥିବା ମାମଲା W.P.(c) No. 25095/2020 & W.P.(c) No. 25680/2020ର ଆଦେଶ/ନିର୍ଦ୍ଦେଶାନୁଯାୟୀ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ନୂଆଗାଁ ତହସିଲ ଅଧୀନରେ ଥିବା ଦୁଇଗୋଟି ପଥର ଖଣି ଯଥା "ଆମେଇମୁହି ପଥର ଖଣି ଓ ସୋରଡ଼ା ପଥର ଖଣି"ର ସର୍ବୋଚ୍ଚ ନିଲାମଧାରୀ ଭାବରେ ଚୟନ କରାଯାଇଥିଲା ଏବଂ ଆପଣଙ୍କ ଟେଣ୍ଡର କାଗଜାତରେ ଉଲ୍ଲେଖଥିବା ଠିକଣାରେ ଅତ୍ର କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୩୬ ତା୧୫।୦୧।୨୦୨୧ରିଖ ଓ ପତ୍ର ସଂଖ୍ୟା ୪୧୫୬ ତା୦୭।୦୯।୨୦୨୧ରିଖରେ ଆପଣଙ୍କୁ ରେଜିଷ୍ଟ୍ରି ଡାକ ମାଧ୍ୟମରେ ଜଣାଇ ଦିଆଯାଇଥିଲେ ମଧ୍ୟ ଆପଣ ଆଜିସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ।
ତେଣୁ ଏତଦ୍ୱାରା ଆପଣାଙ୍କୁ ଜଣାଇ ଦିଆଯାଉଅଛି କି ଯେ, ଉକ୍ତ ନୋଟିସ୍ ପ୍ରକାଶ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଏ ବିଷୟରେ ଆପଣ ଯଦି କିଛି ପଦକ୍ଷେପ ନ ନିଅନ୍ତି ତେବେ ଆପଣଙ୍କ ଟେଣ୍ଡର କାଗଜାତକୁ ତଥା ସର୍ବୋଚ୍ଚ ନିଲାମଧାରୀ ପଦକୁ ରଦ୍ଦ କରି ପୂର୍ବରୁ ଚୟନ କରାଯାଇଥିବା ନିଲାମଧାରୀଙ୍କୁ ସର୍ବୋଚ୍ଚ ନିଲାମଧାରୀ ଭାବରେ ଗ୍ରହଣ କରାଯିବ, ପରେ ଆପଣଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।
ଏହାକୁ ଅତ୍ୟନ୍ତ ଜରୁରୀ ମନେକରିବା ହେବେ।
ସ୍ୱା./- ତହସିଲଦାର, ନୂଆଗାଁ
OIPR-24016/11/0001/2122



**DISTRICT PROJECT OFFICE, SAMAGRA SHIKSHA, MAYURBHANJ**
**Baripada, Pin- 757002, Ph.No.- 06792-260865, Fax- 06792-260007**
**Email: dpcmayurssa.opepa@nic.in**
No.4226/ Date: 14.09.21

Applications are invited from the eligible lady candidates (Sl. No. 1 to 5) and male candidates (Sl. No.6) to fill up the vacancies of various posts as below in different Kasturaba Gandhi Balika Vidyalayas (KGBV Type-II) of the District, Mayurbhanj on contractual basis.

| Sl. No. | Name of the Post | No. of Vacancies | Remuneration per month |
|---|---|---|---|
| 1 | Warden | 01 | 16940/- |
| 2 | Accountant | 16 | 11000/- |
| 3 | Part time Teacher Science & Mathematics | 08 | 6000/- |
| 4 | Part time Teacher English | 07 | 6000/- |
| 5 | Part time Teacher Sanskrit / Hindi | 02 | 6000/- |
| 6 | Watchman cum Sweeper | 02 | 6000/- |

The detail eligibility criteria and application form etc. are available in the website of www.mayurbhanj.nic.in and www.osepa.odisha.gov.in. The application in the prescribed format should reach to this office on or before 30.09.2021 by 5 P.M. The application may be sent by Speed Post / Registered Post only to the District Project Office, Samagra Shiksha, Mayurbhanj, Murgabadi, Baripada, Pin- 757002. Undersigned reserves the right to increase / decrease the No. of posts or cancel the whole process of engagement without assigning any reason thereof.
**By order of the Collector-cum-Chairman,**
**Samagra Shiksha, Mayurbhanj**
**Sd./- District Education Officer & DEO, Samagra Shiksha, Mayurbhanj**



**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint Venture)**
**Corporate Office, Burla, Dist.- Sambalpur (Odisha) - 768017**

**NOTICE INVITING TENDER**
**Tender Notice No. TPWODL/NP/O/SU/038**

TP Western Odisha Distribution Limited invites quotations (in 2 part) from eligible vendors/suppliers for the following packages:
**Rate contract for Supply of 11KV & 33KV Epoxy Resin Cast CT & PT for Metering Cubicle**
Interested bidders to submit Tender Participation Fee and Authorization letter by e-mail on or before **22nd September 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit Tender section of TPWODL website: **www.tpwesternodisha.com**.
**Sd./- Chief Contracts and Stores**



No. D-135
**ବିଜ୍ଞାପନ**
**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା**

ସିପାହୀ/୩୯୫: **କାର୍ତ୍ତିକ ପ୍ରଧାନ**
ପିତା: ପରକ୍ଷୀତ ପ୍ରଧାନ
ଗ୍ରାମ: ଜାମୁକୁଣ୍ଡା, ପୋଷ୍ଟ: ଜାମୁକୁଣ୍ଡା
ଥାନା: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣଙ୍କର ଛୁଟି ଦରଖାସ୍ତ ଅନୁଯାୟୀ ଆପଣଙ୍କୁ ୯ ଦିନ ସାମୟିକ ଛୁଟି ତା୨୭।୦୩।୨୦୨୧ରିଖ ଅପରାହ୍ନଠାରୁ ତା୦୫।୦୪।୨୦୨୧ରିଖ ଅପରାହ୍ନ ପର୍ଯ୍ୟନ୍ତ ଛୁଟି ପ୍ରଦାନ କରାଯାଇଥିଲା। ତଦନୁଯାୟୀ ଆପଣ ନିଜ କାର୍ଯ୍ୟରେ ତା୦୬।୦୪।୨୦୨୧ରିଖ ପୂର୍ବାହ୍ନରେ ଯୋଗଦେବା କଥା, କିନ୍ତୁ ଆପଣ ଅଦ୍ୟାବଧି ଆପଣଙ୍କ କାର୍ଯ୍ୟରେ ଯୋଗଦେଇ ନାହାନ୍ତି କିମ୍ବା ଆପଣଙ୍କଠାରୁ କୌଣସି ପ୍ରକାରର ସୂଚନା ଏହି କାର୍ଯ୍ୟାଳୟକୁ ହସ୍ତଗତ ହୋଇନାହିଁ। ଆପଣ ବିନା ଅନୁମତି ତଥା ବିନା ଛୁଟିରେ କାହାରିକୁ କିଛି ନ ଜଣାଇ କିମ୍ବା କୌଣସି ସୂଚନା ନ ଦେଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଗୈରହାଜିର ହୋଇଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏଥିରୁ ପ୍ରତୀୟମାନ ହେଉଅଛି କି ଆପଣ ଉଦ୍ଦେଶ୍ୟ ମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ଏବଂ ଏତାଦୃଶ ଗୈରହାଜିର ଯୋଗୁ ଆପଣଙ୍କ ଦରମା ବନ୍ଦ କରାଯାଇଅଛି।
ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୭ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରିନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ଗୈରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।
ସ୍ୱା./- ଦୁର୍ଗପତି
ଓଡ଼ିଶା ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା
OIPR-12029/11/0023/2122

## ଟ୍ରକ୍ ଧକ୍କାରେ ବାଇକ ଚାଳକ ଗୁରୁତର

କୁଆଁରମୁଣ୍ଡା, (ଡି.ଏନ୍.ଏ.):ସୁନ୍ଦରଗଡ଼ ଜିଲା ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଲାଲୁ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଏକ ୧୪ ଚକିଆ ଟ୍ରକ ଧକ୍କାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ଢେଙ୍କାନାଳ ଜିଲାର ପ୍ରମୋଦ ନାୟକ। ସେ ନିକଟସ୍ଥ ଏକ କାରଖାନାରେ କର୍ମଚାରୀ ହୋଇଥିବାବେଳେ ଘଟଣା ସମୟରେ ଉକ୍ତ କାରଖାନାକୁ କାମ କରିବାକୁ ଯାଉଥିଲେ। ସେ ଉକ୍ତ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଭରି ବାଇକ୍‌ରେ ଯାଉଥିବା ବେଳେ ଉକ୍ତ ଟ୍ରକ ବିଆର୦୨ ଜିବି ୫୬୪୦ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାଜପଥ ପାର୍ଶ୍ୱକୁ ଛିଟିକି ପଡ଼ି ଏକ ବିଦ୍ୟୁତ୍ ଖୁଣ୍ଟରେ ବାଇକ୍ ସହ ପିଟି ହୋଇଯାଇଥିଲେ। ପୋଲିସ ଉକ୍ତ ଟ୍ରକ୍ ଓ ବାଇକ୍‌କୁ ଜବତ କରି ଫାଣ୍ଡିରେ ରଖିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ସଂକ୍ଷେପରେ

## ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ ଚାକିରି ଦାବି କଲା ଏଆଇଟିୟୁସି

**ରାଉରକେଲା ଅଫିସ,୧୫।୯:** ମଙ୍ଗଳବାର ସିଟିରିଙ୍ଗ ପ୍ଲାଣ୍ଟ-୧ରେ ଘଟିଥିବା ଦୁର୍ଘଟଣାରେ ମୃତ ଠିକା ଶ୍ରମିକଙ୍କୁ ଆର୍ଥିକ ସହାୟତା ଓ ପରିବାର କୌଣସି ଜଣେ ସଦସ୍ୟଙ୍କୁ ଯଥାଶୀଘ୍ର ଚାକିରି ପ୍ରଦାନ ପାଇଁ ଏଆଇଟିୟୁସି ପକ୍ଷରୁ ଦାବି କରାଯାଇଛି। ଠିକା ଶ୍ରମିକ ଜର୍ଜ ଜ୍ୟୋତିଷ ମିଞ୍ଜଙ୍କ ମୃତ୍ୟୁଖବର ପାଇ ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ (ଏଆଇଟିୟୁସି)ପକ୍ଷରୁ ଶୋକସଭା ପାଳନ କରାଯାଇଥିଲା। ଏହି ଅବସରରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୟୁନିୟନ ପକ୍ଷରୁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅଣ କୌଶଳି କର୍ମଚାରୀଙ୍କୁ ନେଇ ଆର୍‌ଏସ୍‌ପି କର୍ତ୍ତୃପକ୍ଷ କାର୍ଯ୍ୟ କରାଇବା ସହ ଅନଭିଜ୍ଞ ଠିକା ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରୁଛନ୍ତି ତାର ପରିଣାମ ଏପରି ଘଟୁଥିବା ଏଆଇଟିୟୁସି ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ମୁକ୍ତ ଇସ୍ପାତ ଉତ୍ପାଦନ କରିବା ପାଇଁ ସେଲ ବିଭିନ୍ନ ସମୟରେ ଡୁଙ୍ଗୁରା ପିଟିଥିବାବେଳେ ଏହି ଘଟଣାକୁ ନେଇ ଶ୍ରମିକ ଏଠାରେ କେତେ ସୁରକ୍ଷିତ ତାହା ସ୍ପଷ୍ଟବାରି ହୋଇପଡୁଛି। ସ୍ଥାୟୀ କୁଶଳି ଶ୍ରମିକଙ୍କ ସ୍ଥାନରେ ଅଣକୁଶଳି ଶ୍ରମିକ କାମ କଲେ ଦୁର୍ଘଟଣା ମୁକ୍ତ ଷ୍ଟିଲ ଉତ୍ପାଦନ କରିବା ସ୍ୱପ୍ନରେ ରହିଯିବ ବୋଲି ୟୁନିୟନର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ମୃତ ଠିକା ଶ୍ରମିକଙ୍କୁ କାହା ସହିତ କାମ କରିବାକୁ ପଠାଯାଇଥିଲା ଓ ତାଙ୍କର ଏଭଳି ମୃତ୍ୟୁ କିଭଳି ହେଲା ତାହାର ପ୍ରକୃତ ତଦନ୍ତ ପାଇଁ ୟୁନିୟନ ପକ୍ଷରୁ ଦାବି ହୋଇଛି। ଏଥିସହ ତାଙ୍କ କ୍ଷତିପୂରଣ ପାଇଁ ଆର୍ଥିକ ସହାୟତା ଓ ପରିବାର ଜଣଙ୍କୁ ଅନୁକମ୍ପା ମୂଳକ ଚାକିରି ଦେବାକୁ ଏଆଇଟିୟୁସି ପକ୍ଷରୁ କୁହାଯାଇଛି। ଏଥିରେ ଦଳର ସଭାପତି ପଶୁପତି ନାଥ ଚାଟାର୍ଜୀ, ରମନାଥ ପର୍ବତ, ନିଳମାଧବ ସାହୁଙ୍କ ସହ ଅନ୍ୟ କର୍ମୀ ଉପସ୍ଥିତ ଥିଲେ।

# ୪ ଅଭିଯୁକ୍ତ ଗିରଫ: ପିସ୍ତଲ, ଭୁଜାଲି ଜବତ

### ରେଲ୍‌ୱେ କଲୋନୀ ରିମ୍‌ଝିମ୍ ବସ୍ତିରେ ଯୁବକଙ୍କୁ ଗୁଳିମାଡ଼ ଘଟଣା

**ରାଉରକେଲା ଅଫିସ, ୧୫।୯**

ରାଉରକେଲା ରେଲ୍‌ୱେ କଲୋନୀ ରିମ୍‌ଝିମ୍ ବସ୍ତିରେ ୧୦ ତାରିଖ ସନ୍ଧ୍ୟାରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ଆଉ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କୁରେସି ମୋହଲାର ଅରମାନ କୁରେସି(୨୩), ମହତାବ ରୋଡ଼ର ସୋହେଲ ଖାନ(୧୯), ହାସନପୁରର ଏମ୍‌ଡି ସମିମ୍ ଅହମ୍ମଦ ଓରଫ ଡି.ଜେ ମନୁ(୨୦), ମାଲଗୋଦାମର ଏମ୍‌ଡି ଅରବାଜ(୧୯)। ପୋଲିସ ଅରମାନଙ୍କଠାରୁ ଏକ ପିସ୍ତଲ, ସୋହେଲଙ୍କଠାରୁ ଏକ ଧାରୁଆ ଭୁଜାଲି ଓ ଏମ୍‌ଡି ସମିମ୍‌ଙ୍କଠାରୁ ୨ଟି ସ୍କୁଟି ଜବତ କରିଛି। ଏହା ପୂର୍ବରୁ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅମିର ଖାନ୍‌ଙ୍କୁ ଗତ ୧୧ ତାରିଖରେ ଗିରଫ କରିଥିବାବେଳେ ଫୁକୁନି ଓରଫ ଏମ୍‌ଡି ସେହବାଜଙ୍କୁ ଗତ ୧୩ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ବହୁ ଅପରାଧ ମାମଲା ରହିଥିବା ରାଉରକେଲା ଏସ୍‌ପି ମୁକେଶ ଭାମୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁଙ୍କ କହିବା ଅନୁଯାୟୀ, ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଧରାଯିବ। ସେଥିପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଯେପର୍ଯ୍ୟନ୍ତ ଏହି ଘଟଣାରେ ସମସ୍ତ ଅଭିଯୁକ୍ତ ଧରା ନ ପଡ଼ିଛନ୍ତି ସେ ପର୍ଯ୍ୟନ୍ତ ମୃତକ ଜିତେନ୍ଦ୍ର ଓରଫ ଗୋରେ ସାଙ୍କ ଘର ସମ୍ମୁଖରେ ପୋଲିସ ମୁତୟନ ରଖାଯିବ। ଗୋରେ ସା ରେଲ୍‌ୱେ କଲୋନୀ ରିମ୍‌ଝିମ୍ ବସ୍ତିରେ ପରିବାର ସହ ବାସ କରନ୍ତି। ଗତବର୍ଷ ଜାନୁୟାରୀ ୭ରେ ଗୋରେ ତାଙ୍କର କିଛି ସହଯୋଗୀଙ୍କ ସହ ମିଶି ନାଲାରୋଡ୍ ଅଞ୍ଚଳରେ ବାସ କରୁଥିବା ଦିଲୁ ଖାନ୍‌ଙ୍କୁ ରେଲୱେ କଲୋନୀସ୍ଥିତ ବଡ଼ ପାର୍କକୁ ଡାକିଥିଲେ। କୌଣସି ବ୍ୟବସାୟିକ କଥାବାର୍ତ୍ତାକୁ ନେଇ ଯୁକ୍ତିତର୍କ ହେବା ସହ ଦିଲୁଙ୍କୁ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ଗୋରେ ସା ଓ ତାଙ୍କ ସମସ୍ତ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲ ଭିତରେ ରହି ଚଳିତବର୍ଷ ଦେଢ଼ମାସ ହେବ ଗୋରେ ବେଲ୍‌ରେ ବାହାରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଶୁକ୍ରବାର ସନ୍ଧ୍ୟାରେ କେତେଜଣ ଯୁବକ ରିମ୍‌ଝିମ୍ ବସ୍ତିରେ ପହଞ୍ଚି ଗୋରେଙ୍କୁ ଘରୁ ଡାକି ନେଇଥିଲେ। ପରେ ଘରର ଅଳ୍ପ ଦୂରରେ ତାଙ୍କୁ ୪ ରାଉଣ୍ଡ ଗୁଳି ମାରିବା ସହ ଧାରୁଆ ଅସ୍ତ୍ରରେ ମୁଣ୍ଡ ଓ ହାତକୁ ଆକ୍ରମଣ କରିଥିଲେ। ଏହି ଦୃଶ୍ୟ ଦେଖି ତାଙ୍କ ମାଉସୀ ଲକ୍ଷ୍ମୀ ସା ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଗୁଳିମାରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୋରେ ଓ ଲକ୍ଷ୍ମୀଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)କୁ ନିଆଯାଇଥିଲା। ଶୁକ୍ରବାର ମଧ୍ୟ ରାତ୍ରିରେ ଗୋରେଙ୍କର ମୃତ୍ୟୁ ହୋଇଯାଇଥିଲା।



ଗୁଳିକାଣ୍ଡ ଘଟଣାରେ ଗିରଫ ୪ ଅଭିଯୁକ୍ତ ଓ ଜବତ ପିସ୍ତଲ।

# ତେଲିମୁଣ୍ଡା ଗ୍ରୀଡ୍‌ରୁ ବୁଢ଼ାପାଳ ସବ୍‌ଷ୍ଟେଶନକୁ ବିଦ୍ୟୁତ୍ ସଂଯୋଗ ଦାବି

**ଦେବଗଡ଼,୧୫।୯(ଡି.ଏନ.ଏ)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ତେଲିମୁଣ୍ଡା, ରେଙ୍ଗାଳବେଡା ଓ ବୁଢାପାଳ ଗ୍ରାମରେ ତିନୋଟି ୩୩/୧୧ କେଭି ବିଦ୍ୟୁତ ଗ୍ରୀଡ ସବ୍‌ଷ୍ଟେଶନ ରହିଛି। ଏହାସତ୍ତ୍ୱେ ରିଆମାଳ ବ୍ଲକର ବିଦ୍ୟୁତ୍ ଉପଭୋକ୍ତା ଉପଯୁକ୍ତ ସେବା ପାଇପାରୁ ନାହାନ୍ତି। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବ୍ୟବସାୟ କ୍ଷେତ୍ରରେ ବିଦ୍ୟୁତ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଧବାର ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାହୁ ଜିଲାପାଳଙ୍କୁ ଏ ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେଲିମୁଣ୍ଡା ଗ୍ରୀଡ ସବ୍‌ଷ୍ଟେଶନରୁ ବୁଢାପାଳ ଗ୍ରୀଡକୁ ବିଦ୍ୟୁତ୍ ସଂଯୋଗ ପାଇଁ ସେ ଦାବି ଜଣାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ବୁଢାପାଳ ସବ୍‌ଷ୍ଟେଶନକୁ ଅନୁଗୋଳ ଜିଲା ରେଙ୍ଗାଳି ଗ୍ରୀଡରୁ ଏବଂ ରେଙ୍ଗାଳବେଡା ଓ ତେଲିମୁଣ୍ଡା ଗ୍ରୀଡକୁ ଦେବଗଡ଼ରୁ ବିଦ୍ୟୁତ ସଂଯୋଗ ହୋଇଛି। ତେଲିମୁଣ୍ଡା ଗ୍ରୀଡ ସବ୍‌ଷ୍ଟେଶନରୁ ବୁଢାପାଳ ଗ୍ରୀଡର ଦୂରତ୍ୱ ମାତ୍ର ୩୦କି.ମି। ଉଭୟ ଗ୍ରୀଡ ସବ୍‌ଷ୍ଟେଶନ ମଧ୍ୟରେ ବିଦ୍ୟୁତ ସଂଯୋଗ ହେଲେ ରିଆମାଳ ବ୍ଲକର ଉପଭୋକ୍ତାମାନେ ଉଭୟ ରେଙ୍ଗାଳି ଓ ଦେବଗଡରୁ ବିଦ୍ୟୁତ୍ ସେବା ସହଜରେ ପାଇପାରିବେ। ଯଦି କୌଣସି କାରଣରୁ ଗୋଟିଏ ପାର୍ଶ୍ୱରୁ ସରବରାହ ବ୍ୟାଘାତ ଘଟେ ତେବେ ଅପରପାର୍ଶ୍ୱରୁ ଯୋଗାଣ ହୋଇପାରିବ। ଏଣୁ ତେଲିମୁଣ୍ଡା ଗ୍ରୀଡରୁ ବୁଢାପାଳ ଗ୍ରୀଡ ସବ୍‌ଷ୍ଟେଶନକୁ ବିଦ୍ୟୁତ ସଂଯୋଗ କରାଯାଇ ଉପଭୋକ୍ତାମାନଙ୍କ ସମସ୍ୟା ସମାଧାନ ପାଇଁ ସାହୁ ସ୍ମାରକପତ୍ର ମାଧ୍ୟମରେ ଜିଲାପାଳଙ୍କଠାରେ ଦାବି ଜଣାଇଛନ୍ତି। ସ୍ମାରକପତ୍ରର ନକଲ ବିଦ୍ୟୁତ୍ ବିଭାଗ (ଟିପିଡବ୍ଲୁଓଡିଏଲ୍)ର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

# ଗୁଣ୍ଡୁରିପୋଷୀ ଗ୍ରାମରେ ହାତୀ ଉପଦ୍ରବ: ଫସଲ ନଷ୍ଟ



ହାତୀ ନଷ୍ଟ କରିଥିବା ଧାନ ଫସଲ।

**ଦେବଗଡ଼,୧୫।୯(ଡି.ଏନ୍.ଏ.)**

ଏକ ଦନ୍ତାହାତୀ ଦେବଗଡ଼ ବନାଞ୍ଚଳ ତଥା ଦେବଗଡ଼ ସେକ୍ସନ ଅନ୍ତର୍ଗତ ଗୁଣ୍ଡୁରିପୋଷୀ ଗାଁରେ ପଶି ବହୁ ପରିମାଣର ଧାନ ଫସଲ ଖାଇଦେବା ସହ ମାଡିଦଳି ନଷ୍ଟ କରିଥିବା ଜଣାପଡିଛି। ଖବର ମୁତାବକ ମଙ୍ଗଳବାର ରାତି ପ୍ରାୟ ୯ଟାରେ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଏକ ଦନ୍ତା ହାତୀ ଗୁଣ୍ଡୁରିପୋଷିକୁ ପଶି ଆସିବା ସହ ଉକ୍ତ ଗ୍ରାମର ଟିକେଶ୍ୱର ସାହୁଙ୍କ ଚାଷ ଜମିରେ ପଶି ଧାନ ଗଛଗୁଡିକ ଖାଇବାସହ ମାଡିଦଳି ନଷ୍ଟ କରିଥିଲା। ସୂଚନାପାଇ ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟ ଗାର୍ଡ ଭୋଳେଶ୍ୱର ସାହୁ ସଦଳବଳ ସେଠାରେ ପହଞ୍ଚି ହାତୀକୁ ଘଉଡାଇବାକୁ ଉଦ୍ୟମ କରିଥିଲେ। ତେବେ ବିଳମ୍ବିତ ରାତିରେ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାରେ ସଫଳ ହୋଇଥିଲେ। ଉକ୍ତ ଦନ୍ତା ହାତୀ ବୁଧବାର ସନ୍ଧ୍ୟାରେ ନିକଟସ୍ଥ ରେଙ୍ଗାଲପାଲି ଜଙ୍ଗଲରେ ଥିବାରୁ ପୁଣିଥରେ ରେଙ୍ଗାଲପାଲି, ବୁଢିବିଲ ଓ ଗୁଣ୍ଡୁରିପୋଶି ଗ୍ରାମରେ ପଶି କ୍ଷୟକ୍ଷତି ଘଟାଇବାର ଆଶଙ୍କା ରହିଛି। ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ଏଣୁ ବନ ବିଭାଗ କର୍ତ୍ତୃପକ୍ଷ ହାତୀକୁ ଦୂର ଜଙ୍ଗଲକୁ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ସୁନ୍ଦରଗଡ଼ ପୌରପାଳିକାରେ ସ୍ମାର୍ଟ ହେଲଥ୍ କାର୍ଡ ବଣ୍ଟନ



**ସୁନ୍ଦରଗଡ଼, ୧୫।୯ (ଡି.ଏନ୍.ଏ):** ସୁନ୍ଦରଗଡ଼ ପୌରପାଳିକାର ୱାର୍ଡ ନଂ.୨ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲଥ୍ କାର୍ଡ ବିତରଣ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଓଏଫ୍‌ଡିସିର ଉପଦେଷ୍ଟା ଦେବାଶୀଷ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮୮୬ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ରଞ୍ଜନା ପଣ୍ଡା, ବରିଷ୍ଠ ନେତା ସନ୍ତୋଷ ଅମାତ, ଗୋପ ମହାନ୍ତି, ଜୟନାରୟଣ ତ୍ରିପାଠୀ, ପଞ୍ଚା ବାର୍ଲା, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ବିଜୁ ଛାତ୍ର ଜନତା ସଭାପତି ଶାହାବାଜ୍ ହୁସେନ୍, ଅନିତା ଶର୍ମା, ଟିକେଶ୍ୱରୀ ନାଏକ, ନିରୂପମା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# କାଲଟା ଲୌହଖଣି ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ଜନଶୁଣାଣି

**ଟେନ୍‌ସା, ୧୫।୯(ଡି.ଏନ.ଏ.)**

ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କାଲଟା ପଞ୍ଚାୟତର କାଲଟା ଗ୍ରାମରେ ଥିବା ମେସର୍ସ ଷ୍ଟିଲ ଅଥରଟି ଅଫ ଇଣ୍ଡିଆ ଲିମିଟେଡ଼ର କାଲଟା ଲୌହ ଖଣିରୁ ଉତ୍ପାଦନ କ୍ଷମତା ବୃଦ୍ଧି ବାର୍ଷିକ ୪୯୭୧ ଟନ ନିମନ୍ତେ ବୁଧବାର କାଲଟା ଗ୍ରାମପଞ୍ଚାୟତ ଖେଳ ପଡ଼ିଆରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼. ପ୍ରକାଶ କୁମାର ମହାପାତ୍ର, ବୈଜ୍ଞାନିକ ଦୀପକ ସାହୁ, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, କୋଇଡା ତହସିଲଦାର, ଡିଏସ ଶୁଭଦର୍ଶୀ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ କାଲଟା ଲୌହ ଖଣିର ସିଜିଏମ୍ ପ୍ରସନ୍ନ କମାର ରଥ ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଇବା ପରେ ମତାମତ ଲୋଡ଼ା ଯାଇଥିଲା। ପ୍ରଥମେ କାଲଟା ସରପଞ୍ଚ ଭୀମସେନ ଚୌଧୁରୀ, ସିପିଆଇଏମ୍‌ର ବରିଷ୍ଠ ନେତା ପ୍ରମୋଦ ସାମଲ, ରବିନାରାୟଣ ନାଏକ, କାଲଟା ଗ୍ରାମର ସନ୍ତୋଷ ସାହୁ, ପରମେଶ୍ୱର ନାଏକ, ଝିରିପାଣି ଗ୍ରାମର ମିନା ନାଏକ, ଗୀତା ନାଏକ, ମିନାକ୍ଷୀ ନାଏକ, ପ୍ରଫୁଲ୍ଲ ନାଏକ, ମିନା ନାଏକ, ପାତ୍ରୀ ଗୁଡ଼ିଆ, କେ.ସି ବାରିକ, ଭାଜପା ଜିଲା ସଭାପତି ଅନୀଲ ବର୍ଲା, ଆନନ୍ଦ ମାସି ହରୋ ସମେତ ୩୫ରୁ ଊର୍ଦ୍ଧ୍ୱ ଲୋକ କାଲଟା ଲୌହ ଖଣି ସପକ୍ଷରେ ମତାମତ ଦେଇଥିଲେ। ତଦ୍‌ସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ, ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତା ଘାଟର ଉନ୍ନତିକରଣ, ଖେଳ ପଡ଼ିଆର ଉନ୍ନତିକରଣ, ଅଧିକ ବୃକ୍ଷ ରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି, ପୋଖରୀ ଖନନ, ଟାୱାର ନିର୍ମାଣ ଆଦି ଗ୍ରାମବାସୀ ଦାବି କରିଥିଲେ। ଖଣି ଉତ୍ପାଦନ ବୃଦ୍ଧି ହେଲେ ସବୁ ଗ୍ରାମର ସମସ୍ତ ଦାବିକୁ ପୂରଣ କରାଯିବ ବୋଲି କାଲଟା ଲୌହ ଖଣି କର୍ତ୍ତୃପକ୍ଷ ତରଫରୁ ସିଜିଏମ ପ୍ରସନ୍ନ କୁମାର ରଥ ପ୍ରତିଶ୍ରୁତି ଦେଇଥିଲେ। ସୁରକ୍ଷା ନିମନ୍ତେ ବଣାଇ ଅତିରିକ୍ତ ଏସ୍‌ପି ମଜବୁର ରେହେମାନ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।

## ଲଗାଣ ବର୍ଷାରେ ବାଲୁଘାଟ ବସ୍ତିରେ ପଶିଲା ପାଣି

ରାଉରକେଲା ଅଫିସ,୧୫।୯– ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ବିଳମ୍ବିତ ରାତିରେ ବାଲୁଘାଟ ବସ୍ତିର ବିଭିନ୍ନ ଘରେ ପାଣି ପଶିଥିବା ଜଣାପଡ଼ିଛି। ଲଗାଣ ବର୍ଷା ଯୋଗୁ ବ୍ରାହ୍ମଣୀ ନଦୀର ଜଳ ଫୁଲିବା ସହ ମନ୍ଦିରା ଡ୍ୟାମର ୨ଟି ଗେଟ ଖୋଲାଯାଇଥିବା ହେତୁ ନଦୀର ଜଳସ୍ତର ବଢୁଛି। ବାଲୁଘାଟ ନଦୀର ତଳି ଅଞ୍ଚଳରେ ଥିବା ହେତୁ ଏଭଳି ସମସ୍ୟା ଉପୁଜିଥିବା ବସ୍ତିବାସୀ କହିଛନ୍ତି। ବର୍ଷା ଓ ନଦୀପାଣି ଘରେ ପଶିଯିବାରୁ ଉକ୍ତ ଅଞ୍ଚଳରେ ରାସ୍ତାଘାଟଗୁଡ଼ିକ ପାଣି କାଦୁଅରେ ବୁଡି ରହିଛି। ଫଳରେ ବସ୍ତି ଭିତରକୁ ଯାତାୟତରେ ବାଧା ସୃଷ୍ଟି ହୋଇଛି। ବସ୍ତିବାସୀଙ୍କ ଘରେ ପାଣି ପଶିଯିବା ହେତୁ ନଦୀ କୂଳରେ ବାସକରୁଥିବା ୧୦ଟି ଘରେ ଆଂଶିକ କ୍ଷୟକ୍ଷତି ହୋଇଛି। ବୁଧବାର ପାଗ ସ୍ୱାଭାବିକ ରହିଥିବାରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ସାହାଯ୍ୟସହଯୋଗ ଯୋଗାଇ ଦିଆଯାଇଛି। ବସ୍ତିରେ ଲଗାଣବର୍ଷା ଯୋଗୁ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ବସ୍ତିବାସିନ୍ଦା କହିଛନ୍ତି।

# ହନୁମାନ ମନ୍ଦିରରୁ ଚୋରି

**ରାଉରକେଲା ଅଫିସ, ୧୫।୯**

ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ଥିବା ହନୁମାନ ମନ୍ଦିରରୁ ଚୋରି ହୋଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ହନୁମାନ ମନ୍ଦିର ପାଚେରି ଡେଇଁ ପଶିଥିଲେ। ମନ୍ଦିର ସମ୍ମୁଖରେ ଥିବା ଦାନବାକ୍ସକୁ ଭାଙ୍ଗି ସେଥିରୁ ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ସକାଳ ହେବାରୁ ମନ୍ଦିର ପୂଜକ ସତାତନ ପଣ୍ଡା ଏହା ଦେଖି ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ମନ୍ଦିର କମିଟି କର୍ମକର୍ତ୍ତା ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଓଭରବ୍ରିଜ୍‌ରେ ପାଣି ଜମିବା ପ୍ରତିବାଦରେ ବିକ୍ଷୋଭ




ବ୍ରିଜ ଉପରେ ସୃଷ୍ଟି ହୋଇଥିବା ଜଳାଶୟ ନିକଟରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ରାଉରକେଲା ଅଫିସ,୧୫।୯**

- ଏସ୍‌ଟିଆଇ ଓଭରବ୍ରିଜ ସାଜିଛି ପୋଖରୀ
- ପାଣି ଜମିବା ସ୍ଥାନରେ ମାଛ ଛାଡ଼ି କଂଗ୍ରେସର ପ୍ରତିବାଦ

ଏସ୍‌ଟିଆଇ ଓଭରବ୍ରିଜ ନିର୍ମାଣ କରାଯାଇଥିଲା ଗତ ୨୦୧୯ରେ। ଏହି ଓଭରବ୍ରିଜ ନିର୍ମାଣ କାର୍ଯ୍ୟକୁ ଦୁଇ ବର୍ଷ ନ ପୂରୁଣୁ ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ବହୁ ସ୍ଥାନରେ ଡିଭାଇଡର ଭାଙ୍ଗିଯାଇଛି। ଏହି ବ୍ରିଜକାମ ନିମ୍ନମାନର ହୋଇଥିବା ହେତୁ ଜିଲା କଂଗ୍ରେସ ପକ୍ଷରୁ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଛି। ରେଲୱେ ଓଭରବ୍ରିଜର ନିମ୍ନମାନର କାମ ଯୋଗୁ ସାମାନ୍ୟ ବର୍ଷାରେ ଏହି ଓଭରବ୍ରିଜ ଉପରେ ପାଣି ଜମି ପୋଖରୀଭଳି ସୃଷ୍ଟି ହେଉଛି। ଫଳରେ ବ୍ରିଜ ଉପରେ ଯାତାୟତରେ ବହୁ ଅସୁବିଧା ହେଉଥିବା ଦେଖିବାକୁ ମିଳୁଛି। ଏହି ବ୍ରିଜ କାର୍ଯ୍ୟରେ ଠିକା ନେଇଥିବା କମ୍ପାନୀ ଓ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ବିଭାଗୀୟ ଯନ୍ତ୍ରୀମାନଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଏନେଇ ସରକାର ଓ ସ୍ଥାନୀୟ ପ୍ରଶାସନ ପାଖରେ ଦଳ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଆଜିଯାଏଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏହାର ପ୍ରତିବାଦରେ ଜିଲା କଂଗ୍ରେସ ବୁଧବାଦ ବ୍ରିଜ ଉପରେ ସୃଷ୍ଟି ହୋଇଥିବା ଜଳାଶୟ ନିକଟରେ ମାଛ ଛାଡି ବିକ୍ଷୋଭ ପ୍ରଦର୍ଶନ କରିଛି। ଆଗାମୀ ଦିନରେ ବ୍ରିଜ ନିର୍ମାଣ ଦୁର୍ନୀତିକୁ ନେଇ କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ତିର୍କୀଙ୍କ ସହିତ ପୂର୍ବତନ ସଭାପତି ବିରେନ ସେନାପତି, ସଭାନେତ୍ରୀ ନିରୁପାମ ବଳିଆସିଂ, ବିନୋଦ ରାଉତ, ରୋହିତ ଯୋଶେଫ ତିର୍କୀ, ସବୀର ହୁସେନ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଝୁନୁ ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ, ରେହେମାନ ଖାନ, ଅକ୍ଷୟ ନାୟକ, ଅନୁପ ସାହୁଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

# ବଳମ-ଲଇମୁରା ରାସ୍ତା ନିର୍ମାଣ ଦାବି ତେଜିଲା

**ଦେବଗଡ଼,୧୫।୯(ଡି.ଏନ୍.ଏ.)**

ଗ୍ରାମ୍ୟ ନିର୍ମାଣ ବିଭାଗରୁ ପୂର୍ତ୍ତ ବିଭାଗ ଅଧୀନକୁ ହସ୍ତାନ୍ତର କରାଯାଇ ନିର୍ମାଣ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ଅନୁଦାନ ପ୍ରଦାନ କରାଯାଇଥିବା ବଳମ-ଲଇମୁରା ଭାୟା ଗୁସୁଲା ରାସ୍ତା ନିର୍ମାଣ କାମ ଆରମ୍ଭ କରିବା ଦାବି ତେଜିଛି। ବୁଧବାର ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ୍ ହେମ୍ବ୍ରମ, ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ପଦ୍ମଲୋଚନ ଭୋଇ, ଧନେଶ୍ୱର ଶେଣ୍ଠ, କାଶିନାଥ ବେହେରା, ସୁରେଶ ଦୀପ, କମାର ବେହେରା, ବନମାଳୀ ନାୟକ, ଧରଣୀଧର ବନାୟକ, ଟଙ୍କଧର ଭୋଇ, ଭରତ ଚନ୍ଦ୍ର ବେହେରାଙ୍କ ସମେତ ବହୁ ଚାଷୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ତୁରନ୍ତ ଉକ୍ତ ରାସ୍ତାର ନିର୍ମାଣ କାମ ଆରମ୍ଭ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଲିଖିତ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ବଳମ-ଲଇମୁରା ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡବଡ ଖାଲଖମା ସୃଷ୍ଟି ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଯାତାୟତ ନିମନ୍ତେ ଉକ୍ତ ରାସ୍ତା ଉପରେ ୭ ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ଏଭଳି ସ୍ଥିତିରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅବସ୍ଥାରୁ ପ୍ୟାକ୍ସ ଦ୍ୱାରା ସଂଗୃହୀତ ଧାନ ନେବାକୁ ମିଲରମାନେ ଗାଡି ପଠାଉ ନାହାନ୍ତି। ଫଳରେ ଚାଷୀମାନେ ନିଜ ଧାନକୁ ପ୍ୟାକ୍ସରେ ନନେଇ ମିଲରଙ୍କ ନିକଟକୁ ନେଇ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଦୁଗ୍ଧ ଚାଷୀମାନେ ମଧ୍ୟ ଏହି କାରଣରୁ ଦୁଗ୍ଧର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ରାସ୍ତା ନିର୍ମାଣ କରିବାକୁ ଜିଲା କୃଷକ ସଂଘର୍ଷ ସଂଘ ୨୦୨୦ ଅଗଷ୍ଟ ୭ରେ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି କରିଥିଲା। ୧୫ ଦିନ ମଧ୍ୟରେ ଉକ୍ତ ରାସ୍ତାର ନିର୍ମାଣ ଆରମ୍ଭ କରିବାକୁ ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାର ୨୫ ଦିନ ପରେ ମଧ୍ୟ ନିର୍ମାଣ ଆରମ୍ଭ ନ ହେବାରୁ ଅଗଷ୍ଟ ୩୧ରେ ପୁଣିଥରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେପ୍ଟେମ୍ବର ୩୦ ମଧ୍ୟରେ ରାସ୍ତାର ନିର୍ମାଣ କାମ ଆରମ୍ଭ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ଆମରଣ ଅନଶନ କରାଯିବ ବୋଲି ଲିଖିତ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ଉକ୍ତ ରାସ୍ତା ନିର୍ମାଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଅକ୍ଟୋବର ୧ରେ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ ହୋଇଥିଲା। ସେହିଦିନ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସେଠାକୁ ଆସି ଅନଶନକାରୀଙ୍କ ସହିତ ଆଲୋଚନା କରିବା ସହ ତୁରନ୍ତ ନିର୍ମାଣ ଆରମ୍ଭ ହେବ ବୋଲି କହିଥିଲେ। ଫଳରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଇତିମଧ୍ୟରେ ପ୍ରତିଶ୍ରୁତିର ଏକବର୍ଷ ପୂରିବାକୁ ବସିଥିଲେ ହେଁ କାମ ଆରମ୍ଭ ହୋଇନାହିଁ। ଫଳରେ ବୁଧବାର ସଂଘ କର୍ମକର୍ତ୍ତା ଓ ସମ୍ପୃକ୍ତ ଅଞ୍ଚଳର ବହୁ ଜନସାଧାରଣ ପୁଣିଥରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଦେବଗଡ଼ ଜିଲା କୃଷକ ସଂଘର୍ଷ ସମିତି କର୍ମକର୍ତ୍ତା ନିର୍ବାହୀଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

- ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲା କୃଷକ ସଂଘର୍ଷ ସଂଘର ସ୍ମାରକପତ୍ର
- କାମ ତୁରନ୍ତ ଆରମ୍ଭ ନ ହେଲେ ଆନ୍ଦୋଳନ

## ୧୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଝାରସୁଗୁଡ଼ା ଅଫିସ:** ଆସନ୍ତା ୧୯ତାରିଖରେ ଝାରସୁଗୁଡା ସିଭିଲ କୋର୍ଟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ , ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ ଆଦି ମାମଲା ଆପୋଷ ବୁଝାମଣାରେ ସମାଧାନ ହୋଇପାରିବ। ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ଏବଂ ଆର୍ଥିକ ଖର୍ଚ୍ଚ ସଦୁପଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସମ୍ପୂର୍ଣ୍ଣ ବିବରଣୀ ପାଇଁ ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ପ୍ରାଧିକରଣ ସଚିବ ହରପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ବ୍ଲକସ୍ତରୀୟ ସମନ୍ୱୟ ମେଳା: ୪୯ ଏସ୍‌ଏଚ୍‌ଜିଙ୍କୁ ୭୬ ଲକ୍ଷ ଋଣ ମଞ୍ଜୁର

**ସମ୍ବଲପୁର,୧୫।୯(ବ୍ୟୁରୋ):** ସମ୍ବଲପୁର ଓଡ଼ିଶା ଜୀବିକା ମିଶନ ଓ ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି) ଶାସନ ଶାଖା ପକ୍ଷରୁ ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। ରେଙ୍ଗାଲି ବ୍ଲକ ଶାସନସ୍ଥିତ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ମେଳାରେ ମୋଟ ୪୯ ଏସ୍‌ଏଚ୍‌ଜିଙ୍କୁ ୭୬ ଲକ୍ଷ ୫୮ ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିଲା। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ୫୦ ଜଣ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ୫୦, ଅଟଳ ପେନସନ ୨୦ ଜଣ ସଦସ୍ୟ ସାମିଲ ହୋଇଥିଲେ। ୨ଟି ନୂତନ ଏସ୍‌ଏଚ୍‌ଜିଙ୍କ ଜମା ଖାତା ଖୋଲାଯାଇଥିଲା । ବ୍ୟାଙ୍କ ମିତ୍ର ଜସ୍ମିତା ସାଙ୍କୁ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇଥିବା ଯୋଗୁ ପୁରସ୍କୃତ କରାଯାଇଥିଲା। ଏପିଡି ବିକାଶ ମହାନ୍ତି, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସୁରେଶ କୁମାର ଭାରୁ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଭୀନିତ ରାଜ, ବିପିଏମ ସପ୍ନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ,୧୫।୯:** ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ଅଧିବେଶନରେ ବ୍ରଜରାଜନଗର ଓ ଝାରସୁଗୁଡ଼ା ବିଧାନସଭା ନବାଚନ ମଣ୍ଡଳୀର ସମସ୍ତ ଆସିଷ୍ଟାଣ୍ଟ ଇଲେକଟୋରାଲ ରେଜିଷ୍ଟ୍ରେଶନ ଅଫିସର ଯଥା ଝାରସୁଗୁଡ଼ା, ଲଖନପୁର, କୋଲାବିରା, କିରିମିରା ଓ ଲଇକେରା ବିଡିଓ ଓ ତହସିଲଦାରଙ୍କ ସମେତ ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୋଟର ହେଲ୍ପ ଲାଇନ ଓ ଗରୁଡ଼ ଆପ ସ୍ମାର୍ଟ ଫୋନର କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉପଜିଲାପାଳ ଶିବ ଟପ୍ପୋ, ଆସିଷ୍ଟାଣ୍ଟ କଲେକ୍ଟର ରେଶମା ଟେଟେ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଦ୍ରିପ୍ରସାଦ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ଶିବିର

**ସମ୍ବଲପୁର,୧୫।୯(ବ୍ୟୁରୋ):** ସମ୍ବଲୁପର ଶାସନସ୍ଥିତ ଦେବେଇପାଲି ବଦ୍ରିପ୍ରସାଦ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଲାଏନ୍ସ ଜିଓ ଭାଗ ନେଇଥିଲା। ପରୀକ୍ଷା କରାଯାଇ ୧୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ସେମାନେ ସମ୍ବଲପୁର ଜିଓ କାର୍ଯ୍ୟାଳୟରେ ଯୋଗଦାନ କରିବେ। ଏ ଅବସରରେ ଆଉ ଏକ କମ୍ପାନୀ ଏନ୍‌ଏସ୍‌ଡିଏଲ୍ ପକ୍ଷରୁ ବିଦ୍ୟାସାରଥି ଯୋଜନାରେ ବୃତ୍ତି ଦିଆଯିବ। ଡିପ୍ଲୋମା, ବିବିଏ, ବିସିଏ, ବିଏସ୍‌ସି ନର୍ସିଂ ବିଭାଗରେ ସମସ୍ତ ବର୍ଗର ଉପକୃତ ହୋଇପାରିବେ। ବଦ୍ରିପ୍ରସାଦ ଶିକ୍ଷାନୁଷ୍ଠାନର ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଝାରପଡ଼ା ଜେଲରେ ଓଏସ୍‌ଓୟୁର ଅଧ୍ୟୟନ କେନ୍ଦ୍ର

**ସମ୍ବଲପୁର,୧୫।୯(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପାଠପଢାରୁ ଦୂରେଇ ରହିଥିବା ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ଶିକ୍ଷାଦାନ ଦେବାର ସୁଯୋଗ ସୃଷ୍ଟି କରୁଛି। ଏବେ ଅନୁଷ୍ଠାନ ପକ୍ଷରୁ ଆଉ ଏକ ଅଭିନବ ପ୍ରୟାସ କରାଯାଇଛି। ଝାରପଡ଼ା ମଣ୍ଡଳ କାରାଗାରରେ କଏଦୀମାନଙ୍କୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିବା ଯୋଜନା କରାଯାଇଛି। ମଙ୍ଗଳବାର ମଣ୍ଡଳ କାରାଗାର ପରିସରରେ ଓଏସ୍‌ଓୟୁର କୁଳପତି ଅର୍କ କୁମାର ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜେଲ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ, ଜେଲ ଡିଆଇଜି ଶୁଭକାନ୍ତ ମିଶ୍ର, ଜେଲ ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳ, ଜେଲର ସନ୍ତୋଷିନୀ ଦାସ, ଆଞ୍ଚଳିକ କେନ୍ଦ୍ର ଅଧିକାରୀ ଦିଲୀପ କୁମାର ନାଏକ ଉପସ୍ଥିତ ଥିଲେ। ବିଭିନ୍ନ ପାଠ୍ୟକ୍ରମରେ ମୋଟ ୧୫ ଜଣ ଅନ୍ତେବାସୀ ନାମ ଲେଖାଇଥିଲେ। ଚଳିତ ଶିକ୍ଷା ବର୍ଷରୁ ସେମାନେ ଓଏସ୍‌ଓୟୁ ଛାତ୍ର ହୋଇଛନ୍ତି।

କୁଳପତି ପ୍ରଫେସର ଦାସମହାପାତ୍ର କହିଥିଲେ, ପାଠ ପଢିବା ପାଇଁ ବୟସ, ସ୍ଥାନ ମାନେ ରଖେ ନାହିଁ। କେବଳ ଦୃଢ ଇଚ୍ଛାଶକ୍ତିର ଆବଶ୍ୟକ ରହିଛି। ଏବେ ଛାତ୍ର ସଂଖ୍ୟା କମ୍ ରହିଛି। ଇଚ୍ଛା ଥିବା ସମସ୍ତ କଏଦୀଙ୍କୁ ଶିକ୍ଷାଦାନ କରାଯିବ। ସେମାନେ ଜେଲରୁ ମୁକ୍ତ ହେବା ପରେ ରୋଜଗାରକ୍ଷମ ହୋଇ ସମାଜର ମୁଖ୍ୟ ସୋତ୍ରରେ ସାମିଲ ହୋଇପାରିବେ। ପ୍ରତି ମାସରେ କେବଳ ୪ ଦିନ ଗୁଣାତ୍ମକ ଶିକ୍ଷାଦାନ କରାଯିବ। ଜେଲ ପରିସରରେ ଅନ୍‌ଲାଇନ କ୍ଲାସ ହୋଇ ପାରିବ ନାହିଁ। ତେଣୁ ଅଧ୍ୟାପକମାନେ ଜେଲକୁ ଆସି ପାଠ ପଢାଇବେ। ସେମାନଙ୍କୁ ମାଗଣାରେ ଶିକ୍ଷାଦାନ କରାଯିବ। ଆଡ୍‌ମିଶନ କିମ୍ବା ଅନ୍ୟ କୌଣସି ଫି ଦେବାକୁ ପଡିବ ନାହିଁ। ମାଗଣାରେ ବହି ଓ ଅନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ। ଜେଲ ଭିତରେ ପରୀକ୍ଷା ଦେବାର ବ୍ୟବସ୍ଥା ମଧ୍ୟ କରାଯିବ। ପୂର୍ବରୁ ସମ୍ବଲପୁର, ଚୌଦ୍ୱାର, ବ୍ରହ୍ମପୁର ଜେଲରେ ଓଏସ୍‌ଓୟୁ କେନ୍ଦ୍ର ଖୋଲିଛି। ଏହି କେନ୍ଦ୍ର ସହ ରାଜ୍ୟର ବିଭିନ୍ନ ସ୍ଥାନରେ ମୋଟ ୮୨ କେନ୍ଦ୍ର ଖୋଲାଯାଇଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

- ୧୫ ଅନ୍ତେବାସୀ ନାମ ଲେଖାଇଲେ
- ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହେଲା
- ମୁକ୍ତ ହେବା ପରେ ମୁଖ୍ୟ ସୋତ୍ରରେ ସାମିଲ ଲକ୍ଷ୍ୟ

# ପୀଡ଼ିତାଙ୍କୁ ଚାପମୁକ୍ତ, ମନୋବଳ ବୃଦ୍ଧି କରନ୍ତୁ

**ସମ୍ବଲପୁର,୧୫।୯(ବ୍ୟୁରୋ)**

ପ୍ରତିଦିନ ନାବାଳିକା, ମହିଳା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଅଧିକାଂଶ ଯୌନ ନିର୍ଯାତନାରେ ପଡୁଛନ୍ତି। ହେଲେ ସମାଜ ଭୟ ଓ ଲଜ୍ଜା ଅନୁଭବ କରି ସେମାନେ ଆଇନର ଆଶ୍ରୟ ନିଅନ୍ତି ନାହିଁ। ଯେଉଁମାନେ ଅଭିଯୋଗ କରୁଛନ୍ତି କିମ୍ବା ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ନେଇ ଡାକ୍ତରଙ୍କ ପାଖକୁ ଆସୁଛନ୍ତି ଆମେ ଏହାକୁ ଗୁରୁତ୍ୱର ସହ ନେବାକୁ ପଡିବ। ଡାକ୍ତରୀ ମାଇନା ଓ ଚିକିତ୍ସା କରିବା ସମୟରେ ଚାପମୁକ୍ତ ଓ ମନୋବଳ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି ଆଦର୍ଶନ ଅନୁଷ୍ଠାନ ପକ୍ଷରୁ ରୋଟାରି କ୍ଲବରେ ଡାକ୍ତରମାନଙ୍କ ଜିଲାସ୍ତରୀୟ କର୍ମଶାଳାରେ ଡାକ୍ତର ଗୀତାଞ୍ଜଳି ଚୋବେ କହିଥିଲେ। ସେ ଆହୁରି କହିଥିଲେ, ବଳାତ୍କାର ପରେ ମଧ୍ୟ ଅଭିଯୋଗ ହୋଇ ନ ଥାଏ। ସେମାନେ ଡାକ୍ତରଙ୍କ ପାଖକୁ ଆସିଲେ ଲକ୍ଷଣକୁ ଦେଖି ଆମକୁ ଜାଣିବାକୁ ହେବ। ଶାରୀରିକ ନିର୍ଯାତନା ସତ୍ତ୍ୱେ ଚାପ ଯୋଗୁ ମହିଳାମାନେ ଅଭିଯୋଗ କରନ୍ତି ନାହିଁ। ଆଇନ ଓ ସରକାରଙ୍କ ସହଯୋଗ ସମ୍ପର୍କରେ ସେମାନଙ୍କୁ ସଚେତନ କରିବାକୁ ହେବ। ପୀଡିତାଙ୍କୁ କାଉନସେଲିଂ ପାଇଁ ସଖି ସେଣ୍ଟର ଭଳି ବ୍ୟବସ୍ଥା ରହିଛି। ସଖି ସେଣ୍ଟରରେ ଡାକ୍ତର, ପୋଲିସ ଓ ଅନ୍ୟ ବିଭାଗୀୟ ପକ୍ଷରୁ ଏହା କରାଯାଇଥାଏ ବୋଲି କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଡାକ୍ତର ଝରଣା ମିଶ୍ର, ବାଣି ମହାପାତ୍ର, ଭିମ୍‌ସାର ପ୍ରଫେସର ଡା. ସତ୍ୟଶୀ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ବଜେନ୍ଦ୍ର କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୀଡିତାଙ୍କୁ କିଭଳି ଡାକ୍ତରୀ ମାଇନା କରାଯିବ ସେ ନେଇ ଏକ ପୁସ୍ତକ ଉନ୍ମୋଚନ କରାଯାଇ ବଣ୍ଟନ କରାଯାଇଥିଲା।


କର୍ମଶାଳାରେ ପୁସ୍ତକ ଉନ୍ମୋଚନ କରାଯାଉଛି।

# ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ

**ଝାରସୁଗୁଡ଼ା ଅଫିସ,୧୫।୯**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ପାଉଁଶ ପୋଖରୀ ଦ୍ୱାରା ପ୍ରଭାବିତ ସଂସରାଟିକ୍ରା ଗ୍ରାମବାସୀ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ବ୍ରଜରାଜନଗର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଲଖନପୁର ୩ନଂ ଜୋନ୍ ଜିଲା ପରିଷଦ ସଭ୍ୟ ସାମଲ ନାୟକଙ୍କ ନେତୃତ୍ୱରେ ସଂସରାଟିକ୍ରା ଗ୍ରାମର ମା’ ଅମ୍ବିକା ମହିଳା ଏସ୍‌ଏଚ୍‌ଜି ଗ୍ରୁପ ସଦସ୍ୟାମାନେ ଉପଜିଲାପାଳ ଶିବ ଟପ୍ପୋଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅମ୍ବିକା ଗ୍ରୁପର ସଭାନେତ୍ରୀ ଲିଲି ସେଠ୍, ସମ୍ପାଦିକା ତୁଳସୀ ସେଠ୍, କୋଷାଧ୍ୟକ୍ଷ ସଞ୍ଜୁଲତା ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଗ୍ରୁପ୍ ତରଫରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଓପିଜିସି ପାଉଁଶ ପୋଖରୀ ଗ୍ରାମର ଜିରୋ ପଏଣ୍ଟରେ ଅବସ୍ଥିତ ରହିଥିବାବେଳେ ଅନେକ ସମୟରେ ପାଉଁଶ ଗୁଣ୍ଡ ଓ ଧୂଳିଧୂଆଁ ଗ୍ରାମ ଉପରେ ପଡୁଛି। ଏଥିରେ ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ଜନବସତି ନିକଟରେ କମ୍ପାନୀର ପାଉଁଶ ପୋଖରୀ ନିର୍ମାଣକୁ ଗ୍ରାମବାସୀ ପ୍ରଥମରୁ ବିରୋଧ କରିଆସୁଥିବାବେଳେ କମ୍ପାନୀ ବଳପୂର୍ବକ ନିର୍ମାଣ କରିଥିଲା। ଫଳରେ ଗ୍ରାମବାସୀ ଅସୁରକ୍ଷିତ ଭାବି ଗ୍ରାମକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କମ୍ପାନୀ ନିକଟରେ ଦାବି କରିଥିଲେ। ଜିଲାପାଳ ସରୋଜ କୁମାର ସାମଲ ସେତେବେଳେ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ଦାବି ଯୁକ୍ତିଯୁକ୍ତ ବୋଲି ଅନୁଭବ କରିଥିଲେ। ଏ ନେଇ ଜିଲାପାଳ ସରକାରଙ୍କୁ ଜଣାଇବେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିବାବେଳେ ଅଦ୍ୟାବଧି ଗ୍ରାମ ବିସ୍ଥାପିତ ହୋଇପାରିନାହିଁ । ପାଉଁଶ ପୋଖରୀ ନିକଟରେ ଗ୍ରାମବାସୀ ଅସ୍ୱାସ୍ଥ୍ୟକର ପରିବେଶରେ ବସବାସ କରୁଛନ୍ତି। ଏ ନେଇ ମହିଳା ଗ୍ରୁପ୍ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇଥିଲେ। ଏହି ଲଢେଇକୁ ଆଗାମୀ ଦିନରେ ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।


ଉପଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି ଲୋକପ୍ରତିନିଧି ଓ ମହିଳା ଗ୍ରୁପ୍ ସଦସ୍ୟ।

**ଓପିଜିସି ପାଉଁଶ ପୋଖରୀ ପ୍ରଭାବିତ**

## ୨୦ଦିନ ଚାଲିବ ସେବା ସମର୍ପଣ କାର୍ଯ୍ୟକ୍ରମ

**ସମ୍ବଲପୁର,୧୫।୯(ବ୍ୟୁରୋ)**

ଆସନ୍ତା ୧୭ ତାରିଖଠାରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ୨୦ ଦିନ ସେବା ଓ ସମର୍ପଣ କାର୍ଯ୍ୟକ୍ରମ ଚାଲିବ। ପ୍ରଧାମନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏହା ଆରମ୍ଭ ହେବ। ସମ୍ବଲପୁର ଜିଲାର ୪ ବିଧାନସଭା କ୍ଷେତ୍ରରେ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ ବୋଲି କଚେରିସ୍ଥିତ ଭାଜପା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ କହିଥିଲେ। ସେ କହିଥିଲେ, ରକ୍ତଦାନ ଶିବିର, ଅମୃତ ମହୋତ୍ସବ, ସ୍ୱଚ୍ଛତା କାର୍ଯ୍ୟକ୍ରମ, ନବ ଭାରତ ମେଳା ଭଳି କାର୍ଯ୍ୟକ୍ରମ ରହିଛି। ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇବା ସହ ନାଚ, ଗୀତ, କୁଇଜ୍ ପ୍ରତିଯୋଗିତା କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ଗିରିଶ ପଟେଲ, ଅନୀଲ ବେହେରା, ଓମ୍ ପ୍ରକାଶ ମିଶ୍ର, ଅଶ୍ୱିନୀ ମାଝି, ମାନସ ବକ୍ସି, ସଞ୍ଜୟ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡିକି ଭାଙ୍ଗି ୩.୫ଲକ୍ଷ ଲୁଟ୍

**ସରଣ୍ଡା,୧୫।୯(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା କୁଲିତାଟୁକୁରା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଯାଚକେଶ୍ୱର ମହାପାତ୍ରଙ୍କ ବାଇକ୍ ଡିକି ଭାଙ୍ଗି ସାଢ଼େ ୩ଲକ୍ଷ ଲୁଟ୍ ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପିଇଓ ମହାପାତ୍ର କୌଣସି ସରକାରୀ କାର୍ଯ୍ୟରେ ଅତାବିରା ବ୍ଲକ ଅଫିସକୁ ଆସିଥିଲେ । ବ୍ଲକ ସମ୍ମୁଖରେ ସେ ବାଇକ୍ ରଖି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ଏହି ସମୟରେ କୌଣସି ଦୁର୍ବୃତ୍ତ ତାଙ୍କ ବାଇକ୍ ଡିକି ଭାଙ୍ଗି ସେଥିରେ ରହିଥିବା ସାଢ଼େ ୩ଲକ୍ଷ ଲୁଟ୍ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି।

## ତ୍ରୁଟିପୂର୍ଣ୍ଣ ନିର୍ମାଣ: ଘରେ ପଶୁଛି ଝରଣାଜଳ

**ଦେବଗଡ଼,୧୫।୯(ଡି.ଏନ.ଏ)**

ଏନ୍‌ଏଚ୍‌ଏଆଇର ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଯୋଗୁ ବାରକୋଟ ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଘରମାନଙ୍କରେ ଝରଣା ପାଣି ପଶୁଛି। ଏଥିସହ ଏହାଦ୍ୱାରା ନୂତନ ଭାବେ ନିର୍ମିତ ଗ୍ରାମୀଣ ପାର୍କର ପାଚେରୀ ଭାଙ୍ଗିବା ନେଇ ମଧ୍ୟ ଆଶଙ୍କା ଦେଖାଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ ପାହାଡ ଉପରେ ଥିବା ଅଶୁରଖୋଳ ଝରଣାରୁ କେନାଲ ଯୋଗେ ପାଣି ଆସି କୋଲ୍ହସାହି ପର୍ଯ୍ୟନ୍ତ ତଳିଆ ଅଞ୍ଚଳରେ ଚାଷ କାର୍ଯ୍ୟ ହେଉଥିଲା। ଫଳରେ ଅଞ୍ଚଳବାସୀ ଉପକୃତ ହେଉଥିଲେ। ମାତ୍ର ଏନ୍‌ଏଚ୍‌ଏଆଇର ପକ୍ଷରୁ ନିର୍ମାଣକାରୀ ସଂସ୍ଥା ଦ୍ୱାରା ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ/ପ୍ରଶସ୍ତିକରଣ ସମୟରେ ରାଜପଥରେ ହ୍ୟୁମ ପାଇପ ବସାଯିବା ସହ ଅପର ପାର୍ଶ୍ୱକୁ ମା’ ଶରଣିପାଟଙ୍କ ମନ୍ଦିର ପାର୍ଶ୍ୱକୁ ଏହି ଝରଣା ପାଣିର ଗତିପଥ ବଦଳାଇ ଅନ୍ୟତ୍ର ପ୍ରବାହ କରିବା ପାଇଁ ଉଦ୍ୟମ କରାଯାଇଥିଲା । ମାତ୍ର ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅଦୂରଦର୍ଶୀତା ଏବଂ ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଯୋଗୁ ବର୍ଷା ସମୟରେ ଉକ୍ତ ଝରଣା ଓ ପାହାଡର ପାଣି ଜାତୀୟ ରାଜପଥର ଅପର ପାର୍ଶ୍ୱରେ ନୂତନ ଭାବେ ନିର୍ମିତ ହୋଇଥିବା ଗ୍ରାମୀଣ ପାର୍କକୁ ଲାଗି ପ୍ରବାହିତ ହେବା ସହ ଗ୍ରାମର ରାମଚନ୍ଦ୍ର ମହାପାତ୍ର ଓ ମେଘି ମହାପାତ୍ରଙ୍କ ଘରେ ପଶୁଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷା ସମୟରେ ଉଭୟ ପରିବାର ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏଣୁ ଏନ୍‌ଏଚ୍‌ଏଆଇ. କର୍ତ୍ତୃପକ୍ଷ ଆଉଥରେ ଠିକ ଭାବେ ନିର୍ମାଣ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବିଜଣାଇଛନ୍ତି।


ଝରଣା ପାଣି ଗ୍ରାମ ଭିତରେ ପ୍ରବାହିତ ହେଉଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ନୂଆଁଖାଇ ଭେଟ

**ସମ୍ବଲପୁର,୧୫।୯(ବ୍ୟୁରୋ)**

ସମ୍ବଲପୁର ରେଙ୍ଗାଲି ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଅଞ୍ଚଳବାସୀଙ୍କୁ ନେଇ କମ୍ପାନୀ ପରିସରରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଆଶିଷ ମାଝି, ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କୈଳାସ ମାଝି, କମ୍ପାନୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଞ୍ଜନ କୁମାର ଲେଙ୍କା, ଡା. ଦେବସ୍ମିତା ସେନାପତି, ଡା. ଅତୁଳ ରବିନ୍ଦ୍ରନ ପ୍ରମୁଖ ଯୋଗ ଦେଇଥିଲେ। କମ୍ପାନୀ ମୁଖ୍ୟ ସମୀର ନାଏକ ଓ ମାନବ ସମ୍ବଳ ମୁଖ୍ୟ ବିବେକାନନ୍ଦ ମିଶ୍ର ଉପସ୍ଥିତ ରହି ଅଞ୍ଚଳବାସୀଙ୍କୁ କିପରି ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ସେ ନେଇ ମତବ୍ୟକ୍ତ କରିଥିଲେ। ପରେ ମାଁ ସମଲେଇଙ୍କଠାରେ ପୂଜାର୍ଚ୍ଚନା କରି ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ୱେତା ଉପାଧ୍ୟାୟ ଓ ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ। ଶେଷରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଫଟୋରେ ଖବର**


ସମ୍ବଲପୁର ଜିଲା ବାମରା-ଗଡପୋଷ-ବାଗଡିହ ଷ୍ଟେଶନଗୁଡିରେ ଏକ୍ସପ୍ରେସ ଟ୍ରେନ ରହଣି ଦାବିରେ ରେଳ ସଂଘର୍ଷ କମିଟି ପକ୍ଷରୁ ବୁଧବାର ଗଡପୋଷଠାରେ ଧାରଣା ଦିଆଯାଇଛି।

# ୨୨ରୁ ଚାଷୀଙ୍କ ଗାଁକୁ ଚାଲ ଅଭିଯାନ

**ସମ୍ବଲପୁର,୧୫।୯(ବ୍ୟୁରୋ)**

ନୂତନ କୃଷି ଆଇନକୁ ବିରୋଧ କରି ଆସନ୍ତା ୨୨ ତାରିଖଠାରୁ ଜିଲା କୃଷକ ସଙ୍ଗଠନ ଗାଁକୁ ଚାଲ ଅଭିଯାନ ଆରମ୍ଭ କରିବ। ଏହା ସହ କଳା କେନ୍ଦ୍ରୀୟ କୃଷକ ସଙ୍ଗଠନ ଆହ୍ୱାନ କ୍ରମେ ବନ୍ଦ ଡାକରାକୁ ସମର୍ଥନ କରାଯିବ। ଅଇଁଠାପାଲି ଥାନା ବରେଇପାଲି ମାର୍କେଟ ୟାର୍ଡ ସମ୍ମୁଖରେ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ବୁଧବାର ବିଶାଳଖିଣ୍ଡାଠାରେ ଜିଲା କୃଷକ ସଙ୍ଗଠନ ବୈଠକ କରି ନିଷ୍ପତ୍ତି ନେଇଛି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀ ବିରୋଧୀ ନୀତି ପ୍ରଣୟନ କରୁଛନ୍ତି। ଧାନ ସଂଗ୍ରହ ନୀତି ଯୋଗୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। କୌଣସି ସରକାରଙ୍କ ଚାଷୀ ପ୍ରତି ଦରଦ ନାହିଁ। ଅଭିଯୋଗ ଓ ବିରୋଧ କଲେ କେହି କର୍ଣ୍ଣପାତ କରୁ ନାହାନ୍ତି। କୃଷି ନୀତିରେ ପରିବର୍ତ୍ତନ କରିବାକୁ ହେଲେ ସରକାର ପରିବର୍ତ୍ତନ କରିବାକୁ ପଡିବ। ତେଣୁ ସେପ୍ଟମ୍ବର ୨୨ରେ ଚାଷୀମାନେ ଗାଁକୁ ଚାଲ ଅଭିଯାନ ଆରମ୍ଭ କରିବେ। ଜେଲ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରି ଚାଷୀ ସରକାର ବିରୋଧରେ ଲଢେଇର ଡାକରା ଦେବ। ସରକାରଙ୍କ ଭୁଲ ନିଷ୍ପତ୍ତି, ଚାଷୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିଷୟରେ ଲୋକମାନଙ୍କୁ ସଚେତନତା କରାଯିବ। ଏଥିପାଇଁ ଜିଲାରେ ୬ ଜୋନ ଓ ୩୦ଜଣିଆ କୋର କମିଟି ଗଠନ କରାଯାଇଛି। ସେମାନଙ୍କ ନେତୃତ୍ୱରେ ପ୍ରତ୍ୟେକ ଗ୍ରାମକୁ ଚାଷୀମାନେ ଯିବେ। ପ୍ରଥମେ ହେବାକୁ ଥିବା ରାଲିରେ ଶତାଧିକ ଚାଷୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ମୁରାରୀ ପ୍ରାସାଦ ପୁରୋହିତ, ଉମେଶ ମିଶ୍ର, ହରିଶଙ୍କର ପୁରୋହିତ, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ସୁଶାନ୍ତ ପଣ୍ଡା, ପ୍ରକାଶ ପ୍ରଧାନ, ବିଦ୍ୟାଧର ପ୍ରଧାନ, ସରୋଜ ମହାନ୍ତି, ଯୋଗେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।


ଜିଲା କୃଷକ ସଙ୍ଗଠନର ବୈଠକ।

- କୃଷି ଆଇନ ବିରୋଧରେ ହେବ ରାସ୍ତାରୋକୋ
- ଜୋନ ସ୍ତରୀୟ କମିଟି ଗଠନ ହେବ

# ଓଜୋନ ବିନା ଜୀବନ ଅସମ୍ଭବ

**ପ୍ରତିବର୍ଷ ବାର୍ତ୍ତା ସିନା ବଦଳୁଛି, କିନ୍ତୁ ସବୁ ବାର୍ତ୍ତା ପଛରେ ରହିଛି ଗୋଟିଏ ଉଦ୍ଦେଶ୍ୟ – ଓଜୋନ ସ୍ତରର ସୁରକ୍ଷା । ଜୀବଜଗତର ଜୀବନ ରକ୍ଷାକାରୀ ଏହି ଓଜୋନସ୍ତର । ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କେବଳ ଆଜି ନୁହେଁ, ସବୁ ଦିନ ଏହାକୁ ମନେ ରଖିବା । ଏହି ବିଷୟରେ ନିଜେ ସଚେତନ ହେବା ଓ ଅନ୍ୟକୁ ସଚେତନ କରିବା । ନ ହେଲେ ଆମର ସୁନ୍ଦର ପୃଥିବୀ ଗ୍ରହ ବାସୋପଯୋଗୀ ହୋଇ ରହିପାରିବ ନାହିଁ ।**



'ଓଜନ' ଓ 'ଓଜୋନ' – ଏହି ଶବ୍ଦ ଦୁଇଟି ପରସ୍ପରଠାରୁ ସଂପୂର୍ଣ୍ଣ ଅଲଗା । ଓଜନ କହିଲେ ଏକ ମାପକୁ ବୁଝାଏ, କିନ୍ତୁ ଓଜୋନ ହେଉଛି ଏକ ବାଷ୍ପ । ଓଜୋନ ବାଷ୍ପ ବାୟୁମଣ୍ଡଳରେ ରହି ଆମର ଜୀବନକୁ ରକ୍ଷା କରୁଛି । ଆମେ ବଞ୍ଚିବା ପାଇଁ ଅମ୍ଳଜାନ ବାଷ୍ପ ଗ୍ରହଣ କରୁ । ଅମ୍ଳଜାନ ଅଣୁ ଦୁଇ ଦୁଇଟା ଅମ୍ଳଜାନ କଣିକାରେ ଗଠିତ । କିନ୍ତୁ ତିନିଟା ଅମ୍ଳଜାନ କଣିକା ମିଶିଲେ ଓଜୋନ ବାଷ୍ପ ତିଆରି ହୁଏ । ପ୍ରକୃତି ଆମ ପାଇଁ ଓଜୋନ ବାଷ୍ପ ତିଆରି କରି ବାୟୁମଣ୍ଡଳରେ ରଖିଛି । ଭୂଇଁଠାରୁ ୮ କି.ମି.ରୁ ୫୦ କି.ମି. ଉଚ୍ଚତା ଭିତରେ ଏହି ଓଜୋନ ବାଷ୍ପର ମୋଟା ସ୍ତର ରହିଛି । ଆଲୋକ ଓ ଉତ୍ତାପ ସହିତ ସୂର୍ଯ୍ୟକିରଣରେ ଅନେକ ପ୍ରକାର ରଶ୍ମି ପୃଥିବୀକୁ ଆସୁଛି । ସବୁ ରଶ୍ମି ଆମ ପାଇଁ ଉପକାରୀ ନୁହେଁ । କେତେକ ଅତି ମାରାତ୍ମକ । ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋରସ୍ତର ଭୂପୃଷ୍ଠକୁ ଛାଡେ ନାହିଁ । ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି–ଖ' (ୟୁ.ଭି.–ବି) । ଏହି ବିକିରଣ ଆମ ଶରୀରର ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ । ଏହି ବିକିରଣ ମଧ୍ୟ କୃଷି ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ । ସୂର୍ଯ୍ୟ କିରଣରେ ଏହି ଅତିବାଇଗଣି ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ । ମାଛ ଯାଆଁଳ ଠିକ୍ ଭାବରେ ବଢି ପାରନ୍ତି ନାହିଁ । ଅତିବାଇଗଣି ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡିଯାଏ । ପ୍ରତିବର୍ଷ ପ୍ରାୟ ୧,୩୦,୦୦୦ ବ୍ୟକ୍ତି ଚର୍ମକର୍କଟ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ଓ ୬୬,୦୦୦ ବ୍ୟକ୍ତି ଏଥିଯୋଗୁ ପ୍ରାଣ ହରାନ୍ତି । ତେଣୁ 'ଅତିବାଇଗଣି–ଖ' ବିକିରଣ ଆମ ପାଇଁ ବିପଦ । କିନ୍ତୁ ବାୟୁମଣ୍ଡଳରେ ଥିବା ଓଜୋନ ସ୍ତର ଏହି ମାରାତ୍ମକ ବିକିରଣକୁ ଶୋଷି ନିଏ । ଓଜୋନସ୍ତର ନ ଥିଲେ ପୃଥିବୀପୃଷ୍ଠରେ ହୁଏତ ଆଜିର ଜୀବଜଗତ ସମ୍ଭବ ହୋଇପାରି ନ ଥାନ୍ତା । ତେଣୁ ଓଜୋରସ୍ତର ଆମର ରକ୍ଷାକାରୀ ଚାଦର ପରି କାର୍ଯ୍ୟ କରୁଛି ।

ଆଜିକୁ ପ୍ରାୟ ୪୦–୪୫ ବର୍ଷ ତଳେ ୧୯୭୦ ଦଶକରେ ଜଣାପଡିଲା ଯେ ବାୟୁମଣ୍ଡଳରେ ଓଜୋନ ବାଷ୍ପର ସ୍ତର ପତଳା ହେଉଛି । ପତଳା ସ୍ତରକୁ ଓଜୋନ ଗର୍ତ୍ତ ବୋଲି କୁହାଗଲା । ଏହା ସମସ୍ତଙ୍କୁ ଭୟଭୀତ କରିଥିଲା । ଏହା ପଛରେ ରହିଥିବା କାରଣ ଖୋଜା ଚାଲିଲା । ଅନେକ କାରଣ ଭିତରୁ ମୁଖ୍ୟ କାରଣ ଥିଲା ସି.ଏଫ୍.ସି. (କ୍ଳୋରୋ–ଫ୍ଲୋରୋ–କାର୍ବନ୍) ବାଷ୍ପର ବହୁଳ ବ୍ୟବହାର । ବିଭିନ୍ନ ସୌଖୀନଦ୍ରବ୍ୟ, ଫୋମ୍, ଏରୋସୋଲ ସ୍ପ୍ରେ, ରେଫ୍ରିଜେରେଟର ଓ ଏ.ସି. ଇତ୍ୟାଦିରେ ଏହି ସି.ଏଫ୍.ସି. ବାଷ୍ପ ବ୍ୟବହାର କରାଯାଏ । ଏହାଦ୍ୱାରା ଓଜୋନବାଷ୍ପର ଅଣୁ ଭାଙ୍ଗିଯାଏ ଓ ବାୟୁମଣ୍ଡଳର ଓଜୋନସ୍ତର ନଷ୍ଟ ହୁଏ । ସି.ଏଫ୍.ସି. ବାଷ୍ପ ବ୍ୟତୀତ ମିଥାଇଲ ବ୍ରୋମାଇଡ୍ କୀଟନାଶକର ବ୍ୟବହାର ମଧ୍ୟ ଓଜୋରସ୍ତରକୁ ନଷ୍ଟ କରିବାରେ ସହାୟତା କରେ । ହାଲୋନ୍, କାର୍ବନ୍–ଟେଟ୍ରା କ୍ଳୋରାଇଡ୍, ମିଥାଇଲ କ୍ଳୋରୋଫର୍ମ, ହାଇଡ୍ରା କ୍ଳୋରୋଫ୍ଲୋରୋକାର୍ବନ୍ ଇତ୍ୟାଦିର ଉପସ୍ଥିତି ମଧ୍ୟ ଓଜୋନ ସ୍ତରକୁ ନଷ୍ଟ କରୁଛି । ତେଣୁ ଓଜୋନସ୍ତରକୁ ନଷ୍ଟ କରୁଥିବା ବିଭିନ୍ନ କାରକଗୁଡିକ ସଂପର୍କରେ ଆମେ ସମସ୍ତେ ଜାଣିବା ଜରୁରୀ । ଆମେ ସଚେତନ ହେଲେ ଏହି ବାଷ୍ପର ବ୍ୟବହାର ଉପରେ କଟକଣା ଲାଗିପାରିବ । ସେହି ସଚେତନତା ସୃଷ୍ଟି କରିବା ସକାଶେ ମିଳିତ ଜାତିସଙ୍ଘର ପ୍ରସ୍ତାବ ଅନୁଯାୟୀ ୧୯୯୫ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୬କୁ ସାରା ପୃଥିବୀରେ 'ବିଶ୍ୱ ଓଜୋନ ଦିବସ' ନାମରେ ପାଳନ କରାଯାଇ ଆସୁଛି । ଏବେ ମାରାତ୍ମକ ସି.ଏଫ୍.ସି. ବାଷ୍ପ ବଦଳରେ କମ୍ ବିପଦପୂର୍ଣ୍ଣ ବାଷ୍ପ ଏଚ୍. ସି.ଏଫ୍.ସି. ବ୍ୟବହୃତ ହେଉଛି ।

ଆଜିବାୟୁମଣ୍ଡଳରେଓଜୋନବାଷ୍ପରସ୍ତରକୁସୁରକ୍ଷିତ ରଖିବା ପଛରେ ଯାହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି, ତାହାର ନାମ 'ମଣ୍ଟ୍ରିଲ ପ୍ରୋଟକଲ' । ୧୯୮୭ ସେପ୍ଟେମ୍ବର ୧୬ରେ ୩୬ଟି ଦେଶକୁ ନେଇ କାନାଡାର ମଣ୍ଟ୍ରିଲଠାରେ ଏକ ଚୁକ୍ତି (ରାଜିନାମା) ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମାକୁ କୁହାଯାଏ 'ମଣ୍ଟ୍ରିଲ ପ୍ରୋଟକଲ' । ଓଜୋନ କ୍ଷୟକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସଂପର୍କରେ ଏଥିରେ ବର୍ଣ୍ଣନା କରାଯାଇଥିଲା । ଏହି ଚୁକ୍ତିକୁ ସମ୍ମାନ ଜଣାଇ ସାରା ପୃଥିବୀରେ ଓଜୋନସ୍ତରକୁ ନଷ୍ଟ କରୁଥିବା ରାସାୟନିକ ଦ୍ରବ୍ୟଗୁଡିକର ଉତ୍ପାଦନକୁ ବନ୍ଦ ରଖାଯାଇଛି । ସେଥିପାଇଁ ଆଜି ଓଜୋନସ୍ତରକୁ ସୁରକ୍ଷିତ ରଖାଯାଇ ପାରିଛି । ସେହି ଚୁକ୍ତିକୁ ସମ୍ମାନ ଜଣାଇ ୨୦୧୯ ମସିହାରେ ବିଶ୍ୱ ଓଜୋନ ଦିବସ ପାଇଁ '୩୨ ବର୍ଷର ଉପଶମକରଣ' ନାମରେ ଏକ ବାର୍ତ୍ତା ରଖାଯାଇଥିଲା, ଯାହାର ଅର୍ଥ ଥିଲା ଦୀର୍ଘ ୩୨ ବର୍ଷ ଧରି ଏହି ଚୁକ୍ତି ଆମର ସ୍ୱାସ୍ଥ୍ୟ ଓ ପରିବେଶକୁ ଉପଶମ କରିଆସିଛି । ୨୦୨୦ ପରେ ମଧ୍ୟ ସେସବୁ ଦ୍ରବ୍ୟର ଉତ୍ପାଦନକୁ ବନ୍ଦ ରଖିବାର ପ୍ରସ୍ତାବ ମଧ୍ୟ ରହିଛି । 'ମଣ୍ଟ୍ରିଲ ପ୍ରୋଟକଲ' ନଥିଲେ ଆଜି ବାୟୁମଣ୍ଡଳର ତାପମାତ୍ରା ମଧ୍ୟ ଆହୁରି ବୃଦ୍ଧିପାଇଥାନ୍ତା । ସେହି ଚୁକ୍ତିକୁ ମନେ ପକେଇ 'ବିଶ୍ୱ ଓଜୋନ ଦିବସ' ପାଳନ ଅବସରରେ ଏବର୍ଷର ବାର୍ତ୍ତା ରହିଛି, 'ମଣ୍ଟ୍ରିଲ ପ୍ରୋଟକଲ – କିପିଙ୍ଗ୍ ଅସ୍, ଆଓ୍ୱର ଫୁଡ୍ ଆଣ୍ଡ ଭ୍ୟାକ୍ସିନ୍ କୁଲ୍' ।

ପ୍ରତିବର୍ଷ ବାର୍ତ୍ତା ସିନା ବଦଳୁଛି, କିନ୍ତୁ ସବୁ ବାର୍ତ୍ତା ପଛରେ ରହିଛି ଗୋଟିଏ ଉଦ୍ଦେଶ୍ୟ – ଓଜୋନ ସ୍ତରର ସୁରକ୍ଷା । ଓଜୋନସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର । ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତବ୍ୟ । କେବଳ ଆଜି ନୁହେଁ, ସବୁ ଦିନ ଏହାକୁ ମନେ ରଖିବା । ଏହି ବିଷୟରେ ନିଜେ ସଚେତନ ହେବା ଓ ଅନ୍ୟକୁ ସଚେତନ କରିବା । ନ ହେଲେ ଆମର ସୁନ୍ଦର ପୃଥିବୀ ଗ୍ରହ ବାସୋପଯୋଗୀ ହୋଇ ରହିପାରିବ ନାହିଁ ।

**–କମଳାକାନ୍ତ ଜେନା**
–ସହକାରୀ ପ୍ରଫେସର, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ: ୯୪୩୯୫୦୧୬୫୧

## ଏ ବର୍ଷର ସ୍ଲୋଗାନ...

**ବ**ର୍ତ୍ତମାନ ଓଜୋନ ସ୍ତର ଯେଉଁଭଳି ଭାବରେ ପ୍ରଭାବିତ ହୋଇଛି ସେହି ଅନୁସାରେ ତାହାର ପ୍ରଭାବ ମାନବ ସମାଜ ଏବଂ ଜଳବାୟୁ ଉପରେ ପଡୁଛି। ତେଣୁ ବୈଜ୍ଞାନିକମାନେ ଏହାର ସୁରକ୍ଷାକୁ ନେଇ ଗବେଷଣା ଜାରି ରଖିଛନ୍ତି। ଓଜୋନ ସ୍ତର ବିଷୟରେ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୁଏ। ୧୯୯୪ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ପକ୍ଷରୁ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତା'ପର ବର୍ଷଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଅବସରରେ ମିଳିତ ଜାତିସଂଘ ପକ୍ଷରୁ ଘୋଷିତ ସ୍ଲୋଗାନ୍‌ଟି ହେଲା, 'ମଣ୍ଟ୍ରିଲ୍ ପ୍ରୋଟୋକଲ୍ : ଆମର ଖାଦ୍ୟ ଓ ଟୀକାକୁ ଥଣ୍ଡା ରଖିବା' (ମଣ୍ଟ୍ରିଲ ପ୍ରୋଟୋକଲ୍ : କିପିଙ୍ଗ ଅସ୍ ଆଓ୍ୱାର ଫୁଡ୍ ଆଣ୍ଡ ଭ୍ୟାକସିନ କୁଲ୍)।

## ପୃଥିବୀର ସ୍ୱାସ୍ଥ୍ୟକୁ ବିଗାଡୁଛି ଏସି-ଫ୍ରିଜ୍



**ପୃ**ଥିବୀରେ ବିକାଶର ଧାରା ଜାରି ରହିଛି। ମଣିଷ ମହାକାଶରେ ଭିଡ଼ ଜମାଇବା ଆରମ୍ଭ କରିଛି। ପୁଣି ଏବେ ଘରେ ଘରେ ଏସି ଏବଂ ଫ୍ରିଜ୍ ରହିଛି। ଏହା ସହିତ ଧୀରେ ଧୀରେ ଏସିଯୁକ୍ତ ଯାନ ସଂଖ୍ୟା ମଧ ବଢ଼ିବଢ଼ି ଚାଲିଛି। ଏସି ଏବଂ ଫ୍ରିଜ୍‌ରୁ ନିର୍ଗତ ହେଉଥିବା କ୍ଳୋରୋଫ୍ଲୋରୋ କାର୍ବନ(ସିଏଫ୍‌ସି) ଯୋଗୁ ପୃଥିବୀର ସୁରକ୍ଷାକବଚ ପାଲଟିଥିବା ଓଜୋନ ସ୍ତରର ସାନ୍ଦ୍ରତା କମିବାରେ ଲାଗିଛି। ସିଏଫ୍‌ସି ଓଜୋନ ସହିତ ରାସାୟନିକ ପ୍ରତିକ୍ରିୟା କରି ସିଏଫ୍‌ସି ଅକ୍ସାଇଡ୍ ସୃଷ୍ଟି କରୁଛି। ଫଳରେ ଓଜୋନ ମଲିକ୍ୟୁଲ ସଂଖ୍ୟା କମିବାରେ ଲାଗିଛି। ଏହା ଯୋଗୁ ଓଜୋନ ସ୍ତରର ସାନ୍ଦ୍ରତା କମ୍ ହେବାରୁ ଏହା ସୂର୍ଯ୍ୟର କ୍ଷତିକାରକ ଅତି ବାଇଗଣୀ ରଶ୍ମି ( ଅଲ୍‌ଟ୍ରା ଭାଓଲେଟ୍ ରେ)କୁ ରୋକିବାରେ ସେଭଳି ସକ୍ଷମ ହେଉନାହିଁ। ଏହି ରଶ୍ମି ପୃଥିବୀରେ ପ୍ରବେଶ କରିବା ଦ୍ୱାରା ବିଶ୍ୱତାପନଠାରୁ ଆରମ୍ଭ କରି ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡୁଛି।

## ବଢୁଛି ସଙ୍କଟ

**ବା**ୟୁମଣ୍ଡଳରେ ଥିବା ଚାରୋଟି ସ୍ତର ମଧ୍ୟରୁ ଷ୍ଟ୍ରାଟୋସ୍ଫିୟର୍‌ରେ ରହିଛି ଓଜୋନ୍ ସ୍ତର। ଏହା ସୂର୍ଯ୍ୟଙ୍କଠୁ ଆସୁଥିବା ଅତି ବାଇଗଣୀ ରଶ୍ମିର ପ୍ରଭାବରୁ ପୃଥିବୀପୃଷ୍ଠକୁ ରକ୍ଷା କରିଥାଏ। ହେଲେ ଏହି ସ୍ତରରେ ଏବେ ଧିରେ ଧିରେ ଛୋଟ ଛୋଟ ଗର୍ତ୍ତ ହେଉଥିବା ଦେଖିବାକୁ ମିଳୁଛି। ଅଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଓଜୋନ ସ୍ତର ବହୁ ମାତ୍ରାରେ ହ୍ରାସ ହେଉଛି ବୋଲି ୟୁନିଭର୍ସିଟି ଅଫ କାଲିଫର୍ନିଆ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଗତ ପାଞ୍ଚ ବର୍ଷ ହେବ ଦକ୍ଷିଣ ମେରୁ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ ଦେଇ ଯାଇଥିବା ଓଜୋନ ସ୍ତରରେ ବେଶୀ ଗର୍ତ୍ତ ଥିବା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହା ସହ ତଳ ଷ୍ଟ୍ରାଟୋସ୍ଫିୟର୍‌ରେ ୧୦ରୁ ୨୪ କିଲୋମିଟର ପର୍ଯ୍ୟନ୍ତ ଥିବା ଓଜୋନରେ ସୃଷ୍ଟି ହୋଇଥିବା ଫାଟର ଆକାର ଦିନକୁ ଦିନ ବଢ଼ି ଚାଲିଛି ବୋଲି ମଧ ଉକ୍ତ ୟୁନିଭର୍ସିଟିର ଗବେଷକମାନେ ସର୍ତକ କରାଇଛନ୍ତି। ୧୯୮୭ ମସିହାରେ ମଣ୍ଟ୍ରିଲ୍ ପ୍ରୋଟୋକଲ୍ ଅନୁସାରେ କଳକାରଖାନାଗୁଡ଼ିକରେ ଏରୋଜାଲ୍ ବ୍ୟବହାରକୁ ବନ୍ଦ କରିଥିଲେ। କିନ୍ତୁ ବର୍ତ୍ତମାନ ଏହାର ବହୁଳ ବ୍ୟବହାର ଓଜୋନ ସ୍ତର ପାଇଁ ବିପଦ ସୃଷ୍ଟି କରିଛି। ଫଳରେ ବାୟୁମଣ୍ଡଳରେ ତାପମାତ୍ରା ବଢ଼ିବା ସହ ଜଳବାୟୁରେ ପରିବର୍ତ୍ତନ ଦେଖାଦେଉଛି। ତେବେ ଏବେ ଏହାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ନିହାତି ଜରୁରୀ।




## ରାଜ୍ୟ ଖବର...

## ୫ ବନ କର୍ମଚାରୀଙ୍କୁ ମାଡ଼, ଜଣେ ଗିରଫ

ନିରାକାରପୁର,୧୫।୯(ଡି.ଏନ୍.ଏ.)

ହାତୀ ଘଉଡ଼ାଇବାକୁ ଯାଇଥିବା ବେଳେ ଖଣି ମାଫିଆଙ୍କ ମାଡ଼ରେ ୫ଜଣ ବନ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଭୁଷଣ୍ଡପୁର ଫରେଷ୍ଟରରେ କାର୍ଯ୍ୟରତ ଫରେଷ୍ଟଗାର୍ଡ ଅରୁପ କୁମାର ବେହେରା, ହାତୀ ଜଗୁଆଳି ଶ୍ରୀକାନ୍ତ ପରିଡା, ସାଗର କୁମାର ବରିସଲ, ଶିବ ପ୍ରସାଦ ପ୍ରଧାନ ଓ ଗାଡ଼ି ଚାଳକ ଅଜିତ ନାୟକ। ଏମାନଙ୍କୁ ଆହତ ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏନେଇ ଫରେଷ୍ଟର ସିନ୍ଧୁ ଚରଣ ସିଂହଙ୍କ ଅଭିଯୋଗକ୍ରମେ ନିରାକାରପୁର ପୋଲିସ ଏକ ମାମଲା (ନଂ.୧୪୪/୨୧) ରୁଜୁକରି ଜଣଙ୍କୁ ଗିରଫ କରିଛି। ସେ ହେଲେ ହରିପୁର ଅଞ୍ଚଳର ରାହସ ପଲେଇ। ଅଭିଯୋଗ ମୁତାବକ, ଏହି ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ହରିପୁର ନୂଆସାହିରେ ମଙ୍ଗଳବାର ରାତିରେ ହାତୀ ପଶିଥିବା ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ହାତୀ ଘଉଡ଼ାଇବା ପାଇଁ ଯାଇଥିବା ବେଳେ ୭ଜଣ ଖଣି ମାଫିଆ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଫଳରେ ଏଥିରେ ୫ଜଣ ବନ କର୍ମଚାରୀ ଆହତ ହୋଇଥିଲେ।


ଆହତ ବନ କର୍ମଚାରୀ।

**ହାତୀ ଘଉଡ଼ାଇବାକୁ ଯାଇଥିବା ବେଳେ ଖଣି ମାଫିଆଙ୍କ ଆକ୍ରମଣ**

## ୩ ଶିକ୍ଷକଙ୍କ ବିରୋଧରେ ଏତଲା ନିର୍ଦ୍ଦେଶ

**ଓଟିଇଟି ଜାଲ୍ ସାର୍ଟିଫିକେଟରେ ଚାକିରି**

ଚଣ୍ଡିଖୋଲ,୧୫।୯(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନରେ କାର୍ଯ୍ୟ କରୁଥିବା ୩ ଜଣ ଶିକ୍ଷକ ଓଟିଇଟି (ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣାପଡ଼ିବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଥମେ ଦରମା ବନ୍ଦ କରାଯାଇଥିଲା। ଏହାପରେ ଜିଲା ସମଗ୍ର ଶିକ୍ଷା ସଂଯୋଜକ ତାଙ୍କ ପତ୍ର ସଂଖ୍ୟା ୧୭୧୯ରେ ଗତ ୯ ତାରିଖରେ ସମ୍ପୃକ୍ତ ୩ ଶିକ୍ଷକଙ୍କ ବିରୋଧରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ବଡ଼ଚଣା ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହାମଧରେ ଏକ ସପ୍ତାହ ବିତିଯାଇଥିଲେ ମଧ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାପଡ଼ିଛି।

ସୂଚନା ଥାଉକି, ଯାଜପୁର ଜିଲାରେ ଜାଲ ସାର୍ଟିଫେକଟ ଜରିଆରେ ୩ଜଣ ଚାକିରି କରିଥିବା ନେଇ ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଭଦ୍ରକ ଜିଲାର ଜଣେ ସାମାଜିକକର୍ମୀ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତରେ ଏହି ଶିକ୍ଷକମାନେ ଜାଲିଆତି କରିଥିବା ଜଣାପଡ଼ିଥିଲା। ତେଣୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯାଜପୁର ଜିଲା ସମଗ୍ରଶିକ୍ଷା ଅଭିଯାନର ସଂଯୋଜକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ପତ୍ରରେ ବଡ଼ଚଣା ବ୍ଲକର ୩ ଶିକ୍ଷକ ଅମୀୟ କୁମାର ବରାଳ, ରେଜିଆ ସୁଲତାନା ଓ ଜୟନ୍ତୀ ସାହୁଙ୍କ ନାମ ଉଲ୍ଲେଖ ରହିଥିଲା। ଘଟଣାର ସତ୍ୟାସତ୍ୟ ଜଣାପଡିବା ପରେ ବ୍ଲକ ଶିକ୍ଷାଧିକାରୀ ସେମାନଙ୍କ ଦରମା ବନ୍ଦ କରି ଚୁପଚାପ ବସିଯାଇଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଶେଷରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ଦରମା ବନ୍ଦ କରାଯାଇଥିଲା। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ କହିଛନ୍ତି, କାହାରି ବିରୋଧରେ ଏତଲା ଦିଆଯାଇ ନାହିଁ। ଖୁବ୍‌ଶୀଘ୍ର ନିକଟସ୍ଥ ଥାନାରେ ଏତଲା ଦିଆଯିବ।

## ଯନ୍ତ୍ରୀଙ୍କୁ କାଦୁଅ ରାସ୍ତାରେ ଚଲାଇବା ଘଟଣା: ଜଣେ ଗିରଫ

ନିରାକାରପୁର,୧୫।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଭଗବତୀପଡ଼ା ଗ୍ରାମରେ ଜଳସେଚନ ବିଭାଗ ରାଜୁଆ ସବ୍‌ଡିଭିଜନର ଉପନିର୍ବାହୀ ଯନ୍ତ୍ରୀ ଅକ୍ଷୟ ବେହେରା ଓ କନିଷ୍ଠ ଯନ୍ତ୍ରୀ ଶିଶିର ସାହୁଙ୍କୁ ଗ୍ରାମବାସୀ କାଦୁଅ ରାସ୍ତାରେ ଚଲାଇବା ସହ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଅଜୟ ଉଦୟସିଂହ। ସୂଚନାଥାଉ କି, ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମଲାଗୁଣୀ ନଦୀବନ୍ଧର ସ୍ଥିତି ଦେଖିବା ପାଇଁ ସୋମବାର ଏହି ଦୁଇ ଯନ୍ତ୍ରୀ ଯାଇଥିବା ବେଳେ ଗ୍ରାମବାସୀ ଏମାନଙ୍କୁ କାଦୁଅ ରାସ୍ତାରେ ଚଲାଇବା ସହ ଗାଳିଗୁଲଜ କରିଥିଲେ। ଏନେଇ ଦୁଇ ଯନ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୪୩/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

## ଓଡ଼ିଶା ସାହିତ୍ୟ ଏକାଡେମୀର 'ଆଜାଦୀ କା ଅମୃତ ମହୋତ୍ସବ'

**ରାଜ୍ୟର ୨୫ ସ୍ଥାନରେ ପାଳନ ହେଲା**

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ସ୍ୱାଧୀନତାର ୭୫ତମ ଜୟନ୍ତୀ ଅବକାଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ବୁଧବାର ରାଜ୍ୟବ୍ୟାପୀ 'ଆଜାଦୀ କା ଅମୃତ ମହୋତ୍ସବ' ପାଳିତ ହୋଇଛି। ବାଲେଶ୍ୱର, ଜଗତ୍‌ସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ କୋରାପୁଟର ୨୫ଟି ସ୍ଥାନରେ ଏକ ସମୟରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୨୫ ଜଣ ଆୟୋଜକ ଓ ୨୫ଜଣ ସଂଯୋଜକ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିବାବେଳେ ପ୍ରତ୍ୟେକ ସ୍ଥାନରେ ୨୦ଜଣ ଲେଖାଏ କବି ଯୋଗଦେଇ ଦେଶାତ୍ମବୋଧକ କବିତା ପାଠ କରିଥିଲେ।



ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀଙ୍କୁ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସମ୍ବର୍ଦ୍ଧିତ କରୁଛନ୍ତି।

କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭୁବନେଶ୍ୱରର ୩ସ୍ଥାନ ସମେତ ଜଟଣୀ ଓ ବାଣପୁରରେ ଆୟୋଜିତ କବିତା ପାଠୋତ୍ସବରେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମ ସ୍ମୃତି ସହ ସମକାଳର ଦେଶବାସୀଙ୍କୁ ଯୋଡ଼ିବାକୁ ଓ ଦେଶର ମହାନ୍ ସାହିତ୍ୟ ତଥା ସଂସ୍କୃତିର ସୁରକ୍ଷା ଦିଗରେ ସେମାନଙ୍କୁ ଉତ୍ସାହିତ କରିବା ଏହି ଉତ୍ସବର ଆଭିମୁଖ୍ୟ ବୋଲି ଡ. ମଲ୍ଲିକ ଉଲ୍ଲେଖ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀଙ୍କୁ ସଭାପତି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏକାଡେମୀ କାର୍ଯ୍ୟକାରୀ ପରିଷଦ ସଭ୍ୟ ଡ. ନୃସିଂହ ଚରଣ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏକାଡେମୀ ସଭ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ସହସଚିବ ପ୍ରଦୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ଦେବାଶିଷ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସୂର୍ଯ୍ୟ ମିଶ୍ର, ଡ. ପ୍ରସନ୍ନ କୁମାର ମହାନ୍ତି, ରକ୍ଷକ ନାୟକ, ଡ. ନୃସିଂହ ଷଡଙ୍ଗୀ, ଦେବେନ୍ଦ୍ରନାଥ ଦାଶ, ଡ. ଶକୁନ୍ତଳା ବଳିୟାର ସିଂହ, ଡ. ମଙ୍ଗଳା ପ୍ରସାଦ ମହାନ୍ତି, ସୁଚେତା ରାଉତ, ଡ. ରମେଶ ପାଣି, ରାଜକିଶୋର ଦାଶ, ସଞ୍ଜୟ ମହାନ୍ତି, ଭିକାରୀ ଧଳ ଓ ବିପିନ ବିହାରୀ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ମନ୍ମଥନାଥ ଶତପଥୀ ଉପସ୍ଥିତ ଥିଲେ। ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରଫେସର ଜଗନ୍ନାଥ କୁଅଁର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବାବେଳେ ଏକାଡେମୀ ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

## ପ୍ରକାଶ ପାଇଲା ସବୁ ଦଳର ଷ୍ଟାର କ୍ୟାମ୍ପେନର ତାଲିକା

**ପିପିଲି ଉପନିର୍ବାଚନ**

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ପିପିଲି ଉପନିର୍ବାଚନ ଲାଗି ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ନିଜ ନିଜର ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛନ୍ତି। ଆସନ୍ତା ୩୦ରେ ପିପିଲି ଉପନିର୍ବାଚନ ଥିବାବେଳେ ଅକ୍ଟୋବର ୩ ତାରିଖରେ ଭୋଟ ଗଣତି କରାଯିବ। ତେବେ ଉପନିର୍ବାଚନ ପାଇଁ ସବୁ ଦଳ ନିଜର ପ୍ରସ୍ତୁତି ପର୍ବ ଆରମ୍ଭ କରିଥିବା ବେଳେ ଷ୍ଟାର କ୍ୟାମ୍ପେନ ସବୁ ଦଳ ଆରମ୍ଭ କରିବାକୁ ଯାଉଛନ୍ତି। ବିଜେଡି ଷ୍ଟାର କ୍ୟାମ୍ପେନର ତାଲିକାରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମହେଶ୍ୱର ମହାନ୍ତି, ଦେବୀପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ପିନାକୀ ମିଶ୍ର, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ, ସମୀର ରଞ୍ଜନ ଦାଶ, ସୁଶାନ୍ତ କୁମାର ସିଂହ, ସ୍ନେହାଙ୍ଗିନୀ ଛୁରିଆ, ପ୍ରୀତିରଞ୍ଜନ ଘଡ଼ାଇ, ଉମାକାନ୍ତ ସାମନ୍ତରାୟ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ବିଭୂତି ବଳବନ୍ତରାୟ, ତୁଷାରକାନ୍ତି ବେହେରା, ଦେବୀରଞ୍ଜନ ତ୍ରିପାଠୀ ଏବଂ ସୁଧୀର କୁମାର ସାମଲ ରହିଛନ୍ତି। ତେବେ ବିଜେଡିର ଏହି ତାଲିକାରେ ମନ୍ତ୍ରୀ ଅରୁଣ କୁମାର ସାହୁ, ପ୍ରତାପ ଜେନା ପ୍ରମୁଖ ଆହୁରି ବହୁ ନେତାଙ୍କୁ ସାମିଲ ନ କରି ବାଦ୍ ଦିଆଯାଇଛି, ଯାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ସେହିପରି କଂଗ୍ରେସ ତାଲିକାରେ ଦଳର ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜି.ରୁଦ୍ର ରାଜୁ, ନରସିଂହ ମିଶ୍ର, ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝି, ବିପିନ ଦାଶ, ରାମଚନ୍ଦ୍ର ଖୁଣ୍ଟିଆ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସପ୍ତଗିରି ଉଲାକା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ, ଅଧୀରାଜ ମୋହନ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ସାହୁ, ଗଣେଶ୍ୱର ବେହେରା, ବନ୍ଦିତା ପରିଡ଼ା ଏବଂ ସତ୍ୟପ୍ରକାଶ ନାୟକ ପ୍ରମୁଖ ଅଛନ୍ତି। ଭାଜପା ତାଲିକାରେ ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ବୈଜୟନ୍ତ ପଣ୍ଡା, ଡି. ପୁରନ୍ଦେଶ୍ୱରୀ, ବିଜୟ ପାଲ ସିଂ ତୋମାର, ଜୁଏଲ ଓରାମ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମନମୋହନ ସାମଲ, କେ.ଭି. ସିଂ ଦେଓ, ସୁରମା ପାଢ଼ୀ, ସମ୍ବିତ ପାତ୍ର, ଅପରାଜିତା ଷଡ଼ଙ୍ଗୀ, ମୋହନ ଚରଣ ମାଝି, ପ୍ରଭାତୀ ପରିଡ଼ା, ମାନସ କୁମାର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର ଏବଂ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ରଖାଯାଇଛି।

# କୂଅରେ ଖସି ଜଣେ ମୃତ

ଖୁଣ୍ଟୁଣୀ,୧୫।୯(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡୁଆଳି ଗ୍ରାମରେ ଥିବା ଏକ ୪୦ ଫୁଟ ଗଭୀର କୂଅରୁ ପାଣି କାଢୁଥିବା ବେଳେ ଖସି ପଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସବର ସାହିର ମଞ୍ଜୁ ନାଏକ (୫୪)। ସୂଚନାଯୋଗ୍ୟ, ମଞ୍ଜୁ ନିଜ ନୂତନ ଛାତ ପଡିଥିବା ଘରେ ପାଣି ଦେବାକୁ ବୁଧବାର ଦାଣ୍ଡରେ ଥିବା ସରକାରୀ କୂଅରୁ ବାଲ୍ଟିରେ ପାଣି କାଢୁଥିଲେ। ଏହି ସମୟରେ ଅସାବଧାନତାବଶତଃ ଗୋଡ଼ ଖସି ଯିବାରୁ ସେ କୂଅ ଭିତରକୁ ପଡିଯାଇଥିଲେ। ତେବେ ଘରେ କେବଳ ମହିଳା ଥିବାରୁ ମଞ୍ଜୁ କୁଆଡେ ଯାଇଥିବ ଭାବି ଖୋଜି ନ ଥିଲେ। ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ସେ ନ ଫେରିବାରୁ ଘର ଲୋକ ଖୋଜୁଥିବାବେଳେ କୂଅରେ ଦେଖିବାରୁ ମଞ୍ଜୁ ଭାସୁଥିଲେ। ସାହି ଲୋକମାନେ ଦମକଳକୁ ଖବର ଦେବାରେ ଆଠଗଡ଼ରୁ ଦମକଳ ଆସି କୂଅ ଭିତରୁ ମଞ୍ଜୁଙ୍କୁ ବାହାର କରି ଆଠଗଡ଼ ଡାକ୍ତର ଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଡିଆଁମାରି କଲଭର୍ଟ ପାରହେଉଛନ୍ତି ପିଲା

ମାଲକାନଗିରି,୧୫।୯(ଡି.ଏନ୍.ଏ.)



ଭଙ୍ଗା କଲଭର୍ଟ ଉପରେ ଶିଶୁଟି ଡିଆଁ ମାରୁଛି।

- ୨ ବର୍ଷ ହେଲା ବର୍ଷାରେ ଭାଙ୍ଗିଛି କଲଭର୍ଟ
- ବିପଦରେ ଶିଶୁଙ୍କ ଜୀବନ
- ପ୍ରତିଶ୍ରୁତିରେ ଦିନ ଗଡ଼ାଉଛି ପ୍ରଶାସନ

ମାଲକାନଗିରି ଜିଲାରେ ଆଦିବାସୀଙ୍କ ବିକାଶ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ସ୍କୁଲକୁ ସଂଯୋଗ କରୁଥିବା ରାସ୍ତାର ମରାମତି ହୋଇପାରୁନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିବା ନଜରକୁ ଆସିଛି। ମାଲକାନଗିରି-ମୋଟୁ ମୁଖ୍ୟରାସ୍ତାଠାରୁ ଶିଖ୍‌ପାଲ୍ଲୀ ପଡ଼ିଆ ରାସ୍ତାପାର୍ଶ୍ୱରେ ସଦର ପଞ୍ଚାୟତର ନିଳିଗୁଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିବା ଏକ ରାସ୍ତାରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଲଗାଣ ବର୍ଷାରେ ୨ ବର୍ଷ ହେଲା ଏକ କଲଭର୍ଟ ଭାଙ୍ଗି ନଷ୍ଟ ହୋଇଛି। ବର୍ଷା ହେଲେ ଏହି କଲଭର୍ଟ ତଳଦେଇ ପ୍ରବଳ ସ୍ରୋତରେ ଜଳ ପ୍ରବାହିତ ହେଉଛି। ଏହା ବିପଦସଙ୍କୁଳ ଅବସ୍ଥାରେ ରହିଥିବାବେଳେ ମରାମତି ହୋଇପାରୁନାହିଁ।

କୋଭିଡ୍ କଟକଣା ଯୋଗୁ ସ୍କୁଲ ବନ୍ଦ ଥିଲେ ମଧ୍ୟ ନେଟ୍‌ୱର୍କ ସମସ୍ୟା ଯୋଗୁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନେକ ଆଦିବାସୀ ଛାତ୍ରୀଛାତ୍ର ଅନ୍‌ଲାଇନ ପାଠପଢ଼ା ପାଇଁ ସ୍କୁଲ ପରିସରକୁ ଯାଉଛନ୍ତି। ଏଭଳି ପରିସ୍ଥିତିରେ ୨ ବର୍ଷ ଧରି ଗ୍ରାମର ପିଲାମାନେ ଏହି ରାସ୍ତାରେ ଡିଆଁମାରି କଲଭର୍ଟ ପାର ହେଉଥିବା ଦେଖାଯାଉଛି। ଏପରିକି ସେହି ଭଙ୍ଗା କଲଭର୍ଟ ଉପରେ ଡିଆଁଡେଇଁ ଖେଳୁଥିବା ଦେଖିବାକୁ ମିଳିଛି। ଯେକୌଣସି ସମୟରେ ଏଠାରେ ଦୁର୍ଘଟଣା ଘଟି ଶିଶୁଙ୍କ ଜୀବନ ଯିବା ଆଶଙ୍କା ରହିଛି। ସ୍ଥାନୀୟ ସରପଞ୍ଚ ବୁଦୁରା କାର୍ତ୍ତାମି ଏ ବିଷୟରେ ପଡ଼ିଆ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ୨ ବର୍ଷ ହେଲା କେବଳ ପ୍ରତିଶ୍ରୁତିରେ କାର୍ଯ୍ୟ ଅଟକିଛି। କିଛି ମାସ ତଳେ ବିଡିଓ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ଏହାର ନିର୍ମାଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ମଞ୍ଜୁରୀ ଆସିବାପରେ ପ୍ରସ୍ତାବିତ କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ। ତେବେ ପଡ଼ିଆ ବ୍ଲକରୁ ଜିଲା ସଦର ମହକୁମା ଜିଲାପାଳ, ଡିଆର୍‌ଡିଏ ପିଡି, ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାହାକୁ ପ୍ରସ୍ତାବ ଦେଇଥିଲେ ଏବଂ ଦୁଇ ବର୍ଷ ଧରି ପ୍ରସ୍ତାବଟି କିପରି ମଞ୍ଜୁର ହେଉନାହିଁ ତାହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାସ୍ତାରେ କୌଣସି ଶିଶୁ, ଗ୍ରାମବାସୀ କିମ୍ବା ଗୃହପାଳିତ ପଶୁ ପଡ଼ି କ୍ଷତିଗ୍ରସ୍ତ ହେଲେ ସେଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦରହସୁରା, ମୁଖ ଦାନ୍ତୁରା
ମୁହଁଟି ଚେପା ;
ଏମାନଙ୍କୁ ପରତେ
ନ ଯିବୁଲୋ ବୋପା !

ଯେଉଁମାନେ ଦରହସି ସେମାନେ ଅନ୍ତଃକପଟି ହୋଇଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ଦାନ୍ତୁରା ଓ ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ତିନି ଆକୃତିର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେହ ଘେନି ମନ,**
**ମନ ଘେନି ଦେହ।**

ସାଧାରଣତଃ ଦେହ ଖରାପ ଥିଲେ ମନର ବ୍ୟସ୍ତତା ବଢ଼ିଯାଏ। ସେହିପରି ମନ ଖରାପ ଥିଲେ ତାର କୁପ୍ରଭାବ ଦେହ ଉପରେ ପଡ଼ିଥାଏ। ଜୀବନର ବିକାଶ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏ ଦୁହେଁ ସଦାସର୍ବଦା ଯାତ୍ରା ପଥରେ ପରିପୂରକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଦୁଷ୍ମନ୍ତଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ଦାୟୀ: ଭାଜପା

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ମନ୍ତ୍ରୀପାଟଣା ଗ୍ରାମର ଦୁଷ୍ମନ୍ତ ଦାସଙ୍କ ମୃତ୍ୟୁ ଏକ ଚର୍ଚ୍ଚିତ ଓ ସମ୍ବେଦନଶୀଳ ପ୍ରସଙ୍ଗ। ଏଥି ପାଇଁ ରାଜ୍ୟ ସରକାର ଦାୟୀ ବୋଲି ଭାଜପା ଅଭିଯୋଗ କରିଛି। ବିଧାନସଭା ସମ୍ମୁଖରେ ବିଷ ପିଇଦେଇଥିବା ନେଇ ଦୁଷ୍ମନ୍ତ ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିବା ପରେ ପୋଲିସ ତାଙ୍କୁ ମଧ୍ୟାହ୍ନ ସାଢ଼େ ୧୨ଟାରେ କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କୁ ସାଢ଼େ ୧ଟା ଯାଏ ରଖାଯିବା ପରେ କଟକ ଏସ୍‌ସିବି ମେଡିକାଲରେ ଅପରାହ୍ନ ୪ଟାରେ ଭର୍ତ୍ତି କରାଯାଇଥିଲା। ଏହି ମୃତ୍ୟୁ ଅବହେଳାଜନିତ ବୋଲି ଭାଜପା ନେତା ବିଭୁପ୍ରସାଦ ତରାଇ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭୁପ୍ରସାଦ କହିଛନ୍ତି, ଆତ୍ମହତ୍ୟା ଉଦ୍ୟମ କରିଥିବା ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ଲାଗି କ୍ୟାପିଟାଲ ହସ୍ପିଟାଲ ପରି ବଡ଼ ହସ୍ପିଟାଲରେ ଆବଶ୍ୟକ ସୁବିଧା ନାହିଁ। ଯଦି ସୁବିଧା ନ ଥିଲା, ତେବେ ଦୁଷ୍ମନ୍ତଙ୍କୁ ଅନ୍ୟ କୌଣସି ବେସରକାରୀ ଡାକ୍ତରଖାନାକୁ କାହିଁକି ନିଆଗଲାନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଟକ ଏସ୍‌ସିବିର ଆଇସିୟୁରେ ଭର୍ତ୍ତି କରା ନ ଯାଇ ସାଧାରଣ ବିଭାଗରେ ରଖାଯିବାର ଉଦ୍ଦେଶ୍ୟକୁ ନେଇ ସେ ଶାସକ ଦଳକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସରକାର ଦୁଷ୍ମନ୍ତଙ୍କ ମୃତ୍ୟୁକୁ ଆତ୍ମହତ୍ୟା କହୁଥିବାବେଳେ ରାତି ଅଧରେ ପ୍ରଶାସନିକ ଅଧିକାରୀ ଦୁଷ୍ମନ୍ତଙ୍କ ସ୍ତ୍ରୀ, ମା'ଙ୍କୁ ତରବରିଆ ଭାବେ କଟକ ଆଣିବା, ରାତି ୨ଟାରେ ଶବ ବ୍ୟବଚ୍ଛେଦ କରାଇବା ଏବଂ ଭୋର୍ ୪ଟା ୩୦ରେ ସ୍ୱର୍ଗଦ୍ୱାରରେ ସତ୍କାର କରିବାର କାରଣ କ'ଣ ବୋଲି ବିଭୁପ୍ରସାଦ ପ୍ରଶ୍ନ କରିଛନ୍ତି। ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ଦୁଷ୍ମନ୍ତଙ୍କ ମୃତ୍ୟୁ ପାଇଁ ଦାୟୀ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

# ତେଜୁଛି ପାର୍ବଣ ଗାଇଡ୍‌ଲାଇନ ପରିବର୍ତ୍ତନ ଦାବି

କଟକ ଅଫିସ,୧୫।୯



କଟକ ପୁରୀଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ କଂଗ୍ରେସ କର୍ମକର୍ତ୍ତାଙ୍କ ନୀରବ ପ୍ରତିବାଦ।

ପାର୍ବଣ ପାଖେଇ ଆସୁଛି। ତେବେ ଦୁର୍ଗାପୂଜା ଯେତେ ପାଖେଇ ଆସୁଛି ମୂର୍ତ୍ତି ବିବାଦ ସେତେ ତୀବ୍ର ହେବାରେ ଲାଗିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମୂର୍ତ୍ତି ଉଚ୍ଚତା ୪ ଫୁଟରୁ ଅଧିକ ନ କରିବାକୁ ରାଜ୍ୟ ସରକାରଙ୍କ ପାର୍ବଣ ଗାଇଡ୍‌ଲାଇନ ରହିଛି। ଏହାକୁ ସହରର ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଉଛି। ଏହି ନିଷ୍ପତ୍ତିର ପୁନର୍ବିଚାର କରି ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ ଆଣି ମୂର୍ତ୍ତି ଉଚ୍ଚତା ଓ ପୂଜାର୍ଚ୍ଚନାରେ କୌଣସି କଟକଣା ନ ରଖାଯିବାକୁ ଦାବି କରାଯାଇଛି। ଏହି ଦାବି ଏବେ ଜୋର୍ ଧରିଛି।

## କଂଗ୍ରେସ ପକ୍ଷରୁ ନୀରବ ପ୍ରତିବାଦ

ଏ ନେଇ ବୁଧବାର କଟକ ନଗର କଂଗ୍ରେସ କମିଟି ପକ୍ଷରୁ ମୌନ ପ୍ରତିବାଦ କରାଯାଇଛି। ପୁରୀଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ କଂଗ୍ରେସ କର୍ମକର୍ତ୍ତାମାନେ ମୌନ ପ୍ରତିବାଦ କରିଛନ୍ତି। ଏଥିରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ସାମିଲ ହୋଇଥିଲେ। ସେ କହିଛନ୍ତି, ଦୁର୍ଗାପୂଜା କଟକବାସୀଙ୍କ ପରମ୍ପରା ଓ ଭାବାବେଗ ସହ ଜଡ଼ିତ। ତେଣୁ ସରକାର ନିଜ ନିଷ୍ପତ୍ତିର ପୁନଃବିଚାର କରନ୍ତୁ। ମୂର୍ତ୍ତି ଉଚ୍ଚତା ଏବଂ ମା'ଙ୍କ ପୂଜା ଉପରେ କୌଣସି କଟକଣା ରଖା ନ ଯାଉ। କେବଳ କଂଗ୍ରେସ ନୁହେଁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ବୁଦ୍ଧିଜୀବୀ, ସାଧାରଣ ଲୋକ, କେନ୍ଦ୍ର ମନ୍ତ୍ରୀ ସମସ୍ତେ ଏ ବିଷୟରେ ଅବଗତ ଅଛନ୍ତି। ସମସ୍ତେ ସରକାରଙ୍କୁ ଏନେଇ ଅନୁରୋଧ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ବିଜେଡିର ଦୋମୁହାଁ ନୀତି କଟକ ସହରକୁ ସଙ୍କଟ ଭିତରକୁ ଠେଲି ଦେଇଛି। ତେବେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ଏବଂ ତୁରନ୍ତ ମୂର୍ତ୍ତି ଉଚ୍ଚତା ବଢାଇବା ଓ କୋଭିଡ୍ କଟକଣା ମଧ୍ୟରେ ପୂଜା କରିବାକୁ ଅନୁମତି ଦିଅନ୍ତୁ ବୋଲି ମୋକିମ କହିଛନ୍ତି।

## ଅନଶନରେ ବସିଲେ ୨ ଅନୁଷ୍ଠାନର କର୍ମକର୍ତ୍ତା

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦୁ ଜାଗରଣ ମଞ୍ଚ କର୍ମକର୍ତ୍ତା ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନରେ ବସିଛନ୍ତି। ହିନ୍ଦୁ ରୀତିନୀତିରେ ପରଦା ବ୍ୟବସ୍ଥା ନାହିଁ। ସେହି କ୍ରମରେ ମୂର୍ତ୍ତି ଉଚ୍ଚତା ବଢାଇ ବିନା ପରଦାରେ ପୂଜା କରିବାକୁ ସରକାର ଅନୁମତି ଦିଅନ୍ତୁ ବୋଲି ମଞ୍ଚ ଦାବି କରିଛି। ଏହା କଟକିଆଙ୍କ ଅଧିକାର ଓ ସ୍ୱାଭିମାନ। ହିନ୍ଦୁ ସମାଜରେ ମା'ଙ୍କ ପୂଜା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡୁଛି ଏହାଠୁ ଦୁର୍ଭାଗ୍ୟର ବିଷୟ ଆଉ କିଛି ନାହିଁ ବୋଲି ମଞ୍ଚ ସଦସ୍ୟ ତନ୍ମୟ ଦାଶ କହିଛନ୍ତି। ଅନଶନରେ ରାଜକିଶୋର ଧୁପର, ଅଭିଜିତ ମିଶ୍ର, ଶୁଭମ ଆଚାର୍ଯ୍ୟ, ଗୁରୁପ୍ରସାଦ ସାହୁ, ଅଭୟ ଶାହ, ଆଶୁତୋଷ ଦାସ ପ୍ରମୁଖ ସାମିଲ ହୋଇଛନ୍ତି। ସେହିପରି କଟକ ସାମାଜିକ ସଂଘ କର୍ମକର୍ତ୍ତାମାନେ କଟକ ମାଛୁଆ ବଜାରସ୍ଥିତ ଶହୀଦ ପାର୍କ ନିକଟରେ ଆମରଣ ଅନଶନରେ ବସିଛନ୍ତି। ମୂର୍ତ୍ତି ଉଚ୍ଚତା ଏବଂ ପଦରଦା ବ୍ୟବସ୍ଥା ନିଷ୍ପତ୍ତି ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ କର୍ମକର୍ତ୍ତା ମନୋଜ ପଣ୍ଡା କହିଛନ୍ତି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ହିନ୍ଦୁ ଜାଗରଣ ମଞ୍ଚ କର୍ମକର୍ତ୍ତା ଆମରଣ ଅନଶନରେ ବସିଛନ୍ତି।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ଧରାକୋଟ,୧୫।୯(ଡି.ଏନ୍.ଏ)

## ସାବତ ମା' ହତ୍ୟା କରିଥିବା ଅଭିଯୋଗ

ଗଞ୍ଜାମ ଜିଲା ଧରାକୋଟ ଥାନା ହୀରାଖଣ୍ଡି ଗ୍ରାମରେ ମଙ୍ଗଳବାର ଜଣେ ଯୁବତୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଶିବରାମ ଦାସଙ୍କ ଝିଅ ଝରଣା। ଝିଅକୁ ବିଷ ଦେଇ ସାବତ ମା' ହତ୍ୟା କରିଥିବା ଗ୍ରାମବାସୀ ଧରାକୋଟ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ପୋଲିସ ନଂ.୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହୀରାଖଣ୍ଡି ଗ୍ରାମ ସଭାପତି ପଦ୍ମଚରଣ ପ୍ରଧାନଙ୍କ କହିବା ପ୍ରକାରେ, ଶିବରାମଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ପ୍ରାୟ ୧୫ ବର୍ଷ ପୂର୍ବେ ସେ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ପୁଅ ମୁନା ଅନ୍ୟ ରାଜ୍ୟରେ ଦାଦନ ଖଟୁଥିବା ବେଳେ ଝିଅ ଝରଣା ସାବତ ମା' ପାଖରେ ରହୁଥିଲେ। ଶିବରାମ ମଧ୍ୟ କେରଳରେ ରହୁଥିଲେ। ସାବତ ମା' ଝରଣାଙ୍କୁ ବାରମ୍ବାର ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏହାକୁ ଗ୍ରାମବାସୀ ବହୁବାର ବିରୋଧ କରୁଥିଲେ। ମଙ୍ଗଳବାର ଝରଣାଙ୍କୁ କ'ଣ ହୋଇଯାଇଛି ବୋଲି ସାବତ ମା' ପଡ଼ୋଶୀଙ୍କୁ ଜଣାଇଥିଲେ। ସେଠାରୁ ତାଙ୍କୁ ଆସିକା ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଝରଣାଙ୍କୁ ତାଙ୍କ ସାବତ ମା' ହତ୍ୟା କରିଥିବା ଗ୍ରାମବାସୀ ଏତଲାରେ ଦର୍ଶାଇଥିବା ବେଳେ ଏହାକୁ ଝରଣାର ମା' ଖଣ୍ଡନ କରିଛନ୍ତି।

# କଟକ ଜିଲାରେ ଭ୍ରୂଣ ହତ୍ୟା ଅଭିଯୋଗ

ନୟାଗଡ଼ ଅଫିସ,୧୫।୯

## ଥାନାରେ ଅଭିଯୋଗ କଲେ ମେଡ଼ିକାଲ ଅଫିସର

ନୟାଗଡ଼ ଜିଲା ଗଣିଆ ଅଞ୍ଚଳର ଜଣେ ମହିଳା କଟକ ଜିଲାର କୌଣସି ଘରୋଇ ଡାକ୍ତରଖାନାରେ ମଙ୍ଗଳବାର ଭ୍ରୂଣ ହତ୍ୟା କରିଥିବା ଗଣିଆ ଥାନାରେ ଅଭିଯୋଗ ହୋଇଛି । ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କ ଅଭିଯୋଗକୁ ଭିତ୍ତି କରି ଗଣିଆ ଥାନା ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି । ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପକ୍ଷରୁ ତଦନ୍ତ ପରେ ଗର୍ଭପାତ କରିଥିବା ମହିଳାଙ୍କ ସ୍ୱାମୀ ଫେରାର ହୋଇ ଯାଇଛନ୍ତିଃ ସୂଚନା ଅନୁଯାୟୀ, ଗଣିଆ ଅଞ୍ଚଳର ଜଣେ ମହିଳାଙ୍କ ୫ ବର୍ଷର ଝିଅଟିଏ ଅଛି । ପୁଣି ଏକ ଝିଅ ଜନ୍ମ ହେବାକୁ ଯାଉଛି ବୋଲି ଅଲଟ୍ରାସାଉଣ୍ଡ ରିପୋର୍ଟରୁ ଜଣାପଡ଼ିବା ପରେ ତାଙ୍କ ଗର୍ଭପାତ କରାଯାଇଛି । ପରିବାର ପକ୍ଷରୁ ସୁନାଖଳା ଅଞ୍ଚଳରେ ମଙ୍ଗଳବାର ସମ୍ପୃକ୍ତ ମହିଳାଙ୍କ ଗର୍ଭପାତ କରିବା ପାଇଁ ଯୋଜନା ହୋଇଥିଲା । ସ୍ୱାସ୍ଥ୍ୟ ବିଭାଗ ଓ ସାମାଜିକ କର୍ମୀଙ୍କ ଧରପଗଡ଼ ପରେ କଟକ ଜିଲାର ନରସିଂହପୁର କିମ୍ବା ବଡମ୍ବା ଅଞ୍ଚଳରେ ତାଙ୍କ ଗର୍ଭପାତ କରାଯାଇଥିବା ସୂଚନା ମିଳିଛି । ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଏହା ଜାଣିବା ପରେ ବୁଧବାର ସମ୍ପୃକ୍ତ ମହିଳାଙ୍କୁ ଠାବ କରାଯାଇଛି । ଏପରି କି ତାଙ୍କ ଗର୍ଭପାତ କରାଯାଇଥିବା ସ୍ପଷ୍ଟ ହୋଇଛି । ଏହା ପରେ ସଂପୃକ୍ତ ମହିଳାଙ୍କୁ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଆବଶ୍ୟକ ଚିକିତ୍ସା କରାଯାଇଛି । ଅନ୍ୟପକ୍ଷେ ଘଟଣାର ଖୋଳତାଡ ଚାଲିଛି । ଏନେଇ ଗଣିଆ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ କୌଣସି ମାମଲା ରୁଜୁ ହୋଇନାହିଁ । ପ୍ରାଥମିକ ତଦନ୍ତରେ ସମ୍ପୃକ୍ତ ମହିଳା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ପରିଶ୍ରା କଲାବେଳେ ରକ୍ତସ୍ରାବ ହେଲା, ପରେ ମୋ ଗର୍ଭ ନଷ୍ଟ ହୋଇଯାଇଛି ।


**Parliamentary Affairs Department**
**Govt. of Odisha**
Lokseva Bhawan, Bhubaneswar-751001
Phone: 0674-2322614
Advt. No. ______/2021 Date: ............

**TENDER CALL NOTICE FOR SUPPLY OF OFFICE ARTICLES/STATIONERIES**

**No.QQ-03:-** Sealed tenders are invited from intending Registered Firms/Suppliers for supply of Office articles/ stationeries for official use in P.A. Department, Odisha for a period of one year. Details, regarding eligibility criteria, terms & conditions and list of stationery items are mentioned in the tender document which may be downloaded from the website: **www.paodisha.gov.in**. Intending Registered Firms/ Suppliers may submit their tenders in a sealed envelope super-scribing on the top of the sealed envelope as **"Tender for supply of Office articles / stationeries with reference to Advertisement No. ............../2021 dtd. ....................."**

The tenders should reach the undersigned by **27.09.2021 (till 12 PM)**. The tenders will be opened at **12.30 PM on the same day**. The undersigned reserves the right to reject any or all the tenders without assigning any reason thereof.

**Sd./- Deputry Secretary to Government**
**Parliamentary Affairs Department, Odisha**
OIPR-42001/11/0002/2122



**OFFICE OF THE BARIPADA MUNICIPALITY**
**BARIPADA**
Phone/Fax:- 06792-252703
E-mail: baripadam.hud@nic.in; Website: www.baripadamunicipality.in
**No. 4455 / Date-07.09.21**

**No. C-957:-** Quotation Call for supply of **Grade-I Stable Bleaching powder (Reputed Brand)** vide Quotation Call No. **4451** Dt.**07.09.21** has been invited. The last date of submission of quotation on or before dt.29.09.2021 by 1.30 P.M.
For more details please visit our website - **www.baripadamunicipality.in**

**Sd./- Executive Officer, Baripada Municipality**
OIPR-13078/11/0023/2122



**CUTTACK MUNICIPAL CORPORATION**
**"e" PROCUREMENT NOTICE**
No. C-962 **Tender ID: 2021_ORULB_71062**
**Tender Call Notice No. 5108 (PW)** **Date: 13.09.2021**
Name of Works : Construction of 11KV 3 phase 3 wire line and installation of 63 KVA Transformer for power supply to 5 TPD Micro Composting Centre (MCC) at Nuahat (Behind Akshaya Patra Foundation) in Ward No. 59.
Bid Value : Rs.8.31 lakh
Period of Completion : Twenty Days
Date and Time Schedule :

| Start | End | Opening |
|---|---|---|
| 3.00 P.M. on Dt.15.09.2021 | 5.00 P.M. on Dt.24.09.2021 | 11.00 A.M. on Dt.29.09.2021 |

Tender details can be seen from the procurement portal: **www.tendersorissa.gov.in**.

**Superintending Engineer, City Div.-I**
**OIPR-13031/11/0032/2122**



**OFFICE OF THE DIVISIONAL FOREST OFFICER**
**MAHANADI WILDLIFE DIVISION, NAYAGARH**
**COLLEGE ROAD, NAYAGARH-752069; Email - mahanadiwl.dfo@gmail.com**
**Tender Notice No. 02** **Dated 13.09.2021**

**Tender Call Notice**

**No. MM-191:-** Sealed tenders are invited in two Bid systems from established/ reputed/ registered / experienced and accredited manufactures/dealers/suppliers within the country of India for supply and installation of following tent for use in Satkosia Sand Resorts, Badamul in Chhamundia Wildlife Range in Mahanadi Wildlife Division, Nayagarh as mentioned below.

| Supply and installation of Tent/Trolley Rickshaw | Quantity | Cost of Tender Paper |
|---|---|---|
| 1. **Tent Miniature swiss cottage** - Double fly tent all files and veranda with a size 12ft x 12ft center height- 12ft Veranda - 5ft with front veranda are water proof, side wall - 7ft, front with window and doors with zipper and with all pitching accessories like GI poles, Iron Pegs and hammer etc. | 04 | Rs.10,000/- + 18% GST |
| 2. **Battery operated 3 wheeler Trolley Rickshaw** Capacity 500 Kg to Transport, Backup battery for 10 hours, Range up to 5 Kms with normal speed | 01 | Rs.10,000/- + 18% GST |

Non-transferable Tender Documents for supply and installation of Tent as stated above will be available and can be collected in person from the office of the Divisional Forest Officer, Mahanadi Wildlife Division, Nayagarh, Odisha on payment of cost of Tender Document as mentioned above on any working day. The Tender Document cost which is non refundable, should be deposited in shape of crossed Demand Draft from any Nationalized Bank drawn in favour of the Divisional Forest Officer, Mahanadi Wildlife Division, Nayagarh payable at Nayagarh.

1. Tender papers/ documents will be available in the O/o the DFO, Mahanadi Wildlife Division, Nayagarh from **dt.15.09.2021** to **dt.21.09.2021** (during office hours).
2. Last date of receiving of Tender papers is **22.09.2021 by 5.00 PM.**
3. Tender opening 11.30 AM on **23.09.2021.**

OIPR-08017/11/0002/2122 **Sd./- Divisional Forest Officer, Mahanadi Wildlife Division, Nayagarh**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DEOGARH**
**TENDER CALL NOTICE**
**No. 3692/C.S Dt.13.09.2021**

**No. E-433:-** Sealed tenders are invited from registered firms / dealers / agencies for supply of Drugs, Consumables, Laboratory reagent & BCL Items for Deogarh District for the year 2021-2022. The details, Term & condition Guideline etc. including tender paper format can be downloaded from the district web site **www.deogarh.nic.in** or collected from Central Store, D.H.H., Deogarh in official working hour by depositing tender paper cost of Rs.2.000/- (non-refundable) in shape of D.D. in favour of R.K.S., DHH, Deogarh payable at SBI, Deogarh. The tenders in the prescribed format along with all relevant documents should reach the office of the undersigned by 07.10.2021, 5:00PM through Regd. Post / Speed Post and the same will be opened on 08.10.2021 at 11:00 A.M. The undersigned reserves the right to accept or reject any or all tenders without assigning any reason thereof.

**Sd./- CDM & PHO, Deogarh**
OIPR-10113/11/0009/2122

# କେବଳ ନୀରବତା



ଶାହରୁଖ

ଶାହରୁଖ ଖାଁ ଏବେ ମାପିଚୁପି କଥାବାର୍ତ୍ତା କରୁଛନ୍ତି। ଗୋଟିଏ ପଟେ ଯେଉଁ ସିନେମାରେ ଅଭିନୟ କରୁଛନ୍ତି ସେଗୁଡିକ ଆଶାନୁରୂପ ବିଜନେସ କରୁନାହିଁ। ତେଣୁ ଆକ୍ଟିଂ କ୍ୟାରିୟରକୁ ନେଇ କିଛି କହିବା ସମୟରେ ସେ ବେଶ୍ ସତର୍କତା ଅବଲମ୍ବନ କରୁଛନ୍ତି। ଏବେ ତ ସେ ଅଭିନୟ କରୁଥିବା 'ପଠାନ୍'ର ଶୁଟିଂ ଚାଲୁ ରହିଛି। ସେପଟେ ରାଜକୁମାର ହିରାନୀଙ୍କ ଆଗାମୀ ସିନେମାରେ ଆକ୍ଟିଂ କରିବାକୁ ଯାଉଛନ୍ତି ଏହି ଅଭିନେତା। ପୂର୍ବରୁ ବେଶ୍ କେତୋଟି ହିଟ୍ ସିନେମା ଦର୍ଶକଙ୍କୁ ଭେଟି ଦେଇସାରିଛନ୍ତି ହିରାନୀ। ଏବେ ଜଣେ ପଞ୍ଜାବୀ ଯୁବକର ଜୀବନୀକୁ ନେଇ ସେ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଯୁବକ କାନାଡା ଯିବା ପରେ ସେଠାରେ କିପରି ନିଜର ଜୀବନ କଟାଉଛି ତାହାକୁ ନେଇ କାହାଣୀ ଗତିଶୀଳ। ସେପଟେ ଏପରି ଏକ ଭୂମିକା ପାଇଁ ଶାହରୁଖ ଖୁସି ଏବଂ ହିରାନୀଙ୍କ ଏ ନେଇ ଭୁରି ଭୁରି ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ତେବେ ଏହି ନୂଆ ସିନେମାର ଟାଇଟଲ ଏବଂ ଏଥିରେ କିଏ ନାୟିକା ସାଜିବ ତାହା ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ହିରାନୀ ସୂଚନା ଦେଇଛନ୍ତି।

# କଥା ଗୋଟିଏ ରାଜାର

ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ ଇତିମଧ୍ୟରେ ଆଉ ଏକ ନୂଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଉକ୍ତ ଚିତ୍ରର ଟାଇଟଲ ରହିଛି 'ଗୋଟେ ରାଜା ଥିଲା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରିବେ ବାବୁସାନ୍। ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ନବାଗତା ଡା. ସ୍ଥିତପ୍ରଜ୍ଞା। ପେସାରେ ଡାକ୍ତର ହୋଇଥିଲେ ମଧ୍ୟ ଅଭିନୟ ପ୍ରତି ରୁଚି ରଖନ୍ତି ସେ। ତା'ସହ ନିଜ ପ୍ରଥମ ସିନେମାରେ ବାବୁସାନଙ୍କ ସହ ଅଭିନୟ କରୁଛନ୍ତି ଜାଣିବା ପରେ ତାଙ୍କର ଖୁସି କହିଲେ ନ ସରେ। ମିସ୍ ଫେମିନା ଇଣ୍ଡିଆର ଫାଇନାଲିଷ୍ଟ ସ୍ଥିତପ୍ରଜ୍ଞା ଜଣେ କ୍ଲାସିକାଲ ଡ୍ୟାନ୍ସର ଏବଂ ଗାୟିକା। ଆର.ଆର.ଇଭେଣ୍ଟସ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ସୁଶାନ୍ତ ମଣି। ଏଥିରୁ ନିଜର ବଡ଼ ପରଦାରେ ସ୍ୱର ସଂଯୋଜନା କ୍ୟାରିୟର ଆରମ୍ଭ କରୁଛନ୍ତି ଗୌରବ ଆନନ୍ଦ। ସଂଳାପ ରଚନା କରିଛନ୍ତି ବାପୁ ଗୋସ୍ୱାମୀ।

# ଶୁଭ ଦିନକୁ ଅପେକ୍ଷା

ଅଭିନେତା ଦୀପକ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ଏହା ପଛରେ ସେପରି କାରଣ ରହିଛି। ଅସଲ କଥା ହେଲା ତାଙ୍କ ଅଭିନୀତ ତିନୋଟି ସିନେମା ପଛକୁ ପଛ ମୁକ୍ତିଲାଭ ଅପେକ୍ଷାରେ ରହିଛି। ସେଗୁଡ଼ିକ ହେଲା, 'ଏଇ ବୋଧେ ଭଲ ପାଇବା', 'ଧଡକନ୍‌ରେ ତୁ' ଏବଂ 'ପଲ୍ ପଲ୍ ତତେ ଚାହେଁ'। କେବଳ ସେତିକି ନୁହେଁ ଉପରୋକ୍ତ ତିନୋଟି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାକର ବସନ୍ତ। 'ଏଇ ବୋଧେ ଭଲ ପାଇବା' ଫିଲ୍ମରେ ଦୀପକଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁଭା ସୌର୍ଯ୍ୟା। 'ଧଡକନ୍‌ରେ ତୁ' ଚିତ୍ରରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସସ୍ମିତା। ଅନ୍ୟପକ୍ଷରେ ଦୀପକଙ୍କ ହୋମ୍ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ପଲ୍ ପଲ୍ ତତେ ଚାହେଁ'। ଏଥିରେ ଫିମେଲ୍ ଲିଡ୍‌ରେ ଅଛନ୍ତି ନବାଗତା ପ୍ରାଚୀ ଚୌଧୁରୀ। ଏ ସମ୍ପର୍କରେ ଦୀପକ କହନ୍ତି, 'ମାଷ୍ଟରଜୀ (ସୁଧାକର ବସନ୍ତ)ଙ୍କ ନିର୍ଦ୍ଦେଶନାରେ କାମ କରିବାକୁ ମୋର ପୂର୍ବରୁ ଇଚ୍ଛା ଥିଲା। ପୁଣି ଏମିତି ସୁଯୋଗ ମିଳିଲା ଯେ ଏକାଥରେ ମୁଁ ଅଭିନୟ କରିଥିବା ତିନୋଟି ସିନେମା 'ଏଇ ବୋଧେ ଭଲ ପାଇବା', 'ଧଡକନ୍‌ରେ ତୁ' ଏବଂ 'ପଲ୍ ପଲ୍ ତତେ ଚାହେଁ'ର ନିର୍ଦ୍ଦେଶନା ସେ ଦେଇଛନ୍ତି। ସତ କଥା କହିବାକୁ ଗଲେ ତାଙ୍କ ସହ କାମ କରିବାର ଚାର୍ମ ଅଲଗା। ଏହ ତିନୋଟି ସିନେମାକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।'



ଦୀପକ– ପ୍ରାଚୀ



ସୋନାକ୍ଷୀ

# ସେହି ଦୁଇ ବର୍ଷ..

ସୋନାକ୍ଷୀ ସିହ୍ନା ସେହି ଦୁଇ ବର୍ଷକୁ ଆଦୌ ଭୁଲି ପାରୁନାହାନ୍ତି। ନିଜ ଆକ୍ଟିଂ କ୍ୟାରିୟରରେ ଏହି ସମୟ ସବୁବେଳେ ତାଙ୍କର ସ୍ମରଣୀୟ ହୋଇ ରହିବ ବୋଲି ସେ କହି ବୁଲୁଛନ୍ତି। ହେଲେ ସେତେବେଳେ ଏମିତି କ'ଣ ଘଟିଥିଲା ଯେ ସେପରି ଘଟଣା ତାଙ୍କ ମନରେ ସବୁ ବେଳେ ଉଙ୍କି ମାରୁଛି। ସୋନାକ୍ଷୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ଏହି ଫିଲ୍ମଟିରେ ତାଙ୍କର ନାୟକ ସାଜିଥିଲେ ସଲମାନ ଖାଁ। ଯେତେବେଳେ ତାଙ୍କୁ ଉକ୍ତ ସିନେମା ପାଇଁ ସାଇନ୍ କରାଗଲା, ସେତେବେଳେ ତାଙ୍କୁ ଗୋଟିଏ କଥା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ତାହା ହେଲା ଓଜନ କମାଇବା। କାରଣ ସେତେବେଳେ ସୋନାକ୍ଷୀଙ୍କ ଓଜନ ଥିଲା ୯୦ କିଗ୍ରା। ତାକୁ ଯେମିତି ହେଲେ ୬୦ କିଗ୍ରା ପର୍ଯ୍ୟନ୍ତ କମାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏକଥା ଶୁଣିବା ପରେ ଆଉ ବିଳମ୍ବ ନ କରି ନିଜ କାମରେ ସେ ଲାଗିପଡ଼ିଥିଲେ। ଦୀର୍ଘ ଦୁଇବର୍ଷ ଅକ୍ଳାନ୍ତ ପରିଶ୍ରମ କରି ସେ ନିଜ ଓଜନ କମାଇବାରେ ସମର୍ଥ ହୋଇଥିଲେ। ସୂଚନାଯୋଗ୍ୟ ଏହି ଫିଲ୍ମଟି ସେତେବେଳେ ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଆଉ ଏକ କଥା। 'ଦବଙ୍ଗ' ଫିଲ୍ମରେ ସୋନାକ୍ଷୀ ଯେଉଁ ପାରିଶ୍ରମିକ ପାଇଥିଲେ ତାହାକୁ ସେ ସଲମାନଙ୍କ ସ୍ୱେଚ୍ଛାସେବୀ ସଂଗଠନ ସଂସ୍ଥା 'ବିଇଙ୍ଗ ହ୍ୟୁମାନ୍'କୁ ଦାନ କରିଥିଲେ।

# ଆକ୍ସନ ନିଶା

ଦୀପିକା ପାଦୁକୋନ୍‌ଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଅର୍ଥାତ୍, ସେ ଏକାଥରେ ଆକ୍ସନ ଏବଂ ଷ୍ଟଣ୍ଟ ଶଟ୍ ଶିଖିବାକୁ ମନ ବଳାଇଛନ୍ତି। କେବଳ ସେତିକି ନୁହେଁ, ନିଜର ଏହି ଲକ୍ଷ୍ୟ ପଥରେ କିପରି ଅଗ୍ରସର ହେବେ ସେ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କଥା କ'ଣ କି କୋଭିଡ୍ ସମୟରେ ଯେତେବେଳେ ଲକ୍‌ଡାଉନ ହୋଇଥିଲା ସେତେବେଳେ ସେ ଘରେ ବସି କେବଳ ହଲିଉଡ୍‌ର ଆକ୍ସନ ଚଳଚ୍ଚିତ୍ରଗୁଡ଼ିକୁ ଦେଖିଥିଲେ। ବାସ୍, ସେତିକି ବେଳେ ତାଙ୍କ ମୁଣ୍ଡକୁ ଏପରି ଆଇଡିଆ ଜୁଟିଥିଲା। ଏ ନେଇ ଦୀପିକା କହନ୍ତି, ଏବେ ମୁଁ ଏକାଥରେ ଆକ୍ସନ ଏବଂ ଷ୍ଟଣ୍ଟ ଶିଖିବାକୁ ସ୍ଥିର କରିଛି। ଏ ନେଇ ଜଣେ ନାମୀ ଟ୍ରେନର ସନ୍ଧାନରେ ରହିଛି।'



ଦୀପିକା

# ମନେରହିବେ ଦେବଦାସ



କଳାକାରର ମୃତ୍ୟୁ ନାହିଁ। ସେ ଅମର! କଣ୍ଠଶିଳ୍ପୀ ଦେବଦାସ ବିଶିଷ୍ଟ କଣ୍ଠଶିଳ୍ପୀ ମୁକେଶଙ୍କ କଣ୍ଠଦାନ କରିଥିବା ସମସ୍ତ ଗୀତକୁ ଠିକ୍ ଶୈଳୀରେ ଗାନ କରି ସାରା ଓଡ଼ିଶାରେ ପରିଚିତ ଥିଲେ। ଅକ୍ଷୟ ମହାନ୍ତି, ମହମ୍ମଦ ହବିବ, ପ୍ରଫୁଲ୍ଲ କର, ବାସୁଦେବ ରଥଙ୍କ ମେଲୋଡ଼ି ପାର୍ଟି ମନୋରଞ୍ଜନ ପାଇଁ ବିଭିନ୍ନ ଅନୁଷ୍ଠାନକୁ ସାଂସ୍କୃତିକ କାର୍ଯ୍ୟ ନିମନ୍ତେ ପେସାଦାର ଭାବେ କାର୍ଯ୍ୟ କରୁଥିଲେ। କଣ୍ଠଶିଳ୍ପୀ ଦେବଦାସଙ୍କ ବ୍ୟବହାରରେ ସମସ୍ତ ବାଦ୍ୟଯନ୍ତ୍ର କଳାକାର ଓ କଣ୍ଠଶିଳ୍ପୀ ଏକଜୁଟ ହୋଇ ଯାଉଥିଲେ। ବିଜେବି କଲେଜରେ ପଢ଼ିବା ବେଳୁ ସେ ମୁକେଶଙ୍କ ଗୀତକୁ ବିଭିନ୍ନ କାର୍ଯ୍ୟକ୍ରମରେ ଗାନ କରୁଥିଲେ। ଖୁସି ମିଜାସର ବ୍ୟକ୍ତିଥିଲେ। ମୁକେଶଙ୍କ ଅତି ପୁରୁଣା ଗୀତ ମନେ ନ ପଡ଼ିଲେ ସେ ବାପୁଜୀ ନଗରରେ ଇଂ. କମଳାକାନ୍ତ ମହାନ୍ତିଙ୍କ ପାଖକୁ ଯାଇ ଗୀତଟିକୁ ଶୁଣି ମନେ ରଖି ନେଉଥିଲେ। ନିକଟରେ 'କଣ୍ଠଶିଳ୍ପୀ ଥିଏଟର' ନାମକ ଏକ ସଂସ୍ଥା ପ୍ରତିଷ୍ଠା କରିଥିଲେ ସେ। ଆସନ୍ତା ବର୍ଷ ସେ ତାଙ୍କ ସଙ୍ଗୀତ ଜୀବନର ୨୫ବର୍ଷ ପାଳନ କରିଥାଆନ୍ତେ। ହେଲେ ବିଧିର ବିଧାନ ଅଲଗା। ରାତିରେ ଶୋଇବାକୁ ଯିବା ପରେ ଆଉ ସକାଳୁ ଉଠିଲେ ନାହିଁ। ସକାଳୁ ପୁଅ ସୁରଜ କୁମାର ବାପାଙ୍କୁ ଡାକିବା ବେଳକୁ ସବୁକିଛି ନିରବୀ ଯାଇଥିଲା। କଣ୍ଠଶିଳ୍ପୀ ଦେବଦାସଙ୍କ ଅନୁଷ୍ଠାନ 'ସାଜ ଔର ଆୱାଜ' ଆଗାମୀ ଦିନରେ ଆୱାଜ ମଧ୍ୟରେ ମୁକେଶ ସଙ୍ଗୀତକୁ ଉଜ୍ଜୀବିତ ରଖିବାକୁ ତାଙ୍କର ଅବଦାନ ଚିରଦିନ ସ୍ମରଣୀୟ ହୋଇ ରହିବ।

–ଦିଲ୍ଲୀପ ହାଲି, ଭୁବନେଶ୍ୱର

# ମନେ ମନେ ମନ ଖୋଜୁଥିଲା

ଏକ ଭିନ୍ନ ଧରଣର ଟିନ୍–ଏଜ୍ ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ମନେ ମନେ ମନ ଖୋଜୁଥିଲା'। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ନବାଗତା ପ୍ରଯୋଜିକା ପ୍ରଭାତୀ ଆଚାର୍ଯ୍ୟ। ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ନିର୍ଦ୍ଦେଶକ ଏନ୍. ପାଢ଼ୀ ଉକ୍ତ ଫିଲ୍ମ ମାଧ୍ୟମରେ ପୁଣି ଥରେ ନିର୍ଦ୍ଦେଶନା ମଇଦାନକୁ ଓହ୍ଲାଇଛନ୍ତି। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ନବାଗତ ଜି. ଅଶୋକ କୁମାର। ଖାସ୍ କଥା ହେଲା ନବାଗତ ଓମ୍‌କାର ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଚୁଲ୍‌ବୁଲି ନମ୍ରତା ସିଂଦେଓ। ଏମାନଙ୍କ ବ୍ୟତୀତ ପ୍ରିୟଙ୍କା ସାହୁ, ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ଶୁଚିସ୍ମିତା, ଅଞ୍ଜନା ଦାସ, ରାଜ୍ ପୁରୋହିତ, ତପନ, ଆମ୍ବା ରାଓ ଏବଂ ଅକ୍ଷୟ ସାହୁଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ମନ ମୋର କାଗଜ ଗୁଡ଼ି

ସୁମିତ୍ରା ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡ଼ି' । ନବାଗତ ପ୍ରଯୋଜକ ଶିବିର ପରିଡ଼ା ଏବଂ ବିବେକାନନ୍ଦ ବାରିକଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଦେବଜ୍ୟୋତି ପାତ୍ର (ଦୀପୁ)। ଏହାପୂର୍ବରୁ ସେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଓଡ଼ିଆ ସିନେମାର ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଭାବରେ କାମ କରିସାରିଛନ୍ତି। ଏହାର ନାୟକ ଭୂମିକାରେ ଦେଖାଦେବେ ରାକେଶ ଏବଂ ତାଙ୍କର ନାୟିକା ସାଜିଛନ୍ତି ଚୁଲବୁଲି ଭୂମିକା। ଏଥିରେ ସଂଯୋଜିତ ତଥା ବସନ୍ତରାଜ ସାମଲ ଏବଂ ସୁବ୍ରତ ସ୍ୱାଇଁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ଦିବ୍ୟସିଂହ ରାୟଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ମାନସ ପଢ଼ିହାରୀ। ଜିତୁ, ସୀମା, ଲିପୁନ୍, ସଞ୍ଜୟ, ଭକ୍ତି, ଜ୍ଞାନ, ପ୍ରୀତି, ନାଗେଶ, ଗୁଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମର କାହାଣୀ, କଳାକାର ଚୟନ, ସଙ୍ଗୀତ ଏପରି କି ଉପସ୍ଥାପନା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ନବାଗତ ପ୍ରଯୋଜକ ଯୋଡ଼ି ଶିବିର–ବିବେକାନନ୍ଦ।



ଭୂମିକା–ରାକେଶ



ଓମ୍‌କାର– ପ୍ରିୟଙ୍କା

### ୨ହତ୍ୟା ଅଭିଯୁକ୍ତ ଗିରଫ

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଥାନା କୁମୁନୀବାହାଲି ଗ୍ରାମରେ ସଂଘଠିତ ହତ୍ୟାକାଣ୍ଡର ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ୨ଅଭିଯୁକ୍ତ ହେଲେ ଧନପତି ନାଗ ଓ ସମ୍ପଦ ନାଗ। ସେମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ଛୁରି, ଖଣ୍ଡା ଆଦି ଜବତ ହୋଇଛି। ଫେରାର ଥିବା ଅନ୍ୟ ୨ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଛି । ପ୍ରକାଶ ଯେ, ଗତ ୧୨ତାରିଖ କୁମୁନୀବାହାଲ ଗ୍ରାମରେ ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ହୋଇଥିଲା। ଏଥିରେ କନ୍ଦର୍ପ ଲୁହାର ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ପାତାଳି ଶ୍ରୀକ୍ଷେତ୍ରରୁ ହୁଣ୍ଡି ଚୋରି



**ଅମରପାଲି,୧୫।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କୋଟସମଲାଇସ୍ଥିତ ପ୍ରସିଦ୍ଧ ପାତାଳି ଶ୍ରୀକ୍ଷେତ୍ରରୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରମାନେ କେତେ ଟଙ୍କା ନେଇଛନ୍ତି ଜଣାପଡିନାହିଁ । ବୁଧବାର ସକାଳେ ମନ୍ଦିରକୁ ପୂଜା କରିବାକୁ ପୂଜକ ଆସି ହୁଣ୍ଡି ନ ଥିବା ଦେଖିବାକୁ ପାଇଥିଲେ। ଚୋରମାନେ ହୁଣ୍ଡିକୁ ଭାଙ୍ଗି ସେଥିରୁ ଟଙ୍କା ଲୁଟି ନେବା ପରେ ତାହାକୁ କିଛି ଦୂରରେ ଫିଙ୍ଗି ଦେଇ ପଳାଇଥିଲେ। ଏନେଇ ଟ୍ରଷ୍ଟ ପକ୍ଷରୁ ବୀରମହାରାଜପୁର ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ନଂ ୧୮୬/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ ପହଞ୍ଚି ହୁଣ୍ଡି ସହ ଆଉ ଅଧିକ କଣ ଚୋରି ହୋଇଛି ତଦନ୍ତ ଆରମ୍ଭ କରିଥିଲା। ପରେ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ ମଧ କରିଛନ୍ତି। ପୋଲିସ ବାହାରେ ପଡିଥିବା ହୁଣ୍ଡିକୁ ଜବତ କଲା ପରେ ସେଥିରୁ ପ୍ରାୟ ଆଠ ହଜାର ଟଙ୍କାର କଏନ ମିଳିଛି। ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଳାମଣି ଭୋଇ, ଥାନା ଅଧିକାରିଣୀ ଅଞ୍ଜଳି କୁମ୍ଭାର, ଏସଆଇ ସୁଦର୍ଶନ ଦେହୁରୀ, ବିଜୟ ବାରିକ , ଠେଙ୍ଗୋ ଡ୍ୟାମ ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ନାଗ ପ୍ରମୁଖ ଘଟଣାସ୍ଥଳକୁ ଆସି ତଦନ୍ତ କରିଛନ୍ତି। ପାତାଳି ଶ୍ରୀକ୍ଷେତ୍ରରୁ ଚୋରି ହେବା ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

### ୧୭୧ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା

**ବୌଦ୍ଧ,୧୫।୯(ସ୍ୱ.ପ୍ର.):** ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୁଧବାର ଜିଲାର ୩ ଗୋଟି ବ୍ଲକର ୧୭୧ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିଛନ୍ତି । ଜିଲାରେ ବାଲ୍ୟବିବାହ ରୋକିବା ପାଇଁ ଆକସନେଟ ୟୁନିସେଫ ଓ ପ୍ରଶାସନ ପକ୍ଷରୁ ମିଳିତ ଭାବେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଜିଲାପାଳ ମିଶ୍ର ବିଭିନ୍ନ ସମୀକ୍ଷା ବୈଠକରେ ଏହା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇ ଆସୁଥିଲେ । ପ୍ରଶାସନର ଅଧିକାରୀ, ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ , ୩ ବ୍ଲକର ସିଡିପିଓ , ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀଙ୍କ ଯୋଗୁ ବାଲ୍ୟ ବିବାହ ଅନେକାଂଶରେ ରୋକିବା ସମ୍ଭବ ହୋଇପାରିଛି । ବାଲ୍ୟ ବିବାହ ନିଷେଧ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ତଥା ଲୋକଙ୍କୁ ସଚେତନ କରିବା ପାଇଁ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ପ୍ରବିଙ୍କା ଦାସ ବାଲ୍ୟବିବାହ ମୁକ୍ତ ଗ୍ରାମ ଘୋଷଣା ନିମନ୍ତେ ରାଜ୍ୟର ଗାଇଡ୍ ଲାଇନ ଉପରେ ଆଲୋକପାତ କରିଥିଲେ । ସମ୍ମିଳନୀରେ ବହୁ ଗଣମାଧମ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଜିଲା ସୂଚନା ଲୋକ ସଂପର୍କ ଅଧିକାରୀ ରୀତାକାନ୍ତ ବଳିଆରସିଂ ଧନ୍ୟବାଦ ଦେଇଥିଲେ ।

# ରେଷ୍ଟୁରାଣ୍ଟ ପାଇଁ ଐତିହ୍ୟ ବଳି

**ସମ୍ବଲପୁର,୧୫।୯(ବ୍ୟୁରୋ)**

- ରାନିବଖରୀକୁ ନିମନ୍ତ୍ରଣ ଯୋଜନାରେ ସାମିଲ
- ପ୍ଲାକାର୍ଡ ଧରି ବିକ୍ଷୋଭ, ଜିଲାପାଳଙ୍କୁ ଭେଟିଲେ

ସମ୍ବଲପୁର ମହାନଗର ନିଗମର କମଳିବଜାରସ୍ଥିତ ରାନିବଖରୀକୁ ନିମନ୍ତ୍ରଣ ଯୋଜନାରେ ସାମିଲ କରାଯାଇ ରେଷ୍ଟୁରାଣ୍ଟ ନିର୍ମାଣ କରାଯାଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୁଧବାର ସହରର କେତେଜଣ ସଚେତନ ନାଗରିକ ରାନିବଖରୀକୁ ଯାଇ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ସେମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି, ସମ୍ବଲପୁରର ପଞ୍ଚମ ରାଜା ବଳିୟାର ସିଂହ ୧୬୬୦ରୁ ୧୬୭୦ ମସିହା ମଧ୍ୟରେ ରାନିବଖରୀ ନିର୍ମାଣ କରିଥିଲେ। ତାଙ୍କ ଝିଅ (ରାଜକୁମାରୀ) ଜେମା ଦେଇଙ୍କ ଏହା ଐତିହାସିକ ମହଲ ଅଟେ। ସୂକ୍ଷ୍ମ କାରୁକାର୍ଯ୍ୟ ସହ ଏହି ମହଲ ନିର୍ମାଣ କରାଯାଇଥିଲା। ବିକାଶ ନାମରେ ଏହାକୁ ଏବେ ବଳି ପକାଇ ଦିଆଯାଉଛି। ଅନ୍ୟ ସ୍ଥାନରେ ରେଷ୍ଟୁରାଣ୍ଟ ନିର୍ମାଣ ହୋଇଥିଲେ ବି ଐତିହାସିକ କୋଠା ନଷ୍ଟ କରାଯାଇ ନାହିଁ। ହେଲେ ସମ୍ବଲପୁରରେ କାହିଁକି ପର୍ଯ୍ୟଟନ ବିଭାଗ ଭୁଲ ନିଷ୍ପତି ନେଇଛି। ପ୍ରଥମେ ଇନ୍‌ଟାକ ପକ୍ଷରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ମରାମତି କରାଯାଇଥିଲା। ସିମେଣ୍ଟ ପରିବର୍ତ୍ତେ ଚୁନ, ବେଲ ଅଠା, ମେଥି, ବିରି, ଗୁଡ ମିଶ୍ରଣରେ ପ୍ରଲେପ କରି କାନ୍ଥରେ ଦିଆଯାଇଥିଲା। ପୁରୁଣା କାରୁକାର୍ଯ୍ୟ ଥାଇ ଏହି ମରାମତି କାମ ହୋଇଥିଲା। ହେଲେ ଏବେ ପର୍ଯ୍ୟଟନ ବିଭାଗ ନଷ୍ଟ କରିବାକୁ ବସିଛି। ଏସି ଓ ଲୁହା ଖଞ୍ଜିବା ପାଇଁ କାନ୍ଥକୁ ଭଙ୍ଗାଯାଉଛି। ବାହାର କାନ୍ଥରେ ମଧ ଲୁହା ସିଡିକୁ ଖଞ୍ଜାଯାଇଛି। ଅତ୍ୟାଧୁନିକ କରାଯିବା ପାଇଁ ମାର୍ବଲ ଓ ଟାଇଲ ବସାଯାଉଛି। କାନ୍ଥର ପ୍ରଲେପ ଧଳା ରଙ୍ଗ କରାଯାଉଛି। ଏବେ ପୁଣି ରେଷ୍ଟୁରାଣ୍ଟ ନିର୍ମାଣ କରି ସବୁ କାରୁକାର୍ଯ୍ୟକୁ ନଷ୍ଟ କରି ଦିଆଯାଉଛି। ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ ଅଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଦର୍ଶାଇଥିଲେ। ପରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ମୀତା ପ୍ରଧାନ, ଡ. ସନ୍ତୋଷ କୁମାର ଦାସ, ପଙ୍କା ପଟ୍ଟନାୟକ, କାର୍ତ୍ତିକ ପ୍ରସାଦ ବହିଦାର, ପ୍ରଣତି ପଟ୍ଟନାୟକ, ଭକ୍ତ ପ୍ରସାଦ ନନ୍ଦ, ଶୈଳେଶ ପଟ୍ଟାନାୟକ, ଶିଶିର କର, ପଣ୍ଡିତ ମହେନ୍ଦ୍ର ପୂଜାରୀ, ଆଦି ନନ୍ଦ, ବନ୍ଦିତା ପୂଜାରୀ, ସନ୍ତୋଷ କୁମାର ସାମଲ, ରାମାନୁଜ ପଣ୍ଡା, ସ୍ୱାଧୀନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ରାନିବଖରୀ ସମ୍ମୁଖରେ ପ୍ଲାକାର୍ଡ ଧରି ବିରୋଧ କରୁଛନ୍ତି ସହରବାସୀ।

# ସଂସ୍କୃତି, ପରମ୍ପରା ସମୃଦ୍ଧିରେ ସମାଜର ବିକାଶ



ଦାଦରପାଲିରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥି।

**ଅମରପାଲି,୧୫।୯(ଡି.ଏନ.ଏ.)**

### ଦାଦରପାଲିରେ ନୂଆଁଖାଇ ଭେଟ୍‌ଘାଟ

ଆମ ସଂସ୍କୃତି ଓ ପରମ୍ପରା ଆମର ପରିଚୟ। ଏହା ଯେତେ ସମୃଦ୍ଧ ହୁଏ ଆମ ସମାଜ ସେତିକି ବିକଶିତ ହୁଏ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲି ଗ୍ରାମରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଏହି ମତ ରଖିଛନ୍ତି। ଆୟୋଜକ କମିଟି ସଭାପତି ସନତ ମହାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ ଖେତି ମୁଖ୍ୟଅତିଥି ଏବଂ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ପବିତ୍ର ମୋହନ ପର୍ଡିଆ, ସ୍ୱେଚ୍ଛାସେବୀ ଜଗଦୀଶ ମହାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲମ୍ବୋଦର ମହାକୁର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାଧବ ମହାକୁର ସ୍ୱାଗତ ଭାଷଣ ଦେଇଥିଲେ। ବିହାରୀ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଗ୍ରାମର ସର୍ବାଧିକ ନମ୍ବର ରଖିଥିବା ଲିନା ମହାକୁର ଓ +୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମୋନାଲିସା ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ନୃତ୍ୟ, ସଙ୍ଗୀତ, କୁଇଜ ଆଦି ପ୍ରତିଯୋଗିତା କରାଯାଇଥିଲା। କୁଇଜରେ ଜେଲି ଗାଇଗରିଆ ପ୍ରଥମ ଓ କାହ୍ନା ମହାକୁର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଗ୍ରାମ୍ୟ ପରିଚାଳନା କମିଟି ଓ ସ୍ଥାନୀୟ ଏକଲ ବିଦ୍ୟାଳୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତିର ବିକ୍ଷୋଭ




ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ସୋନପୁର,୧୫।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଟ୍ରେଡ ୟୁନିୟନ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାର ଅଣସଂଗଠିତ ଶ୍ରମିକ, ପ୍ରବାସୀ ଶ୍ରମିକ ଓ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ଯଥାର୍ଥ ଦାବିକୁ ନେଇ ସମିତି ପକ୍ଷରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଇଥିଲା। ଅଣସଂଗଠିତ ଶ୍ରମିକ ଓ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ଆକଳନ କରି ସେମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରାଇ ରାଶନ କାର୍ଡ ଯୋଗାଇବା ତଥା ନିର୍ମାଣ ଶ୍ରମିକଙ୍କ ସମସ୍ତ ବକେୟା ସହାୟତା ରାଶି ପ୍ରଦାନ କରିବା ପାଇଁ ଦାବି ହୋଇଥିଲା । ଏହି ଅବସରରେ ୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଟ୍ରେଡ ୟୁନିୟନ ସମନ୍ୱୟ ସମିତିର ସଭାପତି ଗୋବିନ୍ଦ ମହାରଣା, କୃଷ୍ଣଚନ୍ଦ୍ର କମ୍ପ, ସୂର୍ଯ୍ୟକାନ୍ତ ରାଉଳ, ସୀତା ମହାକୁର, ରମେଶ ନନ୍ଦ ଓ ଛବି ବାଘ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ସ୍ତ୍ରୀଙ୍କୁ ହତ୍ୟା କରି ପୋତି ଦେଇଥିବା ଘଟଣା: ସ୍ୱାମୀ, ଶ୍ୱଶୁର ଅଟକ

**ନୂଆପଡା ଅଫିସ/ଖଡିଆଳ, ୧୫।୯(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନା ରିଷଗାଁରେ ପ୍ରେମ ବିବାହ କରି ସ୍ତ୍ରୀ ସୁମିତ୍ରା ଦଳ (୨୦)ଙ୍କୁ ହତ୍ୟା କରି ପୋତି ଦେଇଥିଲେ। ଏ ନେଇ ସୁମିତ୍ରାଙ୍କ ପରିବାର ପକ୍ଷରୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା (ନଂ.୩୩୫/୨୧) ରୁଜୁ କରିଛି। ଖଡିଆଳ ଏସଡିପିଓ ସନ୍ତକ ଜେନାଙ୍କ ନିର୍ଦ୍ଦେଶକ୍ରମେ ନେତୃତ୍ୱରେ ସନ୍ଧାନୀ କୁକୁର ସାହାଯ୍ୟରେ ସୁମିତ୍ରାଙ୍କୁ ପୋତିଥିବା ସ୍ଥାନକୁ ଯାଇ ତଦନ୍ତ ଚଳାଇଛି। ଏହି ଘଟଣାରେ ବୁଧବାର ପୋଲିସ ସ୍ୱାମୀ, ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଯେ, ୧୩ ତାରିଖରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା। ୧୪ ତାରିଖରେ ସୁମିତ୍ରାଙ୍କୁ ହତ୍ୟା କରି ମାଟିରେ ପୋତି ଦେଇଥିଲେ। ୭ ମାସ ପୂର୍ବରୁ କୋମନା ଥାନା ବହଲମୁଣ୍ଡା ଗାଁରୁ ପ୍ରେମ ବିବାହ କରିଥିଲେ। ବହଲମୁଣ୍ଡା ଗାଁରୁ ପ୍ରଥମ ସ୍ତ୍ରୀଙ୍କୁ ବିବାହ କରିଥିଲେ। ପ୍ରେମ ବିବାହ ପୂର୍ବରୁ ତାଙ୍କୁ ଛାଡପତ୍ର ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଦବୁଛି ଏନ୍‌ଏଚ୍ ୫୭



୫୭ ନଂ ଜାତୀୟ ରାଜପଥ।

**ବାଉଁଶୁଣୀ,୧୫।୯(ଡି.ଏନ.ଏ.)**

### ନିମ୍ନମାନର କାର୍ଯ୍ୟ ଅଭିଯୋଗ

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମରଣଯନ୍ତା ପାଲଟିଛି । ଗତ ଦୁଇ ଦିନର ଲଗାଣ ବର୍ଷାରେ ବିଭିନ୍ନ ସ୍ଥାନରେ ରାସ୍ତା ଦବି ଯିବା ସହ ଖାଲଖମା ସୃଷ୍ଟି ହୋଇଛି । ଗତ ଜୁଲାଇ ମାସରେ ଗୁଦୁଗୁଦା ପୋଲର ଉଭୟ ପାର୍ଶ୍ୱ ରାସ୍ତା ଦବି ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ମରାମତି ହୋଇ ପାରିନାହିଁ। ସେହିପରି ଗତ ସପ୍ତାହରେ ବହିରା ଓ ଗଜରାଜପୁର ଗ୍ରାମ ମଧ୍ୟରେ ଏକ ବିରାଟ ଗର୍ତ୍ତ ଦେଖିବାକୁ ମିଳିଥିଲା । ସେହି ଗର୍ତ୍ତ ମଧ୍ୟରେ ମୋରମ ଭର୍ତ୍ତି କରାଯାଇ ମରାମତି କରାଯାଇଥିଲା। କିନ୍ତୁ ବର୍ଷାରେ ରସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଗୁଦୁଗୁଦା ନିକଟରେ ଅନେକ ସ୍ଥାନରେ ଖାଲ ହୋଇଛି । ନିମ୍ନମାନର କାର୍ଯ୍ୟ ଯୋଗୁ କମ୍ ଦିନ ମଧ୍ୟରେ ରାସ୍ତା ଖରାପ ହୋଇଯାଉଛି । ତୁରନ୍ତ ରାସ୍ତା ମରାମତି ସହିତ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ମରଣାନ୍ତକ ଆକ୍ରମଣ ଘଟଣା: ୨ ଗିରଫ, ଜଣେ ଫେରାର



**ନୂଆପଡା ଅଫିସ/ଖରିଆର ରୋଡ,୧୫।୯(ଡି.ଏନ.ଏ.)**

ମରାଣାନ୍ତକ ଆକ୍ରମଣ ଘଟଣାରେ ବୁଧବାର ନୂଆପଡ଼ା ଜିଲା ଜୋଙ୍କ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫମାନେ ହେଲେ ରିଶି କୁମାର ଜାଲ, ଆକାଶ ବାବାରିଆ । ଅନ୍ୟଜଣେ ଅଭିଯୁକ୍ତ ସୋନୁ ବାଗ ଫେରାର ଥିବା ପୋଲିସ ସୂଚନା ଦେଇଛି । ସୂଚନା ଯେ, ୧୨ ତାରିଖରେ ଖରିଆର ରୋଡ ଲିମଡିହି ପଡା ୱାର୍ଡ ନଂ.୬ର ପଙ୍କଜ କୁମାର ଜାଲ ଓ ମୁନୁ ଜଗତ ଚାଲମୁଣ୍ଡା ରାସ୍ତାରେ ଛିଡା ହୋଇଥିଲେ। ଏହି ସମୟରେ ସେହି ପଡାର ରିଶି, ଆକାଶ ଓ ସାନୁ ମିଶି ମରାଣାନ୍ତକ ଆକ୍ରମଣ କରିଥିଲେ। ଉଭୟେ ବିୟର ବୋତଲରେ ପଙ୍କଜଙ୍କ ମୁଣ୍ଡକୁ ମାରିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଖରିଆର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ନେଇ ପଙ୍କଜଙ୍କ ଭାଇ ଏବଂ ବାପା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଜୋଙ୍କ ଥାନାରେ ଏକ ମାମଲା (ନଂ.୨୧୩/୨୧) ରୁଜୁ ହୋଇଛି। ପୋଲିସ ତଦନ୍ତ କରି ଆକ୍ରମଣ କରିଥିବା ୩ଜଣଙ୍କ ମଧ୍ୟରୁ ରିଶି, ଆକାଶଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ସୋନୁ ଫେରାର ଅଛନ୍ତି।

# ଏମ୍‌ପିଙ୍କ ମହାନଦୀ ନେତ୍ର ଚିକିତ୍ସାଳୟ ପରିଦର୍ଶନ

**ଅମରପାଲି,୧୫।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଏମ୍‌ପି ସିଂଦେଓ ଅପରେଶନ ଥିଏଟରର ନୂତନ ଗୃହ ଶୁଭାରମ୍ଭ କରିଥିଲେ। ୧୨ ଜଣ ଡାକ୍ତର, ଜଣେ ଅଧିକାରୀ, ଷ୍ଟାଫ ନର୍ସଙ୍କୁ ମିଶାଇ ମୋଟ ୯୪ ଜଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟରତ ଏହି ଡାକ୍ତରଖାନାରେ ମାଗଣାରେ ଆଖି ଅପରେଶନ ଓ ବିଦ୍ୟାର୍ଥୀମାନଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଉଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ ।୩୦ ଶଯ୍ୟା ବିଶିଷ୍ଟ ଏହି ଡ଼ାକ୍ତରଖାନାରେ ପୁରୁଷ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟାର ବ୍ୟବସ୍ଥା ରହିଛି। ଉକ୍ତ ଡ଼ାକ୍ତରଖାନାକୁ ୧୦୦ ଶଯ୍ୟା ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ଡ଼ାକ୍ତରଖାନାର ପରିଚାଳନା କମିଟିର ସଦସ୍ୟ ରାଧିକା ରାଜମଣି, ଆର ଗୋପାଳ, ଡା. ଏସ. ସାହୁଙ୍କ ସମେତ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ଭାଜପା ସଭାପତି ପ୍ରମୋଦ କୁମାର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର ହୋତା, ରଘୁବୀର ପଣିଗ୍ରାହୀ, ବେଣୁଧର ଦାଶ ତଥା ଡ଼ାକ୍ତରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

# ଜାତିର ଉନ୍ନତି ପାଇଁ ସୃଜନଶକ୍ତିର ବିକାଶ ଆବଶ୍ୟକ

**ସୁନ୍ଦରଗଡ଼,୧୫।୯(ଡି.ଏନ୍.ଏ.)**

- ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ କାର୍ଯ୍ୟକ୍ରମ
- ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସୁନ୍ଦରଗଡ଼ରେ ଦେଶାତ୍ମବୋଧକ କବିତା ପାଠୋତ୍ସବ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୫ଟି ଜିଲାର ୨୫ଟି ସ୍ଥାନରେ ଏକକାଳୀନ ଏହି କବିତା ପାଠୋତ୍ସବକୁ ସୁନ୍ଦରଗଡ ସଦ୍‌ଭାବନା ଭବନଠାରେ ଅପରାହ୍ନରେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନକରି ଗାନ୍ଧୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସ୍ୱାଧୀନତାର ଅମୃତମହୋତ୍ସବ ଅବସରରେ ପ୍ରତ୍ୟେକ ନାଗରିକ କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ନିଜ ନିଜ କ୍ଷେତ୍ରରେ ଶୃଙ୍ଖଳିତ ସକରାତ୍ମକ ଚିନ୍ତାଧାରା ମାଧ୍ୟମରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ତଥା ଦେଶ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଆଗେଇ ଚାଲି ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜାତିର ଉନ୍ନତି ପାଇଁ ଆମ ସୃଜନ ଶକ୍ତିର ବିକାଶ ଆବଶ୍ୟକ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ହେଉଛି ରାଜ୍ୟର ଦର୍ପଣ ସଦୃଶ। ଓଡ଼ିଆ ସାହିତ୍ୟର ବିକାଶ ପାଇଁ ସାହିତ୍ୟ ଏକାଡେମୀ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଜିଲାପାଳ ନିଖିଲ ପବନ କଲ୍ୟାଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ପଠନଭ୍ୟାସକୁ ବୃଦ୍ଧି କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପାଠାଗାର ପ୍ରତିଷ୍ଠା ଓ ବହିପଢ ଅଭିଯାନକୁ ଗୁରୁତ୍ୱ ଦିଆଯାଇ ଭାଷା ସାହିତ୍ୟର ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଇ-ଲାଇବ୍ରେରୀ ପ୍ରତିଷ୍ଠା କରାଯାଇଥିବାବେଳେ ଆଗାମୀ ଦିନରେ ଓଡ଼ିଆ ଭାଷା ସମେତ ସ୍ଥାନୀୟ କଥିତ ଭାଷା ଓ ସାଦ୍ରୀ ଭାଷାର ଉନ୍ନତି ଦିଗରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଝାରସୁଗୁଡା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିରବ୍ରତ ଦତ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶକୁ ଉନ୍ନତି ପଥରେ ଆଗେଇ ନେବା ହିଁ ସ୍ୱାଧୀନତାର ପ୍ରକୃତଅମୃତ ମହୋତ୍ସବ ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକଗୁଡିକ ଅନ୍‌ଲାଇନ ମାଧ୍ୟମରେ ବିକ୍ରୟ ସୁବିଧା ଆରମ୍ଭ କରିଥିବାବେଳେ ପୁରପଲ୍ଲୀରେ ଲୁକ୍କାୟିତ ସାରସ୍ୱତ ପ୍ରତିଭାମାନଙ୍କର ଅପ୍ରକାଶିତ ପାଣ୍ଡୁଲିପିଗୁଡିକର ପ୍ରକାଶନ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସୁନ୍ଦରଗଡ଼ ଜିଲା ସଦସ୍ୟା ଅଧ୍ୟାପିକା ସୁପ୍ରିୟା ପାଲ ସଭା ସଞ୍ଚାଳନ କରିଥିଲେ। ଅଧ୍ୟାପିକା ମିନତି ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ଗୀତିକବି ଗୋପକୃଷ୍ଣ ନାୟକଙ୍କ ସଂଯୋଜନାରେ ୨୦ଜଣ କବି ଓ କବୟିତ୍ରୀ ସ୍ୱରଚିତ ଦେଶାତ୍ମକବୋଧକ କବିତା ପାଠ କରିଥିଲେ।



ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ନେତୃତ୍ୱ ପରିବର୍ତ୍ତନ ଖବରକୁ ଟାଟା, ଚନ୍ଦ୍ରଶେଖରନଙ୍କ ଖଣ୍ଡନ



**ନୂଆଦିଲ୍ଲୀ,୧୫।୯:** ଟାଟା ଗ୍ରୁପର ହୋଲ୍ଡିଂ କମ୍ପାନୀ ଟାଟା ସନ୍ସରେ ନେତୃତ୍ୱ ପରିବର୍ତ୍ତନ ନେଇ ମଙ୍ଗଳବାର ଏକ ଖବର ମିଡ଼ିଆରେ ପ୍ରକାଶ ପାଇଥିଲା। ଏହାକୁ ନେଇ ଟାଟା ଗ୍ରୁପର ସେବା ନିବୃତ୍ତ ଅଧ୍ୟକ୍ଷ ରତନ ଟାଟା ଏବଂ ଟାଟା ସନ୍ସର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ ବୁଧବାର ସ୍ପଷ୍ଟୀକରଣ ରଖିଛନ୍ତି। ନେତୃତ୍ୱ ପରିବର୍ତ୍ତନ ଖବରକୁ ଉଭୟ ଖଣ୍ଡନ କରିଛନ୍ତି। ଗଣମାଧ୍ୟମରେ ନିକଟରେ ପ୍ରକାଶିତ ଏଭଳି ଖବରକୁ ନେଇ ଅତ୍ୟନ୍ତ ଦୁଃଖିତ ବୋଲି ରତନ ଟାଟା କହିଛନ୍ତି। ଏମିତି କିଛି ଯୋଜନା କମ୍ପାନୀ ହାତକୁ ନେଇନାହିଁ ବୋଲି ଚନ୍ଦ୍ରଶେଖରନ କହିଛନ୍ତି। ଗ୍ରୁପ ବିଜ୍‌ନେସକୁ ଦେଖିବା ଲାଗି ଏକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ପଦବୀ ସୃଷ୍ଟି କରାଯିବ ବୋଲି ମଙ୍ଗଳବାର କିଛି ମିଡ଼ିଆରେ ଖବର ପ୍ରକାଶ ପାଇଥିଲା। ସେହିଭଳି ଟାଟା ସନ୍ସର ଅଧ୍ୟକ୍ଷ ଭାବେ ଚନ୍ଦ୍ରଶେଖରନଙ୍କୁ ଦ୍ୱିତୀୟ ପାଳିର ସୁଯୋଗ ମିଳିବ ବୋଲି ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଥିଲା।

### ଓଡ଼ିଶାକୁ ୧୦ ବସ୍ ଦେଲା ଭଲ୍‌ଭୋ ଇଣ୍ଡିଆ

**ନୂଆଦିଲ୍ଲୀ,୧୫।୯:** ଭଲ୍‌ଭୋ ବସେସ୍ ଇଣ୍ଡିଆ ପକ୍ଷରୁ ୧୦ଟି ବସ୍ ଓଡ଼ିଶା ଷ୍ଟେଟ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ (ଓଏସ୍‌ଆର୍‌ଟିସି)କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ବସ୍‌ଗୁଡ଼ିକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏ ସମ୍ପର୍କରେ ଓଏସ୍‌ଆର୍‌ଟିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ କୁମାର ପଟ୍ଟନାୟକ କହିଛନ୍ତି ,ଏହି ସମସ୍ତ ପ୍ରିମିୟମ ବସ୍ ଦୀର୍ଘ ଦୂରଗାମୀ ଆନ୍ତଃରାଜ୍ୟ ମାର୍ଗରେ ଚଳାଇବାକୁ ଯୋଜନା ରଖାଯାଇଛି।

# ଅଟୋମୋବାଇଲ କ୍ଷେତ୍ରକୁ ୨୬ ହଜାର କୋଟି

**ନୂଆଦିଲ୍ଲୀ,୧୫।୯**



ଦେଶର ଅଟୋମୋବାଇଲ କ୍ଷେତ୍ରକୁ ଉତ୍ପାଦନ ସଂଯୋଗୀ ନିବେଶ (ପିଏଲ୍‌ଆଇ) ଯୋଜନା ପରିସରଭୁକ୍ତ କରାଯାଇଛି। ଏହି କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ବୁଧବାର ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ଅଟୋ, ଅଟୋମୋବାଇଲ ଯନ୍ତ୍ରାଂଶ ଏବଂ ଡ୍ରୋନ୍ ଶିଳ୍ପକୁ ପ୍ରାୟ ୨୬ ହଜାର କୋଟି ଟଙ୍କାର ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କରିବେ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନୁରାଗ ଠାକୁର ଏ ସମ୍ପର୍କରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଅଟୋ କ୍ଷେତ୍ର ଲାଗି ୨୫,୯୩୮ କୋଟି ଏବଂ ଡ୍ରୋନ ଶିଳ୍ପ ଲାଗି ୧୨୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।

ଅନୁରାଗ ଠାକୁର କହିଛନ୍ତି, କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ୭.୬ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି କରାଯାଇପାରିବ। ଏହାଦ୍ୱାରା ଘରୋଇ ବଜାରରେ ଇ-ଯାନ ଉତ୍ପାଦନକୁ ମଧ୍ୟ ଉତ୍ସାହିତ କରାଯିବ। ଏହି ଶିଳ୍ପକୁ ଆଗାମୀ ୫ ବର୍ଷରେ ୪୭,୫୦୦ କୋଟି ଟଙ୍କାର ନୂଆ ନିବେଶ ଆଣିବାରେ ସରକାରଙ୍କ ଘୋଷଣା ଯୋଗଦାନ ରଖିବ। ଭାରତର ମାନୁଫାକ୍‌ଚରିଂ ଦକ୍ଷତା ବଢାଇବାରେ ଏହା ସହାୟକ। ପିଏଲ୍‌ଆଇ ସ୍କିମ୍‌ରେ ଇ-ଯାନ ଏବଂ ହାଇଡ୍ରୋଜେନ ଫୁଏଲ ସେଲ୍ ଭେଇକିଲକୁ ଉତ୍ସାହିତ କରାଯିବ। ୫ ବର୍ଷ ଅବଧି ଲାଗି ଏଭଳି ପଦକ୍ଷେପ କାର୍ଯ୍ୟକାରୀ କରାଯିବ। ଏହି ଅବଧିରେ ଅଟୋଶିଳ୍ପରେ ୨.୩ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଉତ୍ପାଦନ ମଧ୍ୟ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

- ପିଏଲ୍‌ଆଇ ସ୍କିମ୍‌କୁ ମଞ୍ଜୁରୀ
- ଇ-ଯାନ, ହାଇଡ୍ରୋଜେନ ଫୁଏଲ ସେଲ୍ ଯାନକୁ ପ୍ରୋତ୍ସାହନ

ବର୍ତ୍ତମାନ କାର୍ଯ୍ୟ କରୁଥିବା ଅଟୋ କମ୍ପାନୀ ଏବଂ ନୂଆ ନିବେଶ କରୁଥିବା କମ୍ପାନୀଗୁଡ଼ିକ ସ୍କିମ୍‌ର ପରିସରଭୁକ୍ତ ହୋଇପାରିବେ। ୨ ବର୍ଗ ଲାଗି ଯୋଜନା ବିଶେଷ ଭାବେ କାର୍ଯ୍ୟକାରୀ ହେବ। ପ୍ରଥମରେ ବ୍ୟାଟେରି ଇଲେକ୍ଟ୍ରିକ ଭେଇକିଲ, ହାଇଡ୍ରୋଜେନ ଫୁଏଲ ସେଲ୍ ଭେଇକିଲ ରହିଛି। ଦ୍ୱିତୀୟରେ ଆଡଭାନ୍ସ ଅଟୋମୋଟିଭ ଟେକ୍ନୋଲୋଜି କମ୍ପୋନେଣ୍ଟ ଭେଇକିଲ, କମ୍ପ୍ଲିଟଲି ନକ୍‌ଡାଉନ, ସେମିନକ୍‌ଡାଉନ କିଟ୍, ୨ ଚକିଆ, ୩ ଚକିଆ ଏବଂ ପାସେଞ୍ଜର ଯାନ, ବାଣିଜ୍ୟିକ ଯାନ ଏବଂ ଟ୍ରାକ୍ଟର ରହିଥିବା ଜଣାପଡ଼ିଛି।

### ପିଏଲ୍‌ଆଇ ସ୍କିମ କଣ

ପ୍ରଡକ୍ସନ ଲିଙ୍କଡ ଇନଭେଷ୍ଟମେଣ୍ଟ (ପିଏଲ୍‌ଆଇ) ଅନ୍ତର୍ଗତ ସରକାର କମ୍ପାନୀଙ୍କ ଅତିରିକ୍ତ ଉତ୍ପାଦନ ଉପରେ ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ରପ୍ତାନି ବୃଦ୍ଧି ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଦେଶରେ ଶିଳ୍ପ କ୍ଷେତ୍ରକୁ ପ୍ରତିଦ୍ୱନ୍ଦ୍ୱୀ କରିବା ଏବଂ ନିବେଶକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଏଭଳି ଯୋଜନା କରାଯାଇଛି। ରାଜସ୍ୱ ଏବଂ ନିବେଶ ସର୍ତ୍ତ ପାଳନ କରୁଥିବା କମ୍ପାନୀଗୁଡ଼ିକୁ ପିଏଲ୍‌ଆଇ ସ୍କିମର ଫାଇଦା ମିଳିବ। ୪ ଚକିଆ ଯାନ ନିର୍ମାଣ କରୁଥିବା କମ୍ପାନୀଗୁଡ଼ିକୁ ଆଗାମୀ ୫ ବର୍ଷରେ ଅତିକମ୍‌ରେ ୨ ହଜାର କୋଟି ଟଙ୍କା ନିବେଶ କରିବାକୁ ପଡ଼ିବ। ସେହିଭଳି ୨ ଏବଂ ୩ ଚକିଆ ଯାନ ନିର୍ମାଣ କରୁଥିବା କମ୍ପାନୀ ମଧ୍ୟ ଏହି ଅବଧିରେ ୨ ହଜାର କୋଟି ଟଙ୍କା ନିବେଶ କରିବାକୁ ହେବ।

# ଏୟାର ଇଣ୍ଡିଆ ଲାଗି ଟାଟା ଆଗ୍ରହୀ

**ନୂଆଦିଲ୍ଲୀ,୧୫।୯**

ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ଘରୋଇକରଣ ଲାଗି କେନ୍ଦ୍ର ସରକାର ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ଏହି କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର ଲାଗି ସରକାର ବିଡିଂ ପ୍ରକ୍ରିୟା ଜାରି କରିଛନ୍ତି। ଫାଇନାନ୍ସିଆଲ ବିଡିଂ ଲାଗି ବୁଧବାର ଶେଷ ଦିନ ଥିବା ବେଳେ ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ ଟାଟା ବିଡିଂ ଦାଖଲ କରିଥିବା ଜଣାପଡ଼ିଛି। ଏ ନେଇ ଟାଟା ସନ୍ସର ମୁଖପାତ୍ର ସ୍ପଷ୍ଟ କରିଛନ୍ତି। ଏହି ବିମାନ କମ୍ପାନୀକୁ ଅଧିଗ୍ରହଣ କରିବା ଲାଗି ଟାଟା ଆଗ୍ରହୀ ରହିଥିବା ଏଥିରୁ ଜଣାପଡ଼ିଛି। ଟାଟା ପାଖକୁ ଏୟାର ଇଣ୍ଡିଆ ଫେରିବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ତେବେ କମ୍ପାନୀ ବର୍ତ୍ତମାନ ଫାଇନାନ୍ସିଆଲ ବିଡ୍ ଦାଖଲ କରିଥିବାରୁ ଏ ନେଇ ଆଶା ଉଜ୍ଜ୍ୱଳ ହୋଇଥିବା ଜଣାପଡ଼ିଛି।



**ଫାଇନାନ୍ସିଆଲ ବିଡିଂରେ ଭାଗ ନେଇଛି**

ସେହିଭଳି ସ୍ପାଇସ ଜେଟର ଅଜୟ ସିଂ ମଧ୍ୟ ଏୟାର ଇଣ୍ଡିଆ ଲାଗି ଆଗ୍ରହ ଦେଖାଇଥିବା ଜଣାପଡ଼ିଛି। ବିଡିଂର ବିଭିନ୍ନ ପ୍ରକ୍ରିୟାକୁ ବିଚାର କରିବା ପରେ ଟ୍ରାଞ୍ଜାକସନ ଆଡଭାଇଜର କ୍ୟାବିନେଟକୁ ଚୂଡାନ୍ତ ନାମ ପ୍ରଦାନ କରିବେ। ଯଦି ସବୁ କିଛି ଟାଟା ସପକ୍ଷରେ ଯାଏ ତେବେ ୬୭ ବର୍ଷ ପରେ ଟାଟା ପାଖକୁ ଏୟାର ଇଣ୍ଡିଆ ଫେରିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୧୯୩୨ରେ ଟାଟା ଏୟାର ଲାଇନ୍ସ ନାମରେ ବର୍ତ୍ତମାନର ଏୟାର ଇଣ୍ଡିଆକୁ ସ୍ଥାପନ କରିଥିଲେ। ୧୯୫୩ରେ ଭାରତ ସରକାର ଏହି ବିମାନ କମ୍ପାନୀକୁ ଜାତୀୟକରଣ କରିଥିଲେ।

ବର୍ତ୍ତମାନ ସିଙ୍ଗାପୁର ଏୟାର ଲାଇନ୍ସ ସହ ମିଳିତ ହୋଇ ଟାଟା ଭିସ୍ତାରା ନାମରେ ବିମାନ ସେବା ଯୋଗାଉଛି। ଟ୍ରାଞ୍ଜାକଶନ ଆଡଭାଇଜର ଏୟାର ଇଣ୍ଡିଆ ଘରୋଇକରଣ ଲାଗି ଫାଇନାନ୍ସିଆଲ ବିଡ୍ ଗ୍ରହଣ କରିଛନ୍ତି। ବର୍ତ୍ତମାନ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି ବୋଲି ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ) ସଚିବ ତୁହୀନକାନ୍ତ ପାଣ୍ଡେ ସୂଚନା ଦେଇଛନ୍ତି।

## ଏସ୍‌ବିଆଇ ହୋମ୍ ଲୋନ୍ ସୁଧ ହାର ହ୍ରାସ

**ନୂଆଦିଲ୍ଲୀ,୧୫।୯**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏହାର ଗୃହଋଣ ସୁଧ ହାରରେ ହ୍ରାସ କରିଛି। ବ୍ୟାଙ୍କର ହୋମ୍ ଲୋନ୍ ସୁଧ ହାର ୫ ବେସିସ୍ ପଏଣ୍ଟ ହ୍ରାସ ହୋଇଛି। ଫଳରେ ଏହି ହାର ବର୍ତ୍ତମାନ ୬.୪୫% ସ୍ତରକୁ ଖସିଛି। ନୂଆ ହାର ବୁଧବାରଠାରୁ ଲାଗୁ ହେବ। ନିକଟରେ ଘରୋଇ କ୍ଷେତ୍ର ବ୍ୟାଙ୍କ କୋଟାକ ମହିନ୍ଦ୍ରା ଏହାର ଗୃହଋଣ ସୁଧ ହାରରେ ୧୫ ବେସିସ୍ ପଏଣ୍ଟ ହ୍ରାସ କରିଥିଲା। ଫଳରେ ଏହାର ସୁଧହାର ୬.୫୦% ସ୍ତରରେ ରହିଛି। କୋଟାକ ମହିନ୍ଦ୍ରା ବ୍ୟାଙ୍କର ଗୃହଋଣ ସବୁଠାରୁ ଶସ୍ତା ବୋଲି କୁହାଯାଉଛି। ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍‌ର ସୁଧହାର ୬.୬୬% ସ୍ତରରେ ରହିଛି। ବର୍ତ୍ତମାନ କିଛି ବ୍ୟାଙ୍କ ୭%ରୁ କମ୍ ସୁଧହାରରେ ମଧ୍ୟ ହୋମ୍ ଲୋନ୍ ପ୍ରଦାନ କରୁଛନ୍ତି।

## ଭୋଲ୍‌ଟାସ-ବେକୋର ଲକ୍ଷ୍ୟ ଟପ୍ ୨ ସ୍ଥାନ ହାସଲ




କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଡିଲରଙ୍କ ସହ ଅତିଥି।

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ଭୋଲ୍‌ଟାସ ବେକୋ ଆଗାମୀ ୨ ବର୍ଷରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାକୁ ଯୋଜନା ଧାର୍ଯ୍ୟ କରିଛି। କମ୍ପାନୀ ଶୁଭାରମ୍ଭ ହେବାର ୨ ବର୍ଷ ମଧ୍ୟରେ ୬% ବଜାର ଅଂଶ ହାସଲ କରିବାକୁ ସକ୍ଷମ ହୋଇଛି। ଆସନ୍ତା ୨୦୨୫ ସୁଦ୍ଧା ହୋମ୍ ଆପ୍ଲାଏନ୍ସ ବର୍ଗରେ ଶୀର୍ଷ ୨ ବ୍ରାଣ୍ଡ ମଧ୍ୟରେ ସାମିଲ ହେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଭୋଲ୍‌ଟାସର ପୂର୍ବାଞ୍ଚଳ ରିଜିଅନାଲ ଜେନେରାଲ ମ୍ୟାନେଜର ସବ୍ୟସାଚୀ ଗୁପ୍ତା ସୂଚନା ଦେଇଛନ୍ତି।

ମାକ୍ସ ଇଣ୍ଟରନ୍ୟାଶନାଲ ପକ୍ଷରୁ ଓଡ଼ିଶାର ସବ୍‌ଡିଲରମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଗୁଜରାଟର ସାନନ୍ଦଠାରେ ମାନୁଫାକଚରିଂ ଫାସିଲିଟି ସ୍ଥାପନ କରାଯାଇଛି। ଟାଟା ଏୟାର କଣ୍ଡିସନର ଏବଂ ଫ୍ରିଜିଂ ପ୍ରଡକ୍ଟ କ୍ଷେତ୍ରରେ ମାର୍କେଟ ଲିଡର ରହିଆସିଛି। ଭୋଲ୍‌ଟାସ ବେକୋ ପକ୍ଷରୁ ବିଭିନ୍ନ ବର୍ଗର ରେଫ୍ରିଜରେଟର, ୱାଶିଂମେଶିନ, ମାଇକ୍ରୋଓଭେନ, ଡିସ୍‌ୱାଶର ଭଳି ଆପ୍ଲାଏନ୍ସ ପ୍ରସ୍ତୁତ କରାଯାଉଛି ବୋଲି ଗୁପ୍ତା ମତ ପ୍ରକାଶ କରିଛନ୍ତି। ଭୋଲ୍‌ଟାସ-ବେକୋ ବ୍ରାଣ୍ଡର ଅଧିକୃତ ବିତରକ ମାକ୍ସ ଇଣ୍ଟରନ୍ୟାଶନାଲ ପକ୍ଷରୁ କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ସବ୍‌ଡିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମାକ୍ସ ଇଣ୍ଟରନ୍ୟାଶନାଲର ସ୍ୱତ୍ୱାଧିକାରୀ ଯୋଗେନ୍ଦର ହଂସ, ସିନିୟର ବିଜ୍‌ନେସ ମ୍ୟାନେଜର ମାନସ କୁମାର ମଲ୍ଲିକ, ରିଜିୟନାଲ ଟ୍ରେଡ୍ ମାର୍କେଟିଂ ମ୍ୟାନେଜର ସୁଜୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଘରେ ବସି ସିଧାସଳଖ କମ୍ପାନୀରୁ ଶସ୍ତା ଦାମ୍‌ରେ ସିମେଣ୍ଟ ଅର୍ଡର କରନ୍ତୁ।**
ଘର ନିର୍ମାଣ/ଆପାର୍ଟମେଣ୍ଟ ନିର୍ମାଣ/ ରାସ୍ତା ନିର୍ମାଣ ପାଇଁ।
40% ଅଗ୍ରିମ ପେମେଣ୍ଟ
60% କ୍ୟାଶ୍ ଡେଲିଭରି ସମୟରେ
(1) ଏସିସି ସିମେଣ୍ଟ
(2) ଅଲ୍‌ଟ୍ରାଟେକ୍ ସିମେଣ୍ଟ
(3) ଅମ୍ବୁଜା ସିମେଣ୍ଟ
(4) ଡାଲ୍‌ମିଆ ସିମେଣ୍ଟ
(5) ବିର୍ଲା ଗୋଲ୍ଡ ସିମେଣ୍ଟ
(6) କଂକ୍ରିଟ୍ ସିମେଣ୍ଟ
ଏବେ ହିଁ ଅର୍ଡର କରନ୍ତୁ
+919748850476

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ

A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁର୍‌ସତ୍

# ଚଳନ୍ତା ଅଟୋଗ୍ରାଫ୍ ଡାଏରି

ଟାଟୁକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ରହିଛି ଅହେତୁକ ଆକର୍ଷଣ। ହେଲେ ଜଣେ ଯୁବକଙ୍କୁ ନିଶା ଏମିତି ଘାରିଲା ଯେ, ଏବେ ତାଙ୍କ ଶରୀର ସାରା ଭର୍ତ୍ତି ହୋଇଛି ସମ୍ପର୍କୀୟ, ସାଙ୍ଗସାଥୀଙ୍କ ସମେତ ସେଲିବ୍ରିଟିଙ୍କ ସିଗ୍‌ନେଚର ଟାଟୁ। ପିଠିରେ ୨୨୫ରୁ ଅଧିକ ଟାଟୁ କରି ସୋସିଆଲ ମିଡିଆରେ ସେନ୍‌ସେସନ ପାଲଟିଥିବା ସମ୍ପୃକ୍ତ ଯୁବକଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହୋଇଥିବାବେଳେ ଅନେକେ ତାଙ୍କୁ ଚଳନ୍ତା ଅଟୋଗ୍ରାଫ୍ ଡାଏରି ନାମରେ ଅଭିହିତ କରିଛନ୍ତି।

**ଫ୍ଲୋରିଡା:** ଗତ କିଛିବର୍ଷ ଭିତରେ ଫ୍ୟାଶନର ନୂଆ ଟ୍ରେଣ୍ଡ ପାଲଟିଛି ଟାଟୁ। ଶରୀରର ଅଙ୍ଗପ୍ରତ୍ୟଙ୍ଗ ସମେତ ଆଖିଡୋଳା ଭଳି ସମ୍ବେଦନଶୀଳ ଅଙ୍ଗରେ ମଧ୍ୟ ଅନେକେ ଟାଟୁ ଆର୍ଟ କରୁଛନ୍ତି। ପୂର୍ବରୁ କେବଳ ସେଲିବ୍ରିଟି ଏବଂ ଧନିକ ବର୍ଗ ମଧ୍ୟରେ ସୀମିତ ଥିବା ଏହି ଫ୍ୟାଶନ ଏବେ ପ୍ରାୟ ସବୁବର୍ଗଙ୍କ ମଧ୍ୟରେ ପାଲଟିଛି ପସନ୍ଦ। ତେବେ ଫ୍ଲୋରିଡ଼ାର ଫନ୍‌କିମାଟାସ ଓରଫ୍ ଜୁଆନ ମାଟାସ୍‌ଙ୍କ ଟାଟୁ ନିଶା ଦେଖିଲେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ମୁହଁକୁ ବାଦ୍‌ଦେଲେ ତାଙ୍କ ଶରୀରର ଅଧିକାଂଶ ଅଙ୍ଗ ଭର୍ତ୍ତି ହୋଇଛି ଟାଟୁ ସିଗ୍‌ନେଚରରେ। ଏଭଳି ଭିନ୍ନ ନିଶା ପାଇଁ ଜୁଆନ୍‌ଙ୍କ ନାମ ଏବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ।




ଶରୀରରେ ଟାଟୁ କରିବା ପୂର୍ବରୁ ଜୁଆନଙ୍କ ମନରେ ୨ଟି ବିକଳ୍ପ ଆସିଥିଲା। ପ୍ରଥମତଃ ଦେହକୁ ଏକ ଫର୍ମ ଭଳି ବ୍ୟବହାର କରି ପରିବାର ଏବଂ ସାଙ୍ଗସାଥୀଙ୍କ ନାମ ଲେଖିବେ। ଦ୍ୱିତୀୟତଃ ପିଠିରେ ମେଶିନ ଜରିଆରେ ଟାଟୁ ସିଗ୍‌ନେଚର ଆର୍ଟ କରିବେ। ବହୁ ଚିନ୍ତା କରିବା ପରେ ଜୁଆନ୍ ଦ୍ୱିତୀୟ ବିକଳ୍ପ ବାଛିଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କୁ ଅଟୋଗ୍ରାଫ୍ ନେବାର ଏମିତି ନିଶା ଚଢ଼ିଲା ଯେ, ସେ ସାଙ୍ଗସାଥୀଙ୍କ ସମେତ ପରିବାର, ସେଲିବ୍ରିଟିଙ୍କ ମଧ୍ୟ ଏଥିରେ ସାମିଲ କରିବାକୁ ଲାଗିପଡ଼ିଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ଜୁଆନଙ୍କ ଶରୀରରେ ଏବେ ୨୨୫ରୁ ଅଧିକ ବ୍ୟକ୍ତିଙ୍କ ଟାଟୁ ରହିଛି। ତନ୍ମଧ୍ୟରେ ମାର୍ଭଲ କମିକ୍ସର ଷ୍ଟେନ୍ ଲି, ୱିଲ୍ ସ୍ମିଥ୍, ଜେରାର୍ଡ ବଟଲର, ପ୍ରସିଦ୍ଧ କାର୍ଟୁନ୍ ସିରିଜ୍ 'ସ୍ପଞ୍ଜ ବବ୍'ର ଭଏସ୍ ଆର୍ଟିଷ୍ଟ ବାଲେ ବାଇସ୍, ଆର୍ଟିଷ୍ଟ ଏଲିଜା ଉଡ୍, ମାଇକେଲ ଫକ୍ସ, ଖ୍ରୀଷ୍ଟଫୋର ଲାୟଡ୍‌ଙ୍କ ଭଳି ସ୍ୱନାମଧନ୍ୟ ବ୍ୟକ୍ତିଙ୍କ ନାମ ସାମିଲ। ୧୯୦ ଟାଟୁ ଆର୍ଟ ସରିବା ପରେ ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହୋଇଥିଲା। ତଥାପି ସେ ଅଟକି ନାହାନ୍ତି। ଅବଶିଷ୍ଟ ଅଙ୍ଗରେ ୩୦୦ ଟାଟୁ କରିବା ଲକ୍ଷ୍ୟ ନେଇ ଆଗକୁ ବଢୁଥିବା ଜୁଆନ କହିଛନ୍ତି।



## ପରଦାକୁ ଫେରିବେ ଫର୍ଦ୍ଦିନ ଖାନ୍

**ବମ୍ବେ:** ଦୀର୍ଘ ୧୧ ବର୍ଷ ପରେ ବଡ଼ ପରଦାକୁ ଫେରୁଛନ୍ତି ବଲିଉଡ୍‌ର ଡ୍ୟାସିଂ ହିରୋ ଫର୍ଦ୍ଦିନ ଖାନ। 'ଅଲ ଦ ବେଷ୍ଟ, ଦୁଲ୍‌ହା ମିଲ ଗୟା', 'ଲାଇଫ ପାର୍ଟନର' ଭଳି ଚଳଚ୍ଚିତ୍ର କରିଥିବା ଫରଦିନ ହଠାତ୍ ଫିଲ୍ମଜଗତରୁ ଗାଏବ ହୋଇଯାଇଥିଲେ। ଏହାପରେ ଶରୀରର ମୋଟାପଣକୁ ନେଇ ସେ ଚର୍ଚ୍ଚାକୁ ଆସିଥିଲେ। ଏବେ ସେ ୧୮ କେ.ଜି ଓଜନ କମାଇଛନ୍ତି। ଚଳଚ୍ଚିତ୍ର 'ରକ, ପେପର, ସିଜର୍ସ'ର ହିନ୍ଦୀ ରିମେକ୍‌ରେ ସେ ନଜର ଆସିବେ। ସଞ୍ଜୟ ଗୁପ୍ତା ଏହାର ପ୍ରଯୋଜକ ରହିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏହାର ଶୁଟିଂ ଆରମ୍ଭ ହୋଇଯିବ। ଫର୍ଦ୍ଦିନଙ୍କ ସହ ଫିଲ୍ମରେ ରିତେଶ ଦେଶମୁଖ ମଧ୍ୟ ଅଭିନୟ କରିବେ।


# ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

ଁ ନାରାୟଣ ସାମନ୍ତରାୟ
ଗଜେନ୍ଦ୍ରପୁର, ଯାଜପୁର
ଆବିର୍ଭାବ-୨୨।୦୨।୧୯୪୯
ତିରୋଧାନ- ୧୬।୦୯।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ଜୀବନରେ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭାଇ- ପ୍ରତାପ କୁମାର, ପ୍ରଭାତ କୁମାର, ପୁତ୍ର- ସନ୍ତୋଷ, ପୁତ୍ରବଧୂ,- ସୁନୀତା, ନାତୁଣୀ- ସାନବୀ, ନାଇସୀ, କନ୍ୟା- ଜ୍ୟୋତ୍ସ୍ନା, ସ୍ୱପ୍ନା, ଜ୍ୱାଇଁ- ବିରଞ୍ଚି, ମୃତ୍ତିମ, ପୁତୁରା- ପ୍ରକାଶ, ରାକେଶ, କଲ୍ୟାଣ ଓ ମହାରାଜ କୌସ୍ତୁଭ ବ୍ରହ୍ମଚାରୀ।
ଧ-୨୧୬୪୯

**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ**

ତୃତୀୟ ଶ୍ରାଦ୍ଧୋତ୍ସବରେ
ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ
ପ୍ରାପ୍ତ ହେବେ
ସର୍ବଶ୍ରୀ ବାସୁଦେବ ପରିଡ଼ା, ରବିନ୍ଦ୍ର କୁମାର ଦେବଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ, ଯୁଗଳ କିଶୋର ବେହେରା, ରାଜକିଶୋର ରାଉତ, ସୁଶ୍ରୀ ତୃପ୍ତି ଦାସ, ଶ୍ରୀମତୀ ମଳୟ ମଞ୍ଜରି ରାୟ ମହାପାତ୍ର, ଶ୍ରୀମତୀ ବିଜୟ ଲକ୍ଷ୍ମୀ ମହାପାତ୍ର, ନବକିଶୋର ପଟେଲ, ଶ୍ୟାମବନ୍ଧୁ କର, ବୈଦ୍ୟନାଥ ସାହୁ, କାଳନ୍ଦୀ ଚରଣ ମହାପାତ୍ର, ବସନ୍ତ କୁମାର ମହାପାତ୍ର, ଧିରେନ ଦାସ, ମାଧବ ଚନ୍ଦ୍ର ବିଶ୍ୱାଳ, ଅଶୋକ କୁମାର ଶଡ଼ଙ୍ଗୀ, ଗୌରୀ ଶଙ୍କର ମହାପାତ୍ର, ମୁରଲି ମନୋହର ଯାଦବ, ପବିତ୍ର ମୋହନ ବେହେରା, ଡମ୍ବରୁଧର ଛତ୍ରିଆ ଓ ଜୀବନ କୁମାର ମହାପାତ୍ର।
ତା: ୧୭.୦୯.୨୦୨୧ (ଗୁରୁବାର)
ସ୍ଥାନ - କଂଗ୍ରେସ ଭବନ
ସମୟ : ପୂର୍ବାହ୍ନ ୧୧ ଘଟିକା
D-21653

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**

ଁ ଶଙ୍ଖନାଭ ନାୟକ
ଗ୍ରାମ- ଅଲଣ୍ଡା, ପୋ.- କୁମାରପଡ଼ା, ନିମାପଡ଼ା, ଜିଲ୍ଲା-ପୁରୀ
ଆବିର୍ଭାବ- ୦୪।୧୦।୧୯୭୨
ତିରୋଧାନ- ୨୮।୦୮।୨୦୨୦
ଆପଣଙ୍କର ତିରୋଧାନରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କାର୍ଯ୍ୟଦକ୍ଷତା ଆମମାନଙ୍କର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶୋକସନ୍ତପ୍ତ : ତୁମର ହତଭାଗିନୀ ପତ୍ନୀ- ଅନୁଶୟା ନାୟକ, ପୁତ୍ର- ସୁଧାଂଶୁ ନାୟକ, ହିମାଂଶୁ ନାୟକ, ଜିଜ୍ଞାସୁ ନାୟକ, ମିତ୍ରାଂଶୁ ନାୟକ।
D-21647

**ସ୍ମୃତିରେ ...**
ଗାନ୍ଧୀ ମଣିଷ ଦୋଳଗୋବିନ୍ଦ

ତୃତୀୟ ଶ୍ରାଦ୍ଧବାର୍ଷିକୀ
ତା: ୧୭.୦୯.୨୦୨୧ (ଗୁରୁବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
D-21651

**ଏକାଦଶାହ ଉପଲକ୍ଷେ**

ଁ ବସନ୍ତ କୁମାର ମହାନ୍ତି
୧୫.୧୧.୧୯୩୫ - ୦୬.୦୯.୨୦୨୧
ତୁମକୁ ପାରୁନୁ ଆମେ ଆମର ଏ ମନରୁ ହଜାଇ, ତୁମ ବିନା ସବୁ ଶୂନ୍ୟ ତଥାପି ତମ ସ୍ମୃତି ସାହାନାଇ, ତୁମେ ଏମିତି ରହିଥିବ କାଳ ପରେ କାଳ ଡେଇଁ। ଅପାର୍ଥିବ ଚେତନାର ଏକ ନୂତନ ଗାୟତ୍ରୀ ହୋଇ।
ଶୋକସନ୍ତପ୍ତ: ପତ୍ନି-ମଙ୍ଗୁ, ପୁତ୍ର-ଗିଟୁ ଓ ଲିଟୁ, ବୋହୂ-ସ୍ମିତା ଓ କୁଟୁ, ଝିଅ-ମୁନୁ, ରୁନୁ ଓ ନାନୁ, ଜ୍ୱାଇଁ-ପ୍ରବୀର, ସଞ୍ଜିତ ଓ ସର୍ବଦର୍ଶୀ, ନାତି ଓ ନାତୁଣୀ-ପୂଜା, ଚନ୍ଦନ, ଅମ୍ରିତ, ଅରଭିନ୍, କିକି, ନିକି, ଗୁଡୁ, ସାନି, ସିତୁଲ ଓ ଶିବୁନ୍
୫୨୪, ବିବେକାନନ୍ଦମାର୍ଗ, ଭୁବନେଶ୍ୱର-୭୫୧୦୦୨
D-70483

# ଜାଡେଜାଙ୍କ ଛକା, ପୃଥ୍ୱୀଙ୍କ ଚୌକା ବର୍ଷା

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଅବଶିଷ୍ଟ ଭାଗ ଚଳିତ ମାସ ୧୯ ତାରିଖରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହେବ। ଭାରତରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ୨୯ଟି ମ୍ୟାଚ ଖେଳାଯିବା ପରେ ବାୟୋ-ବବଲ ମଧ୍ୟରେ କରୋନା ସଂକ୍ରମଣ ହେବାରୁ ଏହି ବ୍ୟୟବହୁଳ ଲିଗ୍‌କୁ ସ୍ଥଗିତ ରଖାଯାଇଥିଲା। ଏହାର ଅବଶିଷ୍ଟ ଭାଗ ୟୁଏଇରେ ହେବାକୁ ଯାଉଥିବାରୁ ଏହା ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିଛି। କେତେଜଣ ଖେଳାଳି ଅନୁପସ୍ଥିତ ରହିବା ସ୍ପଷ୍ଟ ହେବାପରେ ବିଭିନ୍ନ ଫ୍ରାଞ୍ଚାଇଜ୍‌ରେ ସେମାନଙ୍କ ବଦଳ ଖେଳାଳି ନିଆ ଯାଇଛି। ଲିଗ୍‌ର ଦ୍ୱିତୀୟ ଭାଗ ଆଉ କିଛିଦିନ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବାବେଳେ ପ୍ରଥମ ଭାଗର କେତେକ ସ୍ମରଣୀୟ ଘଟଣା ସମ୍ପର୍କରେ ଆଲୋଚନା କରାଯାଇପାରେ

**ସାମ୍‌ସନ୍‌ଙ୍କ ସିଙ୍ଗଲ୍ସ ପ୍ରତ୍ୟାଖ୍ୟାନ**

ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୨୨୨ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବାବେଳେ ସଞ୍ଜୁ ସାମସନ ବିସ୍ଫୋରକ ୧୧୯ ରନର ଇନିଂସ ଖେଳିଥିଲେ। ତେବେ ସେ ଏକ ସିଙ୍ଗଲ ରନ ନେବାକୁ ପ୍ରତ୍ୟାଖ୍ୟାନ କରିବା ଘଟଣା ସେ ସମୟରେ ଖୁବ୍ ଚର୍ଚ୍ଚାରେ ରହିଥିଲା। ରାଜସ୍ଥାନ ଶେଷ ଓଭରରୁ ବିଜୟ ପାଇଁ ୧୩ ରନ ଆବଶ୍ୟକ କରୁଥିଲା। ପଞ୍ଜାବର ଅର୍ଶଦୀପ ସିଂ ଶେଷ ଓଭର ବୋଲିଂ କରିଥିଲେ। ତାଙ୍କ ପ୍ରଥମ ୩ଟି ବଲ୍‌ରୁ ରାଜସ୍ଥାନ ମାତ୍ର ୨ଟି ସିଙ୍ଗଲ ରନ ନେବାରେ ସକ୍ଷମ ହୋଇଥିଲା। ସାମସନ ୪ର୍ଥ ବଲ୍‌କୁ ଛକା ମାରିବାରୁ ୨ ବଲ୍‌ରୁ ୫ ରନ ଆବଶ୍ୟକ ଥିଲା। ୫ମ ବଲ୍‌କୁ ସାମସନ ଲଙ୍ଗ-ଅଫ୍ ଅଞ୍ଚଳକୁ ଖେଳିଥିଲେ। ନନ୍ ଷ୍ଟ୍ରାଇକର କ୍ରିସ୍ ମୋରିସ ସିଙ୍ଗଲ୍ ନେବା ଉଦ୍ଦେଶ୍ୟରେ କ୍ରିଜ୍ ଅଧା ପର୍ଯ୍ୟନ୍ତ ଦୌଡ଼ି ଆସିଥିଲେ ହେଁ ସାମସନ ଆଗ୍ରହ ଦେଖାଇ ନ ଥିଲେ। ଫଳରେ ମୋରିସଙ୍କୁ ନିଜ କ୍ରିଜ୍‌କୁ ଫେରିବାକୁ ପଡ଼ିଥିଲା। ରୟାଲ୍ସ ଶେଷ ବଲ୍‌ରୁ ୫ ରନ ଆବଶ୍ୟକ କରୁଥିଲା। ଶେଷ ବଲ୍‌କୁ ସାମସନ ଛକା ମାରିବାକୁ ପ୍ରୟାସ କରିଥିବାବେଳେ ବାଉଣ୍ଡାରୀ ନିକଟରେ ଫିଲ୍ଡିଂ କରୁଥିବା ଦୀପକ ହୁଡାଙ୍କ ହାତରେ ଧରା ପଡ଼ିଥିଲେ। ଫଳରେ ରାଜସ୍ଥାନ ୪ ରନରେ ହାରି ଯାଇଥିଲା ଏବଂ ସାମସନଙ୍କ ୬୩ ବଲ୍‌ରୁ ୧୧୯(୧୨ ଚୌକା, ୭ ଛକା) ବେକାର ଯାଇଥିଲା।

**ହର୍ଷଲଙ୍କୁ ନିରାଶ କଲେ ଜାଡେଜା**

୨୦୨୧ ଆଇପିଏଲର ପ୍ରଥମ ୪ଟି ଗେମ୍ ଖେଳିବାପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ହର୍ଷଲ ପଟେଲଙ୍କ ଇକୋନୋମି ହାର ଥିଲା ୫.୮୫। ଏହି ୪ ମ୍ୟାଚରେ ସେ ଡେଥ୍

**ଆଇପିଏଲ୍-୨୦୨୧ ପ୍ରଥମ ପର୍ଯ୍ୟାୟ**

ଓଭରରେ ୭ ଓଭର ବୋଲିଂ କରି ସଫଳ ରହିଥିଲେ। ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ସେ ୧୮ତମ ଓଭର ବୋଲିଂ କରି ମାତ୍ର ୫ ରନ ଦେବାସହ ଅମ୍ବାତି ରାୟୁଡୁଙ୍କ ଉଇକେଟ ନେଇଥିଲେ। ସେତେବେଳେ ତାଙ୍କ ବୋଲିଂ ଫିଗର ୩-୦-୧୪-୩ ରହିଥିଲା। ତେଣୁ ତାଙ୍କୁ ୨୦ତମ ଓଭରରେ ବୋଲିଂ ଭାର ଦିଆଯାଇଥିଲା। ମାତ୍ର ଚେନ୍ନାଇର ରବୀନ୍ଦ୍ର ଜାଡେଜା ପୂରା ଯୋଜନାବଦ୍ଧଭାବେ ଖେଳିଥିଲେ। ହର୍ଶଲ ଅଫ୍‌କଟର, ୟର୍କର ଓ ସ୍ଲୋ ବାଉନ୍ସର ମାରିଥିଲେ ହେଁ ଜାଡେଜାଙ୍କ ବିପକ୍ଷରେ ବିଶେଷ କାମ ଦେଇ ନ ଥିଲା। ସେ କ୍ରମାଗତ ପ୍ରଥମ ଓ ଦ୍ୱିତୀୟ ବଲ୍‌କୁ ଛକା ମାରିବାପରେ ହର୍ଶଲ ନୋ ବଲ୍ ପକାଇଥିଲେ। ତାକୁ ମଧ୍ୟ ଜାଡେଜା ଛକାରେ ପରିଣତ କରିବାପରେ ତୃତୀୟ ବଲ୍‌କୁ ଛକା, ୪ର୍ଥ ବଲ୍‌ରୁ ୨ ରନ, ୫ମ ବଲ୍‌କୁ ଛକା ଏବଂ ୬ଷ୍ଠ ବଲ୍‌କୁ ଚୌକାରେ ପରିଣତ କରିଥିଲେ। ଏହି ଓଭରରୁ ଜାଡେଜା ୩୭ ରନ ସଂଗ୍ରହ କରିଥିଲେ। ଏହା ଆଇପିଏଲ ଇତିହାସରେ ଅନ୍ୟତମ ମହଙ୍ଗା ଓଭର ଥିଲା।

**ଗୋଟିଏ ଓଭରରେ ପୃଥ୍ୱୀଙ୍କ ୬ ଚୌକା**

ହର୍ଶଲଙ୍କ ଶେଷ ଓଭରରେ ବିସ୍ଫୋରକ ବ୍ୟାଟିଂ କରି ଜାଡେଜା ଚର୍ଚ୍ଚାରେ ରହିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସର ପୃଥ୍ୱୀ ଶ' କୋଲକାତା ନାଇଟ ରାଇଡର୍ସର ଶିବମ୍ ମାଭିଙ୍କ ପ୍ରଥମ ଓଭରରେ ସେପରି ବ୍ୟାଟିଂ କରିଥିଲେ। ନାଇଟ ରାଇଡର୍ସ ଦିଲ୍ଲୀ ସମ୍ମୁଖରେ ୧୫୫ ରନର ବିଜୟ ଲକ୍ଷ୍ୟ ରଖିଥିଲା। ଏହା ବିଶେଷ କଷ୍ଟସାଧ୍ୟ ନ ଥିଲା, ମାତ୍ର ପୃଥ୍ୱୀ ଶ' ପ୍ରଥମ ଓଭରରେ ଧୂଆଁଧାର ବ୍ୟାଟିଂ କରି ମ୍ୟାଚକୁ ଅଧିକ ସହଜ କରି ଦେଇଥିଲେ। ମାଭିଙ୍କ ପ୍ରଥମ ବଲ୍ ୱାଇଡ୍ ପଡ଼ିଥିଲା। ଏହାର ପରବର୍ତ୍ତୀ ୬ଟି ଯାକ ବଲ୍‌କୁ ଚୌକାରେ ପରିଣତ କରିଥିଲେ ପୃଥ୍ୱୀ। ଚୌକା ଅବସରରେ ପୃଥ୍ୱୀ ଲଫ୍ଟ, ଫ୍ଲିକ୍, ପଞ୍ଚ, ଡ୍ରାଇଭ ଏବଂ କଟ୍ ଆଦି ସବୁ ପ୍ରକାର ଶଟ୍ ଖେଳିଥିଲେ। ସେ ଓ ଶିଖର ଧାୱନ ଓପନିଂ ଯୋଡ଼ିରେ ୧୩୨ ରନ ସଂଗ୍ରହ କରିଥିଲେ। ଫଳରେ ଦିଲ୍ଲୀ ୨୧ଟି ବଲ୍ ବାକିଥାଇ ୭ ଉଇକେଟରେ ବିଜୟଲାଭ କରିଥିଲା।

**ଆଇପିଏଲ୍ ପ୍ରଥମ ପର୍ଯ୍ୟାୟ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୫୪୭ |
| ଚେନ୍ନାଇ ସୁପରକିଙ୍ଗ୍ସ | ୭ | ୫ | ୨ | ୧୦ | +୧.୨୬୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୧୦ | -୦.୧୭୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୦୬୨ |
| ରାଜସ୍ଥାନ ରୟାଲ୍ସ | ୭ | ୩ | ୪ | ୬ | -୦.୧୯୦ |
| ପଞ୍ଜାବ କିଙ୍ଗ୍ସ | ୮ | ୩ | ୫ | ୬ | -୦.୩୬୮ |
| ନାଇଟ ରାଇଡର୍ସ | ୭ | ୨ | ୫ | ୪ | -୦.୪୯୪ |
| ସନ୍‌ରାଇଜର୍ସ | ୭ | ୧ | ୬ | ୨ | -୦.୬୨୩ |

**ବ୍ରାର୍‌ଙ୍କ କମାଲ**

ପଞ୍ଜାବ କିଙ୍ଗ୍ସର ହରପ୍ରୀତ ବ୍ରାର୍ କ୍ୟାରିୟରର ୩ୟ ଆଇପିଏଲ ସିଜନ ଖେଳୁଥିଲେ ହେଁ ଏପ୍ରିଲ ୩୦ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚ ପୂର୍ବରୁ କୌଣସି ଉଇକେଟ ପାଇ ନ ଥିଲେ। ମାତ୍ର ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ସେ ବିଶ୍ୱର ୩ ପ୍ରତିଷ୍ଠିତ ଖେଳାଳି ବିରାଟ କୋହଲି, ଗ୍ଲେନ ମ୍ୟାକ୍ସୱେଲ ଓ ଏବି ଡି'ଭିଲର୍ସଙ୍କ ଉଇକେଟ ନେଇ ଜିରୋରୁ ହିରୋ ପାଲଟି ଯାଇଥିଲେ। ୭ ବଲ୍ ବ୍ୟବଧାନରେ ସେ ଏହି ୩ଟି ଉଇକେଟ ନେଇଥିଲେ ହେଁ ଗୋଟିଏ ହେଲେ ରନ ବ୍ୟୟ କରି ନ ଥିଲେ। ବ୍ରାର୍‌ଙ୍କ ପୂର୍ବ ଓଭରରେ କୋହଲି ଗୋଟିଏ ଲେଖାଏ ଛକା ଓ ଚୌକା ମାରିଥିଲେ। ମାତ୍ର ତାଙ୍କ ତୃତୀୟ ଓଭରର ପ୍ରଥମ ବଲ୍‌କୁ ଷ୍ଟେପ୍ ଆଉଟ ହୋଇ ମାରିବାକୁ ଯାଇ କୋହଲି ବୋଲ୍ଡ ହୋଇଯାଇଥିଲେ। ପରବର୍ତ୍ତୀ ବଲ୍‌ରେ ମ୍ୟାକ୍ସୱେଲଙ୍କୁ ବୋଲ୍ଡ କରି ବ୍ରାର୍ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ଡି'ଭିଲର୍ସ ହ୍ୟାଟ୍ରିକ ହେବାକୁ ଯଦିଓ ଦେଇ ନ ଥିଲେ ତେବେ ବ୍ରାର୍‌ଙ୍କ ୪ର୍ଥ ଓଭରର ପ୍ରଥମ ବଲ୍‌ରେ ଏକ୍ସଟ୍ରା କଭରରେ ଲୋକେଶ ରାହୁଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ପଞ୍ଜାବ ୩୪ ରନରେ ବିଜୟଲାଭ କରିଥିଲା।

**ଚେନ୍ନାଇକୁ ହରାଇଲେ ପୋଲାର୍ଡ**

ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଧାର୍ଯ୍ୟ ୨୧୯ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୧୦ ଓଭରରେ ୩ ଉଇକେଟ ହରାଇ ୮୧ ରନ କରିଥିବାବେଳେ କିରନ ପୋଲାର୍ଡ କ୍ରିଜ୍‌କୁ ଆସିଥିଲେ। ସେତେବେଳେ ଓଭର ପିଛା ଆବଶ୍ୟକ ରନହାର ୧୩ରୁ ଅଧିକ ଥିଲା ଏବଂ ପରେ ୧୫ ଅତିକ୍ରମ କରିଥିଲା। ଏହାପରେ ପୋଲାର୍ଡଙ୍କ ବିସ୍ଫୋରକ ବ୍ୟାଟିଂ ଆରମ୍ଭ ହୋଇ ଯାଇଥିଲା। ସେ ରବୀନ୍ଦ୍ର ଜାଡେଜାଙ୍କ ଓଭରରେ ୩ ଛକା ମାରିଥିବାବେଳେ ଲୁନ୍‌ଗି ଏନ୍‌ଗିଡିଙ୍କ ଓଭରରେ ୨ଟି ଏବଂ ଶାର୍ଦ୍ଦୁଳ ଠାକୁରଙ୍କ ଓଭରରେ ମଧ୍ୟ ସମାନ ସଂଖ୍ୟକ ଛକା ମାରିଥିଲେ। ଶେଷ ଓଭରରେ ମୁମ୍ବାଇ ବିଜୟ ପାଇଁ ୧୬ ରନ ଆବଶ୍ୟକ କରୁଥିଲା। ନନ୍‌ଷ୍ଟ୍ରାଇକର ଏଣ୍ଡରେ ଧାୱଲ କୁଲକର୍ଣ୍ଣୀ ଥିବାରୁ ପୋଲାର୍ଡ ନିଜ ଉପରକୁ ଦାୟିତ୍ୱ ନେଇଥିଲେ। ସେ ପ୍ରଥମ ବଲ୍‌ରୁ ସିଙ୍ଗଲ୍ ନେଇ ନ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ବଲ୍‌କୁ ଚୌକାରେ ପରିଣତ କରିଥିଲେ। ୪ର୍ଥ ବଲ୍‌ରୁ ସିଙ୍ଗଲ ନେବା ସୁଯୋଗ ଥିଲେ ହେଁ ସେ ମନା କରି ଦେଇଥିଲେ। ୫ମ ବଲ୍‌କୁ ଛକା ମାରିବାପରେ ୬ଷ୍ଠ ବଲ୍‌ରୁ ୨ ରନ ନେଇ ମୁମ୍ବାଇକୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ଭେଟି ଦେଇଥିଲେ। ସେ ୩୪ ବଲ୍‌ରୁ ୮୭ ରନ ନେଇ ଅପରାଜିତ ରହିଥିଲେ।


ହରପ୍ରୀତ ବ୍ରାର


ରବୀନ୍ଦ୍ର ଜାଡେଜା


ପୃଥ୍ୱୀ ଶ

# ଦିଲ୍ଲୀ ମୁଖ୍ୟ ଦଳରେ ନେଟ୍ ବୋଲର ଖେଜ୍ରୋଲିୟା

ଦୁବାଇ, ୧୫।୯(ପି.ଟି.)

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅବଶିଷ୍ଟାଂଶ ପାଇଁ ବାମହାତୀ ଦ୍ରୁତବୋଲର କୁଲୱନ୍ତ ଖେଜ୍ରୋଲିୟାଙ୍କୁ ମୁଖ୍ୟ ଦଳରେ ସାମିଲ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ବାମହାତୀ ଅର୍ଥୋଡକ୍ସ ସ୍ପିନର ମନିମାରାନ ସିଦ୍ଧାର୍ଥ ଆହତ ସମସ୍ୟା ଯୋଗୁ ଓହରି ଯିବାରୁ ଖେଜ୍ରୋଲିୟାଙ୍କୁ ସୁଯୋଗ ମିଳିଛି। ଦୁବାଇରେ ଟ୍ରେନିଂ ସମୟରେ ୨୩ ବର୍ଷୀୟ ସିଦ୍ଧାର୍ଥ ଆହତ ହୋଇଥିଲେ ବୋଲି ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରକାଶ କରାଯାଇଛି। ବାମହାତୀ ସିମର ଖେଜ୍ରୋଲିୟା ଦିଲ୍ଲୀ କ୍ୟାପିଟାଲ୍ସର ନେଟ୍ ବୋଲର ଭାବେ ବାୟୋ-ବବ୍‌ଲରେ ଥିଲେ। ତେଣୁ ତାଙ୍କୁ ମୁଖ୍ୟ ଦଳରେ ସାମିଲ କରିବାରେ କୌଣସି ସମସ୍ୟା ହୋଇନାହିଁ। ଦିଲ୍ଲୀ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ଖେଜ୍ରୋଲିୟା ୧୫ଟି ଟି୨୦ ମ୍ୟାଚରୁ ୨୩.୨୯ ଆଭରେଜରେ ୧୭ଟି ଉଇକେଟ ନେଇଛନ୍ତି। ୨୯ ବର୍ଷୀୟ ଏହି ଦ୍ରୁତ ବୋଲର ୨୦୧୮ ଓ ୨୦୧୯ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳିଥିଲେ। ମାତ୍ର ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୫ ଆଇପିଏଲ ମ୍ୟାଚରୁ ମାତ୍ର ୩ଟି ଉଇକେଟ ନେଇଥିଲେ। ସିଦ୍ଧାର୍ଥ ଏବେ ଦୁବାଇରେ ଚିକିତ୍ସାଧୀନ ଅଛନ୍ତି ଏବଂ କିଛିଦିନ ମଧ୍ୟରେ ଭାରତ ଫେରିଯାଇ ଚିକିତ୍ସିତ ହେବେ।


କୁଲୱନ୍ତ ଖେଜ୍ରୋଲିୟା

# ପ୍ରଥମ ମ୍ୟାଚ ଗୁରୁତ୍ୱପୂର୍ଣ୍ଣ: କୈଫ

**ଦୁବାଇ, ୧୫।୯(ପି.ଟି.):** ଆଇପିଏଲର ଦ୍ୱିତୀୟ ପର୍ଯ୍ୟାୟରେ ଟେବୁଲ ଟପ୍ପର ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ପ୍ରଥମ ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଏହି ମ୍ୟାଚ ଦଳ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ଦଳର ସହକାରୀ କୋଚ୍ ମହମ୍ମଦ କୈଫ ପ୍ରକାଶ କରିଛନ୍ତି। ଚଳିତ ମାସ ୧୯ ତାରିଖରୁ ଆଇପିଏଲର ଦ୍ୱିତୀୟ ପର୍ଯ୍ୟାୟ ୟୁଏଇରେ ଆରମ୍ଭ ହେବ। ଭାରତରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ ୧୨ ପଏଣ୍ଟ ସହିତ ଶୀର୍ଷସ୍ଥାନ ଅଧିକାର କରିଥିଲା। ବାୟୋ-ବବ୍‌ଲରେ କରୋନା ସଂକ୍ରମଣ ପ୍ରବେଶ କରିବାରୁ ଲିଗ୍‌କୁ ଅଧାରୁ ସ୍ଥଗିତ ରଖାଯାଇଥିଲା। ଆଇପିଏଲର ପ୍ରଥମାର୍ଦ୍ଧ ପରେ ବଡ଼ ବ୍ରେକ୍ ମିଳିଛି। ମାତ୍ର ଆମେ ଭାଗ୍ୟବାନ ଯେ, ଆମର ଅଧିକାଂଶ ଖେଳାଳି ଏହା ମଧ୍ୟରେ ନିୟମିତ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ବୋଲି କୈଫ କହିଛନ୍ତି। ଅନ୍ତର୍ଜାତୀୟ ଅଭିଜ୍ଞତା ଏବଂ ଘରୋଇ କ୍ରିକେଟ ଖେଳାଳିଙ୍କୁ ନେଇ ଆମ ଦଳ ବେଶ୍ ସନ୍ତୁଳିତ। ତେବେ ପ୍ରଥମ ମ୍ୟାଚ ଗୁରୁତ୍ୱପୂର୍ଣ୍ଣ, ଏହା ହିଁ ଅବଶିଷ୍ଟ ମ୍ୟାଚଗୁଡ଼ିକ ପାଇଁ ମୋମେଣ୍ଟମ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଛନ୍ତି।

# ଆଇପିଏଲ୍‌ରେ ସୀମିତ ଦର୍ଶକଙ୍କୁ ଅନୁମତି

ନୂଆଦିଲ୍ଲୀ, ୧୫।୯ (ପି.ଟି.)

ଚଳିତସପ୍ତାହଶେଷରେ ୟୁଏଇରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶ ଖେଳାଯିବ। ଷ୍ଟାଡିୟମଗୁଡ଼ିକରେ ସୀମିତ ଦର୍ଶକଙ୍କୁ ଅନୁମତି ମିଳିବ। ବୁଧବାର ଆୟୋଜକଙ୍କ ତରଫରୁ ଏ ବିଷୟରେ ସୂଚନା ଦିଆଯାଇଛି। ଆଇପିଏଲ୍‌ର ଏହି ସଂସ୍କରଣ ଭାରତରେ ଆରମ୍ଭ ହୋଇଥିଲା। ମାତ୍ର ବାୟୋବବଲରେ କୋଭିଡ୍ ସଂକ୍ରମଣ ଦେଖାଦେବାରୁ ମେ' ମାସ ମଧ୍ୟ ଭାଗରେ ଏହାକୁ ସସ୍‌ପେଣ୍ଡ ରଖାଯାଇଥିଲା। ଅବଶିଷ୍ଟାଂଶ ୟୁଏଇରେ ଖେଳାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମଠାରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମ୍ୟାଚ ସହ ଆଇପିଏଲ୍ ଆରମ୍ଭ ହେବ। କୋଭିଡ୍ ପରିସ୍ଥିତି ଯୋଗୁ କିଛି ଦିନ ବ୍ୟବଧାନରେ ଦର୍ଶକ ଷ୍ଟାଡିୟମକୁ ଫେରିବେ। ମ୍ୟାଚଗୁଡ଼ିକ ଦୁବାଇ, ଶାରଜା ଓ ଆବୁଧାବିରେ ଖେଳାଯିବ। ୟୁଏଇ ସରକାରଙ୍କ ନିୟମ ଓ କୋଭିଡ୍ ପ୍ରୋଟୋକଲ ଅନୁସାରେ ଷ୍ଟାଡିୟମରେ ଦର୍ଶକମାନଙ୍କ ଲାଗି ସୀମିତ ଆସନ ଉପଲବ୍ଧ ହେବ। ସର୍ବାଧିକ ମୋଟ ଆସନ କ୍ଷମତାର ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ମିଳିପାରେ। ଡାଉନ୍ ଅଣ୍ଡରରେ ଗତବର୍ଷ ଦର୍ଶକଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମହିଳା ଦଳ ମଧ୍ୟରେ ସୀମିତ ଓଭର ସିରିଜ ଖେଳାଯାଇଥିଲା। ଚଳିତବର୍ଷ ପ୍ରାରମ୍ଭରେ ଚେନ୍ନାଇ ଓ ଅହମ୍ମଦାବାଦରେ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ ବେଳେ ଦର୍ଶକମାନଙ୍କୁ ଅନୁମତି ଦିଆଯାଇଥିଲା। ମାତ୍ର କରୋନା ସଂକ୍ରମଣ ଦେଖା ଦେବାରୁ ଆୟୋଜକଗଣ ସିରିଜର ଅବଶିଷ୍ଟ ମ୍ୟାଚ ବିନା ଦର୍ଶକରେ ରୁଦ୍ଧଦ୍ୱାରରେ କରିଥିଲେ। ୨୦୨୧ ବିଗ୍‌ବାଶ୍ ଲିଗ୍ ଓ ଇଂଲଣ୍ଡରେ ଗ୍ରୀଷ୍ମକାଳୀନ କାର୍ଯ୍ୟସୂଚୀରେ ନ୍ୟୁଜିଲାଣ୍ଡ ଓ ଭାରତ ବିପକ୍ଷ ସିରିଜ, ସାଉଥାମ୍ପଟନରେ ୱାର୍ଲ୍ଡ ଟେଷ୍ଟ ଫାଇନାଲ, ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟ ମଧ୍ୟ ଦର୍ଶକଙ୍କ ଉପସ୍ଥିତିରେ ଖେଳାଯାଇଥିଲା। ସେଣ୍ଟ କିଟ୍‌ସ୍ଥିତ ୱାର୍ନରପାର୍କଠାରେ କ୍ୟାରିବିୟନ ପ୍ରିମିୟର ଲିଗ୍ (ସିପିଏଲ୍) ଖେଳାଯାଉଛି। ଏଥିରେ ଷ୍ଟାଡିୟମ କ୍ଷମତାର ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯାଇଛି। ତେବେ କେବଳ ସମ୍ପୂର୍ଣ୍ଣ ଟିକାକରଣ ହୋଇଥିବା ପ୍ରାପ୍ତବୟସ୍କ ଦର୍ଶକମାନେ ଷ୍ଟାଡିୟମ ଭିତରକୁ ଯାଇପାରିବେ। ଏଥିପାଇଁ ଗ୍ରାଉଣ୍ଡର ପ୍ରବେଶ ପଥରେ ସେମାନଙ୍କୁ ଆବଶ୍ୟକ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ଏଥର ୟୁଏଇ ଓ ଓମାନ ମିଳିତ ଭାବେ ଟି୨୦ ବିଶ୍ୱକପ୍‌ର ଆୟୋଜନ କରୁଛନ୍ତି। ଅକ୍ଟୋବର ୧୫ରେ ଆଇପିଏଲ୍ ଫାଇନାଲର ଦୁଇ ଦିନ ପରେ ଟି୨୦ ବିଶ୍ୱ କପ୍ ହେବ। ୟୁଏଇ ଓ ଓମାନ ମିଳିତ ଭାବେ ଏହାର ଆୟୋଜକ ଅଛନ୍ତି।



# ମାସିକିଆ ଚେସ୍ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୫।୯(ସ୍ପୋର୍ଟ୍ସ ବ୍ୟୁରୋ)

ଚୌଦ୍ୱାରସ୍ଥିତ ମଣ୍ଡଳ କାରାଗାର ପରିସରରେ ମାସିକିଆ ଗୁଣାତ୍ମକ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଗତ ଅଗଷ୍ଟ ୧୫ରୁ ଏହା ଆରମ୍ଭ ହୋଇଥିଲା। ଭାରତୀୟ ତୈଳ ନିଗମ ପ୍ରାୟୋଜିତ 'ପରିବର୍ତ୍ତନ' ପ୍ରିଜନ ଟୁ ପ୍ରାଇଡ୍ ଏକ ନିଆରା ତଥା ପ୍ରଶଂସନୀୟ କାର୍ଯ୍ୟକ୍ରମକୁ ଏସ୍‌ଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ବରିଷ୍ଠ ପ୍ରଶିକ୍ଷକ ଅବିନାଶ ଦାସ ପରିଚାଳନା କରିଥିଲେ। ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ପଦ୍ମିନୀ ରାଉତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ, ମଣ୍ଡଳ କାରାଗାରର ଜେଲର ବିଭେଦ ଭୂୟାଁ, ତୈଳ ନିଗମର ବରିଷ୍ଠ କ୍ରୀଡ଼ା ଅଧିକାରୀ କମଳେଶ ପାରିହର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ପରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃଷ୍ଣ ପ୍ରିୟ ୪ ପଏଣ୍ଟ ସହ ଚାମ୍ପିୟନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାବଗ୍ରାହୀ ପଣ୍ଡା, ସିଦ୍ଧାର୍ଥ ପୃଷ୍ଟି, ସାଗର ସାମଲ, ମହେଶ ସାହୁ, ଜ୍ୟୋତି ପତି, ଅବଦୁଲ ନଇମ, ଦେବୀ ପ୍ରସାଦ ଦାସ, ଶେଷଦେବ ସ୍ୱାଇଁ ଓ ନିହାର ରଞ୍ଜନ ବେହେରା ଟପ୍-୧୦ ଫିନିଶ୍ କରିଥିଲେ। ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ ଅତିଥିଭାବେ ଯୋଗଦେଇ ପଦକ ପ୍ରଦାନ କରିଥିଲେ।


ପଦକ ସହ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୧୬/୨୦୨୧ Sambalpur, Thursday, September 16/ 2021

# ପ୍ରଥମ ଅଭ୍ୟାସ ମ୍ୟାଚରେ ଡି'ଭିଲର୍ସଙ୍କ ଶତକ

**ଦୁବାଇ, ୧୫।୯**

ତିନିଥର ଆଇପିଏଲ ରନର୍ସଅପ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ସ୍ଥାନୀୟ ସେଭେନ୍ସ ଷ୍ଟାଡିୟମରେ ବୁଧବାର ପ୍ରଥମ ଅଭ୍ୟାସ ମ୍ୟାଚ ଖେଳିଛି। ୟୁଏଇର ଉଷ୍ମ ପରିବେଶ ସହିତ ନିଜକୁ ଖାପ ଖୁଆଇବା ପାଇଁ ପୂରା ଗେମ୍ ଖେଳାଯାଇଥିଲା। ଆରସିବି-ଏ ଓ ଆରସିବି-ବିର ନେତୃତ୍ୱ ନେଇଥିଲେ ଯଥାକ୍ରମେ ହର୍ଶଲ ପଟେଲ ଓ ଦେବଦତ୍ତ ପଡ଼ିକାଲ। ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚରେ ଏବି ଡି'ଭିଲର୍ସଙ୍କ ଶତକ ଆକର୍ଷଣର କେନ୍ଦ୍ରରେ ରହିଥିଲା।

ଆରସିବି-ଏ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୧୨ ରନର ବଡ଼ ସ୍କୋର ଛିଡ଼ା କରିଥିଲା। ଚଳିତ ଆଇପିଏଲର ପ୍ରଥମଭାଗରେ ଚମତ୍କାର ଫର୍ମରେ ଥିବା ଡି'ଭିଲର୍ସ ଏବେ ମଧ୍ୟ ସେହି ଟଚ୍‌ରେ ଥିବାର ପ୍ରମାଣ ଦେଇଛନ୍ତି। ୩୭ ବର୍ଷୀୟ ଏହି ଦକ୍ଷିଣ ଆଫ୍ରିକା ଖେଳାଳି ୪୬ ବଲ୍‌ରୁ ବିସ୍ଫୋରକ ୧୦୪ ରନର ଇନିଂସ ଖେଳିଥିଲେ। ଏହା ମଧ୍ୟରେ ସେ ୭ ଚୌକା ଓ ୪ ଛକା ମାରିଥିଲେ। ତାଙ୍କୁ ଉପଯୁକ୍ତ ସହଯୋଗ କରିଥିଲେ ପ୍ରତିଭାସମ୍ପନ୍ନ ମହମ୍ମଦ ଆଝାରୁଦ୍ଦିନ। ସେ ୪୩ ବଲ୍‌ରୁ ୩ ଛକା ଓ ୪ ଚୌକା ସହାୟତାରେ ୬୬ ରନ କରିଥିଲେ। ଫଳରେ ଆରସିବି-ଏ ପ୍ରତିପକ୍ଷ ଦଳ ସମ୍ମୁଖରେ ୨୧୩ ରନର ଟାର୍ଗେଟ ରଖିଥିଲା। ଆରସିବି-ବି'ର ପ୍ରଦର୍ଶନ ମଧ୍ୟ ଅତି ଚମତ୍କାର ରହିଥିଲା। ଦଳ ପକ୍ଷରୁ କେ.ଏସ. ଭରତ ସର୍ବାଧିକ ୯୫ ରନ କରି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ପଡିକାଲ ତାଙ୍କୁ ଉପଯୁକ୍ତ ସହଯୋଗ କରି ୨୧ ବଲ୍‌ରୁ ୩୬ ରନ କରିଥିଲେ। ଦ୍ରୁତ ହାରରେ ରନ ସଂଗ୍ରହ ଯୋଗୁ ପଡିକାଲଙ୍କ ଦଳକୁ ଶେଷ ୨ ବଲ୍‌ରୁ ୩ ରନ ଆବଶ୍ୟକ

**ଆଇପିଏଲ୍**

ହେଉଥିଲା। ମାତ୍ର ଦଳ ଏକ ଚୌକା ସହିତ ମ୍ୟାଚ ଶେଷ କରି ୭ ଉଇକେଟରେ ବିଜୟୀ ହୋଇଥିଲା।

"ଏହା ଏକ ଭଲ ଗେମ୍ ଥିଲା। ଏକାଧିକ ଖେଳାଳି ଉତ୍ତମ ପ୍ରଦର୍ଶନ କରିଥିଲେ। ଉଭୟ ଦଳର ଟପ୍ ଅର୍ଡର ଚମତ୍କାର ଖେଳିଥିଲେ। ଶେଷ ଭାଗର ଚାପକୁ ମଧ୍ୟ ଉଭୟ ଦଳ ଭଲ ଭାବେ ହାତେଇଥିଲେ" ବୋଲି ଆରସିବିର କୋଚ୍ ତଥା କ୍ରିକେଟ ଅପରେଶନ ଡାଇରେକ୍ଟର ମାଇକ ହେସନ ପ୍ରକାଶ କରିଛନ୍ତି। ଆମେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଆଶା କରୁଥିଲୁ। ପ୍ରଥମ ଇନିଂସରେ ଡି'ଭିଲର୍ସଙ୍କ ମ୍ୟାଜିକ ଏବଂ ଆଝାରଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିଲୁ। ଦ୍ୱିତୀୟ ଇନିଂସରେ ଖେଳାଳିମାନେ ପ୍ରଥମ ଇନିଂସ ଅପେକ୍ଷା ଆହୁରି ଭଲ ଖେଳିଥିଲେ। ୨୧୩ ରନ ଟାର୍ଗେଟର ପିଛା କରି ଭରତ ଏବଂ ଦେବଦତ୍ତ ପ୍ରଥମ ୬ ଓଭରରୁ ୭୦ ରନ ସଂଗ୍ରହ କରି ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଉଭୟ ଖେଳାଳିଙ୍କ ଶଟ୍ ଖେଳିବା ଟାଇମିଂ ବହୁତ ଭଲ ଥିଲା। ଏହି ଗେମ୍‌ରୁ ଅନେକ ସକାରାତ୍ମକ ଦିଗ ମିଳିଛି। ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିବାବେଳେ ଏହି ଗେମ୍ ନିଶ୍ଚିତ ଖେଳାଳିଙ୍କ ମନୋବଳ ବଢ଼ାଇବାରେ ସହାୟକ ହେବ ବୋଲି ବ୍ୟାଟିଂ ପରାମର୍ଶଦାତା ସଞ୍ଜୟ ବାଙ୍ଗର କହିଛନ୍ତି। ଆରସିବି ୟୁଏଇରେ ଆଇପିଏଲର ଦ୍ୱିତୀୟ ଭାଗ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଖେଳି ଆରମ୍ଭ କରିବ। ଆବୁଧାବିରେ ଏହି ମ୍ୟାଚ ସେପ୍ଟେମ୍ବର ୨୦ରେ ଅନୁଷ୍ଠିତ ହେବ। ଦଳ ୭ ମ୍ୟାଚ ଖେଳିଥିବାବେଳେ ୧୦ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନରେ ରହିଛି।



ଏବି ଡି'ଭିଲର୍ସ

# ସେମିରେ ଆମେରିକାଠାରୁ ହାରିଲା ଭାରତ

**ଚେନ୍ନାଇ, ୧୫।୯(ପି.ଟି.)**

ଫିଡେ ଅନ୍‌ଲାଇନ ଚେସ୍ ଅଲିମ୍ପିଆଡ୍‌ରେ ଆମେରିକା ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ସେମିଫାଇନାଲରେ ଭାରତକୁ ବ୍ଲିଜ୍ ଟାଇ-ବ୍ରେକ୍ ୪.୫-୧.୫ ପଏଣ୍ଟରେ ପରାସ୍ତ କରିଛି। ପ୍ରଥମ ରାଉଣ୍ଡରେ ଭାରତ ବିଜୟୀ ହୋଇଥିବାବେଳେ ଆମେରିକା ଦ୍ୱିତୀୟ ରାଉଣ୍ଡରେ ଜିତିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ବ୍ଲିଜ୍ ଟାଇ-ବ୍ରେକ୍‌ର ସହାୟତା ନିଆଯାଇଥିଲା। ଏଥିରେ ଜେଫ୍ରି ଜିଅଙ୍ଗ୍, ରୟ ରବସନ, ଇରିନା କୃଶ୍ ଓ ଥାଲିଆ ସେର୍ଭାଣ୍ଟେସ ଲାଣ୍ଡେଇରୋ ବିଜୟୀ ହୋଇ ଆମେରିକାର ବିଜୟ ପଥ ପରିଷ୍କାର କରିଥିଲେ। ଟପ୍ ବୋର୍ଡରେ ବିଶ୍ୱନାଥନ ଆନନ୍ଦଙ୍କ ସ୍ଥାନରେ ଖେଳିଥିବା ପି. ହରିକ୍ରିଷ୍ଣା ୩୫ତମ ମୁଭ୍‌ରେ ଜିଅଙ୍ଗଙ୍କଠାରୁ ହାରି ଯାଇଥିଲେ। ଗତ ସୋମବାର ୟୁକ୍ରେନ ବିପକ୍ଷରେ ଟାଇ-ବ୍ରେକ୍‌ର ବିଜୟରେ ହିରୋ ସାଜିଥିବା ବି. ଅଧିବନ ସେମିଫାଇନାଲରେ ସେହି ପ୍ରଦର୍ଶନ ଦୋହରାଇ ନ ପାରି ରବସନଙ୍କଠାରୁ ହାରି ଯାଇଥିଲେ। ବୈଶାଳୀ ପ୍ରଭାବୀ ପ୍ରଦର୍ଶନ କରି ନ ପାରି ଲାଣ୍ଡେଇରୋଙ୍କଠାରୁ ପରାସ୍ତ ହୋଇଥିବାବେଳେ ଦେଶର ନମ୍ବର ୱାନ ମହିଳା ଖେଳାଳି କୋନେରୁ ହମ୍ପି ପ୍ରତିପକ୍ଷ କୃଶ୍‌ଙ୍କଠାରୁ ହାରିବାରୁ ଭାରତର ଆଶା ଶେଷ ହୋଇ ଯାଇଥିଲା। ହାରିକା ମଙ୍ଗଳବାର ୩ଟି ଯାକ ମ୍ୟାଚ ଜିତିଥିଲେ ହେଁ ଭାରତକୁ ଆଗକୁ ନେବାରେ ସହାୟକ ହୋଇପାରି ନ ଥିଲେ। ରାଉଣ୍ଡ ୨ରେ ଜିଅଙ୍ଗ ପୂର୍ବତନ ବିଶ୍ୱଚାମ୍ପିୟନ ଆନନ୍ଦଙ୍କୁ ହରାଇଥିବାବେଳେ ରବସନ ଭାରତର ଭିଦିଥ ଗୁଜରାଟିଙ୍କ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଥିଲେ। ହରିକ୍ରିଷ୍ଣାଙ୍କ ସ୍ଥାନରେ ଗୁଜରାଟିଙ୍କୁ ଖେଳିବା ସୁଯୋଗ ମିଳିଥିଲା। ପ୍ରଜ୍ଞାନନ୍ଦଙ୍କ ବିପକ୍ଷରେ ଆଓ୍ୱର

**ଚେସ୍ ଅଲିମ୍ପିଆଡ୍**

ଲିଅଙ୍ଗ ପଏଣ୍ଟ ହାସଲ କରିଥିଲେ ହେଁ ଡି. ହାରିକା ଚମତ୍କାର ଫର୍ମ ଜାରି ରଖି ନାଜି ପାଇକିଜଙ୍କୁ ପରାସ୍ତ କରିଥିଲେ। ମାତ୍ର କୋନେରୁ ହମ୍ପି ଓ ଆର. ବୈଶାଳୀ ଯଥାକ୍ରମେ ଇରିନା କୃଶ୍ ଓ ଲାଣ୍ଡେଇରୋଙ୍କ ବିପକ୍ଷରେ ପଏଣ୍ଟ ଭାଗ କରିଥିଲେ। ଆମେରିକା ଓ ରୁଷିଆ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ସେମିଫାଇନାଲରେ ଚାଇନାକୁ ହରାଇ ରୁଷିଆ ଫାଇନାଲରେ ପ୍ରବେଶ କରିଥିଲା।

**ସେମିଫାଇନାଲ ଫଳାଫଳ**

ରାଉଣ୍ଡ-୧ (ଭାରତ-୫, ଆମେରିକା-୧) ଜିଅଙ୍ଗ୍‌ଙ୍କୁ ଆନନ୍ଦ, ସ୍ୱିର୍ଜଙ୍କୁ ହରିକ୍ରିଷ୍ଣା, ଜାଟୋନସ୍କିଙ୍କୁ ହାରିକା ଓ ସେର୍ଭାଣ୍ଟେସଙ୍କୁ ବୈଶାଳୀ ହରାଇଥିବାବେଳେ କୃଶ୍‌ଙ୍କ ବିପକ୍ଷରେ ହମ୍ପି ଏବଂ ଲିଆଙ୍ଗ୍‌ଙ୍କ ବିପକ୍ଷରେ ସରିନ ମ୍ୟାଚ ଡ୍ର ରଖିଥିଲେ।

ରାଉଣ୍ଡ-୨ (ଭାରତ-୨, ଆମେରିକା-୪) ଜିଅଙ୍ଗଙ୍କଠାରୁ ଆନନ୍ଦ, ରବସନଙ୍କଠାରୁ ଗୁଜରାଟି, ଲିଆଙ୍ଗଙ୍କଠାରୁ ପ୍ରଜ୍ଞାନନ୍ଦ ହାରିଥିବାବେଳେ କୃଶ୍‌ଙ୍କ ବିପକ୍ଷରେ ହମ୍ପି ଓ ଲାଣ୍ଡେଇରୋଙ୍କ ବିପକ୍ଷରେ ବୈଶାଳୀ ଡ୍ର ରଖିଥିଲେ ଏବଂ ପାଇକିଜ୍‌ଙ୍କୁ ହାରିକା ହରାଇଥିଲେ।

ବ୍ଲିଜ୍ ଟାଇ-ବ୍ରେକ୍ (ଭାରତ ୧.୫, ଆମେରିକା ୪.୫) ଜିଅଙ୍ଗଙ୍କଠାରୁ ହରିକ୍ରିଷ୍ଣା, ରବସନଙ୍କଠାରୁ ବି. ଅଧିବନ, କୃଶ୍‌ଙ୍କଠାରୁ ହମ୍ପି ଓ ଲାଣ୍ଡେଇରୋଙ୍କଠାରୁ ବୈଶାଳୀ ହାରିଥିବାବେଳେ ପାଇକିଜ୍‌ଙ୍କୁ ହାରିକା ହରାଇଥିଲେ ଏବଂ ଲିଅଙ୍ଗ୍‌ଙ୍କ ବିପକ୍ଷରେ ସରିନ ପଏଣ୍ଟ ଭାଗ କରିଥିଲେ।



ଭାରତର ଦୁଇ ପ୍ରମୁଖ ଖେଳାଳି ବିଶ୍ୱନାଥନ ଆନନ୍ଦ ଓ କୋନେରୁ ହମ୍ପି।

# ଆଫଗାନ ମହିଳା ଫୁଟ୍‌ବଲ ଖେଳାଳି ପାକିସ୍ତାନରେ

**ଇସ୍‌ଲାମାବାଦ, ୧୫।୯ (ଏପି)**

ତାଲିବାନ ଶାସନ କ୍ଷମତା ଦଖଲ କରିବା ପରେ ଆଫଗାନିସ୍ତାନ ମହିଳା ଫୁଟ୍‌ବଲ ଦଳର ସଦସ୍ୟ ଓ ସେମାନଙ୍କ ପରିବାରବର୍ଗ ଦେଶ ଛାଡ଼ି ପାକିସ୍ତାନରେ ପହଞ୍ଚିଛନ୍ତି। ସ୍ଥାନୀୟ ଗଣମାଧ୍ୟମ ତରଫରୁ ବୁଧବାର ଏହି ସୂଚନା ଦିଆଯାଇଛି। କିନ୍ତୁ ଏମାନଙ୍କ ସଂଖ୍ୟା କେତେ ତାହା ସ୍ପଷ୍ଟ କରାଯାଇ ନାହିଁ। ପାକିସ୍ତାନ ସୂଚନା ମନ୍ତ୍ରୀ ଫୱାଦ ଚୌଧରୀଙ୍କ କହିବା ଅନୁସାରେ ଆଫଗାନ ମହିଳା ଫୁଟବଲ ଖେଳାଳିମାନେ ବୈଧ ଟ୍ରାଭେଲ ଡକ୍ୟୁମେଣ୍ଟ ସହ ନର୍ଥ-ୱେଷ୍ଟର୍ନ ତୋରଖାମ୍ ସୀମା ଦେଇ ପାକିସ୍ତାନରେ ପ୍ରବେଶ କରିଛନ୍ତି। ପାକିସ୍ତାନରୁ ପ୍ରକାଶ ପାଉଥିବା ଦି ଡନ୍ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁସାରେ କାବୁଲରେ ତାଲିବାନଙ୍କ କ୍ଷମତା ଦଖଲ ପରେ ଆଫଗାନ ମହିଳା ଫୁଟ୍‌ବଲ ଖେଳାଳିମାନଙ୍କୁ ଜରୁରିକାଳୀନ ହ୍ୟୁମାନିଟାରିଆନ ଭିଜା ଇସ୍ୟୁ କରାଯାଇଥିଲା। ତାଲିବାନମାନେ ମହିଳାମାନଙ୍କୁ ସମସ୍ତ ପ୍ରକାର କ୍ରୀଡ଼ା କାର୍ଯ୍ୟକଳାପରୁ ବାରଣ କରିଛନ୍ତି।



ପାକିସ୍ତାନରେ ପହଞ୍ଚିଥିବା ଆଫଗାନିସ୍ତାନ ମହିଳା ଖେଳାଳି ଓ ତାଙ୍କ ପରିବାର।

# ପୁଣି ହାଇଦ୍ରାବାଦରୁ ଖେଳିବେ ହନୁମା

**ହାଇଦ୍ରାବାଦ, ୧୫।୯ (ପି.ଟି.)**

ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ ଆଶା ରଖି ଟେଷ୍ଟ ସ୍ପେଶାଲିଷ୍ଟ ହନୁମା ବିହାରୀ ଆସନ୍ତା ସିଜନରୁ ହାଇଦ୍ରାବାଦରୁ ଖେଳିବେ। ସେ ଗତ ୫ ସିଜନ ଧରି ଆନ୍ଧ୍ର ପ୍ରଦେଶ ଦଳରୁ ପ୍ରତିନିଧିତ୍ୱ କରି ଆସୁଥିଲେ। ବିହାରୀ ହେଉଛନ୍ତି ଭାରତର ଫିଲ୍ଡିଂ କୋଚ୍ ଆର. ଶ୍ରୀଧରଙ୍କ ଛାତ୍ର। ୨୦୧୫-୧୬ ସିଜନରେ ସେ ହାଇଦ୍ରାବାଦ ଦଳ ଛାଡ଼ିଥିଲେ। କାରଣ ସେତେବେଳର ସିଲେକ୍ସନ କମିଟି ଚେୟାରମ୍ୟାନ ଏମ୍.ଏସ୍.କେ. ପ୍ରସାଦ ତାଙ୍କୁ ଆନ୍ଧ୍ର ପ୍ରଦେଶ ଅଧିନାୟକ ପଦବୀ ଯାଚିଥିଲେ। ଟେଷ୍ଟ ଦଳରେ ସ୍ଥାନ ଦେବାର ବ୍ୟବସ୍ଥା ମଧ୍ୟ ସେ କରିଥିଲେ। ବର୍ତ୍ତମାନ ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନର ମୁଖ୍ୟ ଅଛନ୍ତି। ବିହାରୀ ପୁଣି ହାଇଦ୍ରାବାଦ ଜର୍ସି ପରିଧାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସେ ତାଙ୍କ ଟୁଇଟରରେ ଶେୟାର କରିଛନ୍ତି। ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ୯୪ ପ୍ରଥମଶ୍ରେଣୀ ଗେମ୍ ଖେଳିଛନ୍ତି। ୨୧ ଶତକ ସହ ସେ ୭,୨୬୧ରନ ସଂଗ୍ରହ କରିଛନ୍ତି। ତାଙ୍କର ଆଭରେଜ ୫୫ ରହିଛି। ସେ ୮୦ ଲିଷ୍ଟ ଏ' ଗେମ୍ ଖେଳି ୩୦୦୧ ରନ ସଂଗ୍ରହ କରିଛନ୍ତି। ହାଇଦ୍ରାବାଦ ଦଳକୁ ତାଙ୍କୁ ଫେରାଇ ଆଣିବାରେ ଆଝାରୁଦ୍ଦିନ ବିଶେଷ ଭୂମିକା ଗ୍ରହଣ କରିଥିବା କୁହାଯାଉଛି। ଡିସେମ୍ବର-ଜାନୁୟାରୀରେ ଦକ୍ଷିଣ ଆଫ୍ରିକା ଟୁର୍ ବେଳେ ଭାରତୀୟ ଦଳରୁ ଯଦି ସୁଯୋଗ ନ ମିଳେ ତେବେ ଆସନ୍ତା ସିଜନ ରଣଜୀ ଟ୍ରଫିରେ ବିହାରୀ ହାଇଦ୍ରାବାଦ ଦଳର ନେତୃତ୍ୱ ନେବା ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏହା ପୂର୍ବରୁ ସେ ମୁସ୍ତାକ ଅଲୀ ଟି୨୦ ଓ ବିଜୟ ହଜାରେ ଦିନିକିଆ ଟୁର୍ନାମେଣ୍ଟ ନିଶ୍ଚୟ ଖେଳିବେ।




# ୪ର୍ଥ ସ୍ଥାନ ବଜାୟ ରଖିଲେ କୋହଲି

**ଦୁବାଇ, ୧୫।୯ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପୁରୁଷ ଟି୨୦ ର୍‍ୟାଙ୍କିଂ ତାଲିକା ପ୍ରକାଶ ପାଇଛି। ଭାରତ ଅଧିନାୟକ ବିରାଟ କୋହଲି ଓ ଷ୍ଟାର ବ୍ୟାଟ୍ସମ୍ୟାନ କେ.ଏଲ୍. ରାହୁଲ ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରେ ୪ର୍ଥ ଓ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। କୌଣସି ଭାରତୀୟ ବୋଲର ଟପ୍ ୧୦ରେ ସ୍ଥାନ ପାଇ ନାହାନ୍ତି। ଟପ୍ ୭ ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରେ ଇଂଲଣ୍ଡର ଦାୱିଦ ମଲାନ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଦକ୍ଷିଣ ଆଫ୍ରିକା ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡି'କକ୍ ର୍‍ୟାଙ୍କିଂ ତାଲିକାର ୮ମ ସ୍ଥାନରେ ରହିଥିବାବେଳେ ୱେଷ୍ଟଇଣ୍ଡିଜ ଏଭିନ୍ ଲୁଇସ୍ ତାଲିକାର ୯ମ ସ୍ଥାନକୁ ଖସି ଆସିଛନ୍ତି। ବୋଲରଙ୍କ ମଧ୍ୟରେ ଟାବ୍ରେଜ୍ ସାମ୍‌ସି ଏବେ ସୁଦ୍ଧା ପ୍ରଥମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ପଛ ୱାନିଣ୍ଡୁ ହସରଙ୍ଗା ଓ ରଶିଦ ଖାଁ ରହିଛନ୍ତି। ଟପ୍ ୨୦ ତାଲିକାରେ ଭାରତର ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ବୋଲର ଭୁବନେଶ୍ୱର କୁମାର ୧୨ତମ ସ୍ଥାନରେ ରହିଥିବାବେଳେ ୱାଶିଂଟନ ସୁନ୍ଦର ୧୮ତମ ସ୍ଥାନରେ ଅଛନ୍ତି। ୟୁଜବେନ୍ଦ୍ର ଚହଲ ଯଦିଓ ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି ର୍‍ୟାଙ୍କିଂ ତାଲିକାରେ ତାଙ୍କର ଉନ୍ନତି ଘଟିଛି। ସେ ବର୍ତ୍ତମାନ ୨୫ତମ ସ୍ଥାନରେ ଅଛନ୍ତି। ଅଲରାଉଣ୍ଡର ତାଲିକା ଟପ୍ ୨୦ରେ କେବଳ ଜଣେମାତ୍ର ଭାରତୀୟ ହାର୍ଦ୍ଦିକ ପାଣ୍ଡ୍ୟା ଅଛନ୍ତି। ସେ ୯୮ ପଏଣ୍ଟ ସହ କୌଣସିମତେ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ବାଂଲାଦେଶ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କର ଦୁଇଟି ସ୍ଥାନ ପଦୋନ୍ନତି ଘଟିଛି। ସେ ୮ମ ସ୍ଥାନରେ ରହିଛନ୍ତି।




# ବ୍ଲାଷ୍ଟର୍ସଙ୍କୁ ହରାଇଲା ବେଙ୍ଗାଲୁରୁ

**ଡୁରାଣ୍ଡ କପ୍ ଫୁଟ୍‌ବଲ**

**କୋଲକାତା, ୧୫।୯**

ପୂର୍ବତନ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ) ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ୧୩୦ତମ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଦଳ ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସଙ୍କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନାମଗେଲ ଭୁଟିଆ ୪୫ ଓ ଲିଅନ ଅଗଷ୍ଟିନ ୭୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ଅଧିକାଂଶ ସମୟରେ କେରଳ ବ୍ଲାଷ୍ଟର୍ସ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୩୩ତମ ମିନିଟରେ ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିବାର ସୁଯୋଗ ଆସିଥିଲା। ମାତ୍ର ଶ୍ରୀକୁତ୍ତାନ ମାରିଥିବା ଶଟ୍‌କୁ ବେଙ୍ଗାଲୁରୁ ଗୋଲକିପର ଲାରା ସେଭ୍ କରି ଦେଇଥିଲେ। ସେହିପରି ୩୮ତମ ମିନିଟରେ ଏକ ଫ୍ରି କିକ୍ ମାଧ୍ୟମରେ ଲୁନା ଗୋଲ ସ୍କୋର କରିବାର ପାଖାପାଖିରେ ପହଞ୍ଚି ଯାଇଥିବାବେଳେ ବେଙ୍ଗାଲୁରୁ କିପର ପୁଣି କରିସ୍ମା ଦେଖାଇ ତାହାକୁ ସଫଳ ହେବାକୁ ଦେଇ ନ ଥିଲେ।

ନୌସାଦ ମୋସାଙ୍କ ପ୍ରଶିକ୍ଷଣପ୍ରାପ୍ତ ବେଙ୍ଗାଲୁରୁ ପାଇଁ ୪୫ତମ ମିନିଟରେ ଅଗ୍ରଣୀ ନେବାର ସୁଯୋଗ ଆସିଥିଲା। ଫ୍ରି-କିକ୍‌ରୁ ନାମଗେଲ ମାରିଥିବା ଶଟ୍‌କୁ ବ୍ଲାଷ୍ଟର୍ସ କିପର ଆଲବିନୋ ଗୋମ୍ସ ଅଟକାଇ ପାରି ନ ଥିଲେ। ବିପଜ୍ଜନକ ଖେଳ ପାଇଁ କେରଳ ବ୍ଲାଷ୍ଟର୍ସର ଆର.ଭି. ହୋର୍ମିପାମ୍‌ଙ୍କୁ ପ୍ରଥମେ ମାର୍ଚ୍ଚିଂ ଅର୍ଡର ମିଳିଥିଲା। ଏହାପରେ ସନ୍ଦୀପ ସିଂ ଓ ୟେଣ୍ଡ୍ରେମବାମ୍ ଡେନେଚାଣ୍ଡ୍ରାମ ମେଇତେଇଙ୍କୁ ପଡ଼ିଆ ଛାଡ଼ିବା ନିର୍ଦ୍ଦେଶ ମିଳିବାରୁ ବ୍ଲାଷ୍ଟର୍ସ ୮ ଜଣିଆ ଦଳରେ ପରିଣତ ହୋଇ ଯାଇଥିଲା। ଏହାର ସୁଯୋଗ ନେଇ ୭୧ତମ ମିନିଟରେ ହରମନପ୍ରୀତଙ୍କଠାରୁ ପାଇଥିବା କ୍ରସ୍ ପାସ୍‌କୁ ଅଗଷ୍ଟିନ ଗୋଲରେ ପରିଣତ କରି ବେଙ୍ଗାଲୁରୁର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ପ୍ରଭାବୀ ପ୍ରଦର୍ଶନ ପାଇଁ ବେଙ୍ଗାଲୁରୁ ଗୋଲକିପର ଲାରା ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।



କୋଲକାତାରେ ଚାଲିଥିବା ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ବେଙ୍ଗାଲୁରୁ ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତୀୟ ଦଳରୁ ବାଦ୍ ପଡ଼ିଲେ ମନିକା

**ନୂଆଦିଲ୍ଲୀ, ୧୫।୯ (ପି.ଟି.):** ସେପ୍ଟେମ୍ବର ୨୮ରୁ ଦୋହାଠାରେ ଏସିଆନ ଟେବୁଲ ଟେନିସ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଥିବାବେଳେ ଭାରତୀୟ ଦଳରୁ ଷ୍ଟାର ଖେଳାଳି ମନିକା ବାତ୍ରା ବାଦ୍ ପଡ଼ିଛନ୍ତି। ପୂର୍ବରୁ ସେ ସୋନେପତ୍‌ଠାରେ ବାଧ୍ୟତାମୂଳକ ଜାତୀୟ କ୍ୟାମ୍ପରୁ ଓହରିଯାଇଥିଲେ। ବିଶ୍ୱର ଏହି ୫୬ତମ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ଅନୁପସ୍ଥିତିରେ ୯୭ତମ ର୍‍ୟାଙ୍କିଂପ୍ରାପ୍ତ ସୁତୀର୍ଥା ମୁଖର୍ଜୀ ମହିଳା ଦଳର ନେତୃତ୍ୱ ନେବେ। ଦଳର ଅନ୍ୟ ସଦସ୍ୟମାନେ ହେଲେ ଆଇହିକା ମୁଖର୍ଜୀ (୧୩୧ତମ ର୍‍ୟାଙ୍କିଂପ୍ରାପ୍ତ) ଓ ଅର୍ଚ୍ଚନା କାମାଥ (୧୩୨)। ପୁରୁଷ ଚ୍ୟାଲେଞ୍ଜର ନେତୃତ୍ୱ ନେବେ ଭଟେରାନ ଶରଥ କମଲ (୩୩ ର୍‍ୟାଙ୍କିଂ)। ତାଙ୍କର ଅନ୍ୟ ସାଥୀ ଖେଳାଳିମାନେ ହେଲେ ଜି. ସାଥିୟାଁ (୩୮ତମ), ହରମିତ୍ ଦେଶାଇ (୭୨),ମାନବ ଠକ୍କର (୧୩୪) ଓ ସାନିଲ ଶେଟ୍ଟି (୨୪୭)। ଖେଳର ପାୱାର ହାଉସ୍ ବୋଲି କୁହାଯାଉଥିବା ଚାଇନା ଇଭେଣ୍ଟରେ ଅଂଶଗ୍ରହଣ କରୁ ନ ଥିବାରୁ ପୁରୁଷ ଟିମ୍ ଇଭେଣ୍ଟରେ ଭାରତ ପଦକର ଆଶା ରହିଛି। ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ତରଫରୁ ପୂର୍ବରୁ ସ୍ପଷ୍ଟ କରିଦିଆଯାଇଥିଲା ଯେ, ଯେଉଁମାନେ କ୍ୟାମ୍ପରେ ଯୋଗ ଦେବାନାହିଁ ଦଳ ସିଲେକ୍ସନ ବେଳେ ସେମାନଙ୍କ ନାମ ବିଚାରକୁ ନିଆଯିବ ନାହିଁ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଠିକାଦାରପଡା ଦୁର୍ଗାପୂଜା କମିଟି ଗଠିତ

ବଲାଙ୍ଗୀର ଅଫିସ: ବଲାଙ୍ଗୀର ଠିକାଦାରପଡା ଦୁର୍ଗାମଣ୍ଡପଠାରେ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ବରିଷ୍ଠ ଆଇନଜୀବୀ ପ୍ରବୀଣ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ ସଭ୍ୟଙ୍କ ସହମତିରେ ଦୁର୍ଗାପୂଜା ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । କାଳୀଚରଣ ବିଶ୍ୱାଳ ସଭାପତି, ଅଜିତ ମହାଲିଙ୍ଗ ଉପସଭାପତି, ଅନାଲ ପାଣିଗ୍ରାହୀ ସାଧାରଣ ସମ୍ପାଦକ ଓ ଶେଷଦେବ ଯୁଏଡ କୋଷାଧ୍ୟକ୍ଷ ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ସୁରେନ୍ଦ୍ର ବାଗ, ସୂର୍ଯ୍ୟନାରାୟଣ ମିଶ୍ର, ଭୁବ ଯୁଏଡ, ଇଶ୍ୱର ତିରଗୁନ୍, ପ୍ରଦୀପ ସାମନ୍ତରାୟ, ନରେନ୍ଦ୍ର ପାଲ, ଲକ୍ଷ୍ମୀନ୍ଦ୍ର ସାହୁ, ରଞ୍ଜିତ ବେହେରା, ସମୀର ମିଶ୍ର, ଦେବେନ ପାତ୍ର, ପ୍ରତ୍ୟୁଷ ଖୁଆସ, ମଧୁ ବନଛୋର ସଦସ୍ୟ ରହିଛନ୍ତି। ଚଳିତବର୍ଷ ମଧ କୋଭିଡ ଗାଇଡଲାଇନ୍ ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀ ମାନି ଦୁର୍ଗାପୂଜା କରିବାକୁ ନିଷ୍ପତ୍ତି ହୋଇଛି।

## ସଂକ୍ଷେପରେ

### ୨୪ଘଣ୍ଟା ବିତିଲା, ମୃତକଙ୍କ ପରିଚୟ ମିଳିନି

**ପରିତ୍ୟକ୍ତ ଘରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣା**

- ବ୍ୟବଚ୍ଛେଦ ପରେ ମୃତଦେହ ଶବାଗାରରେ ରଖାଯାଇଛି

ବଲାଙ୍ଗୀର ଅଫିସ/ଗୁଡଭେଲା, ୧୫।୯ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ଜାମୁଟ ଗାଁ କର୍ମୀପଡାର ଏକ ପରିତ୍ୟକ୍ତ ଘରୁ ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରାଯାଇଥିଲା। ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ଉକ୍ତ ଘରେ ନିଆଁରେ ପୋଡି ଦିଆଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଥିଲା। ତେବେ ଘଟଣାର ୨୪ଘଣ୍ଟା ବିତି ଯାଇଥିଲେ ବି ମୃତକଙ୍କ ପରିଚୟ ମିଳି ପାରିନାହିଁ। ଏପରିକି ତାଙ୍କୁ କିଏ ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନାହିଁ। ବୁଧବାର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମୃତଦେହ ବ୍ଯବଚ୍ଛେଦ ପରେ ଶବାଗାରରେ ରଖାଯାଇଥିବା ଏସଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

### ଆୟୁର୍ବେଦ ମହାବିଦ୍ୟାଳୟକୁ ମିଳିଲା ଥଣ୍ଡା ପାନୀୟ ଜଳ ମେଶିନ



ପାଇକମାଲ,୧୫।୯( ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟକୁ ସମାଜସେବୀ ଡା. ସୁରେଶ ଅଗ୍ରୱାଲ ବୁଧବାର ଏକ ଥଣ୍ଡା ପାନୀୟ ଜଳ ମେଶିନ ପ୍ରଦାନ କରିଛନ୍ତି। ତାଙ୍କର ସହଧର୍ମିଣୀ ସ୍ୱର୍ଗୀୟ ଡା. ଉଷା ଅଗ୍ରୱାଲଙ୍କ ସ୍ମୃତିରେ ଏହା ପ୍ରଦାନ କରିଛନ୍ତି ବୋଲି ଡା.ଅଗ୍ରୱାଲ କହିଛନ୍ତି। ଏଥିସହ ମହାବିଦ୍ୟାଳୟକୁ ୧୨୮ ବୋତଲ ସାନିଟାଇଜର ପ୍ରଦାନ କରିଛନ୍ତି। ଅନୁଷ୍ଠାନ ସମ୍ପାଦକ ମନୋଜ କୁମାର ତ୍ରିବେଦୀ, ଅଧକ୍ଷ କ୍ଷିରାବ୍ଧୀ ତନୟା ରାଉତରାୟ, ଡା ନାୟୁଡୁ ଜଗନ୍ନାଥ, ଡା.ସୁଶାନ୍ତ କୁମାର ସାହୁ, ବଡ ଶତପଥୀ, ସୁରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ବନ୍ୟା ପୀଡ଼ିତଙ୍କୁ ଖାଦ୍ୟ ବଣ୍ଟନ

ବଲାଙ୍ଗୀର ଅଫିସ,୧୫।୯: ବଲାଙ୍ଗୀର ସହରରେ ଲଗାଣ ବର୍ଷା ଯୋଗୁ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଭିନ୍ନ ପଡାର ତଳି ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିଯିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନେକ ଲୋକ ଜଳବନ୍ଦୀ ହୋଇ ଭୋକରେ ରହିଥିଲେ। ଏଭଳି ସ୍ଥିତି ଜାଣିଲା ପରେ ଅଗ୍ରଣୀ ସେଚ୍ଛାସେବୀ ସଙ୍ଗଠନ ମାହେଶ୍ୱରୀ ତରଫରୁ ପୀଡିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ଉପଦେଷ୍ଟା ଦିନେଶ ଶର୍ମା, ମହିଳା ଶାଖା ସଂଯୋଜିକା ସୋନିଆ ବେଜ, ସଂଯୋଜିକ ପ୍ରିୟଙ୍କା ପଟ୍ଟନାୟକ, ସଦସ୍ୟ ରାଜବାଲୁଙ୍କେଶ୍ୱର ନନ୍ଦ, ସାହିଲ ସିଂ ଗଡତିଆ, ଫାଲଗୁନୀ ତ୍ରିପାଠୀ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କୁ ଖାଦ୍ୟ ସାମଗ୍ରୀ ବାଣ୍ଟିଥିଲେ।

### ମାଉସୀ ମା' ଦୁର୍ଗା ପୂଜା କମିଟି ଗଠିତ

ଟିଟିଲାଗଡ଼,୧୫।୯(ଡି.ଏନ.ଏ.): ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଟିଟିଲାଗଡ ମାଉସୀ ମା ପୂଜା କମିଟିର ଏକ ବୈଠକ ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ରତାଇଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ପରଲୋକଗତ କମିଟି ସଦସ୍ୟ ଅମରସିଂ ଜୈନ ଓ ଅନ୍ୟ ସଦସ୍ୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ୮୫ତମ ବାର୍ଷିକୀ ପୂଜନୋତ୍ସବରେ ନୂତନ କମିଟି ସଭାପତି ଗୋପାଲ ଅଗ୍ରୱାଲ, ଉପସଭାପତି ରମେଶ ସୋନୀ, ସମ୍ପାଦକ ମନୋଜ ଦଳବେହେରା, କୋଷାଧକ୍ଷ ଭାବେ ଶେଷଦେବ ସାହୁଙ୍କୁ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟକୁ କୃଷ୍ଣଚନ୍ଦ୍ର ରତାଇ, ରାଜେନ୍ଦ୍ର ନାରାୟଣ ମିଶ୍ର, ଶ୍ୟାମାପ୍ରସାଦ ଗରିଆ, ମହେଶ କୁମାର ଇନ୍ଦୋରିଆ, ମନରଞ୍ଜନ ବାଗ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କରୋନା କଟକଣା ପାଳନ ସହ ମାଁଙ୍କ ପୂଜାର୍ଚ୍ଚନା ସୁରୁଖୁରୁରେ ପାଳନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି।

# ବିନା ଟ୍ରେଡ୍ ଲାଇସେନ୍ସରେ କବାଡ଼ିଖାନା

ଜୁନାଗଡ,୧୫।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଥିବା କାବାଡି ଖାନାଗୁଡିକ ବେଆଇନ ଭାବେ ଚାଲିଛି। କାବାଡି ଜିନିଷ ସଂଗ୍ରହ କରୁଥିବା ବ୍ୟବସାୟୀମାନେ ସ୍ଥାନୀୟ ଏନ୍ଏସିରୁ ଟ୍ରେଡ ଲାଇସେନ୍ସ କରିବା ସରକାରୀ ନିୟମ ରହିଛି। ହେଲେ ଜୁନାଗଡ ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଜନୈତିକ ଛତ୍ରଛାୟାରେ ରହି ବହୁ କାବାଡି ବେପାରୀ ଟ୍ରେଡ ଲାଇସେନ୍ସ ନ କରି ଖୋଲାଖୋଲି ବେପାର କରୁଛନ୍ତି। ଫଳରେ ସରକାରୀ ଫି' ନ ଦେଇ ବ୍ୟବସାୟୀମାନେ ମାଲେମାଲ ହେଉଛନ୍ତି। ସହରର ଯେକୌଣସି ଅଦରକାରୀ ଜିନିଷ ସବୁ ବିଶେଷତଃହ ଲୋକମାନେ କାବାଡି ଖାନାରେ ବିକ୍ରି କରିଦେଇଥାନ୍ତି। ଏଥିପାଇଁ କାବାଡି ବ୍ୟବସାୟୀ କରୁଥିବା ବ୍ୟବସାୟୀମାନେ ଲାଇସେନ୍ସ ଗ୍ରହଣ କରିବା ଓ ଲାଇସେନ୍ସ ବାବଦକୁ ଫି' ପୈଠ କରିବାର ନିୟମ ରହିଛି। ଜୁନାଗଡ ଏନ୍ଏସିରୁ ମିଳିଥିବା ତଥ୍ୟ ଅନୁଯାୟୀ ଜୁନାଗଡ ସହରରେ ୬ଟି କାବାଡି ଖାନା ରହିଛି। କାହାରି ମଧ ଟ୍ରେଡ ଲାଇସେନ୍ସ ନ ଥିବା ଜଣାପଡିଛି।



ସହରର ଥିବା ଏକ କାବାଡି ଖାନା।

**ଜୁନାଗଡ଼ ସହର**

- ସରକାରୀ ଫି' ନ ଦେଇ ବ୍ୟବସାୟୀ ମାଲେମାଲ
- ୬ କାବାଡି ଖାନାରୁ କାହାରି ଟ୍ରେଡ୍ ଲାଇସେନ୍ସ ନାହିଁ

ସେହିପରି ବିଭିନ୍ନ ସ୍ଥାନରୁ ଚୋରା ସାମଗ୍ରୀ କମ୍ ଦରରେ ସେମାନେ କିଣି ସେହି ଜିନିଷରେ ଅତ୍ୟଧିକ ମୁନାଫା ପାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ପୋଲିସ ଏଥିପ୍ରତି ଦୃଷ୍ଟି ଦେଇ ଅତର୍କିତ କାବାଡି ଖାନାଗୁଡିକୁ ଯାଞ୍ଚ କଲେ ଏହାର ସତ୍ୟାସତ୍ୟ ଜଣାପଡନ୍ତା। ସେହିପରି ଏନ୍ଏସି ପକ୍ଷରୁ ଧରପଗଡ କରାଯାଇ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଫି' ବାବଦକୁ ଜମା କରୁଥିବା ଟଙ୍କା ମଧ ସରକାରଙ୍କ ରାଜକୋଷକୁ ଆସିଥାନ୍ତା ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ଦୀର୍ଘ ଦିନରୁ ଏହି କାରବାର ଚଳାଇଥିବା ବ୍ୟବସାୟୀଙ୍କ କାବାଡି ଖାନା ଉପରେ ଆଜି ପର୍ଯ୍ୟନ୍ତ ଚଢ଼ାଉ ହୋଇ ନ ଥିବା ଜଣାପଡିଛି। ଏ ନେଇ ଜୁନାଗଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ଭ ମିଶ୍ରଙ୍କୁ ପଚାରିବାରୁ ଶୀଘ୍ର ସେମାନଙ୍କୁ ଟ୍ରେଡ ଲାଇସେନ୍ଦ କରିବା ପାଇଁ କୁହାଯିବ, ନଚେତ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ୨ ଜିଲାର ୬୮ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରୂପରେଖ ବଦଳିବ

ନୂଆପଡ଼ା ଅଫିସ,୧୫।୯

କଳାହାଣ୍ଡି ଏବଂ ନୂଆପଡା ୨ଟି ଜିଲାର ୧୮ ବ୍ଲକରେ ୬୮ଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ଅନୁମୋଦନ ପାଇଁ ଓଡିଶା ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ପତ୍ର ପ୍ରେରଣ କରି ଶୀଘ୍ର ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା। କଳାହାଣ୍ଡି ଜିଲାର ୧୩ଟି ବ୍ଲକ ଓ ନୂଆପଡା ଜିଲାର ୫ଟି ବ୍ଲକ ମୋଟ ୧୮ଟି ବ୍ଲକର ପ୍ରଶସ୍ତିକରଣ ଓ ଉନ୍ନତିକରଣର ଲକ୍ଷ୍ୟ ରଖି କେନ୍ଦ୍ର ସରକାରଙ୍କୁ ଏମ୍‌ପି ପଣ୍ଡା ଅନୁରୋଧ କରିଛନ୍ତି। ନୂଆପଡା ସଦର ବ୍ଲକ ୩୭.୩୩୭ କି.ମି.,କୋମନା ବ୍ଲକ ୩୦.୪୫ କି.ମି.,ଖଡିଆଳ ବ୍ଲକ ୪୧.୩୩୮ କି.ମି., ବୋଡେନ ବ୍ଲକ ୨୭.୮୬୫ କି.ମି., ସିନାପାଲି ବ୍ଲକ ୩୧.୪୪ କି.ମି. ରହିଛି। ସେହିପରି କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ୩୬.୭୪ କି.ମି., ଗୋଲାମୁଣ୍ଡା ୪୦.୦୬ କି.ମି., ଜୟପାଟଣା ୨୧.୨୬, କୋକସରା ୩୪.୭୩ କି.ମି., କର୍ଲାମୁଣ୍ଡା ୨୭.୮୬ କି.ମି., କେସିଙ୍ଗା ୨୯.୮୯ କି.ମି., ମ.ରାମପୁର ୪୬.୦୮ କି.ମି., ନର୍ଲା ୨୩.୭୩ କି.ମି., ଭବାନୀପାଟଣା ୩୭.୪୬ କି.ମି., ଜୁନାଗଡ ୫୧.୪୩ କି.ମି., ଲାଞ୍ଜିଗଡ ୦୫.୪୫ କି.ମି., ଥୁ.ରାମପୁର ୦୭.୩୦ କକି.ମି., ଦୁଇ ଜିଲାର ୧୮ ବ୍ଲକରୁ ୫୫୮.୨୩ କି.ମି. ୬୮ଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକର ପ୍ରଶସ୍ତି କରଣ ଓ ଉନ୍ନତି କରଣ କରାଯିବା ଯୋଜନା ରହିଛି। ପ୍ରଶସ୍ତିକରଣ ଓ ଉନ୍ନତିକରଣ ହେଲେ ୨ ଜିଲାବାସୀ ଉପକୃତ ହୋଇ ଗମନାଗମନ, ଟ୍ରାଫିକ ଓ ମାଲ ପରିବହନରେ ସୁବିଧା ହେବ।

# ବନ୍ୟାରେ ଭାସି ଯାଇଥିବା ଯୁବକଙ୍କ ମୃତଦେହ ମିଳିଲା

ବଲାଙ୍ଗୀର ଅଫିସ, ୧୫।୯

ବଲାଙ୍ଗୀର ଜିଲା ଲକ୍ଷ୍ମୀଯୋର କଲଭର୍ଟ ନିକଟରେ ବନ୍ୟାସ୍ରୋତରେ ଭାସି ନିଖୋଜ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରେ ସ୍ଥାନୀୟ ଗ୍ରାମବାସୀ, ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ନିଖୋଜ ପୁଇଁତଲା ଥାନା ଫଟକରାର ଯଦୁମଣି ପଟେଲଙ୍କ ପୁଅ ସୁଧାଂଶୁ ପଟେଲ (୧୮)ଙ୍କ ମୃତଦେହ ଉକ୍ତ ନାଳାରୁ ଠାବ କରିଥିଲା। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି। ପୁଇଁତଲା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ତହସିଲଦାର, ସରପଞ୍ଚ ରେବତୀ ନାଏକ, ନାଏବ ସରପଞ୍ଚ ଶଙ୍କର ଜାଲ ବୁଧବାର ମୃତ ଯୁବକଙ୍କ ପିତା ଓ ସମ୍ପର୍କୀୟଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ। ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ତିନିଦିନର ଲଗାଣ ବର୍ଷା ଯୋଗୁଁ ଲକ୍ଷ୍ମୀଯୋରରେ ବନ୍ୟାପାଣି ପ୍ରବାହିତ ହେଉଥିଲା। ସୁଧାଂଶୁ ଯୋର ହିଡରେ ଲାଗିଥିବା ତାଙ୍କ ପାଣିପମ୍ପକୁ ନେବା ପାଇଁ କ୍ଷେତକୁ ଯାଇଥିଲେ। ପାଣିପମ୍ପ ପ୍ରଖର ସ୍ରୋତରେ ଭାସି ଯାଉଥିବା ଦେଖି ଉଦ୍ଧାର କରିବାକୁ ଚେଷ୍ଟା କଲାବେଳେ ସେ ନିଜେ ଭାସିଯାଇଥିଲେ। ବୁଧବାର ବର୍ଷାପାଣି କମିଯିବା ପରେ ଉକ୍ତ ନାଳାରେ ସୁଧାଂଶୁଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା।



ପ୍ରଶାସନିକ ଅଧିକାରୀମାନେ ମୃତକଙ୍କ ପିତାଙ୍କୁ ଆର୍ଥିକ ସହାୟତା ଚେକ୍ ପ୍ରଦାନ କରୁଛନ୍ତି।

- ପ୍ରଶାସନ ଦେଲା ସହାୟତା ରାଶି
- ବିଧାୟକ ଜଣାଇଲେ ସମବେଦନା

# ୨୭ ଭାରତ ବନ୍ଦକୁ ମିଳିତ ମଞ୍ଚର ସମର୍ଥନ

ବଲାଙ୍ଗୀର ଅଫିସ,୧୫।୯

ବଲାଙ୍ଗୀର ଜିଲାରେ ସେପ୍ଟେମ୍ବର ଶେଷ ସପ୍ତାହରୁ ଅକ୍ଟୋବର ୧୦ ତାରିଖ ମଧ୍ୟରେ ତହସିଲସ୍ତରୀୟ ଏବଂ ଅକ୍ଟୋବର ୨୦ରୁ ୩୦ ମଧ୍ୟରେ ଜିଲାସ୍ତରୀୟ ଜମାକାରୀ ଗଣସତ୍ୟାଗ୍ରହ କରିବାକୁ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ଚେତାବନୀ ଦେଇଛି। କୃଷକ ବିରୋଧୀ ତିନି କୃଷି ଆଇନ ଓ ବିଦ୍ୟୁତ୍ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ଆସନ୍ତା ୨୭ତାରିଖରେ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସମଗ୍ର ଓଡିଶାରେ ସଫଳ କରିବା ପାଇଁ ମିଳିତ ମଞ୍ଚ ଆହ୍ୱାନ ଦେଇଛି। ସ୍ଥାନୀୟ ଯାଦବ ଭବନଠାରେ ବୁଧବାର ଅନୁଷ୍ଠିତ ବୈଠକରେ ମଞ୍ଚ ସଭାପତି ଜୟନ୍ତ ଦାସ, ଉପସଭାପତି ବିଭୁଦତ୍ତ ମିଶ୍ର, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, କେନ୍ଦ୍ରୀୟ କର୍ମକର୍ତ୍ତା ମଣ୍ଡଳୀର ଅନୁରାଧା ସୁବୁଦ୍ଧି, ଅଖିଳ ମୋହନ ଲେଙ୍କା, ଅମର କୁମାର ସାହୁ, ସୁଧାଂଶୁ ବେହେରା, ପ୍ରଦୀପ କୁମାର ମହାରଣା, ଉମେଶ ଚନ୍ଦ୍ର ନାୟକ, ଚଣ୍ଡୋଳ ପ୍ରଧାନ, ବଲାଙ୍ଗୀର ଜିଲା ସମ୍ପାଦକ ଲଳିତ ଦୀପ, ମଦନ ମୋହନ ଡାଙ୍ଗ, ସୁରଥ ଧରୁଆ, ରମେଶ ପୋଡ ଜମାକାରୀ ଆନ୍ଦୋଳନ ସହ କୃଷକ ଆନ୍ଦୋଳନର ସଫଳତା ଉପରେ ଜୋର ଦେଇଥିଲେ।

# କୁରୁଲରେ ନୂଆଁଖାଇ ଭେଟ୍



କୁରୁଲଠାରେ ଅନୁଷ୍ଠିତ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ,୧୫।୯

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ କୁରୁଲ ରାମଜୀ ଉଚ୍ଚ ବିଦ୍ୟାଳୟଠାରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଏବଂ ନୂଆଁଖାଇ ଭେଟ୍ ଅନୁଷ୍ଠିତ ହୋଇଥିଲା। ମୋ ସ୍କୁଲ ଅଭିଯାନ ସଦସ୍ୟ ଏବଂ କୁରୁଲ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଭେଟ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ମୁଖ୍ୟଅତିଥିଭାବେ ସ୍କୁଲକୁ ପୌଷ୍ୟଭାବେ ଗ୍ରହଣ କରିଥିବା ରାଜ୍ୟ ସଭା ସାଂସଦ ସୁବାସ ସିଂ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ରୋଟାରିଆନ୍ ବିଷ୍ଣୁ ପ୍ରସାଦ କେଡିଆ ଏବଂ ସମ୍ମାନିତ ଅତିଥିଭାବେ ଅମିତ ରଞ୍ଜନ ପଟ୍ଟନାୟକ ଓ ଗୌନ୍ତିଆ ଯଜ୍ଞେଶ୍ୱର ନାଏକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଲୁମିନି ସଭାପତି ଅଶ୍ୱିନୀ ନାଏକ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ କଣ୍ଠଶିଳ୍ପୀ ନବୀନ କୁଅଁରଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରିଥିଲେ। ସଭାରେ ମନ୍ଦିର କମିଟି ସଭାପତି ଚନ୍ଦ୍ରଶେଖର ପଟେଲ, ସମ୍ପାଦକ ନିତାଇ ଚରଣ ନାଏକ, ସଭ୍ଯ ସୁରେଶ ନାଏକ, ଗାଁର ବରିଷ୍ଠ ନାଗରିକ ପୀତବାସ ପଟେଲ, ବାଲେଶ୍ୱର ପଟେଲ, ସଚିକାନ୍ତ ରାଉତ ସମେତ ଅନେକ ସଭ୍ଯ ସଭ୍ଯା ଉପସ୍ଥିତ ଥିଲେ । ଭକ୍ତ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଧାୟକଙ୍କୁ ଭେଟିଲେ ଗନ୍ଧମାଳି ସମାଜ ପ୍ରତିନିଧି ମଣ୍ଡଳୀ

ଲୋଇସିଂହା,୧୫।୯(ଡି.ଏନ.ଏ)

ପଶ୍ଚିମ ଓଡିଶା ଗନ୍ଧମାଳି ସମାଜ ବଲାଙ୍ଗୀର ଉପଖଣ୍ଡ(ଖ)ର ଏକ ପ୍ରତିନିଧି ମଣ୍ଡଳୀ ନଅଗାଁ(ଖ) ପାର୍ଟି ଅଫିସରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ବୁଧବାର ସାକ୍ଷାତ କରିଥିଲେ। ଗନ୍ଧମାଳି(ଥନାପତି)ମାନଙ୍କୁ ରାଜ୍ୟ ସରକାର ଏସଇବିସି ଓ ଓବିସି ତାଲିକାଭୁକ୍ତ କରିବା ପାଇଁ ୨୦୨୧ ଅଗଷ୍ଟ ୨୯ରେ ନୋଟିଫିକେସନ କରିଛନ୍ତି। ଏହାକୁ ନେଇ ଗନ୍ଧମଳି ସମାଜ ଖୁସିବ୍ୟକ୍ତ କରିଛି। ସମାଜର ଅନୁରୋଧକ୍ରମେ ବିଧାୟକ ଏ ସଂକ୍ରାନ୍ତରେ ଗତ ଶୀତ ଅଧିବେଶନରେ ବିଧାନସଭାରେ ଉପସ୍ଥାପନା କରିଥିଲେ। ଏଥିପାଇଁ ପ୍ରତିନିଧି ଦଳ ପକ୍ଷରୁ ବିଧାୟକଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଏହାବାଦ ସମାଜର ଉନ୍ନତିକଳ୍ପେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଯୋଗୀସର୍ଡା ଶୈବପୀଠରେ ହେବାକୁ ଥିବା ସମାଜର ନୂଆଁଖାଇ ଭେଟ୍‌ଘାଟ ପାଇଁ ବିଧାୟକଙ୍କୁ ଆମନ୍ତ୍ରଣ କରାଯାଇଥିବା ଏହି ପ୍ରତିନିଧି ମଣ୍ଡଳୀରେ ଥିବା ଭାସ୍କର ଥନାପତି, ଜଗଦୀଶ ଥନାପତି, ହରିହର ଥନାପତି, ରାମାନନ୍ଦ ଥନାପତି, ବିଶ୍ୱନାଥ ଥନାପତି, ନୀଳକଣ୍ଠ ଥନାପତି ପ୍ରମୁଖ କହିଛନ୍ତି।



ବିଧାୟକଙ୍କୁ ସାକ୍ଷାତ୍ କରିବା ଅବସରରେ ଗନ୍ଧମାଳି ସମାଜ ପ୍ରତିନିଧି ମଣ୍ଡଳୀ।

# ସରଗୁଲ ଯୁବକ ସଂଘ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୫।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସରଗୁଲ ଚିନାବାଡ଼ିଠାରେ ନେହେରୁ ଯୁବକେନ୍ଦ୍ର ଭବାନୀପାଟଣା ଓ ନବ ଜ୍ୟୋତି ଯୁବକ ସଂଘ ସରଗୁଲ ମିଳିତ ଉଦ୍ୟମରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅସବସରରେ ଏକ ମାରାଥନ ଦୌଡ଼ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ହେମରାଜ ସାହୁଙ୍କ ନେତୃତ୍ୱରେ ୟୁଥ କ୍ଲବ ସଦସ୍ୟମାନେ ସାମିଲ ହୋଇ ମାରାଥନ ଦୌଡ଼ ଜରିଆରେ ଯୁବକମାନେ ସ୍ୱାସ୍ଥ୍ୟବାନ ରହିବାର ବାର୍ତ୍ତା ଦେଇଥିଲେ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ




ବୃକ୍ଷରୋପଣ କରାଯାଉଛି।

ବାଉଁଶୁଣୀ,୧୫।୯(ଡି.ଏନ.ଏ.)

ନୂଆଖାଇ ଅବସରରେ ଲଭ ଅର୍ଗାନାଇଜେଶନ ,ବାଉଁଶୁଣୀ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଯୁବ ସାମାଜିକ କର୍ମୀ ଗୋପାଳ କ୍ରିଷ୍ଣା ଥାପାଙ୍କ ନେତୃତ୍ୱରେ ମନୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡିଗି-ମୁଣ୍ଡିପଦର ମଠରେ ବୃକ୍ଷରୋପଣ କରାଯାଇଥିଲା। ଲିମ୍ବ, ଜାମୁ, ଶାଗୁଆନ, କଞ୍ଜ, ଗମ୍ଭାରୀ ସମେତ ବହୁ ଔଷଧୀୟ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇଛି। କୋଷାଧକ୍ଷ ସୌଭାଗ୍ୟ ଥାପା, ସଂଗ୍ରାମ କର୍ଣ୍ଣ, ହିରନ କର୍ଣ୍ଣ, ଅଂଶୁମାନ କର୍ଣ୍ଣ, କହ୍ନା କର୍ଣ୍ଣ, ହିତେଶ ଦେହୁରୀ ତଥା ଅନ୍ୟ ସଦସ୍ୟମାନେ ଯୋଗଦେଇ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଛନ୍ତି ।

# ପଞ୍ଚାୟତ ଅଧିକାରୀଙ୍କ ବଦଳିକୁ ବିରୋଧ

ନୂଆପଡ଼ା ଅଫିସ,୧୫।୯

ନୂଆପଡା ଜିଲା କୋମନା ବ୍ଲକ ନୂଆଁଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳିକୁ ପଞ୍ଚାୟତବାସୀ ବିରୋଧ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତବାସୀ ଜିଲାପାଳଙ୍କୁ ସାକ୍ଷାତ କରି ବଦଳି ବାତିଲ ପାଇଁ ଦାବି କରିଛନ୍ତି। ସୂଚନା ଯେ, ନୂଆଗାଁ ପଞ୍ଚୟତରେ ଦୀର୍ଘ ଦିନ ହେଲେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବିଭ୍ରାଟ ଲାଗି ରହିଥିଲା। ଏ ନେଇ ଅଭିଯୋଗ ପରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହୋଇଥିବା ଦୁର୍ନୀତି ନେଇ ତଦନ୍ତ କରାଯାଇ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ହଟାଇ ସତ୍ୟବ୍ରତ ବରାଳଙ୍କୁ ଜୁନ ୨୦୨୧ରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପଞ୍ଚାୟତବାସୀଙ୍କ କହିବା ମୁତାବକ ବରାଳ କାର୍ଯ୍ୟରେ ଯୋଗଦେବା ପରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ କିରୋସିନ ଯୋଗାଣରେ ସୁଧାର ଆସିଥିଲା। ଏହା ସହ ଗତ ୩ ମାସ ମଧ୍ୟରେ ୨୦ ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ମିଳି ସାରିଲାଣି। ଏହା ସହ ବରାଳ ପ୍ରତ୍ୟେହ ଗ୍ରାମ ବୁଲି ଏମ୍‌ଜିଏନ୍‌ଆର୍‌ଇଜିଏସରେ ଆସିଥିବା କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି। କେଉଁ କାରଣରୁ ତାଙ୍କୁ ମାତ୍ର ୩ ମାସରେ ଏଠାରୁ ହଟାଇ ଦିଆଗଲା ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ପଞ୍ଚାୟତବାସୀ ଜିଲାପାଳଙ୍କୁ ସାକ୍ଷାତ କରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହୋଇଥିବା ଦୁର୍ନୀତିର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ତାଙ୍କୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀରୁ ବଦଳି ନ କରିବାକୁ ଦାବି କରିଛନ୍ତି।

# ବଢୁଛି ବାଇକ ଚୋରି ର୍ୟାକେଟ

ଲୋଇସିଂହା,୧୫।୯(ଡି.ଏନ.ଏ.)

**ଲୋଇସିଂହା ଥାନା**

- ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ସଫଳତା ମିଳିବ: ଥାନାଧିକାରୀ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଗତ କିଛିଦିନ ହେଲା ବାଇକ ଚୋର ସକ୍ରିୟ ରହିଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ୨ ବାଇକ ଚୋରି ନେଇ ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ଏହାବାଦ ମଙ୍ଗଳବାର ରାତିରେ ବାଦିବାହଲ ଗ୍ରାମର ଏକ କୁକୁଡା ଫାର୍ମରୁ ପୂର୍ବତନ ସରପଞ୍ଚ ହୃଦୟାନନ୍ଦ ବେହେରାଙ୍କ କାରକୁ ଦୁର୍ବୃତ୍ତ ଚୋରି କରି ନେଉଥିଲେ । ହେଲେ ଗିର୍ଜିଭଟାଠାରେ ଗାଡି ଅଚଳ ହେବାରୁ ଚୋର ଧରାପଡିଥିଲା । ବେହେରାଙ୍କ ଫାର୍ମରେ ପୂର୍ବରୁ ଚୋର ଜଣକ ଶ୍ରମିକ ଭାବେ କାମ କରୁଥିବା ଜଣାଯାଇଛି। ଏନେଇ ଥାନାରେ ସେ ଏତଲା ଦେଇଛନ୍ତି। ସେହିପରି ଲୋଇସିଂହା ପୁଟାପାଲିର ଅରୂପସିଂ ପୁଟାଙ୍କ ଘର ଅଗଣାରୁ ଗତ ସେପ୍ଟେମ୍ବର ୧୩ ତାରିଖରେ ଏକ ଆପାଚି(ଓଡି୦୩ଏଫ ୯୩୯୨) ବାଇକ ଚୋରି ହୋଇଥିଲା। ସେହିଦିନ ପ୍ରବଳ ବର୍ଷା ହେଉଥିବାରୁ ପରିବାର ଲୋକେ ଘରେ ରହିଥିଲେ। ସନ୍ଧ୍ୟାରେ ଅଗଣାକୁ ଆସିଲା ପରେ ବାଇକ ନ ଥିବା ଜାଣିବାକୁ ପାଇଥିଲେ। ଚୋରି ନେଇ ଥାନାରେ ଅରୂପ ଲିଖିତ ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୬ ତାରିଖରେ ବୁର୍ଡାର ହରିହର ବାଗ ତାଙ୍କ ପଲସର ବାଇକ(ଓଡି୦୩ଇ ୪୭୮୪)କୁ ଧରି କୌଣସି କାମରେ ଶଙ୍କରବୁଜି ଯାଇଥିଲେ। ସେଠାରୁ ଫେରିଲା ବେଳେ ଫାସଡ ସୁକତେଲ ନଦୀ ପୋଲ ତଥା ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥଉପରେ ବାଇକ ରଖି ଶୌଚ ଯାଇଥିଲେ । ସେଠାରୁ ଆସିଲା ପରେ ସେହି ସ୍ଥାନରେ ବାଇକ ନଥିଲା । ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ । ଏହାପୂର୍ବରୁ ଗତ ଅଗଷ୍ଟ ୨୩ ତାରିଖରେ ପୋଢପାଲି ଗ୍ରାମର ଭାନ ସାହୁ ତାଙ୍କ ବାଇକ(ଓଡି୧୫ ବି ୮୯୬୧)କୁ ଗ୍ରାମ ଛକରେ ରଖି ଖେତକୁ ଯାଇଥିଲେ। ଏତିକି ବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ ଚୋରି କରି ଫେରାର ହୋଇଯାଉଥିଲେ । ସ୍ଥାନୀୟ ଯୁବକମାନେ ଦୁର୍ବୃତ୍ତଙ୍କୁ ପିଛା କରି କାବୁ କରିବା ପରେ ଲୋଇସିଂହା ପୋଲିସ ଜିମା ଦେଇଥିଲେ। ଏହାପୂର୍ବରୁ ବୁର୍ଡାର ଅରୁଣ ଥନାପତିଙ୍କ ପ୍ୟା ସନ ପ୍ରୋ ବାଇକ ଚୋରି ହୋଇଥିଲ। ଏ ସମ୍ପର୍କରେ ଥାନା ଅଧିକାରୀ ରମାକାନ୍ତ ଜେନାଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଏ ଦିଗରେ ସଫଳତା ମିଳିବ ବୋଲି କହିଛନ୍ତି।

## ଲଘୁଚାପ ବର୍ଷାରେ ଭାଙ୍ଗିଲା ଘର

ପାଇକମାଲ,( ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକରେ ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଅନେକଙ୍କ କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଛି। ମିଠାପାଲି ଗ୍ରାମର କୁଶ ପାତ୍ର, କଟଙ୍ଗପାଲିର ବୁଲଗିରି ଚାନ୍ଦ, ଢୁଙ୍ଗୁରିପାଲିର ରାମସିଂ କୁମ୍ଭାର, ପାଇକମାଲର କବିତା ହାତୀ ପ୍ରମୁଖଙ୍କ ଘର ଭାଙ୍ଗିଛି। ପାଇକମାଲ ରାଜସ୍ୱ ଅଧିକାରୀ ନରେନ୍ଦ୍ର ବିଶି ଏ ନେଇ ତହସିଲଦାର ମନୋଜ ମେହେରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି ।

## ସଂକ୍ଷେପରେ

### ଡିକି ଭାଙ୍ଗି ୩.୫ଲକ୍ଷ ଲୁଟ୍

**ସରଣ୍ଡା,୧୫।୯(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା କୁଲିତାଟୁକୁରା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଯାଚକେଶ୍ୱର ମହାପାତ୍ରଙ୍କ ବାଇକ୍ ଡିକି ଭାଙ୍ଗି ସାଢ଼େ ୩ଲକ୍ଷ ଲୁଟ୍ ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପିଇଓ ମହାପାତ୍ର କୌଣସି ସରକାରୀ କାର୍ଯ୍ୟରେ ଅତାବିରା ବ୍ଲକ ଅଫିସକୁ ଆସିଥିଲେ । ବ୍ଲକ ସମ୍ମୁଖରେ ସେ ବାଇକ୍ ରଖି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ଏହି ସମୟରେ କୌଣସି ଦୁର୍ବୃତ୍ତ ତାଙ୍କ ବାଇକ୍ ଡିକି ଭାଙ୍ଗି ସେଥିରେ ରହିଥିବା ସାଢ଼େ ୩ଲକ୍ଷ ଲୁଟ୍ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି।

### ୪ଚୋରି ଅଭିଯୁକ୍ତ ଗିରଫ

**ସରଣ୍ଡା,୧୫।୯(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଚକୁଳି ଗ୍ରାମର ନିତ୍ୟାନନ୍ଦ ପ୍ରଧାନଙ୍କ ପାନ ଦୋକାନରୁ ଚୋରି ଘଟଣାରେ ପୋଲିସ ୪ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଚକୁଳି ଗ୍ରମାର ରାଜୁ ଜୁଟୁଲୁ(୨୨), ପ୍ରକାଶ ବାଗ(୨୦), ଶଙ୍କର ସୁନା(୨୧) ଏବଂ କୁନାଲ କୁମ୍ଭାର(୨୨)। ସେମାନଙ୍କ ବିରୋଧରେ ଅତାବିରା ଥାନାରେ ଦଫା ୪୫୭, ୩୮୦, ୩୪ ଆଇପିସିରେ ଏକ ମାମଲା(ନଂ.୨୫୯/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କ ପାଖରୁ ୧୯୭୦ ଟଙ୍କା ଏବଂ ବିଭିନ୍ନ ସାମଗ୍ରୀ ଜବତ ହୋଇଥିବା ପୋଲିସ ସୂଚନା ଦେଇଛି ।

### ଚୋରି ମୋଟର ପମ୍ପ ଉଦ୍ଧାର, ୫ଗିରଫ

**ଅତାବିରା/ସରଣ୍ଡା,୧୫।୯(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ପୋଲିସ ମୋଟରପମ୍ପ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅତାବିରା ସହରାପଡ଼ାର କ୍ଷତ୍ରିୟ ଷଣ୍ଢ(୧୯), ସୁରଜ କଠାର(୧୯), କଟକିଆପଡ଼ାର ଡେଭିଡ୍ ଓରଫ କ୍ରିଷ୍ଣା ମଲ୍ଲିକ(୨୨), ଚନ୍ଦନ ମଲ୍ଲିକ(୨୧) ଏବଂ ଏଡୁ ଓରଫ ଟବରେଜ ଖାନ୍(୧୯)। ସେମାନଙ୍କ ବିରୋଧରେ ଅତାବିରା ଥାନାରେ ଏକ ମାମଲା(ନଂ.୨୫୮/୨୧) ରୁଜୁ ହୋଇଛି। ମଙ୍ଗଳବାର ଅତାବିରା ଏନଏସି ଅନ୍ତର୍ଗତ ୱାର୍ଡ଼ ନଂ-୪ ନିବାସୀ ସିତେଶ କୁମାର ଅଗ୍ରୱାଲ ତାଙ୍କ ୧ଏଚପି କ୍ଷମତାସମ୍ପନ୍ନ ମୋଟରପମ୍ପ ଚୋରି ହୋଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓସ୍କାର ଫର୍ନାଣ୍ଡିଜ୍‌ଙ୍କ ବିୟୋଗରେ ଶୋକ ସଭା

**ଭବାନୀପାଟଣା,୧୫।୯(ଡି.ଏନ.ଏ.):** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓସ୍କାର ଫର୍ନାଣ୍ଡିଜ୍‌ଙ୍କ ସୋମବାର ମାଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ତାଙ୍କ ଅକାଳ ବିୟୋଗରେ କଳାହାଣ୍ଡି ଜିଲା କଂଗ୍ରେସ କମିଟି ଆନୁକୁଲ୍ୟରେ ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା ସଭାପତି ଭାରତ ଭୂଷଣ ବେମାଲ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ନେତାଙ୍କ ସ୍ମୃତି ଚାରଣ କର ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସଭାରେ ପୂର୍ବତନ ଏମ୍‌ପି ତଥା ବରିଷ୍ଠ କଂଗ୍ରେସ ନେତା ରାହାସବିହାରୀ ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ଭକ୍ତଚରଣ ଦାସ, ଭବାନୀପାଟଣା ନଗର କଂଗ୍ରେସ ସଭାପତି ସିଦ୍ଧାର୍ଥ ନାଏକ, ପୂର୍ବତନ କଂଗ୍ରେସ ସଭାପତି ହିମାଂଶୁ ଶେଖର ଦାସ, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ସରୋଜ ବାଗ ପ୍ରମୁଖ ସ୍ୱର୍ଗତ ନେତାଙ୍କ ଆତ୍ମାର ଅମରତ୍ୱ କାମନା କରିଥିଲେ।

# ବର୍ଷାରେ ଭାଙ୍ଗିଲା କଚ୍ଚାଘର

**ବୀରମହାରାଜପୁର ଉପଖଣ୍ଡ**

- ବର୍ଷା କମିଲା ପରେ ବି କମିନି ଦୁର୍ଦ୍ଦଶା
- ସରକାରୀ ସହାୟତା ଦାବି

**ଅମରପାଲି,୧୫।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ଲଘୁଚାପଜନିତ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। କାନ୍ଥ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିସହ ଲଗାଣ ବର୍ଷାରେ ଅଞ୍ଚଳର ଅନେକ କଚ୍ଚା ଘର ଭାଙ୍ଗିଯାଇଛି। ଅନେକ ସ୍ଥାନରେ ଏବେ ମଧ୍ୟ ପାଣି ଜମି ରହିଛି। ବର୍ଷା କମି ଥିଲେ ହେଁ ଦୁର୍ଦ୍ଦଶା କମିନାହିଁ । ବୀରମହାରାଜପୁରରେ ସୋମବାର ୨୦୦ ମିମି ଓ ମଙ୍ଗଳବାର ରାଜ୍ୟର ଦ୍ୱିତୀୟ ସର୍ବାଧିକ ୩୭୨ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ବର୍ଷା ପ୍ରଭାବରେ ଅଞ୍ଚଳରେ ଅନେକ ଧନ ଜୀବନ ନଷ୍ଟ ହୋଇଛି। ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ଉପଖଣ୍ଡର ଉଫୁଲା ପଞ୍ଚାୟତ ରଥପୁର ଗ୍ରାମର ପୁରନ୍ଦର ମେଣ୍ଡିଲି(୪୦) ଘରେ ଶୋଇଥିବା ବେଳେ ମାଟି କାନ୍ଥ ପଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଭୁତିଆପାଲି-ଲୁଡୁରପଙ୍କ ମଝିରେ ଥିବା ଘୁଙ୍ଗିନାଳ ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଦୁଇଦିନ ଧରି ଯାତାୟାତ ବନ୍ଦ ରହିଥିଲା। ଫଳରେ ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ ରହିଥିଲା। ଚୌକା ଯୋର ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ



ବୀରମହାରାଜପୁର ବ୍ଲକ ଅମରପାଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମାଟି ଘର ଭାଙ୍ଗିଯାଇଛି ।

ମୁର୍ଷୁଣୀ -ଖଣ୍ଡହତାକୁ ମଧ୍ୟ ଦୁଇ ଦିନ ଯାତାୟାତ ବନ୍ଦ ରହିଥିଲା। ଜଟେସିଂଘା ପଞ୍ଚାୟତର କେଲଗାଁ-ଗୋଧନେଶ୍ୱର ମଝିରେ ଥିବା ପୋଲ ଭାଙ୍ଗି ଯାଇଥିବାରୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ଲୁଡୁରପଙ୍କ-ଘଣ୍ଟପାଲି ମଝିରେ ଥିବା ପୋଲର ଆପ୍ରୋଚ ରାସ୍ତା ଧୋଇ ହୋଇଯାଇଛି। ବହଲପଦର ପଞ୍ଚାୟତର ଅମରପାଲି-ଗୁଦୁଗୁଦା ମଝିରେ ଥିବା ପୋଲ ଓ ଆପ୍ରୋଚ ରାସ୍ତା ଧୋଇ ହୋଇ ଯାଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଲଗାଣ ବର୍ଷାରେ ବ୍ଲକର ବହଲପଦର ପଞ୍ଚାୟତର ଅମରପାଲିରେ ଲବ କମିଲଙ୍କ ମାଟିଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଉକ୍ତ ପଞ୍ଚାୟତର ଗୌଡଗାଡ ଗ୍ରାମର ବେଣୁ ବଗର୍ତ୍ତି, ଉମେଶ ମଲିକ, ଜମୁନା ବସ୍ତିଆ, ବାନାଧର ଅଦାବର, ହିମାଂସୁ ଖେତିଙ୍କ ଘର ଭାଙ୍ଗିଛି। କେନଝିରିଆପାଲି ପଞ୍ଚାୟତ ତେଲିପାଲି ଗ୍ରାମର ବିରୁପାକ୍ଷ ଘିବିଲାଙ୍କ ଘର ଓ କମିରା ପଞ୍ଚାୟତ ଅମ୍ବସରଭଙ୍ଗା ଗ୍ରାମର ଶ୍ରୀମତୀ ସେଠୀଙ୍କ ମାଟିଘର ଭାଙ୍ଗିଛି। ଉଲୁଣ୍ଡା ବ୍ଲକ କାଦିଦର ଗ୍ରାମର ଅଭିରାମ ବିନ୍ଧାଣୀ, ମେଘନାଦ ବଡମାଳୀ, ଭକ୍ତରାମ ବଡମାଳୀ ଙ୍କ ମାଟିଘର ଭାଙ୍ଗିଛି। ବ୍ଲକର ଅନେକ ଗ୍ରାମରେ ଲୋକଙ୍କ ଘର ଭାଙ୍ଗି ଥିବା ଅଭିଯୋଗ ହେଉଛି। ଅନେକ ବ୍ୟକ୍ତିଙ୍କ ଘର ଭିତରକୁ ବର୍ଷା ଜଳ ପ୍ରବେଶ କରି ଧାନ,ଚାଉଳ ଓ ଘରକରଣା ସାମଗ୍ରୀ ନଷ୍ଟ ହୋଇଯାଇଛି। ପ୍ରଶାସନ ତରଫରୁ କ୍ଷୟକ୍ଷତିର ଆକଳନ କରାଯାଇ ନ ଥିବା ଅଭିଯୋଗ ହେଉଛି। ଘର ଭାଙ୍ଗିଥିବା ପରିବାରଙ୍କୁ ପଲିଥିନ ତଥା ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## ବର୍ଷାରେ ଧୋଇଗଲା କଲଭର୍ଟ



ବର୍ଷା ଶଙ୍କୁଲୋଇ ନାଳ କଲଭର୍ଟ ଧୋଇ ନେଇଛି ।

**ବୌଦ୍ଧ,୧୫।୯(ସ୍ୱ.ପ୍ର.)**

ଲଘୁଚାପଜନିତ ଲଗାଣ ବର୍ଷାରେ ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ରାସ୍ତା ଭାଙ୍ଗି ନଷ୍ଟ ହୋଇଯାଇଛି। ଫଳରେ ବହୁ ସ୍ଥାନରେ ଲୋକେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲାର ହରଭଙ୍ଗା ବ୍ଲକ ଅଧୀନ ଖରଭୂଇଁଠାରୁ ଶଙ୍କୁଲୋଇ ଯିବା ରାସ୍ତାରେ ଥିବା ଶଙ୍କୁଲୋଇ ନାଳ କଲଭଟ ଧୋଇ ହୋଇଯିବା ଯୋଗୁ ଅଞ୍ଚଳବାସୀଙ୍କ ସମସ୍ୟା ବଢ଼ିଯାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶଙ୍କୁଲୋଇ ପଞ୍ଚାୟତର ୮ ଟି ଗ୍ରାମର ଲୋକେ ଯିବା ଆସିବା କରିଥାନ୍ତି। ଦୀର୍ଘ ଦିନ ହେବ

**ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ**

ଅଞ୍ଚଳବାସୀ ଉକ୍ତ ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଓ ଜିଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ଅଦ୍ୟାବଧି ପୋଲ ହୋଇ ପାରିନାହିଁ। ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁ ଉକ୍ତ ନାଳର କଲଭର୍ଟ ପୁରା ଧୋଇ ଯିବା ସହ ପାର୍ଶ୍ୱ ୱାଲଗୁଡିକ ଭାଙ୍ଗି ଯିବାକୁ ବର୍ତ୍ତମାନ ଯିବା ଆସିବାରେ ଅସୁବିଧା ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ନାଳ ଉପରେ ପୋଲ ନିର୍ମାଣ କରିବାକୁ ଦାବି ହେଉଛି ।

## ପଲିଥିନ ତଳେ ୧୪ପରିବାର



ଭଙ୍ଗାଘର ସାମନାରେ ଜଣେ ବିପନ୍ନ।

**ଲାଠୋର, ୧୫।୯(ଡି.ଏନ.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ୧୪ ପରିବାରର ଘର ଭାଙ୍ଗିଛି। ରାଜସ୍ୱ ବିଭାଗ ପକ୍ଷରୁ ସେମାନଙ୍କୁ କେବଳ ପଲିଥିନ ଖଣ୍ଡେ ଲେଖାଏ ଦିଆଯାଇଥିବା ବେଳେ ଅନ୍ୟ କୌଣସି ସରକାରୀ ସହାୟତା ମିଳିନାହିଁ। ଗତ ରବିବାରଠାରୁ ମଙ୍ଗଳବାର ଯାଏ ଲାଗି ରହିଥିବା ଲଗାଣ ବର୍ଷା ପବନରେ ଲାଠୋର ଗ୍ରାମର ନୀଳମଣି ସୁନା, ବାଜୁ ଛତ୍ରିଆ, ଲମ୍ବୋ ଛତ୍ରିଆ, ଅକୁର ବେହେରା, ପୂର୍ଣ୍ଣଚନ୍ଦ୍ର ଶବର, ଶାନ୍ତି ତାଣ୍ଡି, ସାବିତ୍ରୀ ଛତର, କେଶବ ମାଝୀ ଓ ଆନନ୍ଦ ସାହୁଙ୍କ ଘର ଭାଙ୍ଗିଛି। ସେହିପରି ପିପଲବାହାଲ ଗ୍ରାମର ରଘୁ ଭୁଏ, ଭଗବାନ ଭୁଏ, ଜଲପାଙ୍କେଲ ଗ୍ରାମର ପୂର୍ଣ୍ଣମାସୀ ଚନ୍ଦନ, ନକୁଲ ହଂସ ଏବଂ ସରେଇବାଲର ନରେନ୍ଦ୍ର ମାଝୀଙ୍କ ଘର ଭାଙ୍ଗି ଯାଇଛି। ଖବର ପାଇ ଲାଠୋର ରାଜସ୍ୱ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ପରିବାରକୁ ଖଣ୍ଡିଏ ଲେଖାଏ ପଲିଥିନ ଦିଆଯାଇଛି। ଏବେ ବାସହରା ପରିବାରଗୁଡିକ ପଲିଥିନ ଡାଙ୍କି ରହିଛନ୍ତି। ବିପନ୍ନଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ସେମାନେ ଦାବିକରିଛନ୍ତି।

## କଳାହାଣ୍ଡି ଜିଲାରେ ଲଗାଣ ବର୍ଷା

**ଭବାନୀପାଟଣା,୧୫।୯(ଡି.ଏନ.ଏ.)**

ଗତ ୪ ଦିନ ଧରି ଲଘୁଚାପଜନିତ ବର୍ଷାରେ କଳାହାଣ୍ଡି ଜିଲାରେ ୩ ଜଣଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକର ବିଡିଓ, ତହସିଲଦାର ଏବଂ ଅନ୍ୟ ଅଧିକାରୀମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭାଙ୍ଗିଥିବା ଘର ଲୋକଙ୍କୁ ପଲିଥିନ୍ ବଣ୍ଟନ କରାଯାଇଛି। ସେହିଭଳି ଅସ୍ଥାୟୀ ବନ୍ୟା ଆଶ୍ରୟସ୍ଥଳୀରେ ଆଗୁଆ ପଦକ୍ଷେପ ନିଆଯାଇଛି। ଗତ ୧୨ ତାରିଖ ରାତିରୁ ୧୪ ତାରିଖ ସକାଳ ପର୍ଯ୍ୟନ୍ତ ଭବାନୀପାଟଣା ବ୍ଲକରେ ୫୭ ମି.ମି. କେସିଙ୍ଗା ବ୍ଲକରେ ୫୭ ମି.ମି., କର୍ଲାମୁଣ୍ଡା ବ୍ଲକରେ ୯୦ ମି.ମି., ମଦନପୁର ରାମପୁର ବ୍ଲକରେ ୯୨ ମି.ମି. ବର୍ଷା ହୋଇଛି। ନର୍ଲା ବ୍ଲକରେ ୬୯ ମି.ମି., ଲାଞ୍ଜିଗଡ ବ୍ଲକରେ ୬୧.୬ ମି.ମି., ଥୁଆମୂଳ ରାମପୁର ବ୍ଲକରେ ୧୯ ମି.ମି., ଧର୍ମଗଡ ବ୍ଲକରେ ୩୭ ମି.ମି., ଜୁନାଗଡ ବ୍ଲକରେ ୩୨ ମି.ମି., କଲମପୁର ବ୍ଲକରେ ୨୩.୨ ମି.ମି., ଜୟପାଟଣା ବ୍ଲକରେ ୫ ମି.ମି., କୋକସରା ବ୍ଲକରେ ୧୨.୨ ମି.ମି. ଓ ଗୋଲାମୁଣ୍ଡା ବ୍ଲକରେ ୪୭ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।



ଅଗ୍ନିଶମ ବିଭାଗ ବର୍ଷାପାଣିକୁ ନିଷ୍କାସନ କରୁଛନ୍ତି ।

## ରାସ୍ତାରେ କୃତ୍ରିମ ପୋଖରୀ, ଅଗ୍ନିଶମ ବିଭାଗର ପାଣି ନିଷ୍କାସନ

**ଜୁନାଗଡ,୧୫।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ୩ ନଂ. ୱାର୍ଡ ଦର୍ଜିପଡା ରାସ୍ତାରେ ବର୍ଷା ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହୋଇଥିଲା। ଫଳରେ ପଡାବାସୀ ଯାତାୟାତରେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଅଞ୍ଚଳର ସାମାଜିକ କର୍ମୀ ଟିକଚନ ବାଗ ଜୁନାଗଡ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୋଟର ପାଇପ୍ ସାହାଯ୍ୟରେ ବର୍ଷା ପାଣିକୁ ନିଷ୍କାସନ କରିଥିଲେ। ଏହାକୁ ନେଇ ପଡବାସୀ ସାମାଜିକ କର୍ମୀ ଏବଂ ଅଗ୍ନିଶମ ବିଭାଗକୁ ସାଧୁବାଦ ଜଣାଇଛନ୍ତି।



କୋମନା ବ୍ଲକ କେନ୍ଦୁଭଟା ଗାଁରେ ନଡ଼ିଆ ଗଛ ଭାଙ୍ଗି ଘର ଭିତରେ ପଡିଛି।



ଲଘୁଚାପ ବର୍ଷାରେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।

## ସ୍ୱତନ୍ତ୍ର କ୍ୟାବିନରେ ପଶିଲା ବର୍ଷାପାଣି

**ଜିଲା ମୁଖ୍ୟ ଚିକିତ୍ସାଳୟ**

**ବୌଦ୍ଧ,୧୫।୯(ସ୍ୱ.ପ୍ର.)**

ଗତ ଦୁଇ ଦିନ ହେଲା ଲଗାଣ ବର୍ଷା ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର କ୍ୟାବିନ ମଧ୍ୟରେ ବର୍ଷା ପାଣି ଜମା ହୋଇ ରହିଛି । ପାଣି ଭିତରେ ପଶି ରୋଗୀ ଓ ତାଙ୍କର ସମ୍ପର୍କୀୟ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି । କ୍ୟାବିନ ପାଇଁ ରୋଗୀଙ୍କୁ ଦୈନିକ ୩ ଶହ ଟଙ୍କା ଦେବାକୁ ପଡୁଥିବା ବେଳେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ କ୍ୟାବିନରେ ପାଣି ପଶୁଛି । ଜିଲାରେ ଆବଶ୍ୟକ ସଂଖ୍ୟକ ସ୍ୱତନ୍ତ୍ର କ୍ୟାବିନ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି । ହେଲେ ସ୍ଥାନାଭାବ ଦର୍ଶାଇ ଏହାକୁ ଏଡାଇ ଦିଆଯାଉଛି। ଏପଟେ ରୋଗୀଙ୍କ ନିକଟରୁ ଅର୍ଥ ନେଇ ଯୋଗାଇ ଦିଆଯାଇଥିବା କ୍ୟାବିନର ଅବସ୍ଥା ଦେଖିଲେ ଜିଲା ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି ସ୍ପଷ୍ଟ ବାରି ହୋଇପଡୁଛି। ଜିଲା ପ୍ରଶାସନ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ନେବା ସହ ନୂତନ କ୍ୟାବିନ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

## ବର୍ଷାରେ ଭାଙ୍ଗିଲା ଘର, ପରିବାର ବେସାହାରା

**କୋକସରା,୧୫।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଗ୍ରାମ ହରିଜନ ସାହିର ହରି ବେଶ୍ରାଙ୍କ ମାଟି ଘର ଲଘୁଚାପଜନିତ ବର୍ଷାରେ ମଙ୍ଗଳବାର ରାତିରେ ଭାଙ୍ଗିଯାଇଛି। ହେଲେ ଘରେ ରହିଥିବା ହରି ବେଶ୍ରା (୬୦) ତାଙ୍କ ସ୍ତ୍ରୀ ଦ୍ରୌପଦି ଓ ପୁଅ ଦିଗାମ୍ବର (୪୦) ବର୍ତ୍ତି ଯାଇଛନ୍ତି। ବୁଧବାର ସକାଳେ ରିବାରବର୍ଗ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରଦୀପ ସାହୁଙ୍କୁ ଜଣାଇବା ପରେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପରିବାରଙ୍କୁ ଉଦ୍ଧାର କରିଥିଲେ। ହରି ଜଣେ ଗରିବ ପରିବାରର ହୋଇଥିବା ବେଳେ ଆମପାଣି ରାଜସ୍ୱ ନିରୀକ୍ଷକ ପହଞ୍ଚି ରିପୋର୍ଟ ସଂଗ୍ରହ କରିବା ସହ ଏକ ପଲିଥିନ ଦେଇଛନ୍ତି। ସରକାରୀ ନିୟମ ମୁତାବକ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସରପଞ୍ଚ ଜମ୍ବୁବତୀ ସାହୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଲଗାଣ ବର୍ଷାରେ ବହୁ ଘର ଭାଙ୍ଗିଲା

**ନୂଆପଡ଼ା ଅଫିସ,୧୫।୯**

ଲଘୁଚାପଜନିତ ଲଗାଣ ବର୍ଷାରେ ନୂଆପଡା ଜିଲାର ଅଧିକାଂଶ ମାଟି ଘର ଭାଙ୍ଗିଯାଇଛି । ଘର ଭାଙ୍ଗି ଯିବାରୁ ଲୋକେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। କୋମନା ବ୍ଲକ ପୋଏଁର ପଞ୍ଚାୟତ ଅନୁପଗଡ ଗାଁର କୁମାର ମାଝିଙ୍କ ପରିବାର ରାତିରେ ଖାଇସାରି ଶୋଇଥିବା ବେଳେ ଘର ହଠାତ୍ ଭାଙ୍ଗି ଯାଇଥିଲା। ଘର ପରିବାର ଚିତ୍କାର କରିବାରୁ ପଡୋଶୀ ଲୋକେ ଆସି ସେମାନଙ୍କୁ ଉଦ୍ଧାର କରଛନ୍ତି। ସେମାନେ ବର୍ତ୍ତମାନ ସୁରକ୍ଷିତ ଅଛନ୍ତି। ସେହିପରି ଗାଁର ଗୋବିନ୍ଦ ମାଝିଙ୍କ ଛେଳି ଗୁହାଳ ଲଗାଣ ବର୍ଷାରେ ଭାଙ୍ଗିଛି। ଖଡିଆଳ ବ୍ଲକ ସାନମହେଶ୍ୱରର ଭାସ୍କର ଜଗତଙ୍କ ଘର ଭାଙ୍ଗି ଯାଇ ଘରେ ପାଣି ପଶି ଧନ ସମ୍ପତି ନଷ୍ଟ ହୋଇଯାଇଛି। ସିନାପାଲି ବ୍ଲକ ବଣ୍ଡାବାହାଲି ପଞ୍ଚାୟତ ଗମ୍ଭାରିଗୁଡା ଗାଁର ଜଣେ ବିଧବା ମହିଳା ସୋମବାରୀ ହରିଜନଙ୍କ ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ସେ ଅନ୍ୟ ଘରେ ଆଶ୍ରୟ ନେଉଛନ୍ତି। ଏ ସଂକ୍ରାନ୍ତରେ ସିନାପାଲି ତହସିଲଦାରଙ୍କୁ ପଚାରିବାରୁ ଖୁବଶୀଘ୍ର କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। କୋମନା ବ୍ଲକ ଠିକପାଲି ରାଜସ୍ୱ ନିରୀକ୍ଷକଙ୍କ ଅଧୀନ କେନ୍ଦୁଭଟା ଗାଁରେ ବର୍ଷା ଓ ପବନରେ ଘର ଛାତ ଉପରେ ଗଛ ପଡିଯାଇଛି। ହେଲେ ଏଥିରେ ପରିବାର ୪ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଲଘୁଚାପଜନିତ ବର୍ଷା ଓ ପବନ ହୋଇଥିଲା। ଖାଇ ସାରି ଶୋଇଥିବା ସମୟରେ କେନ୍ଦୁଭଟା ଗାଁର ନିରଞ୍ଜନ ନାଗଙ୍କ ଘର ଛାତ ଉପରେ ଏକ ନଡିଆ ଗଛ ପଡି ଯାଇଥିବା ବେଳେ ପରିବାରର ୪ ସଦସ୍ୟ ଅଳ୍ପକେ ବର୍ତ୍ତିଛନ୍ତି। ଗଛ ପଡିଯିବାରୁ ପରିବାର ଲୋକଙ୍କ ଚିତ୍କାର ଶୁଣି ପଡୋଶୀ ଆସି ଉଦ୍ଧାର କରିଥିଲେ। ଗଛ ଭାଙ୍ଗି ଛାତ ଉପରୁ ପଶି ଘର ଭିତରେ ଗୋଟିଏ ଗଣ୍ଡି ପଡିଛି। କୌଣସି ଜୀବନ ହାନି ହୋଇନାହିଁ। ଧନ ସମ୍ପତି ବହୁତ ନଷ୍ଟ ହୋଇ ଯାଇଛି। କେତେ ନଷ୍ଟ ହୋଇଛି ଠିକ ଆକଳନ କଲେ ପ୍ରକୃତ କେତେ ଟଙ୍କାର ସମ୍ପତି ନଷ୍ଟ ହୋଇଛି ଜଣାପଡିବ ବୋଲି ଠିକପାଲି ରାଜସ୍ୱ ନୀରିକ୍ଷକ ସୂଚନା ଦେଇଛନ୍ତି ।